ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 2/2025 | Page 16 | ₹ 7.00
୫୨ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 9 | ମୂଲ୍ୟ ₹୭/-

ହରେନ୍ଦ୍ର ସିଂଙ୍କ ଇସ୍ତଫା

ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ହରେନ୍ଦ୍ର ସିଂ।

୧୬

୦୨

ପୁଣି ବିବାହ କଲେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଡିମୋରୁଙ୍କୁ ବିବାହ କରିଛନ୍ତି।

୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

ଭୁବନେଶ୍ୱର,୧।୧୨(ତପନ ସ୍ୱାଇଁ)

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ବିଶ୍ୱକପ ଦଳରେ ସାମିଲ ଥିବା ଓଡ଼ିଶାର ୪ ଖେଳାଳି ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇବା ସହ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଖେଳାଳିଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ ''ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ ଦେଶ ☞ପୃଷ୍ଠା-୪

କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଦେଶବ୍ୟାପୀ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ

ଡିଜିଟାଲ ଆରେଷ୍ଟ ମାମଲା

ନୂଆଦିଲ୍ଲୀ,୧।୧୨(ପି.ଟି.)

ଡିଜିଟାଲ ଆରେଷ୍ଟ ଦୁର୍ନୀତି ମାମଲାଗୁଡ଼ିକର ଦେଶବ୍ୟାପୀ ଏକୀକୃତ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧୀମାନେ ବ୍ୟବହାର କରୁଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖୋଜି ବାହାର କରିବା ସହ ସେଗୁଡ଼ିକୁ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରୁନାହିଁ କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ନାମରେ ସାଇବର ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ବା କୋର୍ଟ ଅଫିସର ଅଥବା ସରକାରୀ ଏଜେନ୍ସିର ଅଫିସର ପରିଚୟ ଦେଇ ଲୋକଙ୍କୁ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଭୟଭୀତ କରାଇଥାନ୍ତି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକପ୍ରକାର ପଣବନ୍ଦୀ କରି ରଖିବା ସହ ଟଙ୍କା ପୈଠ କରିବାକୁ ଚାପ ପକାଇଥାନ୍ତି। ବିରୋଧୀ ଦଳ ଶାସିତ ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲଙ୍ଗାନା ସମେତ ସମସ୍ତ ରାଜ୍ୟ ଡିଜିଟାଲ ଆରେଷ୍ଟ ମାମଲାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ସାଇବର ଅପରାଧ ମାମଲାରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ଏଆଇ କିମ୍ବା ମେଶିନ୍ ଲର୍ଣ୍ଣିଂ ପ୍ରଯୁକ୍ତି କାହିଁକି ବ୍ୟବହାର କରାଯାଉ ନାହିଁ, ତାହାର ଜବାବ ☞ପୃଷ୍ଠା-୪

'ରାଜଭବନ' ହେଲା 'ଲୋକ ଭବନ'

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ଆନୁଷ୍ଠାନିକ ଭାବେ ଉଭୟ ଭୁବନେଶ୍ୱର ଏବଂ ପୁରୀ 'ରାଜଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ରେ ☞ପୃଷ୍ଠା-୧୧

ଆଜିର ସମ୍ପାଦକୀୟ

ଆରାବଳିକୁ ମାରିଦେବେ

ବିଦା ହେଲେଣି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀର ଲାଲ୍‌କିଲା ବୋମା ବିସ୍ଫୋରଣ ଘଟଣା ପରେ ସାରା ଦେଶରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହିକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ଼ ଚାଲିଛି। ସୋମବାର ବିଧାନସଭାରେ ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆମ ସରକାର ଆସିବା (୧୨ ଜୁନ୍ ୨୦୨୪) ପରଠାରୁ ଇତିମଧ୍ୟରେ ୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୯ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଉ ୫୦ ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ରୁ ବିଭିନ୍ନ ସମୟରେ ବିଧାନସଭାରେ ତଥ୍ୟ ଉପସ୍ଥାପିତ ହୋଇଛି। ଏଥିସହ ଏହି ଜିଲାରେ ୭୬ ହଜାରରୁ ଊର୍ଦ୍ଧ୍ୱ ବଙ୍ଗାଳାଭାଷୀ ବସବାସ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଖୋଜା ପ୍ରକ୍ରିୟା ଚାଲିଥିବାବେଳେ ଜଣେ ହେଲେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ପାରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଉଛି।

ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମେ' ୨ରେ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଂଲାଦେଶୀ ଓ ଅନୁପ୍ରବେଶକାରୀଙ୍କୁ ବିଦା କରିବା ନେଇ ତତ୍ପରତା ଦେଖାଦେଇଛି। ସେମାନଙ୍କୁ କିଭଳି ଚିହ୍ନଟ କରାଯାଇ ଓଡ଼ିଶାରୁ ବିଦା କରାଯିବ ସେନେଇ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ରାଜ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ଓ ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଗଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ସହରରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ଅନ୍ୟ ୨ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ ପାସ୍‌ପୋର୍ଟ କରି ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତର କରିବା ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଏହି ଅବସରରେ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ ଓ ଅଟକ ରଖିବା ପାଇଁ ରାଜ୍ୟସ୍ତରରେ ୨ଟି ଏବଂ ଜିଲାସ୍ତରରେ ୧୮ ଗୋଟି କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯିବା ପର୍ଯ୍ୟନ୍ତ ରଖାଯାଉଛି। ☞ପୃଷ୍ଠା-୪

କେନ୍ଦ୍ରାପଡ଼ାରେ ଚିହ୍ନଟ ପ୍ରକ୍ରିୟା ବାଟବଣା

କେନ୍ଦ୍ରାପଡ଼ା,୧।୧୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ ମସିହାରୁ ବିଧାନସଭାରେ ବାରମ୍ବାର ତଥ୍ୟ ଉପସ୍ଥାପନ କରାଯାଉଛି। ଅପରପକ୍ଷେ ସାରା ରାଜ୍ୟରେ ଗତ ଅଗଷ୍ଟ ମାସଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବାବେଳେ ଏହିଜିଲାରେ ଚିହ୍ନଟ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ତେବେ ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଅନ୍ୟ ଜିଲାର ୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ଗତ ୪ ମାସ ଧରି କେନ୍ଦ୍ରାପଡ଼ା ଜିଲାର ଜଣେହେଲେ ଅନୁପ୍ରବେଶକାରୀ ଚିହ୍ନଟ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ତଥ୍ୟ ପ୍ରକାଶ ନ ହେବା ଉଦ୍‌ବେଗର ବିଷୟ କୁହାଯାଉଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ଆକାଶ ଦାସ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି, ବଙ୍ଗଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧,୨୩୭ ଜଣ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୬୦ ମସିହାରୁ ଏପର୍ଯ୍ୟନ୍ତ ୪୨ଟି ବାଂଲାଭାଷୀଙ୍କ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଊର୍ଦ୍ଧ୍ୱ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ଏହି ସଂଖ୍ୟା ଅଧିକ ହେବ। ଖୋଲାମେଲା ସମୁଦ୍ର ଓ ରାଜପଥ ଯୋଗୁ ଏହି ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆସିବାରେ ବାଧା ନାହିଁ। ଏଠାକୁ ଆସି ରାଜନେତାଙ୍କ ଶରଣରେ ରହି ଭୋଟର କାର୍ଡ, ରାଶନ କାର୍ଡ, ଆଧାର ଆଦି ପ୍ରସ୍ତୁତ ☞ପୃଷ୍ଠା-୪

ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶ

କଟକ,୧।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହୋଇଥିବା ଲିଙ୍କ୍ ଖୋଲିବା ପରେ ନିଜ ରୋଲ୍ ନମ୍ବର କିମ୍ବା ନାମ ପୂରଣ କରି ଫଳ ଦେଖିପାରିବେ। ଗତ ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷା ୫୩,୮୧୦ଜଣ ଛାତ୍ରୀଛାତ୍ର ଦେଇଥିଲେ। ଅପରପକ୍ଷରେ ୩୫୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମଗ୍ର ରାଜ୍ୟରେ ୩୫୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

ଜୀବନବ୍ୟାପୀ ସଞ୍ଚିତ ଅର୍ଥ ଦାନ କଲେ ଡାକ୍ତର

ଏମ୍‌ସକୁ ୩ କୋଟି ୪୦ ଲକ୍ଷ ଦାନ: ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀବାଈ

ପ୍ରଫେସର ଡା. କେ. ଲକ୍ଷ୍ମୀବାଈ

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବ୍ରହ୍ମପୁରର ଜଣେ ମହିଳା ଡାକ୍ତର ବଦାନ୍ୟତା ଦେଖାଇଛନ୍ତି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ ନିମନ୍ତେ ସେ ଦାନ କରିଛନ୍ତି। ସମ୍ପୃକ୍ତ ଡାକ୍ତର ଜଣଙ୍କ ହେଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଈ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଭୁବନେଶ୍ୱର ଏମ୍‌ସକୁ ୩ କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏହି ଅର୍ଥ ଏମ୍‌ସ ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ରକୁ ଦିଆଯାଇଛି।

୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀବାଈଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମଧ୍ୟରେ ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ସେ ଏସ୍‌ସିବିର ପ୍ରଥମ ବ୍ୟାଚ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୮ରେ ମାଡ୍ରାସ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଠ୍ୟକ୍ରମରେ ଡିପ୍ଲୋମା ଓ ପରେ ମାଷ୍ଟର ଡିଗ୍ରୀ ପଢ଼ା ସାରିଥିଲେ। ପ୍ରଫେସର ଡା. ଲକ୍ଷ୍ମୀବାଈ ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ। ଅବସର ପରେ ସେ ଏବେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ ତାରିଖରେ ୧୦୦ତମ ଜନ୍ମଦିନ ପାଳନ ଅବସରରେ ସେ ଏମ୍‌ସକୁ ଦାନ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦାନ କରି ପ୍ରଫେସର ଡା. ଲକ୍ଷ୍ମୀବାଈ ଅତ୍ୟନ୍ତ ଖୁସିଥିବା କହିଛନ୍ତି। ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଫେସର ଡା. ଲକ୍ଷ୍ମୀବାଈ ପୂର୍ବରୁ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ ଅଫ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

ଜନଶୁଣାଣି ଶିବିରରେ ବିଧବାଙ୍କ ଆତ୍ମାହୁତି ଉଦ୍ୟମ

ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଚରମ ନିଷ୍ପତ୍ତି

ସସ୍ମିତା ମାଝୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରୁଛନ୍ତି।

ବାଙ୍କୀ,୧।୧୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ରାଶି ପାଇବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ କଲେ। ହେଲେ କେହି ଗୁହାରି ନ ଶୁଣିବାରୁ ଜଣେ ମହିଳା ଚରମ ନିଷ୍ପତ୍ତି ନେଇଛନ୍ତି। କଟକ ଜିଲା ବାଙ୍କୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସସ୍ମିତା ମାଝୀ ନିଜ ଶରୀରରେ ପ୍ଲାଷ୍ଟିକ ବୋତଲରେ ଆଣିଥିବା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହି ସମୟରେ ନିକଟରେ ଥିବା ପୋଲିସ ଓ ଜିଲାପାଳଙ୍କ ସୁରକ୍ଷା ଅଧିକାରୀ ତାଙ୍କୁ କାବୁ କରିନେଇଛନ୍ତି। ତାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଖବର ମୁତାବକ, ବାଙ୍କୀ ବୈଦେଶ୍ୱର ପଞ୍ଚାୟତସ୍ଥିତ ରଙ୍ଗଣୀ ସାହିର ସସ୍ମିତାଙ୍କ ସ୍ୱାମୀ ବନମାଳୀ ଖଟୁଆଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସସ୍ମିତା କେତେବେଳେ ଶାଶୁଘରେ ତ ଆଉ କେତେବେଳେ ☞ପୃଷ୍ଠା-୧୧

ଅଭିଯୋଗ ଶୁଣାଣିରେ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁରାଣ୍ଡି ଥାନା ଅଧିକାରୀଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

ପାରଳାଖେମୁଣ୍ଡି, ୧।୧୨ (ଗିରିଧାରୀ ପରିଛା)

ଟଙ୍କା ଧାର ଦେଇଥିଲେ। ବାରମ୍ବାର ମାଗିବା ପରେ ଫେରସ୍ତ ପାଇଲେନି। ଏନେଇ ଥାନା ବାବୁଙ୍କୁ ଅଭିଯୋଗ କରିବାରେ ସେ ନ୍ୟାୟ ଦେବା ପରିବର୍ତ୍ତେ ଅଶ୍ଳୀଳ ଇଙ୍ଗିତ ଦେବାସହ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କଲେ। ଏମିତି ଏକ ସାଂଘାତିକ ଅଭିଯୋଗ ଆଣି ଜଣେ ମହିଳା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ। ଅପରପକ୍ଷରେ ଏହି ଘଟଣାକୁ ଗୁରୁତ୍ୱର ସହ ନିଆଯାଇ ଅଭିଯୋଗର ତଦନ୍ତ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁନୀଲକାନ୍ତ ମହାନ୍ତି କହିଛନ୍ତି।

ଏନେଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମହିଳାଙ୍କ କହିବା ଅନୁଯାୟୀ, ୨୦୨୨ ଓ ୨୦୨୪ରେ ପୃଥକ୍ ପୃଥକ୍ ଭାବେ ଗ୍ରାମର ଗୋଟିଏ ପରିବାରର ପ୍ରଶାନ୍ତ ଧଳ, ହାରା ଧଳ ଓ ଜଗଦୀଶ ଧଳ ନିଜର ସମସ୍ୟା ଜଣାଇ ତାଙ୍କଠାରୁ ଦୁଇଟି କିସ୍ତିରେ ୩ ଲକ୍ଷ ୭୭ ହଜାର ଟଙ୍କା ଧାର ନେଇଥିଲେ। ସମସ୍ତେ କାଗଜପତ୍ରରେ ଲେଖିକରି ଟଙ୍କା ନେଇଥିଲେ। ☞ପୃଷ୍ଠା-୧୧

ଶ୍ରୀଲଙ୍କାରେ ଫସିଥିବା ଭାରତୀୟଙ୍କୁ ଫେରାଇ ଅଣାଗଲା

କଲମ୍ବୋ,୧।୧୨

ବାତ୍ୟା ଡିଟ୍ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନରେ ଶ୍ରୀଲଙ୍କାରେ ୩୫୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଅନେକ ଭାରତୀୟ ଫେରି ନ ପାରି ସେଠାରେ ଫସିରହିଥିଲେ। ଅପରେଶନ ସାଗରବନ୍ଧୁ ଜରିଆରେ ଭାରତୀୟ ବାୟୁସେନା ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସୋମବାର କଲମ୍ବୋର ବନ୍ଦରନାଏକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶେଷ ବ୍ୟାଚ୍‌ରେ ୧୦୪ ଭାରତୀୟ ଯାତ୍ରୀ ବାୟୁସେନା ବିମାନରେ ଆସି ଥିରୁଭନନ୍ତପୁରମ୍‌ରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ସୋମବାର ୩୫୫ରେ ପହଞ୍ଚିଥିବାବେଳେ ୩୬୬ ଜଣ ନିଖୋଜ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ ହୋଇଛି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ୟାତରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଅପରେଶନ ସାଗରବନ୍ଧୁ: ଶ୍ରୀଲଙ୍କାରେ ବନ୍ୟା ଓ ଭୂସ୍ଖଳନ ପରେ ଉଦ୍ଧାର କାର୍ଯ୍ୟରେ ଭାରତର ଏନ୍‌ଡିଆର୍‌ଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ହାସିନାଙ୍କୁ ପୁଣି ୫ ବର୍ଷ ଜେଲଦଣ୍ଡ

ଢାକା,୧।୧୨

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ମିଳିଛି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟାକା ଜରିମାନା ଲଗାଯାଇଛି। ଏହା ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲରେ ରହିବାକୁ ପଡ଼ିବ। ସିଦ୍ଦିକ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ହାସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି।

ପାର୍ଲାମେଣ୍ଟକୁ କୁକୁର ଆଣିଲେ ରେଣୁକା ଚୌଧୁରୀ

ନୂଆଦିଲ୍ଲୀ,୧।୧୨

ଶୀତ ଅଧିବେଶନ ପ୍ରଥମ ଦିନରେ ପାର୍ଲାମେଣ୍ଟରେ ଏକ ବିରଳ ଏବଂ ଅସାଧାରଣ ଦୃଶ୍ୟ ଦେଖିବାକୁ ମିଳିଥିଲା। କଂଗ୍ରେସ ଏମ୍‌ପି ରେଣୁକା ଚୌଧୁରୀ ପାର୍ଲାମେଣ୍ଟକୁ ପୋଷା କୁକୁର ଧରି ଆସିବାକୁ ନେଇ ବିବାଦ ଦେଖାଦେଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଥିବା ଅଞ୍ଚଳରେ ବ୍ୟକ୍ତିଗତ କୁକୁରକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ଚିନ୍ତା କରିବାର କିଛି ନାହିଁ, କୁକୁରଟି ବହୁତ ଛୋଟ ଏବଂ କ୍ଷତିକାରକ ନୁହେଁ। ଯେଉଁମାନେ କାମୁଡ଼ିପାରନ୍ତି, ସେମାନେ ପାର୍ଲାମେଣ୍ଟ ଭିତରେ ଅଛନ୍ତି ବୋଲି ରେଣୁକା ଖବରଦାତାମାନଙ୍କୁ କହିଥିଲେ। ଏମ୍‌ପିମାନଙ୍କୁ ମିଳୁଥିବା ବିଶେଷ ଅଧିକାରର ଏହା ଦୁରୁପଯୋଗ ବୋଲି ଭାଜପା ଏମ୍‌ପି ଜଗଦମ୍ବିକା ପାଲ୍ କହିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ରୁବୈୟା ସୟିଦ ଅପହରଣ ମାମଲାରେ ସନ୍ଦିଗ୍ଧ ଗିରଫ

ରୁବୈୟା ସୟିଦ

ନୂଆଦିଲ୍ଲୀ,୧।୧୨(ପି.ଟି.)

୧୯୮୯ ଡିସେମ୍ବର ୮ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଅପହରଣ କରିନେଇଥିଲେ। ଅପହରଣର ୩୬ ବର୍ଷ ପରେ ଉକ୍ତ ମାମଲା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ସିବିଆଇ ଗିରଫ କରିଥିବା ସୋମବାର କହିଛି। ଅପହରଣର ୫ ଦିନ ପରେ ରୁବୈୟାଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେକେଏଲ୍‌ଏଫ୍‌ର ସର୍ତ୍ତ ଅନୁଯାୟୀ ତତ୍କାଳୀନ ଭାଜପା ସମର୍ଥିତ ଭି.ପି. ସିଂ ସରକାର ଏହା ବଦଳରେ ୫ ଆତଙ୍କବାଦୀଙ୍କୁ ଛାଡ଼ିଥିଲେ। ତାମିଲନାଡୁରେ ରହୁଥିବା ରୁବୈୟା ସିବିଆଇ ପାଇଁ ସରକାରୀ ପକ୍ଷର ସାକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ୧୯୯୦ରେ ସିବିଆଇ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ୟାସିନ୍ ମଲିକ ଏବେ ତିହାର ଜେଲରେ ଅଛନ୍ତି।

ପ୍ରଥମ ଦିନରେ ଏସ୍‌ଆଇଆର୍ ଝଡ଼

ଲୋକ ସଭା ମୁଲତବୀ, ରାଜ୍ୟ ସଭାରେ କକ୍ଷତ୍ୟାଗ

ନୂଆଦିଲ୍ଲୀ,୧।୧୨

ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ଦାବିରେ ବିରୋଧୀ ଜୋର୍‌ଦାର ବିରୋଧ ଜାରି ରଖିବାରୁ ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର ଲୋକ ସଭାକୁ ମୁଲତବୀ ରଖାଯାଇଛି।

ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ବିରୋଧୀ ଦର୍ଶାଇଥିଲେ। ଅପରାହ୍ନ ୨ଟା ୨୦ରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନ ପ୍ରଶ୍ନୋତ୍ତର କାଳରେ ଏବଂ ପରେ ଅପରାହ୍ନରେ ୨ ଥର ମୁଲତବୀ ହୋଇଥିଲା। ଅନେକ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ।

ହଟ୍ଟଗୋଳ ମଧ୍ୟରେ ମଣିପୁରରେ ସଂଶୋଧିତ ଜିଏସ୍‌ଟି ଆଇନ ଲାଗୁ କରିବା ପାଇଁ ଅଣାଯାଇଥିବା ବିଲ୍ ସ୍ୱଳ୍ପ ଆଲୋଚନା ପରେ ଗୃହୀତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉକ୍ତ ବିଲ୍ ଆଗତ କରିଥିଲେ। ଏଥିସହିତ ଅର୍ଥମନ୍ତ୍ରୀ ତମାଖୁ ଓ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଧାର୍ଯ୍ୟ ଲାଗି ଏବଂ ପାନ ମସଲା ଉତ୍ପାଦନ ଉପରେ ନୂଆ ସେସ୍ ଲଗାଇବା ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା ସେସ୍ ବିଲ୍ ଆଗତ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା ଦାବି କରିଥିଲେ। ସରକାର ଆଲୋଚନା ପାଇଁ ବିମୁଖ ନୁହନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିବା ସହ ସମୟସୀମା ଧାର୍ଯ୍ୟ କରିବାକୁ ଚାପ ନ ପକାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେତେକ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ପୂର୍ବରୁ ବିରୋଧୀ ସଦସ୍ୟ ଏସ୍‌ଆଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିବାବେଳେ ଗୃହ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାହାକୁ ଅନୁମତି ଦେଇ ନ ଥିଲେ।

ପାର୍ଲାମେଣ୍ଟ ନାଟକ ମଞ୍ଚ ନୁହେଁ: ପ୍ରଧାନମନ୍ତ୍ରୀ

ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପାର୍ଲାମେଣ୍ଟ କୌଣସି ନାଟକ ମଞ୍ଚ ନୁହେଁ, ଏହା ଦେବାର ସ୍ଥାନ। ବିରୋଧୀ ଦଳ ନିର୍ବାଚନ ପାଇଁ କିମ୍ବା ପରାଜୟ ପରେ କୌଣସି ଧୋକାବାଜି ବାହାର କରିବା ଲାଗି ଗୃହକୁ ଏକ ଅଭ୍ୟାସ ଆଖଡ଼ାରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଅଧିବେଶନ ରାଜନୈତିକ ନାଟକବାଜି ନ ହୋଇ ଗଠନମୂଳକ ତଥା ଫଳପ୍ରଦାନକାରୀ ବିତର୍କର ମଞ୍ଚ ହେବା ଆବଶ୍ୟକ। ରାଜନୀତିରେ ସକାରାତ୍ମକତା ଆଣିବା ଲାଗି ବିରୋଧୀଙ୍କୁ କେତେକ ଟିପ୍ସ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଆମକୁ ଦାୟିତ୍ୱପୂର୍ଣ୍ଣ ସହକାରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଶୀତ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର କୌଶଳକ୍ରମେ ସଂସଦୀୟ ମର୍ଯ୍ୟାଦାକୁ ନଷ୍ଟ କରୁଛନ୍ତି। ଗତ ୧୧ ବର୍ଷ ହେଲା ସଂସଦୀୟ ବ୍ୟବସ୍ଥା ନଷ୍ଟ ହୋଇଚାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୌସୁମୀ ଅଧିବେଶନରେ ସରକାର ତରବରିଆ ଭାବେ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିନା ଆଲୋଚନାରେ କିମ୍ବା ସ୍ୱଳ୍ପ ଆଲୋଚନାରେ ଗୃହୀତ କରାଇ ନେଇଥିଲେ। ପ୍ରଧାନମନ୍ତ୍ରୀ ସବୁଠୁ ବଡ଼ ଡ୍ରାମାବାଜି ବୋଲି ଖାର୍ଗେ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବା ଡ୍ରାମା ନୁହେଁ।

ଜିପିଏସ୍ ସ୍ପୁଫିଙ୍ଗ୍‌ର ତଦନ୍ତ କରୁଛି କେନ୍ଦ୍ର

ନୂଆଦିଲ୍ଲୀ,୧।୧୨

ଦିଲ୍ଲୀ, ମୁମ୍ବାଇ, କୋଲକାତା, ଅମୃତସର, ହାଇଦ୍ରାବାଦ, ବେଙ୍ଗାଲୁରୁ ଓ ଚେନ୍ନାଇ ସମେତ ଦେଶର ବୃହତ୍ ବିମାନବନ୍ଦରଗୁଡ଼ିକରେ ଜିପିଏସ୍ ସ୍ପୁଫିଙ୍ଗ ଏବଂ ଇଣ୍ଟରଫେରେନ୍ସ ଘଟଣା ଘଟିଥିବା ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସୋମବାର ସୂଚନା ଦେଇଛି। କେନ୍ଦ୍ର ସରକାର ଏହାର ତଦନ୍ତ କରୁଥିବା ରାଜ୍ୟ ସଭାରେ ଏକ ପ୍ରଶ୍ନର ଉତ୍ତରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ କହିଛନ୍ତି। ସ୍ପୁଫିଙ୍ଗ୍‌ର ଉତ୍ସ ଖୋଜି ବାହାର କରିବାକୁ ୱେରଲେସ୍ ମନିଟରିଂ ଅର୍ଗାନାଇଜେଶନ (ଡବ୍ଲ୍ୟୁଏମ୍‌ଓ)କୁ ନିର୍ଦ୍ଦେଶ ଦିଆଯାଇଛି। ଜିପିଏସ୍ ସ୍ପୁଫିଙ୍ଗ ଏକ ସାଇବର ଆକ୍ରମଣ, ଯାହା ଭୁଲ୍ ଜିପିଏସ୍ ସିଗ୍ନାଲ ସୃଷ୍ଟି କରେ। ସେହିପରି ଜିପିଏସ୍ ଇଣ୍ଟରଫେରେନ୍ସରେ ଉଭୟ ସ୍ପୁଫିଙ୍ଗ୍ ଏବଂ ଜାମିଙ୍ଗ୍ ରହିଛି। ଏହାଦ୍ୱାରା ଜିପିଏସ୍ ସିଗ୍ନାଲକୁ ଉଦ୍ଦେଶ୍ୟମୂଳକ ଭାବେ ଅବରୋଧ କରାଯାଇଥାଏ।

ଫୋନ୍ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ସଂଯୋଗ କର

ସ୍ମାର୍ଟଫୋନ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୧।୧୨

ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଫୋନ୍ ବିକ୍ରି ପୂର୍ବରୁ ସେଥିରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ (ସଞ୍ଚାର ଆପ୍) ସଂଯୋଗ କରିବାକୁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୟୁଜରଙ୍କୁ ଜାଲିଆତି କଲ୍ ଏବଂ ମେସେଜ୍ ତଥା ମୋବାଇଲ୍ ଫୋନ୍ ଚୋରି ସମ୍ପର୍କରେ ସୂଚନା ମିଳିବ। ୟୁଜରମାନେ ଉକ୍ତ ଆପ୍ଲିକେଶନକୁ ହଟାଇପାରିବେ ନାହିଁ। ସମ୍ପ୍ରତି ବଜାରକୁ ଆସିଥିବା ନୂଆ ସ୍ମାର୍ଟଫୋନ୍‌ଗୁଡ଼ିକରେ ସଞ୍ଚାର ସାଥୀ ଆପ୍ଲିକେଶନ ପୂର୍ବରୁ ଇନ୍‌ଷ୍ଟଲ ହୋଇଛି। ଯେଉଁ ଫୋନ୍‌ଗୁଡ଼ିକ ପୂର୍ବରୁ ବିକ୍ରି ହୋଇଛି, ସେଥିରେ ଉକ୍ତ ଆପ୍ଲିକେଶନ ଉପଲବ୍ଧ କରାଇବା ସହ ସଫ୍ଟୱେର ଅପ୍‌ଡେଟ୍ କରାଇବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ୩ ମାସ ସମୟ ଦିଆଯାଇଛି। ଏହା ଆପଲ୍, ସାମ୍‌ସଙ୍ଗ, ସାଓମି, ଓପୋ, ଭିଭୋ ଭଳି ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପ୍ରଭାବିତ କରିବ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

କଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

ସୀମାରେ ୬୯ ଲଞ୍ଚପ୍ୟାଡ୍ ସକ୍ରିୟ

ଶ୍ରୀନଗର,୧।୧୨

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ୧୦୦ରୁ ୧୨୦ ଆତଙ୍କବାଦୀ ଅପେକ୍ଷାରେ ରହିଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚିଙ୍ଗ୍ ପ୍ୟାଡ୍ ସକ୍ରିୟ ରହିଛି। ବିଏସ୍‌ଏଫ୍‌ର କଶ୍ମୀର ଫ୍ରଣ୍ଟିୟରର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍ ଏଲ୍‌ଓସିରେ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ସୁରକ୍ଷା ବଳ ଗୁଳିରେ ୮ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ ଉପରେ ଗୋଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।

ଫୁର୍‌ସତ୍

ମଣିଷ ହାଡ଼ରେ ତିଆରି ରାସ୍ତା

ବିଶ୍ୱରେ ଏପରି ଏକ ରାସ୍ତା ଅଛି ଯାହା କେବଳ ପଥର, ମାଟି ଏବଂ ପିଚୁରେ ତିଆରି ନୁହେଁ ବରଂ ଏଥିରେ ମଣିଷ ହାଡ଼ ମଧ୍ୟ ଅଛି। ସେଥିପାଇଁ ଏହି ରାସ୍ତାକୁ ବୋନ୍ ରୋଡ୍ ବା ହାଡ଼ର ରାସ୍ତା କୁହାଯାଏ। ଏହି ନାଁ ଶୁଣିଲେ ଭୟରେ ଦେହ ଥରିଉଠିବ। କିନ୍ତୁ ଏହା ପଛରେ ଥିବା କାହାଣୀ ଆହୁରି ଭୟଙ୍କର। ଏହି ରାସ୍ତାଟି ରୁଷିଆର ଏକ ଅତି ଦୁର୍ଗମ ଏବଂ ଥଣ୍ଡା ଅଞ୍ଚଳରେ ଅବସ୍ଥିତ। ଏହା ପ୍ରକୃତରେ କୋଲିମା ହାଇୱେ ନାମକ ଏକ ଲମ୍ବା ରାଜପଥ। ରୁଷିଆର ଏହି ଅଂଶ ଏତେ ଥଣ୍ଡା ଯେ ଏହା ବର୍ଷର ଅନେକ ମାସ ପର୍ଯ୍ୟନ୍ତ ବରଫାବୃତ୍ତ ଥାଏ। ଆଜି ମଧ୍ୟ ଏହି ରାଜପଥର ଅନେକ ସ୍ଥାନରେ ମଣିଷ ହାଡ଼ ଏବଂ କଙ୍କାଳ ଦେଖିବାକୁ ମିଳେ। ଏହା କୌଣସି ଭୟଙ୍କର ଚଳଚ୍ଚିତ୍ର ପରି ଶୁଭେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। କୁହାଯାଏ ଯେ ରାସ୍ତାରେ ବରଫ ପଡ଼ିବା ଯୋଗୁ ଯାନବାହନ ଖସିଯାଉଥିଲା।

ସେତେବେଳେ ପ୍ରଯୁକ୍ତିବିଦ୍ୟା ସୀମିତ ଥିଲା ତେଣୁ ରାସ୍ତାକୁ ମଜବୁତ କରିବା ପାଇଁ ମଣିଷ ହାଡ଼କୁ ପଥର ଏବଂ ବାଲି ସହିତ ମିଶ୍ରଣ କରାଯାଉଥିଲା। ଏହି ହାଡ଼ଗୁଡ଼ିକ ହଜାର ହଜାର ଶ୍ରମିକ ଏବଂ କଏଦୀଙ୍କର ଥିଲା ଯେଉଁମାନେ ଏହି ରାଜପଥ ନିର୍ମାଣ ସମୟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱାସ କରାଯାଏ ଯେ, ଏହି ରାସ୍ତା ନିର୍ମାଣ ସମୟରେ ୨୫୦୦୦ରୁ ୧୦୦୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ହାଡ଼ସବୁ ଏହି ରାସ୍ତାରେ ପୋତି ହୋଇ ରହିଛି। ଏହି ରାସ୍ତାଟି ସୋଭିଏତ୍ ଏକଛତ୍ରବାଦୀ ଯୋସେଫ ଷ୍ଟାଲିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ୧୯୩୦ ଦଶକରେ ଏହା ଆରମ୍ଭ ହେବା ପରେ, ଲକ୍ଷ ଲକ୍ଷ କଏଦୀଙ୍କୁ ଏହି ଅଞ୍ଚଳକୁ ବଳପୂର୍ବକ ଶ୍ରମିକ ପାଇଁ ପଠାଯାଇଥିଲା। କାର୍ଯ୍ୟ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, କୁହାଯାଏ ଏଠାକୁ ଆସିଥିବା କୌଣସି କଏଦୀ କେବେ ଫେରି ନ ଥିଲେ। ଶୀତ ଏତେ କଠୋର ଥିଲା ଯେ ତାପମାତ୍ରା ପ୍ରାୟତଃ-୫୦ ଡିଗ୍ରୀ ତଳେ ଖସିଯାଉଥିଲା। ଉପଯୁକ୍ତ ଖାଦ୍ୟ, ଆଶ୍ରୟସ୍ଥଳ, ପୋଷାକ ନ ଥିଲା। କାମ କରୁଥିବା ସମୟରେ ଯେଉଁମାନେ ମୃତ୍ୟୁବରଣ କରୁଥିଲେ ସେମାନଙ୍କୁ ସେମାନଙ୍କ ଶରୀରକୁ କବର ଦେବା ପାଇଁ ମଧ୍ୟ ସମୟ ଦିଆଯାଉ ନ ଥିଲା। ସେମାନଙ୍କୁ ସିଧାସଳଖ ରାସ୍ତା ତଳେ କବର ଦିଆଯାଉଥିଲା। ଏହି କାରଣରୁ ଏହି ରାଜପଥ ଲକ୍ଷାଧିକ ମୃତ ଲୋକଙ୍କ ହାଡ଼ ଉପରେ ନିର୍ମିତ ବୋଲି ବିଶ୍ୱାସ କରାଯାଏ। ଲୋକମାନେ ଏହାକୁ ଏକ ଦୁଃସାହସିକ ରାସ୍ତା ବୋଲି ମଧ୍ୟ କୁହନ୍ତି।

ପୁଣି ବାହାହେଲେ ସାମନ୍ଥା

ମୁମ୍ବାଇ

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ୍ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ସେ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫। ସାମନ୍ଥା ଏବଂ ରାଜ ସୋମବାର ସକାଳେ ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହରେ ୩୦ ଜଣ ଅତିଥି ଯୋଗ ଦେଇଥିଲେ। ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ। ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ନାଗା ଚୈତନ୍ୟ ମଧ୍ୟ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡତା ବଢ଼ିଥିଲା।

ଭଲ ନିର୍ଦ୍ଦେଶ ; ଅଟକାଉଛନ୍ତି ଅମଲା

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ଦିନରାତି ଏକ କରି ଦେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ଛୁଟିଦିନଗଡ଼ିକରେ ମଧ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାହା କାର୍ଯ୍ୟକାରୀ ବେଳେ କେତେକ କ୍ଷେତ୍ରରେ ଅମଲାଙ୍କ ସ୍ତରରେ ଅଟକି ଯାଉଛି। ଫଳରେ ସରକାରଙ୍କ ବିକାଶର ରଥ ଆଗକୁ ଗଡ଼ିପାରୁ ନ ଥିବା ଜଣାଯାଇଛି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟଭାର ସମ୍ଭାଳିବା ପରେ ଓଡ଼ିଶାର ସାମୂହିକ ବିକାଶ ଲାଗି ଇତିମଧ୍ୟରେ ୬୪ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କଲେଣି। ଏହାବାଦ୍ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ଅମଲାଙ୍କୁ ପ୍ରଦାନ କରିଛନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା, ସେଥିମଧ୍ୟରେ କେଉଁଠାରେ ମନ୍ତ୍ରୀଙ୍କୁ 'ପ୍ରହରୀ ମନ୍ତ୍ରୀ' ଭାବେ ଜିଲାସ୍ତରରେ ଘୋଷଣା କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଅନ୍ୟ କେଉଁଠାରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା, ଗୁଟ୍‌ଖାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ କରିବା ଭଳି ଶତାଧିକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କଲେଣି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶନାମା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ପରେ ମଙ୍ଗଳବାର ଏହାର ସଚିବସ୍ତରୀୟ ସମୀକ୍ଷା ବୈଠକ କରାଯିବାକୁ ରହିଛି।

ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ଇ) ସୁଧାପ୍ରିୟା ଦାସ ସମସ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଉକ୍ତ ପତ୍ରର ଅବିକଳ ନକଲ ଛପା ଯାଇଛି। ସେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୧୨ଟା ୩୦ମିନିଟ୍‌ରେ ଲୋକସେବାଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ସେଥିରେ ପ୍ରଥମରେ ରହିଛି, ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା 'ୟୁଓଆଇ-ନୋଟ୍‌ଶିଟ୍'। ଏହା କେତେଦୂର ବିଭାଗୀୟ ସଚିବମାନେ କାର୍ଯ୍ୟକାରୀ କରିଛନ୍ତି ତାହାକୁ ତନ୍ନତନ୍ନ କରି ସମୀକ୍ଷା କରାଯିବ। ତଥ୍ୟ ଅନୁଯାୟୀ,ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୬୪ଟି ବ୍ୟକ୍ତିଗତ ନୋଟ୍‌ଶିଟ୍‌ର କାର୍ଯ୍ୟକାରିତା ଓ ୨୨୭ଟି ପ୍ରକଳ୍ପ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କେଉଁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ କେତେଦୂର ଅନୁପାଳନ କରିଛନ୍ତି ତାହାର ସମୀକ୍ଷା କରାଯିବ। ଏହାପରେ ଜିଲାସ୍ତରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ସମୀକ୍ଷା ସାଙ୍ଗକୁ କର୍ମଚାରୀଙ୍କ 'ୱାର୍କ ପାସ୍ ବୁକ୍' କାର୍ଯ୍ୟକ୍ରମ କେତେଦୂର ଗଲା ତାହାର ମଧ୍ୟ ଆଲୋଚନା ହେବ। ଏହି ଅବସରରେ ବିଭାଗୀୟ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ମଧ ସାଙ୍ଗରେ ଆଣିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜଭବନକୁ ଏବେ ଲୋକଭବନରେ ପରିଣତ କରିଛନ୍ତି। ଲୋକଙ୍କ କଥା ଶୁଣିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଉଛନ୍ତି। ଏପରି କି ପ୍ରତିମାସରେ ଅନ୍ତତଃ ଥରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଗୁହାରି ଶୁଣି ତା'ର ତ୍ୱରିତ୍ ସମାଧାନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବିଳମ୍ବିତ କରାଇବାରେ ଅନେକ ପ୍ରଚେଷ୍ଟା ଲାଗି ରହିଥିବା ଭଳି ପ୍ରତୀୟମାନ ହେଉଛି।


GOVERNMENT OF ODISHA
PLANNING & CONVERGENCE DEPARTMENT
*****

Letter No. 16784(40)/P., Bhubaneswar, Date 28/11/2025
PC-COODI-COODI-0002-2022

From
Smt Sudhapriya Das
Director(E)

To
All Additional Chief Secretaries to Government,
All Principal Secretaries to Government,
All Commissioners-cum Secretaries to Government

Sub: Meeting of All Secretaries on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan

Madam / Sir,

In inviting a reference to the subject cited above, I am directed to say that the next Meeting of All Secretaries will be held on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan under the Chairpersonship of Chief Secretary.

It is, therefore, requested to kindly make it convenient to attend the meeting as per the above schedule for discussion on the following agenda points.

1. Status of the UoI received from Hon'ble Chief Minister
2. Review of Implementation of District Level Projects relating to various Departments
3. Discussion on Work Pass Book
4. Any other matter with permission of the Chair.

The Action Taken on the subject mentioned in the enclosed UoI received from Office of Hon'ble CM and status report of the projects announced by Hon'ble Chief Minister (list enclosed) may kindly be updated.

Further, in order to facilitate incorporation of the Action Taken/ status report of the Projects, soft copy of the project details is being sent through google sheet in the Department's official e mail id. Details of the Link is also mentioned below for kind reference.

It is requested to kindly update the Action Taken/ status report in the google sheet by 29th November, 2025 for kind apprisal of Chief Secretary.

1.https://docs.google.com/spreadsheets/d/1lP4AItr_6X0pFoVB3KvxUr_9pmw77Hpn/edit?usp=sharing&ouid=108523836053301598718&rtpof=true&sd=true
2.https://docs.google.com/spreadsheets/d/15vWl4E7VUldYbjoou8h8g8n6ZaZJ2cpg/edit?usp=sharing&ouid=108523836053301598718&rtpof=true&sd=true.

Encl-As above

Yours faithfully,
24/11/25
Director (E)

PTO

ବଡ଼ କମ୍ପାନୀକୁ ସାହାଯ୍ୟ କରିବାକୁ ବିଲ୍ ଆଣୁଛନ୍ତି ସରକାର: ରଣେନ୍ଦ୍ର

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

■ ଗରିବ ଲୋକଙ୍କୁ ନିଯୁକ୍ତି ଦେବା ବିଲ୍‌ର ମୂଳ ଉଦ୍ଦେଶ୍ୟ: ଶ୍ରମମନ୍ତ୍ରୀ ଗଣେଶରାମ

■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ

ରାଜ୍ୟ ସରକାର ଏବେ ବଡ଼ ବଡ଼ କମ୍ପାନୀକୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଜରିଆରେ ଏଭଳି ନିଷ୍ପତ୍ତି ନେବା ଲାଗି ପ୍ରୟାସ କରିଛନ୍ତି ; ଯାହା ରାଜ୍ୟର ସାଧାରଣ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ରଖିଥିବା କମ୍ପାନୀ ଏଣିକି ଏହି ଆଇନ ଆସିବା ପରେ ପଞ୍ଜୀକରଣ ପ୍ରମାଣପତ୍ର ପାଇପାରିବେ। ଏହା ଅତ୍ୟନ୍ତ ସାଙ୍ଘାତିକ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୋମବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପିତ କରିଛନ୍ତି। ଉକ୍ତ ବିଲ୍‌କୁ ନେଇ ବିଜେଡି ପକ୍ଷରୁ ରଣେନ୍ଦ୍ର ଏହି ଆଲୋଚନାରେ ପ୍ରଥମେ ଭାଗ ନେଇ କହିଛନ୍ତି, ବଡ଼ କମ୍ପାନୀକୁ ସାହାଯ୍ୟ କରିବା ପାଇଁ ଏହା ହେଉଛି ଏକ ବହୁତ ବଢ଼ିଆ ବାଟ। ଯଦି ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀ ଏହି ଆଇନ ବଳରେ ପଞ୍ଜୀକରଣ କରିପାରିବେ, ତେବେ ତା'ଠାରୁ କମ୍ କର୍ମଚାରୀ ଥିବା କମ୍ପାନୀ କାହିଁକି ପଞ୍ଜୀକରଣ କରିପାରିବେ ନାହିଁ। ଏହାଦ୍ୱାରା ବଡ଼ କମ୍ପାନୀଗୁଡ଼ିକ ଏକାଧିକ ସଂସ୍ଥା କରି ସବୁଥିରେ ୧୯ ଜଣ ଲେଖା କର୍ମଚାରୀ ରଖି ଚଳାଇବାକୁ ବାଟ ପାଇଗଲେ। ଭବିଷ୍ୟତରେ ଏହା ବହୁ ବଡ଼ ସମସ୍ୟା ସୃଷ୍ଟିକରିବ। ସେ ଆହୁରି କହିଛନ୍ତି, ଅନ୍ତର୍ଜାତୀୟ ଶ୍ରମ ସଂଗଠନ କହୁଛି ଜଣେ କର୍ମଚାରୀ ଦିନ ଭିତରେ ୮ ଘଣ୍ଟା କାମ କରିବା ଦରକାର, ୮ ଘଣ୍ଟା ପରିବାର ସଦସ୍ୟଙ୍କୁ ସମୟ ଦେବା ସହ ବାକି ୮ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି। ହେଲେ ରାଜ୍ୟ ସରକାର ପ୍ରଥମେ ଜଣେ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ପ୍ରଥମେ ୮ ଘଣ୍ଟା ବଦଳରେ ୯ ଘଣ୍ଟା କାର୍ଯ୍ୟ କରିବାକୁ ସ୍ଥିର କରିଥିବା ବେଳେ ଏବେ ତାହା ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ଉପରେ ଚାପ ବଢ଼ିବ। ଜଣେ କର୍ମଚାରୀ ଓଭର ଟାଇମ୍ ସହ ଦିନକୁ ମୋଟ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ। ମାସକୁ ୫୦ ଘଣ୍ଟା ବଦଳରେ ୧୪୪ ଘଣ୍ଟା ଓଭର ଟାଇମ୍‌କୁ ମିଶାଇ କାମ କରିପାରିବେ। ଯଦି ଜଣେ ମାସକୁ ୧୪୪ ଘଣ୍ଟା କାମ କରନ୍ତି ତେବେ ଏହାଦ୍ୱାରା ବହୁ ଜଣଙ୍କୁ ନିଯୁକ୍ତି ସୁଯୋଗ ହରାଇବାକୁ ପଡ଼ିବ। ୫୦ ଘଣ୍ଟାକୁ ଯେଉଁ ୧୪୪ ଘଣ୍ଟାକୁ ବଢ଼ାଗଲା, ଉକ୍ତ ଅଧିକ ସମୟ କାର୍ଯ୍ୟ ଆଉ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇପାରି ଥାଆନ୍ତା। ଏହାଦ୍ୱାରା ରାଜ୍ୟର ଗରିବ ଲୋକଙ୍କ ଉପରେ ଚାପ ବଢ଼ିବା ସହ ଅଧିକ ନିଯୁକ୍ତି ସୁଯୋଗର ବାଟ ବନ୍ଦ କରାଗଲା। ସେହିପରି ମହିଳାମାନଙ୍କୁ ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଅନୁମତି ଦେବା କଥା ସରକାର ଉଲ୍ଲେଖ କରିଛନ୍ତି। ହେଲେ ମହିଳାଙ୍କୁ ଯେଉଁ ସୁରକ୍ଷା ବ୍ୟବସ୍ଥା ମିଳିବା କଥା ତା'ର ବ୍ୟବସ୍ଥା ନ କରି ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଖାଲି ଅନୁମତି ଦେଇଦେଲେ ଏହା କେତେ ଠିକ୍ ହେବ ସେକଥା ସରକାର ବିଚାର କରନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି। ବିଧାୟକ ପ୍ରତାପ ଦେବ ମଧ୍ୟ ଏହି ଆଲୋଚନାରେ ଭାଗନେଇ ଏଭଳି ବିଲ୍‌କୁ ନିନ୍ଦାକରିବା ସହ ଏହା ବ୍ୟବସାୟୀମାନଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ମନ୍ତ୍ରୀ ସିଂଖୁଣ୍ଟିଆ ବିରୋଧୀଙ୍କ ଅଭିଯୋଗର ଉତ୍ତରରେ କହିଛନ୍ତି, ଯେଉଁମାନେ ଏନ୍‌ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ରୁହନ୍ତି ସେମାନେ ଭାଗ୍ୟବାନ୍। ଏହି ସଂଶୋଧନ ମୁଖ୍ୟତଃ ସହରାଞ୍ଚଳ ଲୋକଙ୍କ କ୍ଷେତ୍ରରେ ଲାଗୁହେବ। କାରଣ ୪୫,୦୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ସହରାଞ୍ଚଳରେ ରହିଛି। ଗରିବ ଲୋକଙ୍କୁ ନିଯୁକ୍ତି ଦେବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୧୯ ଜଣ ପର୍ଯ୍ୟନ୍ତ ଯେଉଁ କମ୍ପାନୀରେ କର୍ମଚାରୀ ରହିଛନ୍ତି, ସେମାନଙ୍କୁ ପଞ୍ଜୀକୃତ କରାଯିବ ନାହିଁ। ହେଲେ ଯଦି ସେହି କମ୍ପାନୀଗୁଡିକ କର୍ମଚାରୀଙ୍କୁ ହଇରାଣ କରନ୍ତି ତେବେ ଛଡ଼ାଯିବ ନାହିଁ। ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତ୍ରିପୁରା ଭଳି ଅନେକ ରାଜ୍ୟରେ ଏହି ସଂଶୋଧିତ ବିଲ୍ ଲାଗୁ ହୋଇସାରିଛି ବୋଲି ସେ କହିଛନ୍ତି।

'ମୋ' ହୃଦୟ ଯନ୍ତ୍ରଣାରେ ଭରିଯାଉଛି'

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

ସାମ୍ନାକୁ ଆସିଲା ପୂଜାଙ୍କ ପାଳିତ ମା'ଙ୍କ କୋହଭରା ଚିଠି

ଆମେରିକାରେ ପାଳିତ ମା'ଙ୍କ ନାଁରେ ମିଛ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ପୋଷ୍ୟକନ୍ୟା ପୂଜା ନାୟକ ଓରଫ ସେଜଲ ଜୋହନଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ପୂଜା ବାଲେଶ୍ୱରରେ ଥିବାବେଳେ ତାଙ୍କ ପାଳିତ ମା' ସୁସି ଜୋହନ୍ ଲେଖିଥିବା ଏକ କୋହଭରା ଚିଠି ସୋମବାର ସାମ୍ନାକୁ ଆସିଛି। ଗତ ନଭେମ୍ବର ୨୧ରେ ପୂଜା ଆମେରିକା ଛାଡ଼ିବାବେଳେ ତାଙ୍କ ପାଳିତ ମା' ଏହି ଚିଠି ଦେଇଥିଲେ। ପୂଜାଙ୍କୁ ତାଙ୍କ ପାଳିତ ମା' କେତେ ଭଲପାଉଥିଲେ ତାହା ଉକ୍ତ ଚିଠିରୁ ବାରି ହୋଇପଡୁଛି। ଇଂଲିଶରେ ଲେଖାଯାଇଥିବା ଉକ୍ତ ଚିଠିରେ ପାଳିତ ମା' ବେଦନାଭରା କଥା ଲେଖିଛନ୍ତି। ସେଥିରେ ସେ ଲେଖିଥିଲେ, 'ପ୍ରିୟ ସେଜ୍, ତୁମେ ଚାଲିଯାଉଥିବାରୁ ମୋ ହୃଦୟ କଷ୍ଟ ଓ ଯନ୍ତ୍ରଣାରେ ଭରିଯାଉଛି। ମୁଁ ଦୁଃଖିତ ଯେ, ତୁମେ ତୁମ ମା'ଙ୍କ ନାଁରେ କଳଙ୍କ ଲଗେଇଦେଲ। ତୁମେ ଜାଣିଛ, ମୁଁ କେବଳ ତୁମକୁ କେତେ ଭଲ ପାଉଥିଲି ଓ ଯତ୍ନ ନେଉଥିଲି। ତୁମେ ନିଜର ଯତ୍ନ ନିଅ, ଭଗବାନ ତୁମର ମଙ୍ଗଳ କରନ୍ତୁ। ତୁମର ସବୁଠୁ ଛୋଟ ଆନନ୍ଦ ଓ ସବୁଠୁ ବଡ଼ ଦୁଃଖ ସମୟରେ ମୁଁ ତୁମ ସହ ଅଛି। ତୁମେ ସବୁଦିନ ମୋ ହୃଦୟରେ ରହିବ, ସ୍ନେହ ସହ ମୁଁ ତୁମକୁ ବିଦାୟ ଦେଉଛି।'

ଅପରପକ୍ଷରେ ପ୍ରେମିକ ଅମର ଦାସଙ୍କୁ ବିବାହ କରିବାକୁ ପୂଜା ଚାହୁଁଥିବାବେଳେ ତାଙ୍କୁ କାଉନସେଲିଂ କରାଯାଉଛି। ଏବେ ପୂଜା ବାଲେଶ୍ୱରସ୍ଥିତ ନାରୀଶକ୍ତି ସଦନରେ ରହିଛନ୍ତି। ତାଙ୍କ ମାନସିକ ସ୍ଥିତି ସୁଧାରିବାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ କର୍ମଚାରୀମାନେ ବୁଝାଉଛନ୍ତି। ପୂଜା ଆମେରିକାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ସେ ଏଠାରେ ନର୍ସିଂ ପଢ଼ିବାକୁ ଚାହୁଁଛନ୍ତି ବୋଲି ସୂଚନା ମିଳିଛି। ତେବେ ପ୍ରଶାସନ ପକ୍ଷରୁ ପୂଜାଙ୍କ ପାଳିତ ମା'ଙ୍କୁ ମଧ ଯୋଗାଯୋଗ କରାଯାଇଛି। ପୂଜା ଚାହିଁଲେ ପୁଣି ଥରେ ପାଳିତ ମା'ଙ୍କ ପାଖକୁ ଆମେରିକା ଚାଲିଯାଇ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।

ପୂଜା ନାୟକ ଓରଫ ସେଜଲ ଜୋହନ ଓ ପାଳିତ ମା' ସୁସି ଜୋହନ୍।

ସୂଚନା ଅନୁଯାୟୀ, ପୂଜାଙ୍କୁ ତାଙ୍କ ପାଳିତ ମା' ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ୭ରେ ଏହି ଖବର ପ୍ରଚାର ହୋଇଥିଲା। ପୂଜା ଭିଡିଓ ଶେୟାର କରିଥିବାବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତ ମା'ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ଏହାପରେ ପୂଜାଙ୍କୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଗତ ୨୫ ତାରିଖରେ ଓଡ଼ିଶା ଫେରାଇ ଅଣାଯିବା ପରେ ସେ ପ୍ରେମ ପାଇଁ ମା'ଙ୍କ ବିରୋଧରେ ମିଛ କହିଥିଲେ ବୋଲି ପ୍ରକାଶ କରିଥିଲେ।

ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସେଠାରେ ଏକ ଶିଶୁବାଟିକା 'କଳିକା' ଆରମ୍ଭ ହୋଇଛି। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଖାରବେଳ ଭବନରେ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ଜୀବନ ସନ୍ତୁଳନକୁ ମଜବୁତ କରିବ। ଏଥିସହ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉ ଏକ ପଦକ୍ଷେପ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା 'କଳିକା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା'ଙ୍କ ଜୀବନକୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ। 'କଳିକା'ରେ ଏଥିରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତ୍ତା ସହିତ ବିକଶିତ ହୋଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ବାଟିକା 'କଳିକା'କୁ ଉଦ୍‌ଘାଟନ କରୁଛନ୍ତି।

ଜଙ୍ଗଲରୁ ମିଳିଲେ ହଷ୍ଟେଲରୁ ନିଖୋଜ ୨୦ ଛାତ୍ର

କୋରାପୁଟ,୧।୧୨ (ଅମିତାଭ ବେହେରା)

କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରୁ ରବିବାର ରାତିରୁ ୨୦ ଛାତ୍ର ନିଖୋଜ ରହିଥିଲେ। ସୋମବାର ଅଭିଭାବକମାନେ ଘଟଣା ସମ୍ପର୍କରେ ଖବର ପାଇ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ୪ଟା ହଷ୍ଟେଲଠାରୁ ୯ କି.ମି. ଦୂର କୋଲାବ ଜଳଭଣ୍ଡାର ନିକଟ ଏକ ଗ୍ରାମର ଜଙ୍ଗଲରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଛାତ୍ର ହଷ୍ଟେଲକୁ ଫେରିଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଗୌଡ଼, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନେ ଗୋଟିଏ ରାତି ନିଖୋଜ ଥିବା ବେଳେ ଏ ସମ୍ପର୍କରେ କେହି କିପରି ଜାଣିପାରିଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ସ୍କୁଲରେ ଆଖପାଖ ଶୁକୁ, ହାଟ ସୁକୁ, ପିତେଇ ଆଦି ଗ୍ରାମର ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ଲଙ୍କାପୁଟ ହଷ୍ଟେଲରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପଢୁଥିବା ୨୦ ଛାତ୍ର ରବିବାର ନିଖୋଜ ଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦିଆଯାଇଥିଲା। ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କି.ମି. ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ଦିନକ ପାଇଁ ଜଣେ ଶିକ୍ଷୟିତ୍ରୀ ତାଙ୍କ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଉଦ୍ଧାର ହୋଇଥିବା ୨୦ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ୫ମ ଶ୍ରେଣୀର ୨ ଛାତ୍ର ମାରପିଟ୍ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି କହିଛନ୍ତି। ପିଲାମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ମଙ୍ଗଳବାର ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ବିଡିଓ ଗୌଡ଼ କହିଛନ୍ତି। ତେବେ ଛାତ୍ରମାନେ ରବିବାର ରାତିଠାରୁ ନିଖୋଜ ଥିବା ନେଇ ଅଭିଭାବକମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ବିଡିଓ ଗୌଡ଼ ତାହାକୁ ଖଣ୍ଡନ କରିଛନ୍ତି। ଛାତ୍ରମାନେ ସୋମବାର ସକାଳୁ ହଷ୍ଟେଲ ଛାଡ଼ିଥିବା ସେ କହିଛନ୍ତି। ବିଦ୍ୟାଳୟରେ ବହୁମାତ୍ରାରେ ଛାତ୍ର ରହି ପଢୁଥିବା ବେଳେ ହଷ୍ଟେଲ ଦାୟିତ୍ୱରେ କେହି ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଏଡିଇଓ ଜଗନ୍ନାଥ ଭତ୍ରା ସ୍କୁଲରେ ତଦନ୍ତ କରୁଛନ୍ତି।

ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପ୍ରଦୂଷଣ ନିରାକରଣ ସଚେତନତା ପଦଯାତ୍ରା, ସ୍ଥାନ: ସୈନିକ ସ୍କୁଲ, ସମୟ: ସକାଳ ୮ଟା।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ମା' ମାଣିକେଶରୀ ଦେବୀଙ୍କ ୪ର୍ଥ ଜନ୍ମ ବାର୍ଷିକ ଉତ୍ସବର ଦଶ ମହାବିଦ୍ୟା ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ମେଳକସ୍ଥିତ ମା' ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

ପୁରୀ
- ଅଲ୍ ଇଣ୍ଡିଆ ପୋଷ୍ଟାଲ୍ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପୌରସଦନ ସମ୍ମିଳନୀ ଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ୟଞ୍ଜନ ଦ୍ୱାଦଶୀ ମହୋତ୍ସବ, ସ୍ଥାନ: ଗୌରବିହାର ଆଶ୍ରମ, ମାତା ମଠ, ସମୟ: ମଧ୍ୟାହ୍ନ ୧୨ଟା।
- ଗୁରୁ ହରିହର ଖୁଣ୍ଟିଆଙ୍କ ସ୍ମୃତି ସନ୍ଧ୍ୟା, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା୩୦।

ଖୋର୍ଦ୍ଧା
- ଯୁବ ଉତ୍ସବ, ସ୍ଥାନ: ବିଜେବି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

ବାଲେଶ୍ୱର
- ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

ଭଦ୍ରକ
- ଗୀତାଜ୍ଞାନ ମହାଯଜ୍ଞ, ସ୍ଥାନ: ବାଲିମୁଣ୍ଡା, ପଦ୍ମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ, ପାଲା ପରିବେଷଣ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭଦ୍ରକ ମହୋତ୍ସବ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

କେନ୍ଦୁଝର
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ : ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ବନଯାଗ ସମିତି ପକ୍ଷରୁ ବ୍ୟଞ୍ଜନ ଦ୍ୱାଦଶୀ ଉତ୍ସବ, ସ୍ଥାନ : କେନ୍ଦୁଝର ପୁରୁଣା ସହର ସିଦ୍ଧମଠ, ସମୟ: ଅପରାହ୍ନ ୧ ଟା।

ମୟୂରଭଞ୍ଜ
- ଖରିଫ ଋତୁ ଧାନ ସଂଗ୍ରହ ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

ଅନୁଗୋଳ
- ନବାହ୍ନ ପାରାୟଣରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମଳିପଦର, ସମୟ : ସନ୍ଧ୍ୟା ୭ଟା।

ଜଗତ୍‌ସିଂହପୁର
- ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଲେଡିଜ କ୍ଲବର ନାଟକ 'ଅଭିମାନିନୀ ଶ୍ରୀମତୀ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ଯୁବ ଉତ୍ସବ ପାଇଁ ଦଳଗତ ପ୍ରତିଯୋଗିତା, ସ୍ଥାନ:ଏଚ୍‌ଏନ୍‌ଏସ୍ କଲେଜ, ଚାନ୍ଦୋଳ, ଡେରାବିଶ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ଏସ୍‌ଜେ କଲେଜ, ରାଜନଗର, ମାର୍ଶାଘାଇ କଲେଜ, ମାର୍ଶାଘାଇ, ଏଲ୍‌ଏନ୍ କଲେଜ, କୋରୁଆ, ଗରଦପୁର, ଏସ୍‌ଏସ୍‌ବି କଲେଜ, ମହାକାଳପଡା, ଏସ୍‌ଏନ୍ କଲେଜ, ରାଜକନିକା, ଆଳି କଲେଜ, ଆଳି, ସମୟ:ପୂର୍ବାହ୍ନ ୧୦ଟା।

ଯାଜପୁର
- ସପ୍ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ତାରିଣୀ ପୀଠ, ବାର୍ଲିବିଲ, ସମୟ: ସକାଳ ୮ଟା।

ନୟାଗଡ଼
- ବ୍ୟଞ୍ଜନ ଦ୍ୱାଦଶୀ ପର୍ବ, ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ:ସକାଳ ୭ଟା।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ସକାଳ ୯ଟା।
- ବାର୍ଷିକ କ୍ରୀଡା ସମାରୋହର ୨ୟ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ ୩୦।
- ନୟାଗଡ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ନୟାଗଡ ବ୍ଲକ ଲାଠିପଡା ପିଏମ୍‌ଶ୍ରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା।
- ଖବରଦାତାଙ୍କୁ ମାଡମରା ଘଟଣାରେ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ:ପୂର୍ବାହ୍ନ ୧୦ଟା।
- ଏଡସ୍ ସଚେତନତା ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦।

ରାୟଗଡ଼ା
- ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଯାତ୍ରା ଆରମ୍ଭ, ସ୍ଥାନ: କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

ନବରଙ୍ଗପୁର
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଡାବୁଗାଁ ବ୍ଲକ ଜୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକ୍‌ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ ଜମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ:- ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତ୍ୟେକ ଶିଶୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କୀୟ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

କୋରାପୁଟ
- ମଶାଲ ଶୋଭାଯାତ୍ରା, ପରବ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ଭୈରବ ପଡ଼ିଆ, କୋଟପାଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ଲୋକ ମହୋତ୍ସବ ପରବ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ରାତି ୭ଟା।

ମାଲକାନଗିରି
- ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ, ସ୍ଥାନ: ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବ୍ଲକ୍‌ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ, ସ୍ଥାନ: ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ ଟା।

ସମ୍ବଲପୁର
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ଜିଲା କ୍ରୀଡା ସଂଘ ଆୟୋଜନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫ର ଉଦଯାପନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

ବଲାଙ୍ଗୀର
- ଜାତୀୟ ପ୍ରଦୂଷଣ ନିବାରଣ ଦିବସ, ସ୍ଥାନ: ହୋଟେଲ ପାର୍କ ଲ୍ୟାଣ୍ଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

ରାଉରକେଲା
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ, ସ୍ଥାନ: ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ, ସ୍ଥାନ: ସିପିସିଆଇ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

ସୁନ୍ଦରଗଡ଼
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସାର୍ଥକ ବିଦ୍ୟାଳୟ, ବନ୍ଧପାଲି, ସୁନ୍ଦରଗଡ, ସମୟ: ସକାଳ ୮ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: କୃଷ୍ଣ ଗଡତିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରାଏବୋଗା, କୁଆଁରମୁଣ୍ଡା, ସମୟ:ପୂର୍ବାହ୍ନ ୧୦ଟା।

ବରଗଡ଼
- ଧନୁଯାତ୍ରା କଳାକାରଙ୍କ ପୂର୍ବାଭ୍ୟାସ, ସ୍ଥାନ: କଲ୍ୟାଣ ମଣ୍ଡପ, ଗାନ୍ଧିଛକ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ରାଣୀ ପ୍ରତାପ ହାଇସ୍କୁଲ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

କଳାହାଣ୍ଡି
- ବ୍ଲକସ୍ତରୀୟ ଯୁବ ପ୍ରତିଯୋଗିତା, ସ୍ଥାନ: ମା' ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଥୁଆମୂଳ ରାମପୁର, ସମୟ: ସକାଳ ୯ଟା।
- କଂଗ୍ରେସର ପ୍ରତିବାଦ ସଭା, ସ୍ଥାନ: ଭବାନୀପାଟଣା ବ୍ଲକ କର୍ଲାପଡା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ସମୂହ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୨ଟା ୩୦।

ବୌଦ୍ଧ
- ବୌଦ୍ଧ ପୁସ୍ତକ ମେଳା ଉଦ୍‌ଘାଟନ, ସ୍ଥାନ: କଚେରୀ ଖେଳ ପଡ଼ିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୭ଟା।

ଦେବଗଡ଼
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ପଞ୍ଚମୁଖୀ ହନୁମାନ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର
- ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ସଂସ୍କୃତି କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

ନୂଆପଡ଼ା
- ୩ୟ ଫୁଟ୍‌ବଲ ମହାକୁମ୍ଭ ପଞ୍ଚଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳପଡିଆ ଖଡିଆଳ, ସମୟ: ଅପରାହ୍ନ ୩ଟା।
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରପୋର ଗାଁ, ସମୟ: ରାତି ୯ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଫୁଟ୍‌ବଲ ପଡିଆ, ସମୟ: ଅପରାହ୍ନ ୫ଟା।

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ରଙ୍କ ଆତ୍ମହତ୍ୟା

■ ପ୍ରେମ ସମ୍ପର୍କକୁ ନେଇ ସହପାଠିନୀଙ୍କୁ ଦାୟୀ କଲେ ଛାତ୍ରଙ୍କ ମା'
■ ପ୍ରେମିକାଙ୍କ ବାପା, ମା' ଏବଂ ଭାଇ ନାମରେ ଥାନାରେ ମାମଲା
■ ଘଟଣା ସମ୍ପର୍କରେ ଥାନାରେ ଜଣାଇଛୁ, ପୋଲିସ ତଦନ୍ତ କରୁଛି: କିଟ୍

ଭୁବନେଶ୍ୱର, ୧।୧୨ (ତ୍ରିନାଥ ମହାନ୍ତି)

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ର ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କ୍ୟାମ୍ପସ-୧୦ କେପି୭ ଏବି ହଷ୍ଟେଲ ରୁମ୍‌ରୁ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଛତିଶଗଡ଼ ରାୟପୁରର ରାହୁଲ ଯାଦବ। ସେ କିଟ୍‌ରେ କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷର ଛାତ୍ର ଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନରେ ପରିବାର ଲୋକେ ପହଞ୍ଚିବା ପରେ ଏମ୍‌ସରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ ଟିମ୍, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାହୁଲ୍ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଯାଞ୍ଚ କରିଥିଲେ। ଏପରିକି ହଷ୍ଟେଲରୁ ରାହୁଲଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ ଜବତ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ଜଣେ ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି।

ରାହୁଲଙ୍କ ମୃତ୍ୟୁକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରବିବାର ରାତି ପ୍ରାୟ ୧୦:୪୫ ସମୟରେ ଇନ୍‌ଫୋସିଟି ଥାନାକୁ ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ପୋଲିସ ଅଧିକାରୀ ଭିତରପଟୁ ବନ୍ଦ ଥିବା କବାଟର ଲକ୍ ଭାଙ୍ଗି ଖୋଲିଥିଲେ। ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ମୃତଦେହକୁ ଜବତ କରାଯାଇ ନିକଟ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲର ଏମ୍‌ଏଲ୍‌ସି ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା କରିଥିଲା। ହଷ୍ଟେଲରେ ରହୁଥିବା ସାଙ୍ଗସାଥୀ, ରାହୁଲଙ୍କ ମା' ନିର୍ମଳା ଯାଦବଙ୍କ ବୟାନ ଏବଂ ସୋସିଆଲ ମିଡିଆ ଆଧାରରେ ପୋଲିସ ତଦନ୍ତ କରୁଛି। ନିର୍ମଳାଙ୍କ ସୂଚନା ଆଧାରରେ ଛତିଶଗଡ଼ର ଜଣେ ଯୁବତୀଙ୍କ ସହିତ ରାହୁଲଙ୍କ ପ୍ରେମସମ୍ପର୍କ ରହିଥିଲା। ସେ ଯୁବତୀ ବର୍ତ୍ତମାନ ମହାରାଷ୍ଟ୍ରରେ ପାଠ ପଢୁଛନ୍ତି। ହେଲେ ଯୁବତୀଙ୍କ ମା'ବାପା ଏବଂ ଭାଇ ରାହୁଲଙ୍କୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ରାହୁଲ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି। ରାହୁଲଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବତୀଙ୍କ ଭାଇ, ବାପା ଏବଂ ମା'ଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅନ୍ୟପଟରେ ନିର୍ମଳା କହିଛନ୍ତି ଯେ, ଅନେକ ସମୟରେ ତାଙ୍କ ପୁଅକୁ ଉକ୍ତ ଯୁବତୀଙ୍କ ଘର ଲୋକଙ୍କ ପକ୍ଷରୁ ଧମକ ଦିଆଯାଉଥିଲା। କିଛିଦିନ ହେବ ତାଙ୍କ ପୁଅ ମାନସିକ ଚାପରେ ରହୁଥିଲେ। ପୁଅ ଉପରେ ନଜର ରଖିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ସେ କହିଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ, ଯେଉଁଥିପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା ବୋଲି ନିର୍ମଳା କହିଛନ୍ତି। ଏହି ଆତ୍ମହତ୍ୟା ଘଟଣାକୁ ନେଇ କିଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ପ୍ରେସ୍ ରିଲିଜ୍ ଜରିଆରେ ଲୋକ ସମ୍ପର୍କ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଦିଆଯାଇଛି। ପୋଲିସ ତାହାର ତଦନ୍ତ କରୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ମାସ ମଧ୍ୟରେ କିଟ୍‌ରେ ୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଫେବ୍ରୁଆରୀ ୧୬ରେ ବିଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିବାବେଳେ ମେ ୧ତାରିଖରେ ଆଉ ଜଣେ ଛାତ୍ରୀ ତ୍ରିସାଙ୍କ ମୃତ୍ୟୁ ଘଟିଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଭାଗ୍ୟ କାଳେ ବିପରୀତ ବାଣୀ,
ଚାଳରୁ ମୂଷା ପଡ଼ି ମାରନ୍ତି କହୁଣି ।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତି ନ୍ୟୂନସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଁଠା ଭାତେ ଘିଅ,
ପ୍ରେତେ ଖାଇତେ ଦିଅ ।**

ସାଧାରଣତଃ ଅଇଁଠା ବା ଅଣ୍ଠା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

୪ ଖେଳାଳିଙ୍କୁ...

ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି''। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଏହି ଅବସରରେ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦଳର କୋଚ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଦେଶବ୍ୟାପୀ ତଦନ୍ତ...

ଦେବାକୁ ଖଣ୍ଡପୀଠ ଆର୍‌ବିଆଇକୁ ନୋଟିସ ଜାରି କରିଛନ୍ତି। ହରିୟାଣାର ଏକ ବୟସ୍କ ଦମ୍ପତିଙ୍କ ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଖଣ୍ଡପୀଠ କହିଛନ୍ତି, ମୁଖ୍ୟତଃ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରି ସେମାନଙ୍କ କଷ୍ଟଲବ୍ଧ ଅର୍ଥକୁ ଶୋଷଣ କରୁଛନ୍ତି। ମାମଲାରେ ସବିଶେଷ ତଥ୍ୟ ସିବିଆଇକୁ ଦେବା ସହ ତଦନ୍ତରେ ସହାୟତା କରିବା ପାଇଁ ଖଣ୍ଡପୀଠ ସୂଚନା ପ୍ରଯୁକ୍ତି ମଧ୍ୟସ୍ଥମାନଙ୍କୁ କହିଛନ୍ତି। ବିଦେଶରୁ ଏହି ଅପରାଧ ପରିଚାଳିତ ହେଉଥିଲେ, ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଇଣ୍ଟରପୋଲ୍‌ର ସହାୟତା ନେବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପରାମର୍ଶ ଦେଇଛନ୍ତି। ସେହିପରି ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ଜଣେ ୟୁଜର କିମ୍ବା ଗୋଟିଏ ସଂସ୍ଥାକୁ ଏକାଧିକ ସିମ୍ କାର୍ଡ ଇସ୍ୟୁ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ଟେଲିକମ୍ ବିଭାଗକୁ କହିଛନ୍ତି। ସିବିଆଇ ସହିତ ଉତ୍ତମ ସମନ୍ୱୟ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଞ୍ଚଳିକ ତଥା ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଏହି ପ୍ରସଙ୍ଗରେ ସ୍ୱରାଷ୍ଟ୍ର, ଟେଲିକମ୍, ଅର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ମତାମତ ସଂଗ୍ରହ କରିବା ପାଇଁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି।

ବିଦା ହେଲେଣି ୪୯...

ଇତିମଧ୍ୟରେ ସମୁଦାୟ ୧୭୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୧ ଜଣଙ୍କୁ ବେଆଇନ ବାଂଲାଦେଶୀ ଭାବେ ଘୋଷଣା କରାଯାଇଛି। ଏବେ ବି ୫୦ ସନ୍ଦିଗ୍ଧଙ୍କର ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୋଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ଜିଲାଗୁଡ଼ିକୁ ଲଗାତର ପରିଦର୍ଶନ କରୁଛନ୍ତି। ଏତଦ୍‌ବ୍ୟତୀତ, ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

କେନ୍ଦ୍ରାପଡ଼ାରେ ଚିହ୍ନଟ...

କରିଥିବା ସମୟରେ ଜଙ୍ଗଲ ଜମିକୁ ଜବରଦଖଲ କରି ରହିବା ସୁଯୋଗ ପାଉଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଜଙ୍ଗଲ ଜମି ଜବରଦଖଲ ସମୟରେ କୌଣସି କାରଣରୁ ନୀରବ ରହୁଛନ୍ତି। ଏହି ଜିଲାରେ ୧୯୨୯ ମସିହାରେ ଭୂବନ୍ଦୋବସ୍ତ ହୋଇଥିଲା। ତତ୍କାଳୀନ ସମୟରେ ଜଙ୍ଗଲ ଜମି ହ୍ରାସ ସମ୍ପର୍କରେ କୌଣସି ସମୀକ୍ଷା ହେଉନାହିଁ ଅପରପକ୍ଷରେ ୨୦୦୪ ମସିହାରେ ଚିହ୍ନଟ ହୋଇଥିବା ୧,୬୪୯ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ା ବ୍ଲକର ୧,୫୫୧ଙ୍କୁ ଦେଶାନ୍ତର ନୋଟିସ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଜିଲା ପୋଲିସ ପକ୍ଷରୁ କେବଳ ଧରପଗଡ଼ ଚାଲିଛି। ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଜିଲାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ତଥ୍ୟ ଉଜାଗର କରୁଥିବା ସମୟରେ ଜଣେ ହେଲେ ଚିହ୍ନଟ ନ ହେବାରେ ପୋଲିସ ପ୍ରଶାସନ ବାଟବଣା ହୋଇଥିବା ଉପରୋକ୍ତ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଖୁବ୍ ଶୀଘ୍ର ଜିଲା ପୋଲିସ ପକ୍ଷରୁ ଏନେଇ ସୂଚନା ମିଳିବ।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ – ଆଜିର ଗ୍ରହସ୍ଥିତି ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ଅଣ୍ଡାଜନିତ ପୀଡ଼ାନୁଭବ ସାଙ୍ଗକୁ ଧୈର୍ଯ୍ୟହରା, ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

ବୃଷ – ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇବେ। କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେବେ। ବନ୍ଧୁଙ୍କ ସହଯୋଗରେ ଶିଳ୍ପ, ବାଣିଜ୍ୟ, ପରିବହନ ଭଲରେ ଚାଲିବ।

ମିଥୁନ – ମୁଖଭାବରେ ଗୁରୁଥିବାରୁ ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ବନ୍ଧୁଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

କର୍କଟ – ଚନ୍ଦ୍ରଙ୍କ ପ୍ରତି ବୁଧଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସହକର୍ମୀଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

ସିଂହ – ଧନାଧିପତିଙ୍କ ପ୍ରଭାବରେ ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

କନ୍ୟା – ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ଉପୁଜିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେଣନେଣକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

ତୁଳା – ଆଜି ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ତୃତୀୟାଧିପତିଙ୍କ ପ୍ରଭାବରେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗିବ ନାହିଁ।

ବିଛା – କୋଣଭାବସ୍ଥ ଶନି ମାନସିକ ଉଦାସୀନତା ସୃଷ୍ଟିକରି ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତି ଓ ମନୋରଞ୍ଜନରେ ଉତ୍ସାହିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

ଧନୁ – ଅନୁକୂଳ ଗ୍ରହସ୍ଥିତିରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀ କିମ୍ବା ଆତ୍ମୀୟମାନେ ଦୂରେଇ ରହିପାରନ୍ତି।

ମକର – ଏକାଦଶସ୍ଥ ଗ୍ରହଜନିତ ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବିଶେଷ ଲାଭ ପାଇବେ।

କୁମ୍ଭ – ଆଜି ଦିନରେ ବହୁତ ଭଲ କାମ କରିବେ। ପୂର୍ବ ଚିନ୍ତିତ ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଦ୍ୱାଦଶସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟିରୁ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ମୀନ – କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ବାକି ରହିଥିବା ଅର୍ଥ ଆଦାୟ କରିବାକୁ ଯାଇ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ମଙ୍ଗଳବାର। ଦିବା ଘ. ୦୩.୫୭ ଗତେ ଅନଙ୍ଗ ତ୍ରୟୋଦଶୀ। ରାଶିନକ୍ଷତ୍ର-ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୯ ଗତେ ଘ.୦୬.୫୨ ମଧ୍ୟେ, ଘ.୦୮.୫୨ ଗତେ ଘ.୧୧.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୧୯ ଗତେ ଘ.୦୩.୪୦ ମଧ୍ୟେ ରାହୁ କାଳ।

ସଡ଼କ ସୁରକ୍ଷା ୧୯ ମାସରେ ୫୯.୭୦ କୋଟି ଖର୍ଚ୍ଚ

ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ବହୁ ଦୂରରେ

ଯାଜପୁର,୧।୧୨
(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ୨୦୨୪ ଜାନୁଆରୀରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୯ ମାସରେ ସରକାରଙ୍କ ତହବିଲରୁ ୫୯ କୋଟି ୭୦ ଲକ୍ଷ ୨୭ ହଜାର ୭୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ୨୦୨୪ର ଅର୍ଥାତ୍ ୩୬୫ ଦିନରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣା ଘଟି ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓଡ଼ିଶାରେ ଗୋଟିଏ ଦିନରେ ୧୬ରୁ ଊର୍ଦ୍ଧ୍ୱ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଗତ ୩ ବର୍ଷର ରିପୋର୍ଟକୁ ହିସାବକୁ ନେଲେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଉପରୋକ୍ତ ବିପୁଳ କୋଟି ଟଙ୍କାର ଲାଭ କେତେ ମିଳିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା କେତେ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ରୋଡ୍ ସେଫ୍ଟି ଫଣ୍ଡ୍ ମ୍ୟାନେଜମେଣ୍ଟ କମିଟି ବୈଠକର ଏକ ରିପୋର୍ଟ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୮।୧୧।୨୦୨୫ରେ କଟକ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରୋଡ ସେଫ୍ଟି ଫଣ୍ଡ୍ ମ୍ୟାନେଜମେଣ୍ଟ କମିଟି ବୈଠକ ରିପୋର୍ଟ ଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ପୋଲିସ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଓ ରାଉରକେଲାରେ ୫୦୦ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ଜଣେ ଟ୍ରାଫିକ ୱାର୍ଡେନ ପିଛା ମାସକୁ ୨୩,୩୦୦ ଟଙ୍କା ହିସାବରେ ୩ ମାସ ପାଇଁ ୩ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୮୧୦ ଜଣ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ(ଏସ୍‌ଟିଭି) ମୁତୟନ ହୋଇଥିବାବେଳେ ଜଣ ପିଛା ୨୦୦ ଟଙ୍କା ହିସାବରେ ୧୮୦ ଦିନ ପାଇଁ ୨ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାବାଦ୍ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ହେଭି ଭେହିକିଲ ଡ୍ରାଇଭରମାନଙ୍କୁ ମାଗଣାରେ ଟା ବଣ୍ଟନ ପାଇଁ ୫.୫୫ ଲକ୍ଷ ଟଙ୍କା, ନ୍ୟାଶନାଲ ରୋଡ ସେଫ୍ଟି ମାସ ପାଳନରେ ୨ କୋଟି ୧୦ ଲକ୍ଷ, ୬୩ ହଜାର ୯୪୯ ଟଙ୍କା, ପୁରସ୍କାର ବାବଦକୁ ୧୪.୨୦ ଲକ୍ଷ ଟଙ୍କା, ୨୦୨୪ ବାଲିଯାତ୍ରା ଉତ୍ସବରେ ସଡ଼କ ସୁରକ୍ଷା ଷ୍ଟଲ ପାଇଁ ୭ ଲକ୍ଷ ଟଙ୍କା, ରଥଯାତ୍ରା ସମୟରେ ଓଆର୍‌ଏସ୍ କ୍ରୟ ପାଇଁ ୧ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ପାଇଁ ୨୯,୪୬,୭୯୯ ଟଙ୍କା, ରାଜ୍ୟର ୮୦ ସିନେମା ହଲ୍‌ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ୫୨.୧୭ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକରେ ଟ୍ରାଫିକ କ୍ଲବ୍ ଖୋଲିବା ପାଇଁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ବାବଦକୁ ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ୧୧ କୋଟି ୨୬ ଲକ୍ଷ ଟଙ୍କା, ମେଡିକାଲ ସେନ୍‌ସର ଇଣ୍ଡିଆ ପ୍ରାଇଭେଟ୍ ଲିଃ ଦ୍ୱାରା ସିଏମ୍‌ସି ଇକ୍ୟୁପମେଣ୍ଟ ସ୍ଥାପନ ପାଇଁ ୯୫.୯୫ ଲକ୍ଷ ଟଙ୍କା, ଦିଶା ପ୍ରକଳ୍ପରେ ନେଟ୍‌ୱର୍କ କନେକ୍ସନ ପାଇଁ ୧.୮୦ କୋଟି ଟଙ୍କା, ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୨୮ ହଜାର ଟଙ୍କା, ଇଣ୍ଟରସେପ୍ଟର ଭେହିକିଲ ପାଇଁ ୧.୫୮ କୋଟି ଟଙ୍କା ଆଦି ଖର୍ଚ୍ଚ ହୋଇଛି। ସେହିପରି କ୍ୟାପାସିଟି ବିଲ୍ଡିଂ, ଗମନାଗମନ, କନସଲଟିଂ ଇତ୍ୟାଦି କ୍ଷେତ୍ରରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ବିଶେଷକରି ହେଲମେଟ୍ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ବିଭିନ୍ନ ବୈଠକରେ ମତପ୍ରକାଶ ପାଇଆସୁଛି। ଏହିକ୍ରମରେ ଗତ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁପକ୍ଷ ପାଳନ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ ଏନ୍‌ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣରେ ବିଳମ୍ବ, ବେଆଇନ ପାର୍କିଂ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍‌ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା ମୃତ୍ୟୁହାର ବୃଦ୍ଧିର ଅନ୍ୟତମ କାରଣ ବୋଲି ମତପ୍ରକାଶ ପାଇଛି।

ଆଜିଠାରୁ ରାଜ୍ୟରେ ଧାନ ସଂଗ୍ରହ

ମିଲର୍ସ ଆସୋସିଏଶନ ପକ୍ଷରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି।

ମନ୍ତ୍ରୀଙ୍କ ସହ ମିଲର୍ସ ଆସୋସିଏଶନର ଆଲୋଚନା

ଭୁବନେଶ୍ୱର,୧।୧୨
(ସୁଚିସ୍ମିତା ସାହୁ)

ରାଜ୍ୟରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟରେ ରାଜ୍ୟ ଏବଂ ଜିଲା ରାଇସ ମିଲର୍ସ ଆସୋସିଏଶନର ଏକ ବୈଠକରେ ଧାନ ସଂଗ୍ରହ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ମିଲର୍ସ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡିକୁ ବିଚାରକୁ ନିଆଯାଇ ଖୁବଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ପାତ୍ର କହିବା ପରେ ସହଯୋଗ ପାଇଁ ମିଲର୍ସମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଧାନ କିଣା ପାଇଁ ରାଜ୍ୟ ଯୋଗାଣ ନିଗମ ସହ କଷ୍ଟମ ମିଲର୍ସର ବୁଝାମଣା ପତ୍ର ସ୍ୱାକ୍ଷର ପରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ।

ଚଳିତ ଖରିଫଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାରୀସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ ଓଡ଼ିଶା ରାଇସ ମିଲର୍ସ ଆସୋସିଏଶନର ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ, ସମସ୍ତ ୩୦ଟି ଜିଲାର ମିଲର୍ସ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁ ବାଟିକାରେ ତାଲିମପ୍ରାପ୍ତ ଶିଶୁ ଶିକ୍ଷକ ନିଯୁକ୍ତି ଦାବିରେ ପ୍ରାକ୍ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ଧାରଣା। (ଫଟୋ- ମନୋରଞ୍ଜନ ମିଶ୍ର)

ରାଜ୍ୟରେ ଖୋଲିବ ୪ ନୂଆ ମେଡିକାଲ କଲେଜ: ସ୍ୱାସ୍ଥ୍ୟମନ୍ତ୍ରୀ

ଖୁବ୍‌ଶୀଘ୍ର ପ୍ରଚଳନ ହେବ ଡିପ୍ଲୋମା କ୍ୟାଡର୍

ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)

ରାଜ୍ୟରେ ଆଉ ୪ଟି ମେଡିକାଲ କଲେଜ ଖୋଲିବା ସହିତ ଖୁବ୍‌ଶୀଘ୍ର ଡିପ୍ଲୋମା କ୍ୟାଡର୍ ପ୍ରଚଳନ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଗୃହରେ କହିଛନ୍ତି। ବିଧାନସଭାରେ ପ୍ରଶ୍ନକାଳରେ ସୋମବାର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଜଗତ୍‌ସିଂହପୁର, ନବରଙ୍ଗପୁର, ଭଦ୍ରକ ଓ ଢେଙ୍କାନାଳରେ ନୂତନ ମେଡିକାଲ କଲେଜ ଖୋଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବର ସରକାର ଯଦି ମେଡିକାଲ କଲେଜ ଖୋଲିବା ପ୍ରତି ଧ୍ୟାନ ଦେଇଥାନ୍ତେ ତେବେ ଏବେ ଡାକ୍ତର ସଙ୍କଟ ସ୍ଥିତି ଉପୁଜି ନ ଥାନ୍ତା। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ନେବା ପରେ ସବୁ ଜିଲାରେ ମେଡିକାଲ କଲେଜ ସ୍ୱପ୍ନ ପୂରଣ ହେବାକୁ ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

ପ୍ରଶ୍ନକାଳରେ ମୂଳପ୍ରଶ୍ନକର୍ତ୍ତା ସଞ୍ଜଲୀ ମୁର୍ମୁ ପ୍ରଶ୍ନ କରିଥିଲେ, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ କେତେ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ବିଶେଷଜ୍ଞ ପଦ ଖାଲି ରହିଛି। ମନ୍ତ୍ରୀ ଉତ୍ତରରେ କହିଥିଲେ, ବିଭିନ୍ନ ବର୍ଗର ୨୦୧ଟି ମଞ୍ଜୁରପ୍ରାପ୍ତ ପଦ ମଧ୍ୟରୁ ୧୬୫ଟି ପୂରଣ ହୋଇଥିବାବେଳେ ୪୬ଟି ଖାଲି ରହିଛି। ଏହି ଅବସରରେ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ ସୋନପୁର ଏବଂ ନାଇକେନପାଲିରେ ଖାଲିଥିବା ସୁପରସ୍ପେଶାଲିଟି ଡାକ୍ତର ପଦ ନେଇ ମନ୍ତ୍ରୀଙ୍କଠାରୁ ତଥ୍ୟ ଲୋଡ଼ିଥିଲେ। ସେ କହିଥିଲେ, ନାଇକେନପାଲି ସିଏଚ୍‌ସିରୁ ୫ଜଣ ଡାକ୍ତରଙ୍କୁ ସରକାର ନେଲେ, କିନ୍ତୁ ଏପର୍ଯ୍ୟନ୍ତ ସେଠାରେ ନୂତନ ଡାକ୍ତର ଦେଉ ନାହାନ୍ତି। ଫଳରେ ଲୋକେ ସ୍ୱାସ୍ଥ୍ୟସେବା ଠିକ୍ ଭାବେ ପାଇପାରୁ ନାହାନ୍ତି। ମନ୍ତ୍ରୀ ଏହାର ଉତ୍ତର ରଖି କହିଥିଲେ, ଆମ ସରକାର କ୍ଷମତାକୁ ଆସିବା ପରେ ମାତ୍ର ୧୫ମାସ ମଧ୍ୟରେ ୫ହଜାର ୧୯୫ ଡାକ୍ତର ପଦ ପୂରଣ ହୋଇଛି। ରାଜ୍ୟରେ ବିଶେଷଜ୍ଞଙ୍କ ଅଭାବ ରହିଛି। ଏହା ଏକ ଦୀର୍ଘକାଳସୂତ୍ରୀ କାର୍ଯ୍ୟକ୍ରମ। ତେବେ ୨୦୨୯ ସୁଦ୍ଧା ରାଜ୍ୟର ସମସ୍ତ ଡାକ୍ତର ଓ ବିଶେଷଜ୍ଞ ପଦ ପୂରଣ ହେବ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ବିଧାୟକ ଅଶ୍ୱିନୀ ପାତ୍ର ରାଜ୍ୟର ଖାଲିପଦ ପୂରଣ କରିବାପାଇଁ ସରକାରଙ୍କ ଯୋଜନା ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ବିଭିନ୍ନ ମେଡିକାଲ କଲେଜରେ ଥିବା ଖାଲିପଦ ପୂରଣ ଲାଗି ସରକାର ଖୁବ୍‌ଶୀଘ୍ର ଡିପ୍ଲୋମା କ୍ୟାଡର ପ୍ରଚଳନ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ଅଭାବ ପୂରଣ କରିବାରେ ସକ୍ଷମ ହୋଇପାରିବ। ଆଲୋଚନାରେ ଭାଗନେଇ ବିଧାୟିକା ଉପାସନା ମହାପାତ୍ର, ବିଧାୟକ ବିଜୟ କୁମାର ଦଳବେହେରା ଓ ଅଶୋକ ଦାସ ପ୍ରମୁଖ ନିଜ ଅଞ୍ଚଳର ଡାକ୍ତର ସମସ୍ୟା ସମ୍ପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଖାଲି ପଦ ପୂରଣ ଲାଗି ଦାବି କରିଥିଲେ। ବିଧାୟକ ଗଣେଶ୍ୱର ବେହେରା କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଲାଗି ପୁନର୍ବାର ଦାବି କରିବା ସହିତ ଅବସରପ୍ରାପ୍ତ ଡାକ୍ତରଙ୍କୁ ପୁନଃ ନିଯୁକ୍ତି ଏବଂ ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରରେ ଖାଲିଥିବା ୯୦ ପଦ ପୂରଣ ଲାଗି ବାଚସ୍ପତିଙ୍କଠାରେ ଦାବି କରିଥିଲେ।

ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍: ବିରୋଧୀ

- ଜନ ବିଶ୍ୱାସ ବିଲ୍ ୨୦୨୫ ଉପସ୍ଥାପନ
- କେନ୍ଦ୍ର ସରକାର ୨୦୨୩ରୁ ସବୁ ରାଜ୍ୟକୁ ବିଲ୍ ଲାଗୁ କରିବାକୁ କହିଥିଲେ

ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ବିଧାନସଭାରେ ସୋମବାର ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୫ ଉପସ୍ଥାପିତ ହୋଇଛି। ଏହି ବିଲ୍ ଉପସ୍ଥାପନ କରି ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଭାରତ ସରକାର ୨୦୨୩ରୁ ଜନ ବିଶ୍ୱାସ ବିଲ୍ ଲାଗୁ କରିଥିଲେ। ଏହାପରେ ସବୁ ରାଜ୍ୟରେ ଉକ୍ତ ବିଲ୍ ଆଣିବା ଲାଗି କେନ୍ଦ୍ର ସରକାର କହିଥିଲେ। ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଛତିଶଗଡ଼, ହରିୟାଣା, ତ୍ରିପୁରା ଏବଂ ମେଘାଳୟ ଭଳି ୯ଟି ରାଜ୍ୟ ଏହି ବିଲ୍ ଲାଗୁ କରିସାରିଛନ୍ତି। ଉକ୍ତ ବିଲ୍‌ରେ ମୁଖ୍ୟତଃ ୧୬ଟି ବିଲ୍ ରଖାଯାଇଛି। ଏହି ବିଲ୍‌ରେ ମୁଖ୍ୟତଃ ୪ଟି ସଂଶୋଧନ ପ୍ରସ୍ତାବ ରହିଛି। ରାଜ୍ୟରେ ନିବେଶକଙ୍କ ପାଇଁ ଏକ ଭଲ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ସୁଦୃଢ଼କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ କଂଗ୍ରେସ ଏବଂ ବିଜେଡି ଏହାକୁ ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍ ବୋଲି କହିଛନ୍ତି।

ବିଜେଡି ପକ୍ଷରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଜନ ବିଶ୍ୱାସ ଏବଂ ଜନ ଅବିଶ୍ୱାସରେ ପରିଣତ ହେବାକୁ ଯାଉଛି। ସରକାର ଯେଉଁ ନିଷ୍ପତ୍ତି ନେବାକୁ ଚାହିଁଛନ୍ତି ସେଥିରୁ ବିରତି ରୁହନ୍ତୁ। ନ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଗଞ୍ଜାମରେ ଜୁଆଖେଳ ବନ୍ଦ କରିବା ପାଇଁ ଯେଉଁ ପ୍ରାବଧାନ ରହିଥିଲା ତାକୁ ପରିବର୍ତ୍ତନକରି ପଇସା ଦେଇ ଖସିଯିବା ପାଇଁ ବାଟ ତିଆରି କରାଯାଇଛି। ଏଣିକି ଆଉ ଜୁଆ ଖେଳିଲେ ପୋଲିସ ଧରିବ ନାହିଁ। ଏଥିରେ ସରକାରଙ୍କ ପ୍ରତି ଯାହା ଜନ ବିଶ୍ୱାସ ବଢ଼ିବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଏକ ବ୍ୟବସ୍ଥା କରାଯାଇଛି, ଓଡ଼ିଶା ବିଦ୍ୟୁତ୍(ଦେୟ) ଅଧିନିୟମ ଅଣାଯାଇଛି। ଏହାଦ୍ୱାରା ଟାଟା ଭଳି କମ୍ପାନୀକୁ ସାହାଯ୍ୟ କରିବାକୁ ବାଟ ତିଆରି ହେବ। ଏଣିକି ବିଦ୍ୟୁତ୍ ବିଲ୍ ବଢ଼ିଚାଲିଥିବା ବେଳେ ଟାଟା କମ୍ପାନୀ ଯେଉଁସବୁ ସୁବିଧା ଦେବା କଥା ସେସବୁ ନ ଦେଇ ଦେୟ ଫାଙ୍କିବାରେ ଲାଗିଛି। ହେଲେ ସେହି କମ୍ପାନୀ ଭୁଲ୍ କଲେ ମଧ୍ୟ ସେମାନଙ୍କୁ ଆଉ ଆଗକୁ ଧରିହେବ ନାହିଁ। କାରଣ ସରକାର ଇଜ୍ ଅଫ୍ ଡୁଇଙ୍ଗ୍ ଆକ୍ଟରେ ଚଳାଇବେ। ଯେଉଁ ୧୬ଟା ବିଲ୍ ମିଶାଇ ଜନ ବିଶ୍ୱାସ ବିଲ୍ କରି ଆଣିଛନ୍ତି ଏଥିରେ ଗରିବମାନେ ମରିବେ ବୋଲି ରଣେନ୍ଦ୍ର କହିଛନ୍ତି।

ସେହିପରି ଏହି ଜନ ବିଶ୍ୱାସ ବିଲ୍ ଭିତରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ରହିଥିବାରୁ ବିରୋଧୀ ସଦସ୍ୟମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗୋଟିଏ ବିଲ୍ ୨ ଥର ସରକାର କାହିଁକି ଆଣୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଥିଲେ।

ଥାନାରେ ଅସୁରକ୍ଷିତ ମହିଳା ପୋଲିସ

୩ବର୍ଷରେ ୧୮ ମାମଲା

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

ଥାନାରେ କାର୍ଯ୍ୟ କରୁଥିବା ମହିଳା ପୋଲିସ ଏବେ ଅସୁରକ୍ଷିତ। ସେମାନେ ମଧ୍ୟ ଯୌନ ଉତ୍ପୀଡ଼ନ ଭଳି ସଙ୍ଗୀନ ଅପରାଧର ଶିକାର ହେଉଛନ୍ତି। କହିବାକୁ ଗଲେ ଏବେ ପୋଲିସ ବିଭାଗରେ କାମ କରୁଥିବା ମହିଳା କର୍ମଚାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଗତ ୩ ବର୍ଷରେ ୧୮ଟି ମାମଲା ରୁଜୁ ହେଲାଣି। ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି।

ନିକଟରେ ମହିଳା ଥାନାରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା। ଜଣେ ଇନ୍ସପେକ୍ଟର ବିବାହର ପ୍ରତିଶ୍ରୁତି ଦେଇ ମହିଳା ପୋଲିସଙ୍କୁ ନିର୍ଯାତନା ଦେଇଥିଲେ। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ପୁରୁଷ ବନ୍ଧୁଙ୍କୁ ଗିରଫ କରିଥିଲେ। ଏହିଭଳି ରାଜ୍ୟର ବିଭିନ୍ନ ଜିଲାରେ ମହିଳା ପୋଲିସ ନିଜ ବିଭାଗୀୟ ଅଧିକାରୀ ବା କର୍ମଚାରୀଙ୍କ ଦ୍ୱାରା ନିର୍ଯାତନାର ଶିକାର ହେଉଛନ୍ତି। ସେମାନେ ଅଭିଯୋଗ କଲେ ମଧ୍ୟ ଉପରିସ୍ଥ ଅଧିକାରୀ ଜାଣିଶୁଣି ମାମଲାକୁ ଚାପି ଦେଉଛନ୍ତି। ଯଦି ମହିଳା ଉପରିସ୍ଥ ଅଧିକାରୀଙ୍କ କଥା ନ ଶୁଣୁଛନ୍ତି ତେବେ ବଦଳି କିମ୍ବା ନିଲମ୍ବନ କରାଯାଉଥିବା ଦେଖିବାକୁ ମିଳୁଛି।

ଆବଶ୍ୟକ ନ ଥାଇ ରୋଗୀଙ୍କୁ ଦେଲେ ରକ୍ତ

ଉଦଳା ଉପଖଣ୍ଡ ଡାକ୍ତରଖାନାରେ ନର୍ସଙ୍କ ମନମାନି

ଉଦଳା,୧।୧୨
(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଉପଖଣ୍ଡ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବା ନାମରେ ଚରମ ଅବହେଳାର ଚିତ୍ର ସାମ୍ନାକୁ ଆସିଛି। ଆବଶ୍ୟକ ନ ଥାଇ ଜ୍ୱରରେ ପୀଡ଼ିତା ଜଣେ ରୋଗୀଙ୍କୁ ଅନ୍ୟ ଜଣେ ରୋଗୀଙ୍କ ରକ୍ତ ଦେବାରୁ ସେ ଗୁରୁତର ହୋଇପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଡାକ୍ତରଖାନା କର୍ତ୍ତୃପକ୍ଷ ଏନେଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି।

ସୂଚନା ଅନୁଯାୟୀ, ଉଦଳା ଥାନା ଡିମଗଡ଼ିଆ ଗ୍ରାମର ପାର୍ବତୀ ବିନ୍ଧାଣି ରବିବାର ମଧ୍ୟାହ୍ନରେ ଜ୍ୱର ହେବା କାରଣରୁ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେ ୨୧ ନମ୍ବର ବେଡ୍‌ରେ ରହି ଚିକିତ୍ସିତ ହେଉଥିଲେ। ସୋମବାର ମଧ୍ୟାହ୍ନରେ ଅଚାନକ ତାଙ୍କ ନାମ ଡାକିଥିଲେ ନର୍ସ ଏବଂ ରକ୍ତ ନେବା ପାଇଁ କହିଥିଲେ। ହେଲେ ରକ୍ତ ଆବଶ୍ୟକ ନାହିଁ ବୋଲି ପାର୍ବତୀଙ୍କ ପରିବାର ସଦସ୍ୟ କହିଥିବା ବେଳେ ସମ୍ପୃକ୍ତ ନର୍ସ ତାହା ଶୁଣି ନ ଥିଲେ। ପାର୍ବତୀଙ୍କଠାରେ ରକ୍ତ ଲଗାଇ ଚାଲିଯାଇଥିଲେ। କିଛି ସମୟ ପରେ ପାର୍ବତୀଙ୍କ ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ନର୍ସଙ୍କୁ ଜଣାଇ ରକ୍ତ ବନ୍ଦ କରିଥିଲେ। ଆଶ୍ଚର୍ଯ୍ୟର କଥା ପାର୍ବତୀ ବିନ୍ଧାଣି ନୁହେଁ ବରଂ ପାର୍ବତୀ କୁଅଁରଙ୍କୁ ରକ୍ତ ଦିଆଯିବାର ଥିଲା। ସେ ମେଡିକାଲର ୩ ନମ୍ବର କ୍ୟାବିନରେ ଚିକିତ୍ସାଧୀନ ଅଛନ୍ତି। ଠିକ୍ ଭାବେ ଯାଞ୍ଚ ନ କରି ନର୍ସ ମନ ଇଚ୍ଛା ରକ୍ତ ଦେଇଥିବାରୁ ତାଙ୍କ ଝିଅ ଅସୁସ୍ଥ ହୋଇଥିବା କହିଛନ୍ତି ପାର୍ବତୀଙ୍କ ମା' ପଦୁଆ ବିନ୍ଧାଣି। ଏ ସମ୍ପର୍କରେ ବ୍ଲଡ୍ ବ୍ୟାଙ୍କ ଦାୟିତ୍ୱରେ ଥିବା ଡା. ପ୍ରଜ୍ଞା ପାରମିତା ବେହେରାଙ୍କୁ ପଚାରିବାରୁ ଯେଉଁ ନର୍ସ ଏଭଳି କରିଛନ୍ତି ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି କହିଛନ୍ତି।

ପାର୍ବତୀ ବିନ୍ଧାଣି

ପଦ୍ମପୁର ଉଦ୍ଧାର କେନ୍ଦ୍ରକୁ ଗଲା ହାତୀଛୁଆ

ହାତୀଛୁଆକୁ ମା', ପଲ ଗ୍ରହଣ ନ କରିବା ଘଟଣା

କେନ୍ଦୁଝର,୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ତା'ର ମା' ଓ ପଲ ଗ୍ରହଣ ନ କରିବାରୁ ଶେଷରେ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରକୁ ପଠାଯାଇଛି। ଦୀର୍ଘ ଦିନ ଧରି ବନ ବିଭାଗ ପକ୍ଷରୁ ହାତୀଛୁଆକୁ ପଲରେ ମିଶାଇବା ଉଦ୍ୟମ କରାଯାଉଥିଲା। ବନ କର୍ମଚାରୀ ନିରାଶହେବା ପରେ ୬ ବର୍ଷର ହାତୀଛୁଆକୁ ସଦର ବ୍ଲକ୍ ପଦ୍ମପୁର ମେଗା ନର୍ସରି ପରିସରରେ ଥିବା ଶିଶୁ ୟୁନିଟ୍‌ରେ ରଖି ଦେଖାରଖା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୫ ଦିନ ପୂର୍ବେ ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଛୁଆହାତୀଟି ଏକ ୫ ଫୁଟ୍ ଖାଲରେ ପଡ଼ିଥିଲା। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନ ବିଭାଗ ସେଠାକୁ ଯାଇ ଉଦ୍ଧାର କରିଥିଲା। ତାକୁ ନ ଛୁଇଁ ଉଦ୍ଧାର କରାଯାଇଥିଲେ ହେଁ ହାତୀପଲ ଓ ତା'ର ମା' ଗ୍ରହଣ କରି ନ ଥିଲେ। ପଲରେ ମିଶାଇବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ହାତୀପଲ ଗ୍ରହଣକରି ପୁଣି ଛାଡ଼ି ଦେଉଥିଲେ। ରବିବାର ରାତିରେ ଶେଷଥର ମିଶାଇବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପଲ ଗ୍ରହଣକରି ନ ଥିଲା। ସୋମବାର ବନ କର୍ମଚାରୀମାନେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପଦ୍ମପୁରସ୍ଥିତ ମେଗା ନର୍ସରି ପରିସରରେ ଥିବା ଛୁଆହାତୀ ଉଦ୍ଧାର କେନ୍ଦ୍ର ଶିଶୁ ୟୁନିଟ୍‌ରେ ଛାଡ଼ିଥିଲେ। ସେଠାରେ ଛୁଆହାତୀର ଦେଖାରଖା କରାଯାଉଛି। ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ସାଧାରଣ ଭାବେ ଚଳପ୍ରଚଳ କରୁଛି। ଝାଡ଼ା ଓ ପରିସ୍ରା କରିପାରୁଛି। ଥରକୁ ଦେଢ଼ରୁ ୨ ଲିଟର କ୍ଷୀର ପିଉଥିବା ବେଳେ ଦିନକୁ ୫ରୁ ୬ ଥର ଦିଆଯାଉଛି। ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ଚେଷ୍ଟା କରିବା ଠିକ୍ ହେବ ନାହିଁ। ଏବେ ହାତୀ ଛୁଆର ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିବାକୁ ହେବ। ସୁସ୍ଥ ଅଛି, ଡାକ୍ତରଙ୍କ ନିରୀକ୍ଷଣରେ ରହିଛି, କୌଣସି ସମସ୍ୟା ନାହିଁ। ପିସିସିଏଫ୍ (ବନ୍ୟପ୍ରାଣୀ)ଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ନିର୍ଦ୍ଦେଶ ହେବ ସେଭଳି ପଦକ୍ଷେପ ନିଆଯିବ।

ପଦ୍ମପୁର ଉଦ୍ଧାର କେନ୍ଦ୍ରରେ ହାତୀଛୁଆ।

ବଜେଟ ଟଙ୍କା ଖର୍ଚ୍ଚକୁ ନେଇ ଗୃହ ସରଗରମ

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବଜେଟ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ରାଜ୍ୟର ବିକାଶ କିଭଳି ହେବ ବୋଲି କହି ବିରୋଧୀ ବିଜେଡି ଓ କଂଗ୍ରେସ ସୋମବାର ପ୍ରଶ୍ନକାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅର୍ଥ ବିଭାଗ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉତ୍ତର ରଖି କହିଥିଲେ, ଚଳିତବର୍ଷ ବର୍ଷା ଯୋଗୁ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ଟିକିଏ ଧିମେଇଛି। ହେଲେ ମାର୍ଚ୍ଚ ସୁଦ୍ଧା ଏହା ୧୦୦% ହେବ।

ବିଧାନସଭାର ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ବଜେଟ ଅର୍ଥର ଖର୍ଚ୍ଚ ହିସାବ ଦେବାକୁ ମନ୍ତ୍ରୀଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ପରେ ମୂଳପ୍ରଶ୍ନକର୍ତ୍ତା ବିଜେଡି ସଦସ୍ୟ ପ୍ରତାପ କେଶରୀ ଦେବ କହିଥିଲେ, ସରକାରଙ୍କ ଅଧିକାଂଶ ବିଭାଗ ଏପର୍ଯ୍ୟନ୍ତ ଧାର୍ଯ୍ୟ ଅର୍ଥ ଖର୍ଚ୍ଚ କରିପାରିନାହାନ୍ତି। କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ତାଲିକା ପ୍ରତାପ ଲୋଡ଼ିଥିଲେ। ଏହାକୁ ନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି ; ଯାହାକି ମୋଟ ବଜେଟର ୩୯ ପ୍ରତିଶତ। ସେ କହିଥିଲେ, ଗତବର୍ଷ ତୁଳନାରେ ଚଳିତ ଆର୍ଥିକବର୍ଷ ଅକ୍ଟୋବର ସୁଦ୍ଧା ଅଧିକ ଖର୍ଚ୍ଚ ହୋଇଛି। ଗତବର୍ଷ ଅକ୍ଟୋବର ସୁଦ୍ଧା ୩୬ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ଚଳିତବର୍ଷ ୩୯ ପ୍ରତିଶତ ହୋଇଛି। କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ୩୨ ପ୍ରତିଶତ ହୋଇଥିବା ବେଳେ ଏଥର ୩୬ ପ୍ରତିଶତ ହୋଇଛି। ଖାଦ୍ୟ ଯୋଗାଣ ଭଳି ବିଭାଗରେ ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି।

ଏହି ଅବସରରେ ପ୍ରତାପ ଦେବ ପ୍ରଶ୍ନ କରିଥିଲେ କି ଡବଲ ଇଞ୍ଜିନ ସରକାର କାମ କରୁଛି ନା ନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗ,ସ୍କୁଲ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶକ୍ତି, ପୂର୍ତ୍ତ, ଜଳସମ୍ପଦ ପରି ବିଭାଗର ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। କେନ୍ଦ୍ରୀୟ ଅନୁଦାନ ୪୧ ପ୍ରତିଶତ ଆଣିବାକୁ ଲକ୍ଷ୍ୟ ଥିଲା। ମାତ୍ର ୧୮ ପ୍ରତିଶତ ଅନୁଦାନ ମିଳିଛି। ସେ କହିଥିଲେ, ମୁଖ୍ୟମନ୍ତ୍ରୀ ପୂର୍ତ୍ତମନ୍ତ୍ରୀଙ୍କୁ ଭାଲୁ ଧରାଇଦେଇଛନ୍ତି। ବର୍ଷା ଯୋଗୁ ଖର୍ଚ୍ଚ ଅଟକିବା ଯଦି ଠିକ୍ କଥା ତେବେ ରାଜସ୍ୱ କେଉଁଭଳି ଭାବେ ବଢ଼ିଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ବଜେଟ ବଢ଼ିଛି କିନ୍ତୁ ଖର୍ଚ୍ଚ କମ୍ ହୋଇଛି। ସରକାରଙ୍କ ଆନ୍ତରିକତା ନାହିଁ। ଗତ ୬-୭ ମାସରେ ଯଦି ଖର୍ଚ୍ଚ ହୋଇପାରିଲା ନାହିଁ, ଆଉ ୩ ମାସରେ କିପରି ଖର୍ଚ୍ଚ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀ କ୍ୟାପିଟାଲ ଏକ୍ସପେଣ୍ଡଚର୍‌ର ପୂର୍ଣ୍ଣାଙ୍ଗ ତଥ୍ୟ ଲୋଡ଼ିଥିଲେ। ସନାତନ ବିଜୁଳି ବିକଶିତ ଗାଁ, ବିକଶିତ ଓଡ଼ିଶାର ଗୁରୁତ୍ୱ ନେଇ ଗୃହକୁ ଜଣାଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି,ଅତ୍ୟଧିକ ବର୍ଷା କାରଣରୁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ କମ୍ ରହିଥିଲା। ଏହା ସତ୍ତ୍ୱେ ମାର୍ଚ୍ଚ ମାସ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ ହେବ। ବିକଶିତ ଗାଁ ବିକଶିତ ଓଡ଼ିଶା ଗାଇଡ୍ ଲାଇନରେ ଟିକେ ପରିବର୍ତ୍ତନ ହୋଇଛି। କେନ୍ଦ୍ରୀୟ ଅନୁଦାନ ବର୍ତ୍ତମାନ ସୁଦ୍ଧା ୪୨ହଜାର ୪୨୦କୋଟିରୁ ଅଧିକ ରହିଛି। ଅର୍ଥାତ୍ ୪୧ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ରାଜ୍ୟ ପାଇ ସାରିଛି। କେନ୍ଦ୍ରୀୟ ଅନୁଦାନକୁ ନେଇ ବିରୋଧୀ କୌଣସି ଦ୍ୱନ୍ଦ୍ୱରେ ରହିବାର ନାହିଁ ବୋଲି ମନ୍ତ୍ରୀ କହିଥିଲେ।

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା। ଏଠାରେ ହିଁ ଲାଭ ହୁଏ ବହୁତ୍ୱର ଆନନ୍ଦ। ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ। -ଶ୍ରୀଅରବିନ୍ଦ

ଆରାବଳିକୁ ମାରିଦେବେ

ଆରାବଳି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଭାଗରେ ଅବସ୍ଥିତ ସବୁଠାରୁ ପୁରୁଣା ପର୍ବତମାଳା। ପ୍ରାୟ ୨୦୦ କୋଟି ବର୍ଷ ପୂର୍ବରୁ ଏହା ସୃଷ୍ଟି ହୋଇଥିଲା। ତୁଳନାତ୍ମକ ଭାବେ ଦେଖିଲେ ହିମାଳୟ ପର୍ବତମାଳା ୪୦ରୁ ୫୦ ନିୟୁତ ବର୍ଷ ପୂର୍ବେ ଗଠିତ ହୋଇଥିଲା। ଆରାବଳି ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିଲୋମିଟର ଲମ୍ବିଛି, ଯାହା ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟର ଅହମଦାବାଦରେ ସରିଛି। ଆରାବଳି ପର୍ବତମାଳା ଭାରତର ସର୍ବାଧିକ ପୁରୁଣା ଫୋଲ୍ଡ ବା ଭଙ୍ଗିଳ ପର୍ବତମାଳା ଭାବେ ଜଣାଶୁଣା। ଆରାବଳି ସମ୍ପର୍କରେ ପିଲାଟି ବେଳୁ ପଢ଼ିଛୁ ଯେ, ଏହା ଜୈବବିବିଧତା ବଜାୟ ରଖିବା ସହ ଜଳସ୍ତରକୁ ପୁନଃଭରଣ କରିଥାଏ। ଏଥିସହିତ ଏହା ଉତ୍ତର ଭାରତ ଆଡ଼କୁ ପ୍ରବାହ ହେଉଥିବା ଗରମ ପବନର ଗତିରୋଧ କରିବା ଓ ଥାର୍ ମରୁଭୂମିର ଭାରତ-ଗାଙ୍ଗେୟ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେବାକୁ ରୋକିବାରେ ସହାୟକ ହୋଇଥାଏ।

ଆରାବଳିକୁ ନେଇ ସଦ୍ୟ ଆଲୋଚନା ଆରମ୍ଭ ହୋଇଛି। ଏହାର ପ୍ରଚ୍ଛଦପଟରେ ଅଛି ସୁପ୍ରିମକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା। ଆରାବଳିକୁ ନେଇ ହୋଇଥିବା ମାମଲାର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ କମିଟି ଗଠନ କରି ଯେଉଁ ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ଦେଲେ, ତାହା ଆରାବଳି ପର୍ବତମାଳାର ସଂଜ୍ଞାରେ ପରିବର୍ତ୍ତନ ଚାହିଁଥିଲା। ମୂଳବିନ୍ଦୁଟି ରହିଲା ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାହା ଆରାବଳି ପର୍ବତ ଭାବେ ଗଣାଯିବ ନାହିଁ। ଅର୍ଥାତ୍ ମଣିଷର ଦୁଇଗୋଡ଼କୁ କାଟିଦେଇ କୁହାଯିବ ଦୌଡ଼ିବାକୁ। ଏଭଳି ଅବାଞ୍ଛିତ ମତକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନେଇଛନ୍ତି। କେବଳ ସେତିକି ନୁହେଁ, ଏଠାରେ ମନେରଖିବାକୁ ହେବ ଯେ, ଆରାବଳି ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି। ଏହି ଗୋଟିଏ ସଂଜ୍ଞା ପରିବର୍ତ୍ତନରେ ଆରାବଳିର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ। ଅତି ଚତୁରତାର ସହିତ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ଯେଉଁ ପ୍ରକାର ମନ୍ତବ୍ୟ ସବୁ ଦେଉଛନ୍ତି, ସେଥିରେ ଏକ ତ୍ରୁଟିପୂର୍ଣ୍ଣ ଛବି ସୃଷ୍ଟି ହେଉଛି। ସେମାନେ ଦର୍ଶାଉଛନ୍ତି ଯେଉଁ ୧୦ ପ୍ରତିଶତ ସୁରକ୍ଷିତ ରହିବ, ସେଥିରେ କୌଣସି ଖଣି ଖନନ ବା ବିକାଶ କାର୍ଯ୍ୟ କରାଯିବ ନାହିଁ। ସତେଯେମିତି ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଆରାବଳିର ରୂପରେଖ ସୁରକ୍ଷିତ ହୋଇଯିବ। କିନ୍ତୁ ବାସ୍ତବରେ ସେଠାରେ ଖଣି ଖନନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୃଷ୍ଟି କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୋଇଯିବ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପୂର୍ବାପେକ୍ଷା ଆରାବଳି ତା'ର ଚାରି ଭାଗରୁ ଏକ ଭାଗ ପର୍ବତ ହରାଇସାରିଲାଣି। ଏହାପଛରେ ମୁଖ୍ୟତଃ ମନୁଷ୍ୟକୃତ ବିପର୍ଯ୍ୟୟ ରହିଛି। ଏହି ପର୍ବତମାଳା କ୍ଷୟ ହେବାରେ ଲାଗିଥିବାରୁ ଭାରତର ରାଜଧାନୀ ଦିଲ୍ଲୀକୁ ଆସୁଥିବା ବାୟୁ ଅଧିକ ପ୍ରଦୂଷିତ ହେବ ବୋଲି କୁହାଗଲାଣି।

ତେଣେ ବମ୍ବେର ଅନ୍ୟ ଏକ ଘଟଣା ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି। ସେହି ବୃହତ୍ ମହାନଗର ପାର୍ଶ୍ୱରେ ଆରେ ଜଙ୍ଗଲ ଅଛି। ସେହି ଜଙ୍ଗଲକୁ କାଟି ସେଠାରେ ମେଟ୍ରୋ ରେଳର ଡିପୋ କରିବାର ଯୋଜନାକୁ କିଛି ବର୍ଷ ପୂର୍ବେ ଉଦ୍ଧବ ଠାକ୍‌ରେ ସରକାର ବନ୍ଦ କରିଦେଇଥିଲେ। ସେହି ସରକାର ପତନ ପରେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁନର୍ବାର ଆରେ ପ୍ରକଳ୍ପ ଆରମ୍ଭ କରାଗଲା, ଯାହାକୁ ସ୍ଥାନୀୟ ଜନସାଧାରଣ ପ୍ରବଳ ବିରୋଧ କଲେ। ଏବେ ଏକନାଥ ଶିନ୍ଦେ ସମର୍ଥିତ ଦେବେନ୍ଦ୍ର ଫଡନବିସଙ୍କ ଭାଜପା ସରକାର ସେହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛନ୍ତି। ତାହା ହେଲେ ବମ୍ବେ ସହରର ମୁଖ୍ୟ ଜଙ୍ଗଲର ବିରାଟକାୟ ଅଞ୍ଚଳ ଧ୍ୱଂସ ପାଇଯିବ। ସେହିଭଳି ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଚନ୍ଦକା ଜଙ୍ଗଲକୁ ପୂର୍ବ ସରକାର ଘରୋଇ କମ୍ପାନୀ ମାଧ୍ୟମରେ ଧ୍ୱଂସ କରିବା କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବିକାଶ ନାମରେ ପରିବେଶ ଧ୍ୱଂସ କାର୍ଯ୍ୟ ଚାରିଆଡ଼େ ଚାଲିଛି।

ଆଜିର ସମୟରେ ଦେଖାଯାଉଛି ଭାରତବର୍ଷର କୌଣସି ବିସ୍ତୃତ ପ୍ରାକୃତିକ ଅଞ୍ଚଳ ପଡ଼ିଥିଲେ ତାହାକୁ ବିକାଶ ନାମରେ ତତ୍‌କ୍ଷଣାତ୍ ବ୍ୟବହାର କରିଦିଆଯାଉଛି। ଏହା ଫଳରେ ଉତ୍ତରାଖଣ୍ଡରେ ନୂଆ ଚାରିଧାମ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପରିଣତି କ'ଣ ଘଟୁଛି ଦେଶବାସୀ ଜାଣିପାରିଲେଣି। ଭୂମି, ଜଳ, ବାୟୁକୁ ନ୍ୟାୟସଙ୍ଗତ ଭାବେ ଉପଯୋଗ କରାଯାଉ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ଅନୁଭୂତ ହେଲାଣି। ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସହରରେ ସାଧାରଣ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲାଣି। ଆରାବଳି ଭଳି ପର୍ବତମାଳାକୁ ଧ୍ୱଂସ କରିଦେଲେ ଉତ୍ତର ଭାରତରେ ଆହୁରି ବହୁତ ଅଞ୍ଚଳ ଖୁବ୍‌ଶୀଘ୍ର ତୀବ୍ର ପାଣିପାଗଜନିତ ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ। କିନ୍ତୁ ହାତଗଣତି କିଛି ବ୍ୟବସାୟୀ ପ୍ରବଳ ମାତ୍ରାର ଜମି ପାଇବା ସହିତ ଅର୍ଥ ଅର୍ଜନ କରିପାରିବେ। ଦେଶ ଧ୍ୱଂସ ହେଉ, କିନ୍ତୁ ଧନୀ ଆହୁରି ଅଧିକ ଧନୀ ହୁଅନ୍ତୁ। ସୁପ୍ରିମକୋର୍ଟଙ୍କ ଏଭଳି ରାୟ ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପାସୋରି ଯିବା ଉଚିତ ନୁହେଁ। ନିକଟ ଅତୀତକୁ ଦେଖିଲେ ଅବସର ଗ୍ରହଣ କରିବାର ଅଳ୍ପ କେତେକ ଦିନ ପୂର୍ବରୁ ଭାରତର ପ୍ରତ୍ୟେକ ପ୍ରଧାନ ବିଚାରପତି କେତୋଟି ମାରାତ୍ମକ ରାୟ ଦେଇ ବିଦାୟ ନେଉଛନ୍ତି। ଆରାବଳି ସମ୍ପର୍କିତ ରାୟକୁ ଅବସର ପୂର୍ବରୁ ବି.ଆର୍. ଗବଇ ରାୟ ଦେଇ ପଳାଇଗଲେ। ଏହି ରାୟ ପରେ ଗବଇ କହିଛନ୍ତି ତାଙ୍କ ମନ ଉଶ୍ୱାସିଆ ହୋଇଗଲା। ଅବସୋସର ବିଷୟ ଯେ ଦେଶର ଭବିଷ୍ୟତକୁ,ଏହିଭଳି ରାୟ, ଅନ୍ଧକାରକୁ ଠେଲିଦେଲା।

ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ରହସ୍ୟ

ଡ. ନିଖିଳାନନ୍ଦ ପାଣିଗ୍ରାହୀ

'ଯୁକ୍ତରାଷ୍ଟ୍ର ଆମେରିକା ବ୍ରୁକଲିନଠାରେ ଜନ୍ମିତ କାର୍ଲ ସାଗନ (୧୯୩୪-୯୬) ଜଣେ ଜ୍ୟୋତିର୍ବିଜ୍ଞାନୀ, ବିଶ୍ୱତତ୍ତ୍ୱବିତ୍, ନଭୋବିଦ୍ୟାବିଶାରଦ ତଥା ଜ୍ୟୋତିର୍ଜୀବତତ୍ତ୍ୱବିତ୍। ଷାଠିଏଟି ଦେଶର ୫୦୦ ନିୟୁତ ଦର୍ଶକ ଦେଖିଥିବା 'କସ୍ମୋସ' ଟେଲିଭିଜନ ଧାରାବାହିକର ସେ ପ୍ରଣେତା। ତାଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ। ଆମେ କିଏ ? ଏହି ବିଶ୍ୱବ୍ରହ୍ମାଣ୍ଡରେ ଯେତେ ନକ୍ଷତ୍ରପୁଞ୍ଜ, ଆକାଶଗଙ୍ଗା (ଗାଲାକ୍ସି) ଅଛି, ତାହାର ସଂଖ୍ୟା ଆମ ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ। ତନ୍ମଧ୍ୟରୁ ଗୋଟିଏ ଗାଲାକ୍ସିର ଏକ ବିସ୍ମୃତ କୋଣରେ ଅବସ୍ଥିତ ଥିବା ସାଧାରଣ ନକ୍ଷତ୍ରଟିର ଏକ ନଗଣ୍ୟ ଗ୍ରହର ଆମେ ହେଉଛେ ଅଧିବାସୀ। ବିଶ୍ୱବ୍ରହ୍ମାଣ୍ଡର ବିଶାଳତା ଓ ବୈଚିତ୍ର୍ୟ ସମ୍ପର୍କରେ କାର୍ଲ ସାଗନ ଏହି ପ୍ରକାରେ ବୁଝାଇଛନ୍ତି। ତେବେ ପ୍ରଶ୍ନ ଉଠୁଛି ଏହା କିପରି ସୃଷ୍ଟି ହେଲା ? ଏଥିପାଇଁ ମୁଖ୍ୟତଃ ତିନୋଟି ମତବାଦ ପ୍ରଚଳିତ। ଏହି ତତ୍ତ୍ୱମାନ ହେଉଛି : ଷ୍ଟେଡି ଷ୍ଟେଟଥିଓରି ଅଫ୍ ୟୁନିଭର୍ସ, ବିଗ ବ୍ୟାଙ୍ଗ ଥିଓରି, ପଲସେଟିଙ୍ଗ ଥିଓରି।

ଷ୍ଟେଡି ଥିଓରିର ପ୍ରବର୍ତ୍ତକ ହେଉଛନ୍ତି ଅଷ୍ଟ୍ରିଆନ-ବ୍ରିଟିଶ୍ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ହରମାନ ବଣ୍ଡି (୧୯୧୯-୨୦୦୫), କାମ୍ବ୍ରିଜର ଜ୍ୟୋତିର୍ବିଜ୍ଞାନ ଅନୁଷ୍ଠାନରେ ଏକଦା କାର୍ଯ୍ୟରତ ଥିବା ବ୍ରିଟିଶ୍ ବିଜ୍ଞାନୀ ଫ୍ରେଡ୍ ହୟେଲ (୧୯୧୫-୨୦୦୧) ଓ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ ଗୋଲ୍ଡ (୧୯୨୦-୨୦୦୪)। ପରବର୍ତ୍ତୀ କାଳରେ ଉଇଲିଅମ ଡଙ୍କାନ ମ୍ୟାକମିଲାନ ଓ ଅନ୍ୟ କେତେ ଜଣ ବିଶିଷ୍ଟ ବିଜ୍ଞାନୀ ଏହାର ସମର୍ଥକ ହେଲେ। ଏହି ଥିଓରି ଅନୁସାରେ ବିଶ୍ୱ ଅବିରତ ଭାବେ ସଂପ୍ରସାରିତ ହେଉଛି। କିନ୍ତୁ ସଦାସର୍ବଦା ଏହାର ସାନ୍ଦ୍ରତା ତଥା ବାହ୍ୟ-ରୂପ (ଆପିଅରେନ୍ସ) ଅପରିବର୍ତ୍ତନୀୟ ରହେ। ପୁରୁଣା ବସ୍ତୁ ଧ୍ୱଂସପ୍ରାପ୍ତ ହୁଏ। କିନ୍ତୁ ନୂତନ ଭାବେ ହାଇଡ୍ରୋଜେନ ସମଷ୍ଟି ସୃଷ୍ଟି ହୋଇ ସାନ୍ଦ୍ରତା ପୂର୍ବବତ୍ ମାପକୁ ବଜାୟ ରଖେ। ବ୍ରହ୍ମାଣ୍ଡ ସର୍ଜନାର ନିର୍ଦ୍ଦିଷ୍ଟ ଆରମ୍ଭ ଓ ବିଲୟ ସମୟ ନାହିଁ। ବିଂଶ ଶତାବ୍ଦୀରେ କେତେକ ପ୍ରମୁଖ ବୈଜ୍ଞାନିକଙ୍କ ଦ୍ୱାରା ଯଦିଓ ଏହା ସମର୍ଥିତ ହୋଇଥିଲା କିନ୍ତୁ; ସମୟ କ୍ରମେ ବିଭିନ୍ନ ପରୀକ୍ଷା-ନିରୀକ୍ଷାର ଫଳ ଏହା ସପକ୍ଷରେ ପ୍ରାପ୍ତ ନ ହେବାରୁ ଏହା ଗ୍ରହଣୀୟତା ହରାଇଲା। ପ୍ରକାଶଥାଉ କି ଏହି ମତ ପ୍ରଣୟନ ହେବାର ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍ ୧୯୩୧ରେ ଗୋଟିଏ ଗବେଷଣା-ନିବନ୍ଧ ପ୍ରକାଶ କରି ଏହି ତତ୍ତ୍ୱର ମୂଳଦୁଆ ପକାଇଥିଲେ। କିନ୍ତୁ ପରେ ଏହା ତାଙ୍କ ଜୀବନର ଭୁଲ୍ ବୋଲି ସ୍ୱୀକାର କରି ଏଥିରୁ ଓହରି ଯାଇଥିଲେ। ଷ୍ଟେଡି ଷ୍ଟେଟ୍ ଥିଓରି ବିପକ୍ଷରେ ୧୯୫୦ ଦଶକରେ କ୍ୟାମ୍ବ୍ରିଜ୍‌ର ରେଡିଓ-ଆଷ୍ଟ୍ରୋନମର୍ ସାର୍ ମାର୍ଟିନ ରାଇଲ (୧୯୧୮-୮୪)

ପ୍ରତିକୂଳ ପ୍ରମାଣ ଉପସ୍ଥାପନ କଲେ। ନକ୍ଷତ୍ରପୁଞ୍ଜର କେନ୍ଦ୍ରରେ ବିଦ୍ୟମାନ ଅତ୍ୟନ୍ତ ଦୀପ୍ତ କ୍ୱାସର୍ ନାମକ ଖଗୋଳୀୟ ପିଣ୍ଡର ଉପସ୍ଥିତି ଷ୍ଟେଡି ଷ୍ଟେଟ୍ ଦ୍ୱାରା ବୁଝାଇ ହେଲା ନାହିଁ। ପୁଣି ଆମ ନିକଟରେ ଥିବା ରେଡିଓ-ଗାଲାକ୍ସିର ସଂଖ୍ୟାଠାରୁ ଦୂରସ୍ଥିତ ଏତାଦୃଶ ନକ୍ଷତ୍ରପୁଞ୍ଜର ସଂଖ୍ୟା ଅଧିକ। ଏହା ସୂଚାଏ ଯେ, ବିଶ୍ୱ ସମୟ କ୍ରମେ ବିବର୍ତ୍ତିତ ହୋଇଛି, ଯାହା କି ଡାରଉଇନ ଜୀବଜଗତ ସମ୍ପର୍କରେ କହିଥିଲେ।

ବିଗ ବ୍ୟାଙ୍ଗ ଥିଓରି ହେଉଛି ଷ୍ଟେଡି ଷ୍ଟେଟ ମତର ପରିପନ୍ଥୀ। ଏହି ଥିଓରିର ନାମକରଣ ପ୍ରତିଦ୍ୱନ୍ଦ୍ୱୀ ଫ୍ରେଡ ହେୟେଲଙ୍କ ଏଥିପ୍ରତି ଅପମାନସୂଚକ ଶବ୍ଦ 'ବିଗ୍ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରଣ)ରୁ ଆହରଣ କରାଯାଇଛି। ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ବେଲଜିଅମର ଜଣେ ଧର୍ମଯାଜକ ଫାଦର ଜର୍ଜ ଲିମଟର। ବ୍ରହ୍ମାଣ୍ଡ ଏକ ମହାଜାଗତିକ ଅଣୁ (କସ୍ମିକ ଆଟମ୍)ରୁ ଜାତ ବୋଲି ସେ କହିଲେ। ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡ୍‌ୱିନ ହୁବଲ ଆବିଷ୍କାର କଲେ ଯେ, ବହୁ ଦୂରରେ ଥିବା ନକ୍ଷତ୍ରପୁଞ୍ଜମାନ ଆମ ଗ୍ରହଠାରୁ ବିଭିନ୍ନ ଦିଗରେ ଦୂରେଇ ଯାଉଛନ୍ତି। ପୁଣି ସେମାନଙ୍କ ଦୂରତା ଆମଠାରୁ ଯେତେ ଅଧିକ, ସେହି ପ୍ରକାରେ ସେମାନଙ୍କ ଗତି ଆନୁପାତିକ ଭାବେ ବଢ଼ିଥାଏ। ବହୁ ଗବେଷକ ପରୀକ୍ଷା କରି ଏହି ଫଳାଫଳର ସତ୍ୟତା ସିଦ୍ଧ କଲେ। ଏହା ପ୍ରମାଣ କଲା ଯେ, ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଛି। ପ୍ରକାରାନ୍ତରେ ବହୁ ବର୍ଷ ପୂର୍ବେ ସମସ୍ତ ବସ୍ତୁ ଓ ଶକ୍ତି ଗୋଟିଏ ଅତ୍ୟନ୍ତ ଉତ୍ତପ୍ତ ଓ କ୍ଷୁଦ୍ର ଆକାରରେ କେନ୍ଦ୍ରୀଭୂତ ହୋଇଥିଲା। ତେବେ ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ଯାହା ହେଉଛି 'ବିଗ ବ୍ୟାଙ୍ଗ'। ତା'ପରେ ଆରମ୍ଭ ହେଲା ଚର୍ତୁର୍ଦ୍ଦିଗରେ ବସ୍ତୁ ଓ ଶକ୍ତିର ଅଗ୍ରଗମନ। ଆମେ ଯଦି ଏହି ପରିକଳ୍ପନା ସ୍ୱୀକାର କରୁ ତେବେ ଧରାଯିବ ଯେ, ମହାକାଶର ସାଂପ୍ରତିକ ତାପମାତ୍ରା ପରମଶୂନ୍ୟ (ଆବସୋଲ୍ୟୁଟ ଜିରୋ)ଠାରୁ ଅଧିକ ହେବ। ୧୯୯୧ରେ କସ୍ମିକ ମାଇକ୍ରୋୱେଭ ବ୍ୟାକଗ୍ରାଉଣ୍ଡ ଏକ୍ସପ୍ଲୋରର୍ (ସିଓବିଇ) ଉପଗ୍ରହ ଯେଉଁ ବର୍ଣ୍ଣାଳୀ ରେକର୍ଡ କଲା, ତାହା ବିଗ୍ ବ୍ୟାଙ୍ଗ ପୂର୍ବରୁ ସୂଚନା ଦେଇଥିବା ନିଷ୍କର୍ଷ ସହ ସଂପୂର୍ଣ୍ଣ ମେଳ ଖାଇଲା।

ଯେତେବେଳେ ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଲା, ବସ୍ତୁଗୁଡ଼ିକ ମିଳିତ ହୋଇ କେନ୍ଦ୍ରୀଭୂତ ହେବା ସହ ଘୂର୍ଣ୍ଣୟମାନ ହେଲେ। ଏହା ହେଉଛି ନକ୍ଷତ୍ରପୁଞ୍ଜର ପ୍ରାଥମିକ ଅବସ୍ଥା। ନକ୍ଷତ୍ରପୁଞ୍ଜର ଏହି ଆଦ୍ୟ ଅବସ୍ଥାରେ ଚାପ-ପରିବର୍ତ୍ତନ ଦ୍ୱାରା ଗ୍ୟାସ ଓ ଧୂଳିକଣାର ନିର୍ଦ୍ଦିଷ୍ଟ ସମଷ୍ଟିମାନ ଘଟିଲା। ଏହି ସମାହାରମାନଙ୍କ ମଧ୍ୟରୁ କେତୋଟିରେ ଅଧିକ ବସ୍ତୁ ଏକତ୍ରିତ ହେଲେ ଏବଂ ଉପଯୁକ୍ତ ବଳର କାର୍ଯ୍ୟକାରିତା ତଥା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ସେଇ ସମଷ୍ଟିରେ ପତନ ଦେଖାଦେଲା। ଯେଉଁ କ୍ଷେତ୍ରରେ ଅତ୍ୟଧିକ ସଂକୋଚନ ଘଟେ, ନ୍ୟୁକ୍ଲିଅର ପ୍ରତିକ୍ରିୟା ଯୋଗୁ ନକ୍ଷତ୍ର ସୃଷ୍ଟି ହୁଏ।

କେବଳ ବ୍ରହ୍ମାଣ୍ଡ ନୁହେଁ, ଛାୟାପଥ (ମିଲ୍‌କି ୱେ)ର ବୟସ ମଧ୍ୟ ଅନୁମାନ କରାଯାଇଛି। ଛାୟାପଥ ହେଉଛି ଏକ ବିରାଟ ତାରକାଗୁଚ୍ଛ (ଗାଲାକ୍ସି), ଯେଉଁଥିରେ ସୌରମଣ୍ଡଳ ଅବସ୍ଥିତ। ଏଥିରେ ଗୁଚ୍ଛବଦ୍ଧ ଥିବା ନକ୍ଷତ୍ର-ସମାହାରରେ ସ୍ୱଭାବତଃ ହାଲୁକା ଓଜନ ବହନ କରୁଥିବା ହାଇଡ୍ରୋଜେନ ଓ ହିଲିଅମ ଅପେକ୍ଷା ଭାରି ଅଣୁଙ୍କ ସଂଖ୍ୟା କମ୍। ଏହା ସୂଚାଏ ଯେ, ଛାୟାପଥର ବୟସ ଏଗାରରୁ ଷୋହଳ ବିଲିଅନ ବର୍ଷ ମଧ୍ୟରେ। ତେଜସ୍କ୍ରିୟ ମୌଳିକ ଉପାଦାନ (ରେଡିଓଏକ୍ଟିଭ୍ ଏଲିମେଣ୍ଟ) ପଦ୍ଧତି ମଧ୍ୟ ଏହି ବୟସକୁ ଦୃଢ଼ୀକରଣ କରୁଛି।

ସୌରମଣ୍ଡଳ ଓ ପୃଥିବୀର ବୟସ ନିର୍ଣ୍ଣୟ କରିବାକୁ ରେଡିଓ-ଆକ୍ଟିଭ୍ ଏଲିମେଣ୍ଟମଙ୍କୁ ଟାଇମ୍-କିପର୍ (ସମୟ ନିର୍ଦ୍ଧାରକ) ଭାବେ ବ୍ୟବହାର କରାଯାଇଛି। ଆପୋଲୋ ଚନ୍ଦ୍ର ଯାତ୍ରାରୁ ଆନୀତ ଚନ୍ଦ୍ରର ମୃତ୍ତିକା ପରୀକ୍ଷଣରୁ ପୃଥିବୀ ସମେତ ସୌରମଣ୍ଡଳର ବୟସ ୪.୪ରୁ ୪.୫ ବିଲିଅନ ବର୍ଷ ମଧ୍ୟରେ। କାନାଡ଼ା ଓ ପଶ୍ଚିମ ଅଷ୍ଟ୍ରେଲିଆରୁ ସଂଗୃହୀତ ପ୍ରାଚୀନତମ ଶିଳା ପରୀକ୍ଷା ଏହି ସଂଖ୍ୟା ପ୍ରାୟ ୪.୩ ବିଲିଅନ ବର୍ଷ ବୋଲି ନିର୍ଦ୍ଧାରଣ କରିଛି। ଉଲ୍ଲେଖନୀୟ ଯେ, ସୂର୍ଯ୍ୟ ଓ ପୃଥିବୀକୁ ସମବୟସ୍କ ବୋଲି ଧରାଯାଏ।

ଅନ୍ୟ ଏକ ମତବାଦ ହେଉଛି ପଲସେଟିଙ୍ଗ ଥିଓରି, ଯାହାକି ଆସିଲେଟରି ୟୁନିଭର୍ସ ବା ବିଗ୍‌କ୍ରଞ୍ଚ ମଡେଲ ଭାବେ ନାମିତ। ଏହାର ଚିତ୍ର ଦୋଳନ (ଅସିଲେସନ) ବିଷୟରେ ଆମକୁ ସ୍ମରଣ କରାଯାଏ। କାନ୍ଥ ଘଡ଼ିର ଦୋଳକ (ପେଣ୍ଡୁଲମ)ର ଗତିରୁ ସ୍ପଷ୍ଟ ହୁଏ ଯେ, ଏହା ଗୋଟିଏ ସୀମା ପଟକୁ ଯିବା ପରେ ସେଠାରୁ ବାହୁଡ଼ି ବିପରୀତ ଦିଗର ସୀମାକୁ ଛୁଏଁ। ଏହି ପ୍ରକାରେ ଏହାର ଏପଟ-ସେପଟ ଗତି ଚାଲୁ ରହେ। ସେମିତି ଯଦି ବିଗ୍ ବ୍ୟାଙ୍ଗ ଘଟିଛି, ବିପରୀତ ପ୍ରତିକ୍ରିୟା ଭାବେ ବିଗ୍ କ୍ରଞ୍ଚ ଏଥିରୁ ଘଟିବ। ଅର୍ଥାତ୍ ଯେଉଁ ଅବସ୍ଥାରୁ ତା'ର ପ୍ରାରମ୍ଭ, ପୁଣି ସଂକୁଚିତ ହୋଇ ସେଇ ସ୍ଥିତିରେ ଉପନୀତ ହେବ। କିନ୍ତୁ ଏହା ସେମିତି ହୋଇ ଅଟକି ଯିବ ନାହିଁ। ତାହା ପୁଣି ସଂପ୍ରସାରିତ ହେବ। ଏହି ଧରଣରେ ସଂପ୍ରସାରଣ ଓ ସଂକୋଚନ ପ୍ରକ୍ରିୟା ନିରନ୍ତର ଘଟିବ। ସଂକୋଚନର କାରଣ ହେଉଛି ମାଧ୍ୟାକର୍ଷଣ ବଳ। ଏହାର ସମର୍ଥକ ବି ଥିଲେ ଆଇନଷ୍ଟାଇନ। ସେ ଯାହାହେଉ, ଏହି ତତ୍ତ୍ୱରୁ ମିଳେ ନିରନ୍ତର କ୍ରିୟାଶୀଳ ସୃଷ୍ଟିଚକ୍ରର ବାର୍ତ୍ତା।

ମୋ:୯୦୭୮୭୪୩୮୪୩

ତୁମ ପାଇଁ ଅଛି ମୁଁ

ଡ. ଦ୍ୟୁତୀ ଚନ୍ଦ୍ର ସାହୁ

ମୁଁ ତୁମ ପାଇଁ/ତୁମେ ମୋ ପାଇଁ/କୋଳାକୋଳି ହେବା ଆମେ / ଦୁହେଁ ଦୁହିଁଙ୍କ ପାଇଁ/ ସବୁକିଛି ଆମର/ ପର କଥା କି ଦରକାର /ବାକି ଯାହା ଛିଛାକର/ ଏତିକି କହି ଚିରୁଡ଼ାଏ ଟା'କୁ ଶୋଷିଦେଲେ ଧନ ମଉସା। ଗାଁର ଆଶୁକବି। ବଡ଼ ଗମାତିଆ ଲୋକ। ତାଙ୍କୁ କଥାରେ ଟିକେ ଚିମୁଟେଇଦେଲେ ମୁହଁରୁ ବାହାରିବ କବିତା ସାଏଁ ସାଏଁ। ରାଜ୍ୟ ତଥା ଦେଶର ବିଶେଷ ପରିସ୍ଥିତିରେ ଗାଁ ଚା'ଖଟିରେ ଟିକେ ଉଷ୍ମତା ବଢ଼ିଯାଏ। ସେଠି ଧନ ମଉସା ଆସିଗଲେ ଚର୍ଚ୍ଚା ରୋଚକ ହୋଇଯାଏ। ଧନ ମଉସା ଟାଉଁ ଟାଉଁ କବିତା ଗାଇ ଦେଲେ ଚା' ପିଉ ପିଉ। ଆଉ ବିଳମ୍ବ ନ କରି ବିଲକୁ ତରତର ହୋଇ ଚାଲିଗଲେ ସିନା ଗୁଡ଼ାଏ କଥା କବିତା ଭିତରେ ଛାଡି ଦେଇଗଲେ।

ଅନେକ ସମୟରେ ଆମକୁ କେହି ନା କେହି କହେ ଜମା ଚିନ୍ତା କରନି। ମୁଁ ପା ଅଛି। ସେତକ ଆଶ୍ୱାସନାରେ ମନ ଓ ହୃଦୟ ପୂରିଯାଏ। ଶତ ସିଂହର ବଳ ମିଳିଯାଏ। ଭଙ୍ଗା ମନ କ୍ରମଶଃ ଯୋଡିବା ଆରମ୍ଭ ହୁଏ। ପୁଣି ବଳ ଗୋଟାଇବାକୁ ମନ ହୁଏ। ଏହି ପୃଥିବୀରେ ଆସିବାମାତ୍ରେ ସମସ୍ତେ ଆମକୁ ନାମ, ପରିଚୟ, ଦାୟିତ୍ୱ ଦେଇଥାନ୍ତି। କିନ୍ତୁ କେବଳ କିଛି ଜଣେ ଅଲଗା ଲୋକ ଥାଆନ୍ତି ଯେଉଁମାନେ ଆମର ମନକୁ ଧରି ରଖନ୍ତି। ଲୁହଆସିବା ପୂର୍ବରୁ ସେମାନେ ଅନୁଭବ କରନ୍ତି। ହୃଦୟର କଥାକୁ ଧରି ସେହି ମୁହଁରେ ହସ ଫେରାଇ ଚକଚକିଆ କରିଦିଅନ୍ତି। ସେଇ ଜଣଙ୍କ ନିଶ୍ଚୁପରେ କହିଦିଏ କଥା 'ତୁମ ପାଇଁ ଅଛି ମୁଁ।' ଦୁଃଖକୁ ଜାଣିପାରେ। ମନକୁ ବୁଝିପାରେ। କାରଣ ସେ ସମ୍ପର୍କ କେବଳ କଥାରେ ସୀମିତ ନୁହଁ, ତାହା ହୃଦୟସ୍ପର୍ଶରେ ସମାହିତ। ଯେବେ ତୁମ ଛୋଟ ଛୋଟ କଥାରେ ଲୁହ ଲୁଚାଇ ରଖ। ସେ ବୁଝିଯାଏ। ଜୀବନ କେତେ ଧାଇଁ ଚାଲେ। ସକାଳରୁ ସନ୍ଧ୍ୟା, ଶୀତରୁ ଗ୍ରୀଷ୍ମ। ଦିନ ଶେଷରେ ଯେବେ ସବୁ ଆଲୋକ ଲିଭିଯାଏ। ଅନ୍ଧାର ମାଡି ଆସେ ସେତେବେଳେ ସେ ମନେପଡ଼େ। ଜୀବନର ଦୁର୍ବିପାକରେ ସେ ଛାଏଁ ଛାଏଁ ମନରେ ବସା ବାନ୍ଧେ। ହୃଦୟ ଭିତରେ ଗୋଟିଏ ଧ୍ୱନି ଅନୁରଣିତ ହୁଏ 'ମୋ ପାଇଁ ସେ ଅଛି।' ପୃଥିବୀ ବଦଳିଯାଇପାରେ, ପରିସ୍ଥିତି ଓଲଟିଯାଇପାରେ। କିନ୍ତୁ ଏହି ସତ୍ୟ ବଦଳିପାରେନି ତୁମ ପାଇଁ କିଏ ଜଣେ ଅଛି। ସେଇ ସ୍ନେହ ଓ ଶ୍ରଦ୍ଧା ଅବିଚଳିତ। ଯେବେ ତୁମ ସଫଳତା ମଞ୍ଚରୁ ଫେରି ଆସ। ହସୁଥିବା ମୁହଁରେ ଗର୍ବର ଆଲୋକ ମିଶିଥାଏ। ସେତେବେଳେ ଆପଣଙ୍କ ହୃଦୟ କହେ,'ଦେଖ, ସେ ଥିଲା ; ଆଜି ବି ଅଛି ବୋଲି ସୁରୁଖୁରୁରେ ସବୁ ହୋଇଗଲା।' ଆଉ ଯେବେ ବିଫଳତାର ଅନ୍ଧାର ରାତିରେ ତୁମ ମନ କ୍ଳାନ୍ତ, ସନ୍ଦେହରେ ଭାରି ଭାରି ଲାଗେ ସେତେବେଳେ ତା'ର ଅଦୃଶ୍ୟ କଣ୍ଠ ତୁମକୁ ମୃଦୁ ସ୍ୱରରେ କହିବ – ପୁଣି କି ଚିନ୍ତା ? 'ତୁମ ପାଇଁ ଅଛି ମୁଁ'।

ତୁମ ଜୀବନରେ ଯେବେ ବିଚଳିତରେ ଝାଳ ବହିଯାଉଥାଏ, ତୁମ ହୃଦୟ ଥକିଯାଏ। ତା'ର ହାତ ତୁମ ପିଠିରେ ହୋଇପାରେ ଗଛର ଛାଇ। ତା'ର କାନ୍ଧ ହେବ ସେଇ ଆଶ୍ରୟ ଯେଉଁଠାରେ ତୁମେ ନିର୍ଭୀକ ହୋଇପାରିବ। ତା'ର ସ୍ନେହ ହେଉଛି ଯୁଦ୍ଧପରର ମିଳୁଥିବା ଶାନ୍ତି। ତୁମ ପାଇଁ ରଖିଥିବା ସରଳ ଆଶ୍ରୟ। ମନେରଖନ୍ତୁ ତୁମେ କେବେ ଏକା ନୁହଁ। ତୁମର ଦୁଃଖକୁ ହସରେ ପରିଣତ କରିବା ପାଇଁ କିଏ ଜଣେ ଅଛି। ତୁମର ଲୁହକୁ ଶବ୍ଦ ବିନା

ବୁଝିବା ପାଇଁ ସେ ଅଛି। ତୁମ ହୃଦୟରେ ସାହସ ଭରିବାକୁ, ତୁମ ଆଖିରେ ସ୍ୱପ୍ନ ଜଳାଇ ରଖିବାକୁ ତୁମ ପାଇଁ ଆଉ କିଏ ଅଛି। ଦୁନିଆର ଏହି ଭିଡ଼-ଭାଡ଼ ମଧ୍ୟରେ ଯେବେ ଚୁପଚାପ ହେଇ ତୁମ ପଛ ବୟସକୁ ମନେପକାଉଥିବ। ସେ ମନେ ପଡେ। ଜୀବନ ଯେତେ ଜଟିଳ ହେଉ, ସମୟ ଯେତେ ଅନିଶ୍ଚିତ ହେଉ, ତୁମ ହସର ମୂଲ୍ୟ ତାରି ପାଖରେ ସବୁଠାରୁ ଅଧିକ। ତୁମ ଦୁଃଖ ତାରି ଅଶାନ୍ତି। ତୁମ ସଫଳତା, ତା'ର ଗର୍ବ। ତୁମ ହସ, ତା'ର ପରିପୂର୍ଣ୍ଣତା।

ଏବେ ପ୍ରଶ୍ନ ଉଠେ 'ତୁମ ପାଇଁ ଅଛି କିଏ ?' ସେ ହୋଇପାରନ୍ତି ଆମ ମାତାପିତା, ଆମ ମିତ୍ର, ପତି କିମ୍ବା ପତ୍ନୀ, ଭାଇ ଭଉଣୀ, ବନ୍ଧୁବାନ୍ଧବ ଅବା ଆମ ସମାଜ, କିମ୍ବା ସମସ୍ତ ସୃଷ୍ଟି, ଯାହା ପାଇଁ ଆମ ଅସ୍ତିତ୍ୱ ଅର୍ଥମୟ। ଜଣେ ମା' କହେ 'ପୁଅ, ତୋ ପାଇଁ ଅଛି ମୁଁ'। ସେହି ହେଉଛି ନିଷ୍ଠା। ଜଣେ ସେନାନୀ କହେ 'ଦେଶ ପାଇଁ ଅଛି ମୁଁ'। ଏହା ହେଉଛି ବଳିଦାନ। ଜଣେ ଶିକ୍ଷକ କହନ୍ତି 'ତୁମର ଭବଷ୍ୟତ ପାଇଁ ଅଛି ମୁଁ' ଏହା ହେଉଛି ଜ୍ଞାନଦାନର ତପସ୍ୟା। ଜଣେ ପ୍ରେମିକା କି ପ୍ରେମିକ କହେ 'ତୁମ ପାଇଁ ମୁଁ ପରା ଅଛି।' ଏହା ପବିତ୍ର ପ୍ରେମ। ଏସବୁ କେବଳ ଏକ ସମ୍ପର୍କ ନୁହେଁ। ଏହା ଜୀବନର ସର୍ବୋଚ୍ଚ ସତ୍ୟ। ଅହଂ ପରିବର୍ତ୍ତିତ ହୁଏ ମମତାରେ, ଶ୍ରଦ୍ଧାରେ, କରୁଣାରେ ଓ ପ୍ରେମରେ। ଏଠି ସୂର୍ଯ୍ୟ କୁହେ 'ଅନ୍ଧାର ପାଇଁ ଅଛି ମୁଁ।' ରାତି କୁହେ 'ଆତ୍ମାକୁ ଶାନ୍ତି କରିବାକୁ ଅଛି ମୁଁ।' ପ୍ରବଳ ତରଙ୍ଗ କୁହେ 'ଉଠିବାକୁ ଚେଷ୍ଟା କର, ପଡ଼ିଲେ ଧରିବାକୁ ଅଛି ମୁଁ।' ପ୍ରକୃତି କିନ୍ତୁ ଯାହା କହେନି, ସେହି ନୀରବତାକୁ ଆମେ ଶୁଣି ବି ଅଜଣା ହେଉ। ସେ କହେ ସକଳ ସୃଷ୍ଟିହେଉଛି ମୁଁ। ଆଉ କେବଳ ତୁମ ପାଇଁ ଅଛି ମୁଁ।

ଆଜି ଯେଉଁଠି ଧନ, କ୍ଷମତା, ପଦ ଓ ସ୍ୱାର୍ଥ ମହତ୍ତ୍ୱ ପାଉଛି, ସେଠି ଏହିତତ୍ତ୍ୱ ଆମକୁ ମନେପକାଏ ଜୀବନ କେବଳ ନିଜ ପାଇଁ ନୁହେଁ, ଅନ୍ୟଙ୍କ ପାଇଁ ହେଲେ ତାହାର ଅର୍ଥ ରହେ। ଯଦି ଜଣେ ଡାକ୍ତର ରୋଗୀ ପାଇଁ, ଜଣେ ବିଜ୍ଞାନୀ ମାନବଜାତି ପାଇଁ, ଜଣେ ଛାତ୍ର ତାଙ୍କ ପରିବାର ଓ ଦେଶ ପାଇଁ, ନେତା ସମାଜ ସେବା ପାଇଁ ସମର୍ପିତ ହୁଅନ୍ତି, ତେବେ ସେହି ହେଉଛି 'ତୁମ ପାଇଁ ଅଛି ମୁଁ'ର ସ୍ୱରୂପ। ଏକଥା ବୁଝିବାକୁ ମଣିଷକୁ ବହୁତ ସମୟ ଲାଗେ। ଜୀବନର ସବୁ ଭାଗ ସରି ଆସିଲା ପରେ ଶେଷରେ ବୟସର ଭାରରେ ସବୁ ଉଦ୍ଦାମପଣ ସରି ସରି ଗଲେ ସେତେବେଳେ ମନେପଡନ୍ତି ଅନ୍ୟ ମଣିଷମାନେ। ଜୀବନଟା ଭାରି ନିଃସ୍ୱ ଲାଗେ।

ଜୀବନର ଆରମ୍ଭ ହୁଏ 'ମୁଁ'ରୁ । ମୋ ଶରୀର, ମୋ ପାଇଁ ଥିବା ସୁଖ, ମୋ ଆକାଂକ୍ଷା ସବୁକିଛି ମୋର ବୋଲି ମନେ ହୁଏ ଏକ ସମୟରେ। କିନ୍ତୁ ଯେବେ 'ମୁଁ' ନିଜ ସୀମା ଛାଡ଼ି 'ତୁମ' ପାଇଁ ବଞ୍ଚିବା ଶିଖେ, ସେଠାରୁ ଆରମ୍ଭ ହୁଏ ମନୁଷ୍ୟରୁ ମଣିଷତ୍ୱ ଯାତ୍ରା। ତା'ପରେ ଜୀବନ ଏକ ନିଜସ୍ୱ କାହାଣୀ କହେ। ଏହା ହୁଏ ସମଗ୍ର ସୃଷ୍ଟି ପାଇଁ ଗାଥା। ଓଲଟିଯାଏ ଆମର ଚିନ୍ତା ଓ ଚେତନା। ସେଇଠୁ ଏକ ପ୍ରେମମୟ ଘୋଷଣା ଆତ୍ମ ଜାଗ୍ରତ ହୁଏ 'ତୁମ ପାଇଁ ଅଛି ମୁଁ।' ଆମେ ସବୁବେଳେ ଏମିତିରେ କହୁ 'ମୁଁ ଅଛି'। କିନ୍ତୁ ଯେତେବେଳେ ଆମେ କହୁ 'ତୁମ ପାଇଁ ଅଛି ମୁଁ। ସେତେବେଳେ ମାନବ ଜୀବନର ନୂଆ ଦ୍ୱାର ଖୋଲିଯାଏ। ସେଇ ଦ୍ୱାରର ଚାବିକାଠି ଖାସ୍ ଆପଣଙ୍କ ହାତରେ। ଥରେ ଖୋଲି ଦେଖନ୍ତୁ ନା ଆପଣଙ୍କୁ ବି ବାକି ଲୋକ କହିବେ – ତୁମ ପାଇଁ ଅଛି ମୁଁ !

ମୋ: ୯୪୩୭୯୦୯୬୭୧

ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ। ଏହି ଜାତୀୟ ପକ୍ଷୀର ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଏମାନଙ୍କୁ ଶିକାର କରିଥାନ୍ତି। ବ୍ୟାପକ ଶିକାର ହେତୁ ସମୟକ୍ରମେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଲା ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ। ଏହାକୁ ଲକ୍ଷ୍ୟକରି ଘୋରା ଆଭେ ସୋସାଇଟି ନାମକ ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ଏବଂ ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ। ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ଏବଂ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ଆଲୁମ୍‌ନି ଆସୋସିଏଶନ ସାମିଲ ହୋଇଛନ୍ତି। ଅରୁଣାଚଳପ୍ରଦେଶର ନାଇଶି ସମ୍ପ୍ରଦାୟର ଆଦିବାସୀମାନେ ହର୍ନବିଲଙ୍କୁ ଶିକାର କରି ସେମାନଙ୍କ ମାଂସ ଖାଇବା ସହ ଅଣ୍ଡା ବିକ୍ରି କରିଥାନ୍ତି। ଏବେ ଏହି ଆଦିବାସୀଙ୍କୁ 'ନେଷ୍ଟ ପ୍ରୋଟେକ୍ଟର' ବା ସଂରକ୍ଷକ ଭାବେ ଘୋଷଣା କରାଯାଇଛି। ଏମାନେ ବନ ହର୍ନବିଲଙ୍କ ସୁରକ୍ଷା କରିବା ସହ ସେମାନଙ୍କ ଛୁଆ କିଭଳି ମୃତ୍ୟୁମୁଖରେ ନ ପଡ଼ନ୍ତି ସେଥି ପାଇଁ ବସାରୁ ଛୁଆଙ୍କୁ ଉଦ୍ଧାର କରୁଛନ୍ତି। ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି। କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବର୍ଷକୁ ୬.୦୦୦ରୁ ୧୦,୦୦୦ ଗଛ ଲଗାଯାଉଛି।

୫୦ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୭୬

- ୧୩ଟି ରାଜ୍ୟର ମୋଟ ୩୧ଟି ନୂଆ ପରିକଳ୍ପନା ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କରଣ କର୍ପୋରେଶନ ୯ କୋଟି ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି।
- ବାଂଲାଦେଶର ସାମରିକ ଶାସନ କର୍ତ୍ତୃପକ୍ଷଙ୍କ ଆଦେଶରେ ପୂର୍ବତନ ରାଷ୍ଟ୍ରପତି ସାଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ସମେତ ୯ ନେତା ଗିରଫ।

ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା ।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି ।
-(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

su|do|ku Puzzles by Srikant Ghosh — ସୁ-ଡୋ-କୁ

	3	7			6		5	9
5				4				
		2			1			
								5
	5	1	7		3	9		
8								6
1						7		
	8				4			2
				6	8			

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

7	9	2	5	6	3	4	8	1
1	4	5	9	7	8	3	6	2
8	3	6	4	1	2	5	7	9
9	6	7	1	4	5	8	2	3
3	8	4	2	9	7	1	5	6
2	5	1	3	8	6	7	9	4
4	2	8	6	5	1	9	3	7
6	7	9	8	3	4	2	1	5
5	1	3	7	2	9	6	4	8

ଗତକାଲିର ଉତ୍ତର

ପାଠକ ଶ୍ରେଷ୍ଠ ବିଚାରକ

ଅର୍ଜୁନ ଯୋଜନା କେବେ

ମହାଶୟ,

ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି, ହେବେ ମଧ୍ୟ। ପାଞ୍ଚ ବର୍ଷରେ ସେମାନେ କିଛି ଛୋଟମୋଟ ବ୍ୟବସାୟରେ ଅର୍ଥ ଖଟାଇ ଆତ୍ମନିର୍ଭରଶୀଳ ହେବେ। ଏହା ଏକ ଭଲ ଯୋଜନା। ମାତ୍ର ସ୍ତ୍ରୀ ଓ ପୁରୁଷ ହେଉଛନ୍ତି ମୁଦ୍ରାର ଦୁଇଟି ପାର୍ଶ୍ୱ। କେବଳ ତରାଜୁର ଗୋଟିଏ ପାଖକୁ ଓଜନିଆ କଲେ ଅପରପାଖଟି ଖାଲି ହୋଇଯାଉଛି। ଏହାକୁ ସମତୁଲ ରହିବାକୁ ହେଲେ ପୁରୁଷମାନଙ୍କ ନିମନ୍ତେ ତୁରନ୍ତ ଅର୍ଜୁନ ଯୋଜନା ପ୍ରଣୟନ କରିବାକୁ ହେବ। ସମ୍ପ୍ରତି ରାଜ୍ୟରେ ପାଠୁଆ, ଅଧାପାଠୁଆ ଲକ୍ଷ ଲକ୍ଷ ଅର୍ଜୁନ ବେକାର ହୋଇ ରହିଛନ୍ତି। ସେମାନଙ୍କ ନିମନ୍ତେ ସେମିତି କିଛି ଆଖିଦୃଶିଆ ଯୋଜନା ଥିଲାପରି ମନେହେଉନି। ଏଣୁ ଯଥାଶିଘ୍ର ବ୍ଲକ ଓ ୱାର୍ଡସ୍ତରରେ ଏମାନଙ୍କୁ ଚିହ୍ନଟ କରାଯାଇ ଅର୍ଜୁନ ଯୋଜନାରେ ସାମିଲ କରାଯାଉ ଓ କିଛି କିଛି ସହାୟତା ରାଶି ପ୍ରଦାନ କରାଯାଉ। ରାଜ୍ୟର ମାନବ ସମ୍ବଳର ସୁପରିଚାଳନା ନିମନ୍ତେ ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରାଯିବା ଉଚିତ। ପ୍ରଶାସନ ଏଥିପ୍ରତି ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ହେବ।

-ପ୍ରତାପଚନ୍ଦ୍ର ପାଢ଼ୀ, ନିଗମନଗର-ଆର୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

୨ନିଗମର ବାର୍ଷିକ ରିପୋର୍ଟ ଉପସ୍ଥାପିତ

ଭୁବନେଶ୍ୱର,(ସୁନିତ୍ ମିଶ୍ର): ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ(ସଂଶୋଧନ) ନିୟମାବଳୀ, ୨୦୨୫କୁ ଓଡ଼ିଶା ପଞ୍ଚାୟତ ସମିତି ଅଧିନିୟମ, ୧୯୫୯ର ଧାରା ୫୭(୩) ଅନୁଯାୟୀ ବିଧାନସଭାରେ ରିପୋର୍ଟ ଉପସ୍ଥାପନ କରିଛନ୍ତି। ଏହାସହ ଗୃହରେ ଓଡ଼ିଶା ଜଳସେଚନ ନିଗମ ଲିମିଟେଡ୍‌ର ୨୦୨୧-୨୨ ମସିହାର ୪୯ତମ ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଛନ୍ତି। ସେହିପରି ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଲିମିଟେଡ୍‌ର ୨୦୨୩-୨୪ର ୨୯ତମ ବାର୍ଷିକ ରିପୋର୍ଟ ଗୃହରେ ଉପସ୍ଥାପିତ ହୋଇଛି।



ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସୋମବାର ଭୁବନେଶ୍ୱରରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ।

ମିଶନଶକ୍ତି ମହାଦ୍ରୁମକୁ ହଣାଯାଉଛି: ବିରୋଧୀ

ମୁଲତବୀ ଆଲୋଚନା

୨୦୨୭ ସୁଦ୍ଧା ୨୫ଲକ୍ଷ ଲକ୍ଷପତି ଦିଦି: ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ଭଦ୍ରକ ଗଣିଯାଙ୍ଗ ଅରଞ୍ଜ ଗାଁରେ ଏସ୍‌ଏଚ୍‌ଜି ଗ୍ରୁପ ମହିଳାଙ୍କ ମୁଣ୍ଡା ପରେ ଋଣ ଟଙ୍କା ଶୁଝିବା ପାଇଁ ତାଙ୍କ ଝିଅକୁ ଲହୁଲୁହାଣ କରିବା ଘଟଣାକୁ ନେଇ ବିଧାନସଭାରେ ବିରୋଧୀ ସୋମବାର ସରକାରଙ୍କୁ ଘେରିଛନ୍ତି। ବୀମା ଭଳି ବିଭିନ୍ନ ପ୍ରକାର ବ୍ୟବସ୍ଥା ଥିବାବେଳେ କାହିଁକି ଜଣେ ଝିଅକୁ ସର୍ବସମ୍ମୁଖରେ ମାଡ଼ମାରି ଜୀବନରୁ ମାରିଦେବା ପାଇଁ କଥା ଗଲା ବୋଲି କହି ବିରୋଧୀ ବିଜେଡି ଏବଂ କଂଗ୍ରେସ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାର ଜବାବ ରଖି ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, 'ସୁଭଦ୍ରା' ଶକ୍ତି ମେଳା ଦେଖିଲା ପରେ ବିରୋଧୀମାନେ ହତୋତ୍ସାହ ହୋଇପଡ଼ିଛନ୍ତି। ୨୦୨୭ ସୁଦ୍ଧା ରାଜ୍ୟରେ ୨୫ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବେ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ବିରୋଧୀଙ୍କ ପ୍ରଶ୍ନ ଓ ସରକାରଙ୍କ ଉତ୍ତର ଶୁଣିବା ପରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ବିଜେଡି ଆଣିଥିବା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। ତେବେ ଏହି ସମୟରେ ଉପମୁଖ୍ୟମନ୍ତ୍ରୀଙ୍କ ଉତ୍ତରକୁ ନେଇ ବିରୋଧୀ କକ୍ଷ ତ୍ୟାଗ କରିଥିବା ଦେଖିବାକୁ ମିଳିଛି।

ଗୃହରେ ମା' କିସ୍ତିଋଣ ଶୁଝି ନ ପାରିବାରୁ ଝିଅକୁ ଲହୁଲୁହାଣ ସଂକ୍ରାନ୍ତୀୟ ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ସଦସ୍ୟ ଗୌରୀଶଙ୍କର ଦାସ କହିଥିଲେ, ରାଜ୍ୟରେ ପୂର୍ବ ସରକାର ମହିଳାଙ୍କ ସଶକ୍ତୀକରଣ ଲାଗି ଯେଉଁ ମିଶନଶକ୍ତି ମହାଦ୍ରୁମ ସୃଷ୍ଟି କରିଥିଲେ ଏବେ ତା'ର ଡାଳସବୁ କଟାଯାଉଛି। ସିଆର୍‌ପି ଏବଂ ଏମ୍‌ବିକେ ମା'ମାନେ ଗାନ୍ଧୀମାର୍ଗରେ ସେମାନଙ୍କ ପ୍ରାପ୍ୟ ପାଇଁ ଆନ୍ଦୋଳନ କରୁଛନ୍ତି। ୨୦୨୪ ଡିସେମ୍ବରରେ ସେମାନେ ଗାନ୍ଧୀମାର୍ଗରେ ବିକ୍ଷୋଭ କଲାବେଳେ ସରକାର ପ୍ରତିଶ୍ରୁତି ଦେଇଥିଲେ ଯେ ଖୁବ୍‌ଶୀଘ୍ର ଦରମା ଦିଆଯିବ। ହେଲେ କ'ଣ ପାଇଁ ତାଙ୍କ ଦରମା ସରକାର ଦେଇ ନାହାନ୍ତି ତାହା ମନ୍ତ୍ରୀ ଗୃହକୁ ଜଣାନ୍ତୁ। ସେ କହିଥିଲେ, ମିଶନ ଶକ୍ତିର ସାମାଜିକ ଆନ୍ଦୋଳନ ବର୍ତ୍ତମାନ ଭୁଶୁଡ଼ିବାକୁ ବସିଲାଣି। 'ସୁଭଦ୍ରା'ରେ ୫୦ ହଜାର ଟଙ୍କା ଏକାଥରକେ ଦିଆଯିବ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦିଆଯାଇଥିଲା, ହେଲେ ଭାଜପା ସରକାର ୫ ହଜାର ଲେଖାଏ ଦେଇ ଲଲିପପ୍ ଧରେଇଛନ୍ତି। ସରକାର ଛେଳି ରଖି ଲକ୍ଷପତି ଦିଦି କରିବାକୁ ଯେଉଁ କହୁଛନ୍ତି, ସେଥିପାଇଁ ତାଙ୍କୁ ଅର୍ଥନୀତିରେ ନୋବେଲ ପ୍ରାଇଜ୍ ମିଳିବା କଥା। ଏହି ଘଟଣାକୁ ହାଲୁକା ଭାବେ ନ ନେଇ ଉଚ୍ଚସ୍ତରୀୟ କମିଟି କରି ଏହି ଘଟଣାର ତଦନ୍ତ କରାଯାଉ ବୋଲି ସେ କହିଥିଲେ।

ସଦସ୍ୟ ସଞ୍ଜୀବ ମଲ୍ଲିକ କହିଥିଲେ, ଏ ଯୁଗରେ ବି ଦ୍ରୌପଦୀଙ୍କ ବସ୍ତ୍ରହରଣ ଭଳି ଘଟଣା ମୋ ଅଞ୍ଚଳରେ ଘଟିଛି। ଝିଅର ଇଚ୍ଛା ଥିଲା ମା' ନେଇଥିବା ଏସ୍‌ଏଚ୍‌ଜି ଋଣ କିସ୍ତି ଶୁଝିବ। ହେଲେ ତାଙ୍କୁ ସର୍ବସମ୍ମୁଖରେ ମାଡ଼ ମାରି ନିର୍ଯାତନା ଦିଆଯିବା ଘଟଣା ନିନ୍ଦନୀୟ। ଏନେଇ ପୋଲିସକୁ ପଚାରିବାରୁ ତାଙ୍କୁ ଥାନାରୁ ଛଡ଼ାଯାଇଥିବା ଉତ୍ତର ମିଳୁଛି। ଏଭଳି ଏକ ସମ୍ବେଦନଶୀଳ ଘଟଣାର ତୁରନ୍ତ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ। ଆଲୋଚନାରେ ବିଧାୟିକା ସୁବାସିନୀ ଜେନା କହିଥିଲେ, ମହିଳା ସଶକ୍ତୀକରଣର ଉଦ୍ଦେଶ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ମାତ୍ର ବ୍ରିଟିଶ ନୀତି ଚାଲିଛି। କଂଗ୍ରେସ ସଦସ୍ୟ ଅଶୋକ ଦାସ କହିଥିଲେ, ଦେଶର ରାଷ୍ଟ୍ରପତି, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ ଜଣେ ଜଣେ ମହିଳା। ଉପମୁଖ୍ୟମନ୍ତ୍ରୀ କହିଲେ, ଏହା ଏସ୍‌ଏଚ୍‌ଜିଙ୍କ ଆଭ୍ୟନ୍ତରୀଣ ବ୍ୟାପାର। ଏସ୍‌ଏଚ୍‌ଜିକୁ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ହେଉ। ପୋଲିସରେ ମାମଲା ହୋଇଛି, 'ଆଇନ ତା' ବାଟରେ ଯିବ' କହିଦେଲେ ରାଜ୍ୟ ଆଗକୁ ଯାଇପାରିବ ନାହିଁ। ସଦସ୍ୟ ପବିତ୍ର ସାଉନ୍ତା ଏହି ଘଟଣାକୁ ନେଇ ସରକାରଙ୍କ ଅପାରଗତାକୁ ଦାୟୀ କରିଥିଲେ।

ଅନ୍ୟପକ୍ଷରେ ଭଦ୍ରକର ଭାଜପା ସଦସ୍ୟ ସିତାଂଶୁ ମହାପାତ୍ର କହିଥିଲେ, ବିରୋଧୀଙ୍କ ଅଭିଯୋଗ ଭିତ୍ତିହୀନ। ବିରୋଧୀ ମିଛ କଥା କହି ଗୃହକୁ ବିଭ୍ରାନ୍ତ ନ କରନ୍ତୁ। ଭଣ୍ଡାରିପୋଖରୀ ବିଧାୟକ ଯେଉଁ ଘଟଣା କଥା କହୁଛନ୍ତି ଏହା ୨୨ ତାରିଖର ଘଟଣା। ତାଙ୍କ ନିର୍ବାଚନମଣ୍ଡଳୀରେ ଘଟିଥିବା ଘଟଣା ପରେ ସେ ପୀଡ଼ିତାଙ୍କୁ ଭେଟିଛନ୍ତି କି ? ସେ ଏହାକୁ ସ୍ପର୍ଶକାତର ଘଟଣା ବୋଲି କହୁଛନ୍ତି। ଏହି ଘଟଣା ସମ୍ପର୍କରେ ଅବଗତ ହେବା ପରେ ମୁଁ ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲି। ତଦନ୍ତ ପରେ ଏସ୍‌ପି ଏହା ଏକ ପାରିବାରିକ ଘଟଣା ବୋଲି ସ୍ପଷ୍ଟ କରିଛନ୍ତି।

ବିରୋଧୀଙ୍କ ପ୍ରଶ୍ନର ଉତ୍ତର ରଖି ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ମିଶନ ଶକ୍ତି ବିଭାଗ ବିରୋଧରେ ବାରମ୍ବାର ଏହି ମୁଲତବୀ ପ୍ରସ୍ତାବ ଆଗତ ହେବା ଉଦ୍ଦେଶ୍ୟ ପ୍ରଣୋଦିତ ହେବା ପରି ମନେହେଉଛି। ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ କେବଳ ସାନ୍ତ୍ୱନାର ଭାବେ ସଜାଇବା ପାଇଁ ଗତ ସରକାର ଲଗାତର ପ୍ରୟାସ ସଫଳ ହୋଇଛି। ଆମ ସରକାର ସମୟରେ 'ସୁଭଦ୍ରା' ଯୋଜନାର ସଫଳ ରୂପାୟନ ଓ ସୁଭଦ୍ରା ଶକ୍ତି ମେଳାର ପ୍ରଦର୍ଶନ ଦେଖିବାପରେ ବିରୋଧୀ ଦଳର ସଦସ୍ୟମାନେ ମହିଳାଙ୍କ ସ୍ୱାବଲମ୍ବନରେ ସରକାରଙ୍କ ଭୂମିକାକୁନେଇ କୌଣସିସନ୍ଦେହ ରଖିବା କଥା ନୁହେଁ। ଏହା ରାଜ୍ୟର ୬ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ଓ ସତୁରି ଲକ୍ଷରୁ ଅଧିକ ମା'ଙ୍କର ଅପମାନ।

ଆମ ସରକାର ଆସିବା ପରେ ୬୮,୪୯୧ ଏସ୍‌ଏଚ୍‌ଜିଙ୍କୁ ୧୧,୯୧୧.୨୦ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି, ୫୫,୭୫୩ ଗୋଷ୍ଠୀଙ୍କୁ ଗୋଷ୍ଠୀ ବିନିଯୋଗ ପାଣ୍ଠି ବାବଦରେ ୫୯,୫୦୧.୫୧ ଲକ୍ଷ ଟଙ୍କା, ୩,୧୯୮ ଟିଜିକୁ ୬୭,୬୯୬.୫୪ ଲକ୍ଷ ଟଙ୍କା ଓ ୫,୬୦୪ ସିଏଲ୍‌ଏଫ୍‌କୁ ୬,୬୨୮.୪୨ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି। ଭଦ୍ରକରେ ଘଟିଥିବା ଏହି ଘଟଣା ନିଶ୍ଚୟ ଭାବରେ ଦୁର୍ଭାଗ୍ୟଜନକ। କିନ୍ତୁ ଏହି ଘଟଣା ପାଇଁ ଉଭୟ ପକ୍ଷରୁ ପୋଲିସ ପାଖରେ ମାମଲା ରୁଜୁ ହୋଇସାରିଛି ଓ ଏହା ତଦନ୍ତ ପରିସରଭୁକ୍ତ ଅଛି। ଏହି ଘଟଣାରେ ମିଶନ ଶକ୍ତି ବିଭାଗ କୌଣସି ପ୍ରକାର ଦାୟୀ ନୁହେଁ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ

ଭୁବନେଶ୍ୱର,୧।୧୨ (ସୁଚିସ୍ମିତା ସାହୁ)

ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର, ଆଇଟି-ଆଇଟିଇଏସ୍ ଏବଂ ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେୟାରଟ୍ରେଡର ଅଧ୍ୟାପକଙ୍କ ପାଇଁ ୫ଦିନିଆ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସିଟିସି ଓ ବିଶ୍ୱ ଦକ୍ଷତା କେନ୍ଦ୍ରରେ ଆୟୋଜିତ ହୋଇଯାଇଛି। ସିଟିସିରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ କହିଛନ୍ତି, ଧନ୍ଦାମୂଳକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରୟାସ ଜାରିରହିଛି। ପ୍ରଯୁକ୍ତିବିଦ୍ୟା ଯୁଗରେ ଆଇଟି-ଆଇଟିଇଏସ୍ ଏବଂ ଇଲେକ୍ଟ୍ରୋନିକ୍ସ ଓ ହାର୍ଡୱେୟାର ଟ୍ରେଡ୍‌ର ବିପୁଳ ସୁଯୋଗ ରହିଛି। ଏଭଳି ବ୍ୟବହାରିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ସେହିପରି ଯୁଗ୍ମ ନିର୍ଦ୍ଦେଶକ ବିନିତା ସେନାପତି ବର୍ତ୍ତମାନ ଓଡ଼ିଶାରେ ଧନ୍ଦାମୂଳକ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକ, ସିଟିସି ଜେନେରାଲ ମ୍ୟାନେଜର୍ ଏଲ୍. ରାଜଶେଖର, ସିନିୟର ମ୍ୟାନେଜର୍ (ଟ୍ରେନିଂ) କେ.ଏମ୍. ରାଜନ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସାମ୍ସ ଓଆଇସି ଡ. ଉମାକାନ୍ତ ସେଠୀ, ବିଶ୍ୱ ଦକ୍ଷତା କେନ୍ଦ୍ରର ପ୍ରିନ୍ସିପାଲ ଟି. ଥମ୍ବୀ ରାଜା ପ୍ରମୁଖ ଉପସ୍ଥିତ ଥିଲେ। ସିଟିସି ପ୍ରଶିକ୍ଷଣରେ ୮ଟି ଜିଲ୍ଲାର ୧୦୨ ଜଣ ଏବଂ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୬ଟି ଜିଲ୍ଲାର ୭୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ।

୨୫ ବର୍ଷ ପରେ ଫେରିଲେ ଶୁକଦେବ

ସିମୁଳିଆ,୧।୧୨(ସନ୍ତୋଷ ନାୟକ)

୨୫ ବର୍ଷ ହେଲା ଖୋଜଖବର ମିଳୁ ନ ଥିଲା। ସମସ୍ତେ କହୁଥିଲେ ଶୁକଦେବ ଆଉ ନାହାନ୍ତି। ହେଲେ ତାଙ୍କ ସ୍ତ୍ରୀ ଏହାକୁ ସତ ନ ମାନି ହାତରୁ ଶଙ୍ଖା ଓ ମୁଣ୍ଡରୁ ସିନ୍ଦୂର ପୋଛି ନ ଥିଲେ। ଅନେକ ଗୁଣିଆ ଓ ତାନ୍ତ୍ରିକ ଶୁକଦେବଙ୍କ ମୃତ୍ୟୁ ଘଟିଥିବା କହିଥିବା ବେଳେ ସମସ୍ତଙ୍କ କଥା ଭୁଲ୍ ପ୍ରମାଣିତ ହୋଇଛି। ଘରକୁ ଫେରିଆସିଛନ୍ତି ଶୁକଦେବ। ଏଭଳି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ବଙ୍ଗାଳପୁର ପଞ୍ଚାୟତ ଭଗିଆ ଅଞ୍ଚଳରେ। ଶୁକଦେବ ଦେବନାଥ (୬୫) ରବିବାର ରାତିରେ ଘରକୁ ଫେରିଛନ୍ତି।

ପୂର୍ବରୁ ଶୁକଦେବ କଟକ ବଡ଼ମେଡିକାଲ ପାଖ ଫୁଟପାଥରେ ଥିବା ହୋଟେଲରେ କାମ କରୁଥିଲେ। ଖବରପାଇ ପରିବାର ଲୋକ ପହଞ୍ଚିଥିଲେ। ଶୁକଦେବଙ୍କ ଦେହ ଅସୁସ୍ଥ ଥିବାରୁ ତାଙ୍କର ମୃତ୍ୟୁ ଘଟିଛି ଓ ତାଙ୍କର ସତ୍କାର ସରିଥିବାର ପାଖ ହୋଟେଲ କର୍ମଚାରୀମାନେ ସୂଚନା ଦେଇଥିଲେ। ହେଲେ ତାଙ୍କ ପତ୍ନୀ ତପସ୍ୱୀ ଏକଥାକୁ ବିଶ୍ୱାସ କରି ନ ଥିଲେ। ଶେଷରେ ଠାକୁର ଡାକ ଶୁଣିଲେ ବୋଲି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି ତାଙ୍କ ପୁଅ ହରେକୃଷ୍ଣ। ତାଙ୍କୁ ଦେଖିବା ପାଇଁ ସୋମବାର ସକାଳେ ଗାଁ ଲୋକଙ୍କ ଭିଡ଼ ଲାଗିଥିଲା।

୮ ଦଫା ଦାବିରେ ରୋଷେୟାଙ୍କ ବିକ୍ଷୋଭ

ଭୁବନେଶ୍ୱର,୧।୧୨ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ଅନୁସୂଚିତ ଜନଜାତି ଓ ଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ୮ଦଫା ଦାବି ନେଇ ସୋମବାର ବିଧାନସଭା ସମ୍ମୁଖରେ ରାଜ୍ୟ ସଭାନେତ୍ରୀ ଦ୍ରୌପଦୀ ମୁଣ୍ଡାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଆବାହକ ଦିଗମ୍ବର ଜେନା ସମ୍ମିଳନୀରେ ଯୋଗଦେଇ ରୋଷେୟାମାନଙ୍କୁ ସ୍ଥାୟୀ କର୍ମଚାରୀ ମାନ୍ୟତା ଦେବାକୁ ଦାବି କରିଥିଲେ। ୬ ବର୍ଷରୁ ଅଧିକ ଅସ୍ଥାୟୀ ଭାବେ କାର୍ଯ୍ୟ କରୁଥିବା ରୋଷେୟାଙ୍କୁ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରିବା ବିଜ୍ଞପ୍ତି ଜାରିକୁ ମହାସଂଘ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ମହାସଂଘର ସାଧାରଣ ସମ୍ପାଦିକା ରୀନା ମୁର୍ମୁ କହିଥିଲେ, ରାଜ୍ୟରେ କାର୍ଯ୍ୟରତ ୧୪ ହଜାର ରୋଷେୟା ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛନ୍ତି ଯେ, ମାସିକ ୧୮ହଜାର ଟଙ୍କା ଦରମା ପ୍ରଦାନ ସହ ଇପିଏଫ୍, ସିଟି ତାଲିମ୍ ସୁବିଧା ଦିଆଯାଉ ଆଦି ଅନେକ ଦାବି ରଖିଥିଲେ। ଏନେଇ ଏକ ୫ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ପ୍ରମୁଖଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ବିକ୍ଷୋଭ ସମାବେଶରେ ରାଜ୍ୟ ସଭାନେତ୍ରୀଙ୍କ ସମେତ ସାଧାରଣ ସମ୍ପାଦିକା ରୀନା ମୁର୍ମୁ, କାଳିଆ ଦିଗାଲ, ଇନ୍ଦୁ ମଲ୍ଲିକ, ସୁକାନ୍ତି ଜାନି ଏବଂ ୩୦ ଜିଲ୍ଲାର ରୋଷେୟା ଯୋଗଦେଇଥିଲେ।

୮ ଦଫା ଦାବିରେ ଅନୁସୂଚିତ ଜନଜାତି ରୋଷେୟା ସେବାୟତ ମହାସଂଘ ପକ୍ଷରୁ ସୋମବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ।

ବିଜେଡି ଛାଡ଼ିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର,୧।୧୨(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)

ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ

ଭଦ୍ରକରେ ବିଜେଡି ଗଡ଼ ଦୋହଲିବାରେ ଲାଗିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ି ଯାଉଛନ୍ତି। ଦୁଇଦିନ ତଳେ ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବା ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଦଳ ଛାଡ଼ିଛନ୍ତି ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯାହାକି ବିଜେଡିକୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ବିଶ୍ୱାଳ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଦଳ ଛାଡୁଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ୪୬ ଆଇଏଏସ୍, ୬୭ ଆଇପିଏସ୍, ୭୦ ଆଇଏଫ୍‌ଏସ୍ ପଦବୀ ଖାଲି

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ): ରାଜ୍ୟରେ ସର୍ବଭାରତୀୟସ୍ତରର ପଦବୀଗୁଡ଼ିକ ମଧ୍ୟରୁ ବହୁ ପଦବୀ ଖାଲି ପଡ଼ିଛି। ଏସମ୍ପର୍କରେ ବିଧାନସଭାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ତଥ୍ୟରୁ ଜଣାପଡ଼ିଛି। ରାଜ୍ୟରେ ୨୪୮ ଆଇଏଏସ୍ ପଦବୀ ମଞ୍ଜୁର ଥିବାବେଳେ ୪୬ ପଦବୀ ଖାଲିପଡ଼ିଛି। ସେହିପରି ୧୯୫ ଆଇପିଏସ୍ ପଦବୀରୁ ୬୭ ଏବଂ ୧୪୧ ଆଇଏଫ୍‌ଏସ୍ ପଦବୀରୁ ୭୦ ପଦବୀ ଖାଲି ପଡ଼ିଛି। ଆଜି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ମୁଖ୍ୟମନ୍ତ୍ରୀ ଉତ୍ତରରେ ଏହି ତଥ୍ୟ ଦେଇଛନ୍ତି। ତେବେ କେବେ ସୁଦ୍ଧା ପଦବୀ ପୂରଣ ହେବ ବୋଲି ହୋଇଥିବା ପ୍ରଶ୍ନରେ ଏହା କେନ୍ଦ୍ର ସରକାରଙ୍କ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ଉତ୍ତରରେ ଦର୍ଶାଇଛନ୍ତି।

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)

KEONJHAR CENTRAL CO-OPERATIVE BANK LTD.
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

No.KCCB/5760/HRD/2025-26 Date : 01.12.2025

Expression of Interest

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

I. Opening of Technical bid - 17.12. 2025 at 11:00 AM in the Conference Hall of the Bank.
II. Opening of Price bid - 17.12.2025 4:00 PM in the Conference Hall of the Bank.

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

ଭା.କ.ନି. CCI

ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ: ରାୟଗଡା
ଭବନାରାୟଣ ନୀଳୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ | କପାସ କିସାନ

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

କପା ଚାଷୀଙ୍କୁ ଆହ୍ୱାନ

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

ଆଇନ ଉଲ୍ଲଂଘନ କଲେ ଫୌଜଦାରି ମାମଲା ନୁହେଁ, ଜରିମାନା

ଜଳ ପ୍ରଦୂଷଣ ଓ ନିବାରଣ ସଂଶୋଧନ ଆଇନ, ୨୦୨୪ର ସଂକଳ୍ପ ଗୃହୀତ

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଜଳ(ପ୍ରଦୂଷଣ ଓ ନିବାରଣ) ସଂଶୋଧନ ଆଇନ, ୨୦୨୪ ଉପରେ ସୋମବାର ସଂକଳ୍ପ ଆଗତ କରିଛନ୍ତି। ଏହା ଗୃହରେ ଗୃହୀତ ହୋଇଛି। ହେଲେ ଏହି ସଂକଳ୍ପକୁ ନେଇ ସରକାରୀ ଦଳ ଉପରେ ବିରୋଧୀ ବର୍ଷିଛନ୍ତି। ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ସରକାର ଓଡ଼ିଶାକୁ କାଙ୍ଗାଳ କରିଦେବାର ବ୍ୟବସ୍ଥା କରିଛନ୍ତି। ବ୍ୟବସାୟୀ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପୂର୍ବରୁ ଏହି ଆଇନ ଉଲ୍ଲଂଘନକଲେ ସେମାନଙ୍କ ବିରୋଧରେ ମାମଲା ହେଉଥିଲା। ତାକୁ ସରକାର ବଦଳାଇବାକୁ ନିଷ୍ପତ୍ତି ନେଇଛନ୍ତି। ସରକାର ସଂକଳ୍ପ ଜରିଆରେ ଏହି ଆଇନ ଉଲ୍ଲଂଘନ କଲେ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ଓ ଗିରଫଦାରି ଭଳି କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ସରକାର କୋର୍ଟର ଭୂମିକାକୁ ସମାପ୍ତକରି ଆଦାନୀ ଏବଂ ଅମ୍ବାନୀ ଭଳି ବଡ଼ ବ୍ୟବସାୟୀଙ୍କୁ ଲାଭ ଦେବାକୁ ସୁଚିନ୍ତିତ ରଣନୀତି କରିବେ। ଯଦି କୌଣସି ଶିଳ୍ପସଂସ୍ଥା ବା ବ୍ୟବସାୟିକ ପ୍ରତିଷ୍ଠାନ ଉପରୋକ୍ତ ଆଇନର ଉଲ୍ଲଂଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ ସର୍ବାଧିକ ୧୦ ହଜାରରୁ ୧୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ଏବେ ଗତ ୨ ବର୍ଷରେ ୫୭ଟି କମ୍ପାନୀ ୫,୮୯୦ କୋଟି ଟଙ୍କା ଜଳକର ବାକି ରଖିଛନ୍ତି। ସେମାନଙ୍କ ଉପରେ ଯଦି ଜରିମାନା ରାଶି ଲଗାଇ ୧୫ ଲକ୍ଷ ଟଙ୍କା ଆଦାୟ କରାଯାଏ ତେବେ ଏହା ବ୍ୟବସାୟିକ ଅନୁଷ୍ଠାନକୁ ଖୁବ୍ ସୁହାଇବ। ଫଳରେ ବହୁ ବ୍ୟବସାୟିକ ଅନୁଷ୍ଠାନ ଜଳକର ଫାଙ୍କିବା ସହ ଏହି ଆଇନର ଆହୁରି ଅନେକ କଥାକୁ ଉଲ୍ଲଂଘନକରି କିଛି ଟଙ୍କା ଦେଇ ଖସିଯିବେ। ଏ ଦିଗରେ ଏଣିକି ଜଣେ ସଚିବସ୍ତରର ଅଧିକାରୀ ସ୍ଥିର କରିବେ କାହା ଉପରେ କେତେ ଜରିମାନା ଲାଗୁ ହେବ। ସଚିବସ୍ତରୀୟ ଅଧିକାରୀ ସରକାରଙ୍କ ପକେଟରେ ରହିବେ। କେଉଁ ସଚିବ ଭାଜପା ବିରୋଧରେ ଯାଇପାରିବେ ଏଠାରେ ଉପସ୍ଥିତ ସଦସ୍ୟମାନେ କହିପାରିବେ କି ବୋଲି ସେ ପ୍ରଶ୍ନ କରିଥିଲେ। ରଣେନ୍ଦ୍ର ଆହୁରି କହିଥିଲେ, ଯେଉଁ ଅଫିସରମାନେ ସରକାର ଅଧୀନରେ ଅଛନ୍ତି ସେମାନେ ଶାସକ ଦଳର କଥା ଶୁଣିବାକୁ ବାଧ୍ୟ। ତେଣୁ ଏହି ସଂକଳ୍ପ ଜରିଆରେ କ'ଣ କରିବାକୁ ଚେଷ୍ଟା କରାଯାଉଛି ସେକଥା ଜନସାଧାରଣ ବୁଝିପାରିବେ। ଓଡ଼ିଶାକୁ ଏମିତି କାଙ୍ଗାଳ କରିଦେବାର ପ୍ରୟାସକୁ କେବେହେଲେ ବରଦାସ୍ତ କରାଯିବନାହିଁ। ଏହି ସଂକଳ୍ପରେ ଆହୁରି ଉଲ୍ଲେଖ ଅଛି, ଅପରାଧ ଯେତେ ବଡ଼ ହେଲେ ମଧ୍ୟ ଜରିମାନା ରାଶିରେ କୌଣସି ପରିବର୍ତ୍ତନ ହେବ ନାହିଁ। ଆହୁରି ଗୋଟିଏ ବଡ଼ କଥା ଉଲ୍ଲେଖ କରାଯାଇଛି, ଏହି ସଂକଳ୍ପ ଜରିଆରେ କେନ୍ଦ୍ର ସରକାରଙ୍କ ହାତକୁ କ୍ଷମତା ଦେଇଦିଆଯିବ। ଏହାଦ୍ୱାରା ରାଜ୍ୟ ସରକାରଙ୍କ କୌଣସି ଭୂମିକା ଆଉ ରହିବ ନାହିଁ ବୋଲି ରଣେନ୍ଦ୍ର କହିଛନ୍ତି।

ବିଜେଡି ସଦସ୍ୟ ପ୍ରତାପ ଦେବ କହିଛନ୍ତି, ଏହି ସଂକଳ୍ପ ଆସିଲେ ରାଜ୍ୟରୁ ପାଣି, ଜଙ୍ଗଲ ଏବଂ ଖଣି କିଛି ସୁରକ୍ଷିତ ରହିବ ନାହିଁ। ବିଜେଡି ସଦସ୍ୟ ଅରବିନ୍ଦ ମହାପାତ୍ର କହିଛନ୍ତି, ଏହି ଆଇନ ଉଲ୍ଲଂଘନ ହେବା ପରେ ତାହା ସାମାନ୍ୟ ନା ଗୁରୁତର ଅପରାଧ ସେକଥା କିଏ ସ୍ଥିର କରିବେ। ଜେଲଦଣ୍ଡ ଉଠାଇ ଜରିମାନା ଆଦାୟ ବ୍ୟବସ୍ଥା କରିଦେଲେ ଶିଳ୍ପସଂସ୍ଥାଗୁଡିକର ଡର ଚାଲିଯିବ। ସବୁ ବିଧାୟକଙ୍କ ଅଞ୍ଚଳରେ କିଛି ନା କିଛି ନଦୀ ଯାଇଛି। ସେହି ନଦୀଗୁଡିକ ଯଦି ଖରାପ କରିବା ପରେ ମଧ୍ୟ କୌଣସି ଶିଳ୍ପସଂସ୍ଥାକୁ ଦଣ୍ଡିତ କରା ନ ଯାଇ କିଛି ଟଙ୍କାର ଜରିମାନା ଆଦାୟର ବାହାନାରେ ଛାଡ଼ି ଦିଆଯାଏ, ତେବେ ଆମ ଲୋକମାନେ ଆମକୁ ଛାଡ଼ିବେନାହିଁ। ନଦୀ ଖରାପ ହେଲେ ଆମ ଭୋଟର ଆଗ ପ୍ରଶ୍ନ କରିବେ। ପରିବେଶ ସହିତ କିଛି ଭୁଲ୍ ହେଲେ ଜାମିନବିହୀନ ମକଦ୍ଦମା ହେବା କଥା। ଯଦି କୌଣସି ଅଫିସର ଦୋଷୀ ହୁଅନ୍ତି ତେବେ ସେମାନଙ୍କଠାରୁ ତାଙ୍କ ଗୋଟିଏ ମାସର ବେସିକ୍ ଦରମା କଟାଯିବ। ତେଣୁ ଯଦି ଅଫିସର କୌଣସି ଶିଳ୍ପସଂସ୍ଥାକୁ ସାହାଯ୍ୟକରି ବହୁ କୋଟି ଟଙ୍କା କମାନ୍ତି, ତେବେ ସେମାନଙ୍କଠାରୁ କ'ଣ ସର୍ବାଧିକ ଲକ୍ଷେ ଟଙ୍କା ଆଦାୟ କରାଯିବ। ଏହି ବ୍ୟବସ୍ଥା ରାଜ୍ୟ ପାଇଁ କେତେ ଶୁଭ ଏବଂ ଲାଭଦାୟକ ବୋଲି ସେ ପ୍ରଶ୍ନ କରିଛନ୍ତି।

ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି, ଦୀର୍ଘଦିନରୁ ଅନେକ ପରିବେଶ ସମ୍ପର୍କିତ ମାମଲା ଦେଶରେ ପଡ଼ି ରହିଛି। ସେଗୁଡ଼ିକର ସମାଧାନ ହୋଇପାରୁନାହିଁ। ଏହାଦ୍ୱାରା ଶିଳ୍ପସଂସ୍ଥାଗୁଡିକର ମଧ୍ୟ କ୍ଷତି ହେଉଛି। କଳକାରଖାନା ମାଲିକମାନେ ଦୀର୍ଘଦିନ ଧରି କୋର୍ଟକୁ ଧାଉଁଛନ୍ତି। ତେଣୁ କୌଣସି ଶିଳ୍ପସଂସ୍ଥା ନିୟମ ଉଲ୍ଲଂଘନ କଲେ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଜଣେ ଅଫିସର ରହିବେ। ଉକ୍ତ ଅଫିସରଙ୍କ ସହ କେତେଜଣ ଟେକ୍ନିକାଲ ଏକ୍ସପର୍ଟ ମଧ୍ୟ ରହିବେ। ନିୟମ ଉଲ୍ଲଂଘନକାରୀ ସଂସ୍ଥାଗୁଡିକଠାରୁ ଜରିମାନା ଆଦାୟ ହେଲେ ତାହା ସରକାରଙ୍କ ଗୋଟିଏ ଆକାଉଣ୍ଟ ଖୋଲି ସେଥିରେ ରଖିବେ। ଉକ୍ତ ଟଙ୍କା ରାଜ୍ୟର ଭିତ୍ତିଭୂମି ବିକାଶ ଦିଗରେ ଖର୍ଚ୍ଚ ହୋଇପାରିବ। ଏହାଦ୍ୱାରା ରାଜ୍ୟର ମଧ୍ୟ ବିକାଶ ହେବ ବୋଲି ସେ କହିଛନ୍ତି।

EXECUTIVE ENGINEER,
MINOR IRRIGATION DIVISION, BOKARO.

e-Procurement Portal
(Two Envelope system)
E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025

1. Date of Publication of Tender on website :- 15.12.2025 at 2.00 PM
2. Last date/Time for receipt of bids online bids :- e-Procurement Portal (Jharkhandtenders.gov.in)

Fee, Security and other documents :- 27.12.2025 up to 2.00 PM

3. Date of Opening of Tender on website :- 29.12.2025 at 3:00 PM
4. Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
   (b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

Gr. No.	Name of the work	Estimated Cost (Rs.)	EMD	Cost of BOQ	Time of Completion
1	Construction of Mukhya mantri Solar L.I Scheme in vill- Ghagri, under Block- Chandankiyari, Bokaro.	1,28,32,300.00	1,28,400.00	10,000.00	11 months
2	Construction of Mukhya mantri Solar L.I Scheme in vill- Madhukarpur, under Block- Kasmar, Bokaro.	1,32,88,900.00	1,32,900.00	10,000.00	11 months

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

PR.NO.367452 Minor Irrigation(25-26):D

Executive Engineer,
Minor Irrigation Division, Bokaro

ମିଶନ ମଧୁମେହମୁକ୍ତ ଓଡ଼ିଶାକୁ ପ୍ରୋତ୍ସାହନ

ଓଡିଏମ୍‌ରେ ୱେଲ୍‌ନେସ୍ ରନ୍ ୨.୦

ଭୁବନେଶ୍ୱର,୧।୧୨
(ଅନୁରାଧା ମହାରଣା)

ଭାରତୀୟ ଚିକିତ୍ସା ସଂଗଠନ (ଆଇଏମ୍‌ଏ), ଓଡ଼ିଶା ସହିତ ହେଲ୍‌ଥଭିଲ୍ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ହସ୍‌ପିଟାଲ୍ ରବିବାର ଓଡିଏମ୍ ପବ୍ଲିକ୍ ସ୍କୁଲ୍ କ୍ୟାମ୍ପସ୍‌ରେ ମିଶନ ମଧୁମେହମୁକ୍ତ ଓଡ଼ିଶା ଏବଂ ସୁସ୍ଥ ଓଡ଼ିଶା ବୃହତ୍ ଆନ୍ଦୋଳନର ଅଂଶ ଭାବେ ୱେଲ୍‌ନେସ୍ ରନ୍ ୨.୦ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ହେଲ୍‌ଥଭିଲ୍ ଅଧ୍ୟକ୍ଷ ଏବଂ ଆଇଏମ୍‌ଏର ମୁଖ୍ୟ ପୃଷ୍ଠପୋଷକ ଡ. ସତ୍ୟବ୍ରତ ମୀନକେତନ ଉପସ୍ଥିତ ରହି ପ୍ରାକୃତିକ ଜୀବନଯାପନ, ଶୃଙ୍ଖଳିତ ଅଭ୍ୟାସ ଏବଂ ସମ୍ପ୍ରଦାୟ-ଚାଳିତ ସୁସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ ଜୀବନଶୈଳୀ ରୋଗ ପ୍ରତିରୋଧ ଉପରେ ଗୁରୁତ୍ୱାରୋପ କରିଥିଲେ । ବିଏମ୍‌ସି କମିଶନର ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହରାଞ୍ଚଳ କଲ୍ୟାଣରେ ସକ୍ରିୟ ଜୀବନଶୈଳୀ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଭୂମିକା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କର୍ଣ୍ଣେଲ ସୋନାଲି ରଥ, ହିମାଂଶୁ ଶେଖର ନାୟକ, ଆଇଏମ୍‌ଏ ଓଡ଼ିଶାର ସଭାପତି ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଓଡ଼ିଆ ଅସ୍ମିତାର ବାର୍ତ୍ତା ବାହକ ହେବ

କୋଣାର୍କ,୧।୧୨(ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ମାଘସପ୍ତମୀ ମେଳା ପଡ଼ିଆରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ୭ଦିନିଆ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଚନ୍ଦ୍ରଭାଗା ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଐତିହ୍ୟ ଓ ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ମେଳା ଏକ ପ୍ରଶସ୍ତ ମାଧ୍ୟମ ବୋଲି ସୁଭଦ୍ରା ଶକ୍ତି ମେଳା ଷ୍ଟଲ ବୁଲି ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଚଳିତ ବର୍ଷ କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗା ଠାରେ ଡିସେମ୍ବର ୧ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଏହି ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯାଇଛି। ଏହି ମେଳାରେ ଓଡ଼ିଶାର ୩୦ଟି ଜିଲାର ହସ୍ତତନ୍ତ ସାମଗ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ପ୍ରସ୍ତର ଖୋଦେଇ ସାମଗ୍ରୀ ଓ ଘରକରଣା ସାମଗ୍ରୀ ନେଇ ୧୫୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଚନ୍ଦ୍ରଭାଗା ବେଳାଭୂମି କୂଳରେ ସୁନ୍ଦର ଓ ମନୋରମ ପରିବେଶ ମଧ୍ୟରେ ବ୍ୟାପକ ସାଜସଜ୍ଜା ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହି ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ଫୁଡ୍ କୋର୍ଟ ଓ ମନୋରମ ଐତିହ୍ୟ ଓ ପରମ୍ପରା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ମଧ୍ୟରେ ଐତିହ୍ୟ ଓ ପରମ୍ପରା ସମ୍ପନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଏହି ମେଳାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର ଷ୍ଟେଶନରେ ଏସ୍‌ଟିଏଫ୍‌ର ଚଢ଼ାଉ

ଦିନକରେ ୬ ନିଶା ବେପାରୀ ଧରାପଡ଼ିଲେ

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

ରେଳଷ୍ଟେଶନର ଗଳାବାଟ ଦେଇ ନିଶାଦ୍ରବ୍ୟ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଏହା ପଛରେ ଏକ ରାକେଟ କାମ କରୁଛି। ମାଫିଆମାନେ ନିଶା ଦ୍ରବ୍ୟଚାଲାଣ ପାଇଁ ସ୍ଲିପରସେଲ୍‌କୁ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ସେମାନେ ଖସି ଯାଉଥିବା ବେଳେ ଚାଲାଣକାରୀ ଧରାପଡ଼ି ଗିରଫ ହେଉଛନ୍ତି। ସୋମବାର ଗୋଟିଏ ଦିନରେ ୬ଜଣ ନିଶା ଦ୍ରବ୍ୟ ଚାଲାଣକାରୀ ଧରାପଡ଼ିଛନ୍ତି। ଖଣ୍ଡଗିରି ଥାନା ପୋଲିସ ଏମ୍‌ସ ରାସ୍ତାରେ ଚଢାଉ କରି ୪ଜଣ ନିଶା ଚାଲାଣକାରୀଙ୍କୁ ଧରିଛି। ସେମାନଙ୍କ ନିକଟରୁ ୨୦ ଗ୍ରାମ ନିଶା ଦ୍ରବ୍ୟ ଜବତ କରାଯାଇଛି। ସେହିପରି ଅବକାରୀ ବିଭାଗ ମଇଁଷାଖାଲ ବସ୍ତିରେ ଚଢାଉ କରି ଜଣେ ମହିଳାଙ୍କୁ ଗିରଫ କରିବା ସହ ୩୪୦ ଗ୍ରାମର ବ୍ରାଉନ୍ ସୁଗାର ଜବତ କରିଛି। ସେହିପରି ଏସ୍‌ଟିଏଫ୍ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ଭୁବନେଶ୍ୱର ଷ୍ଟେଶନରେ ଯାତ୍ରୀ ପ୍ରତୀକ୍ଷାଳୟକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଦୁଇଟି ବ୍ୟାଗ୍ ଜବତ କରାଯାଇଛି। ଗୋଟିଏ ବ୍ୟାଗରୁ ୧୮ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ସେହିପରି ଆର୍‌ପିଏଫ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପ୍ଲାଟଫର୍ମ ଓ ଯାତ୍ରୀ ପ୍ରତୀକ୍ଷାଳୟକୁ ଯାଞ୍ଚ କରାଯାଇଥିଲା। ସଡ଼କ ପଥରେ ଯାଞ୍ଚକୁ କଡ଼ାକଡ଼ି କରାଯାଉଥିବାରୁ ରେଳପଥକୁ ଟାର୍ଗେଟ କରିଛନ୍ତି ନିଶା ବେପାରୀ।

ଶୁଭଙ୍କର ମିଶ୍ରାଙ୍କ ନାମରେ ଏତଲା

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ଦେଶର ଜଣାଶୁଣା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ତାଙ୍କ ପାଇଁ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ମିଶ୍ରାଙ୍କ ବିବାଦୀୟ ବୟାନକୁ ନେଇ ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଘଟଣାକୁ ନେଇ ଜିଲାପାଳ ମଧ୍ୟ ପ୍ରତିକ୍ରିୟା ଦେଇ କହିଥିଲେ, ବୟାନର ତର୍ଜମା କରାଯିବ। ଏପରିକି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଶୁଭଙ୍କରଙ୍କ ଟିପ୍ପଣୀକୁ ବିରୋଧକରି ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ରବିବାର ଇନ୍‌ଫ୍ଲୁଏନ୍ସର ମିଶ୍ରାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଦେଇ ଭକ୍ତଙ୍କୁ ଭ୍ରମିତ କରୁଥିବା ହେତୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେହିପରି ଏହି ଘଟଣା ସମ୍ପର୍କରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ନିଜ ଫଲୋଅର୍ସ ବଢ଼ାଇବା ଉଦ୍ଦେଶ୍ୟରେ ମିଶ୍ରା ଏପରି କାର୍ଯ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଇନ୍‌ଫ୍ଲୁଏନ୍ସର୍ ଶୁଭଙ୍କର ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ନେଇ ଥାନାରେ ଏକ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣକୁ ଆଧାରକରି ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି।

ବିନା ଗୁରୁରେ ଶିକ୍ଷା ଅସମ୍ଭବ

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସରେ ଅତିଥିଙ୍କ ଗହଣରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ)

ମା' ରମାଦେବୀଙ୍କ ୧୨୫ତମ ଜନ୍ମତିଥି ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପୁରାତନ ଛାତ୍ରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇ ନିଜ ଛାତ୍ରୀ ସମୟର ଅନୁଭୂତି ବର୍ଣ୍ଣନା କରିବା ସହ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିନା ଗୁରୁରେ ଶିକ୍ଷା ଅସମ୍ଭବ ବୋଲି ସେ କହିଥିଲେ। ପୁରାତନ ଛାତ୍ରୀ ସଂଘର ପୂର୍ବତନ ଉପସଭାପତି ସୁଦିପା ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମା' ରମାଦେବୀଙ୍କ ପରି ସମର୍ପିତା, ନିରୀହବାଦୀ ଓ ବିନୟୀ ହେବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଚଣ୍ଡିଚରଣ ରଥ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉପସଭାପତି ସୁଚିତ୍ରା ସାମଲ ସ୍ୱାଗତ ଭାଷଣ ଓ ପୁରାତନ ଛାତ୍ରୀ ସଂଘର ସମ୍ପାଦିକା ଡ. ସ୍ନେହଲତା ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ମେଧାବୀଙ୍କୁ ପୁରସ୍କୃତ କଲା ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର,୧।୧୨
(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ରେଳ କର୍ମଚାରୀଙ୍କ ମେଧାବୀ ପିଲା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ କର୍ମଚାରୀଙ୍କ ପିଲା ତଥା ୧୩୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଇକୋରୋ/ଖୋର୍ଦ୍ଧାରୋଡ୍‌ର ସଭାପତି ଦିବ୍ୟା ତ୍ରିପାଠୀ ଓ ଉପସଭାପତି ଲୀନାଶ୍ରୀ ବେହେରା ମନୋନୀତ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ, ଉତ୍ସର୍ଗତା ଏବଂ ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ପୁରସ୍କାର ପ୍ରଦାନ କରିଥିଲେ।

ବିଶ୍ୱବିଜୟୀ ମହିଳା କ୍ରିକେଟ ଦଳର ଖେଳାଳିଙ୍କୁ ହାଇଟେକ୍‌ରେ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧।୧୨
(ଅନୁରାଧା ମହାରଣା)

ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ପ୍ରେକ୍ଷାଳୟରେ ସୋମବାର ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ ଦୃଷ୍ଟିବାଧିତ ବିଶ୍ୱବିଜୟୀ ମହିଳା କ୍ରିକେଟ ଦଳର ଖେଳାଳି ଫୁଲ ସୋରେନ, ବାସନ୍ତୀ ହାଁସଦା, ଯମୁନାରାଣୀ ଟୁଡୁ ଏବଂ ପାର୍ବତୀ ମାରାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଟିମ୍‌କୁ ଦୀର୍ଘବର୍ଷ ଧରି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ରହିବା, ଖାଇବା ସହ ସମସ୍ତ ପ୍ରୋତ୍ସାହନ ଦେଇ ଆସୁଛନ୍ତି। ବିଧାୟକ ପାଣିଗ୍ରାହୀ ଏହି କ୍ରିକେଟ ତାରକାମାନଙ୍କୁ ଆଗାମୀ ଦିନରେ ସମସ୍ତ ସହଯୋଗର ହାତ ବଢାଇବାକୁ କହିଛନ୍ତି। ସନ୍ନ୍ୟାସ କୁମାର ବେହେରା, ଓଡ଼ିଶା ଦୃଷ୍ଟିବାଧିତ କ୍ରିକେଟ ଟିମ୍‌ର ସଭାପତି ଏମ୍.ଜାଫର ଇକବାଲ ହାଇଟେକ୍‌କୁ ଧନ୍ୟବାଦ ଦେବା ସହିତ ଆଗାମୀ ଦିନରେ ଦୃଷ୍ଟିହୀନ କ୍ରୀଡ଼ାବିତ୍‌ଙ୍କୁ ସାହାଯ୍ୟ ସହଯୋଗ ଜାରି ରଖିବାକୁ ଅନୁରୋଧ କରିଛନ୍ତି।

ଭକ୍ତଙ୍କୁ ଦୁର୍ବ୍ୟବହାର ନେଇ ଏକ୍ସ'ରେ ଅଭିଯୋଗ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ଭକ୍ତଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି ଏକ୍ସ'ରେ ଅଭିଯୋଗ କରିଛନ୍ତି। ଏନେଇ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ଉଦ୍ଦେଶ୍ୟରେ ଏକ୍ସ'ରେ ଅଭିଯୋଗ ପୋଷ୍ଟ କରିଛନ୍ତି।

ସୂଚନା ମୁତାବକ, ରବିବାର ଶ୍ରୀମନ୍ଦିରରେ ବିଳମ୍ବିତ ରାତିରେ ପହୁଡ଼ ପଡ଼େ। ରାତି ୧୨ଟା ୦୮ରେ ଦକ୍ଷିଣ ଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବାକୁ ଚାହିଁଥିଲେ। କିନ୍ତୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ଛାଡ଼ି ନ ଥିଲେ। ଅନ୍ୟପକ୍ଷରେ ରାତି ୧୨ଟା ୮ରେ ଦକ୍ଷିଣ ଦ୍ୱାର ବନ୍ଦ କରିଦିଆଯାଇଥିଲା। ଫଳରେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶକରି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଛିଡ଼ା ହୋଇଥିବା ଅନେକ ଭକ୍ତଙ୍କୁ ଫେରିବାକୁ ପଡ଼ିଥିଲା। ବିଳମ୍ବିତ ରାତିରେ ବାରିକେଡ୍ ଖାଲିପଡ଼ିଥିବା ବେଳେ ସୁରକ୍ଷା କର୍ମୀମାନେ ଶ୍ରୀମନ୍ଦିର ଭିତରକୁ ସିଧାସଳଖ ପୁରୀବାସୀଙ୍କୁ ପ୍ରବେଶ କରିବାକୁ ଛାଡୁନାହାନ୍ତି। ଫଳରେ ପୁରୀବାସୀଙ୍କ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଏଭଳି ଅବ୍ୟବସ୍ଥାକୁ ତୁରନ୍ତ ସୁଧାରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ବୟସ୍କଙ୍କୁ ସଚେତନକଲା ମଣିପାଲ୍ ହସ୍ପିଟାଲ

'ହେଲ୍‌ଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ମଣିପାଲ ହସ୍‌ପିଟାଲ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ରେ ହେଲ୍‌ଦି ଡେ ଆଉଟ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ ଫୋରମର ୫୦ରୁ ଅଧିକ ସଦସ୍ୟ ଯୋଗଦେଇଥିଲେ। ସେମାନଙ୍କୁ ଯାତାୟାତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ, ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡ଼ିର ବ୍ୟବସ୍ଥା କରାଯାଇଥିଲା। ଯୋଗ ଓ ଆସନରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ସମସ୍ତେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ପରେ ଫିଜିଓଥେରାପି ଡେମୋନେଷ୍ଟ୍ରେଶନ କରାଯାଇଥିଲା। ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡା. ଲିଙ୍ଗରାଜ ନାଥ ସଚେତନ କରାଥିଲେ। 'ଥ୍ରୋ ବଲ' ଓ 'ଲେଟର୍ କରେକ୍ସନ' ଆଦି ଖେଳ ସହ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକମାନେ ଉପଭୋଗ କରଥିଲେ। ଏହି ଅବସରରେ ମଣିପାଲ ହସ୍‌ପିଟାଲ କ୍ଲଷ୍ଟର ଡାଇରେକ୍ଟର (ସାଉଥ-ଇଷ୍ଟ) ଡା. ଶକ୍ତିମୟ ମହାପାତ୍ର କହିଥିଲେ, ଆଗାମୀ ଦିନ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏଭଳି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବା ପାଇଁ ଯୋଜନା କରାଯାଉଛି।

'ହେଲ୍‌ଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ବରିଷ୍ଠ ନାଗରିକ।

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲରେ ଅନ୍‌ୱାଇଣ୍ଡ୍-୨୦୨୫

ଭୁବନେଶ୍ୱର,୧।୧୨
(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ରବିବାର ଅନ୍‌ୱାଇଣ୍ଡ-୨୦୨୫ର ୧୭ତମ ସଂସ୍କରଣ ଅନୁଷ୍ଠିତ ହୋଇଯାଇଛି। 'ଅସମ୍ଭବକୁ ସମ୍ଭବ କରିବା' ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ଥିଲା। କଳା ଓ ବାଣିଜ୍ୟର ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରମାନେ କିପରି ଏହାକୁ ସୂଚାରୁରୂପେ ପାଳନ କରିବେ ସେ ନେଇ ୨ମାସରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ କମିଟି ଗଠନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଛାତ୍ରୀଛାତ୍ରଙ୍କ ନେତୃତ୍ୱାଧୀନ ଏହି କାର୍ଯ୍ୟକ୍ରମରେ ୨୦ ହଜାରରୁ ଅଧିକ ଅଭିଭାବକଙ୍କ ସମାଗମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ନାଲ୍‌କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଜେନ୍ଦ୍ର ପ୍ରତାପ ସିଂହ ଯୋଗଦେଇ ସାଧାରଣ ଶିକ୍ଷା ଓ ମୂଲ୍ୟ ଆଧାରିତ ଶିକ୍ଷା ଉପରେ ଥିବା ପାର୍ଥକ୍ୟକୁ ବୁଝାଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଳ୍ପୀ ସାହୁ କହିଥିଲେ ଯେ, ସ୍କୁଲ ସ୍ତରରୁ ଛାତ୍ରୀଛାତ୍ରମାନେ ବୃହତ୍ କାର୍ଯ୍ୟକ୍ରମ ଆୟୋଜନ ଓ ଏହାକୁ ସୂଚାରୁରୂପେ ସମ୍ପାଦନ କରିବାର କୌଶଳ ଶିକ୍ଷା ଗ୍ରହଣ କରିବା ହେଉଛି ସେମାନଙ୍କର ଅସମ୍ଭବକୁ ସମ୍ଭବ କରିବାର ଏକ ପ୍ରମାଣ। ସର୍ବାଙ୍ଗୀନ ଉନ୍ନତି, କଳ୍ପନା, ଶୃଙ୍ଖଳା, ସହଯୋଗପୂର୍ଣ୍ଣ ମନୋଭାବ ପ୍ରକାଶିତ ହେବା ସହିତ ଛାତ୍ରୀଛାତ୍ରଙ୍କ ନେତୃତ୍ୱାଧୀନ ଉଦ୍ୟୋଗୀ ମନୋଭାବ, ଗୁଣାତ୍ମକ ଶିକ୍ଷା ଓ ସ୍ଥାୟୀ ବିକାଶ ଲକ୍ଷ୍ୟରେ ଏହା ସହାୟକ ହେବ ବୋଲି ଡ. ସାହୁ କହିଥିଲେ। ଅନ୍‌ୱାଇଣ୍ଡରୁ ମିଳୁଥିବା ଅର୍ଥର କିଛି ଅଂଶକୁ ସମାଜ ମଙ୍ଗଳ ଏବଂ ଅବହେଳିତ ପିଲାଙ୍କୁ ସହାୟତା ଯଥା କଟକ ଓ ଭୁବନେଶ୍ୱରରେ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଡ. ବିଜୟ କୁମାର ସାହୁ ୧୦୦ ଲାଇବ୍ରେରି ପ୍ରୋଜେକ୍ଟରେ ମାଧ୍ୟମରେ ଲାଇବ୍ରେରିମାନ ପ୍ରତିଷ୍ଠା କରିବା ସହିତ ବୁକ୍‌କିପିଙ୍ଗ୍‌ରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଲିଭିଙ୍ଗ୍ ହ୍ୟୁମାନିଟି ଓ ପଲ୍ଲୀ ଉନ୍ନୟନ ସେବା ସମିତିର ୩୦ଜଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍ସବରେ ସୁଭଦ୍ରା ଶକ୍ତି ବଜାର, ଫାଷ୍ଟଫୁଡ୍, ଗେମ୍, ଆଡ୍‌ଭେଞ୍ଚର୍, ବୋଟିଂ, ବଙ୍ଗି ଜମ୍ପିଙ୍ଗ୍, ବୁଲ ରାଇଡିଂ ଓ ରାଇଫଲ ସୁଟିଂ ସହ ଛୋଟ ପିଲାଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳ ଆଦି ୧୧୦ଟି ଷ୍ଟଲ୍ ପ୍ରଦର୍ଶନ ହୋଇଥିଲା। ଚଳିତବର୍ଷର ମାସ୍କଟ 'କୁଙ୍ଗ୍ ଫୁ ପାଣ୍ଡା' କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଶେଷରେ ଦ୍ୱାଦଶ ଶ୍ରେଣୀ ସିବିଏସ୍‌ଇ ବୋର୍ଡ ପରୀକ୍ଷାର ରାଜ୍ୟ ଟପ୍ପର ଧୀରଜ ଧାନୁକାଙ୍କ ଅଭିଭାବକଙ୍କୁ ହୋଲିଷ୍ଟିକ୍ ପ୍ୟାରେଣ୍ଟିଙ୍ଗ ଆୱାର୍ଡ ପ୍ରଦାନ କରାଯାଇଥିଲା। ପ୍ରସିଦ୍ଧ ବ୍ୟାଣ୍ଡ, ବୁଲେଟ ଏବଂ ବୋହେମିଆନ୍ସଙ୍କ ଦ୍ୱାରା ଚମତ୍କାର ପ୍ରଦର୍ଶନ ମନ୍ତ୍ରମୁଗ୍ଧ ପରିବେଶ ସୃଷ୍ଟି କରିଥିଲା। ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରୀ ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ, ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଏବଂ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ ଅଗ୍ନିହୋତ୍ରୀ ଉପସ୍ଥିତ ଥିଲେ।

ଅନ୍‌ୱାଇଣ୍ଡ୍-୨୦୨୫କୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ସଂକ୍ଷେପରେ

ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କଟକ ସଦର,୧।୧୨(ପ୍ରଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ବେଣ୍ଟକାରସ୍ଥିତ ସରସ୍ୱତୀ ଶିଶୁମନ୍ଦିର କ୍ରୀଡ଼ା ଉତ୍ସବ ସ୍ଥାନୀୟ ଖେଳପଡ଼ିଆରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସନାତନି ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା, ଉଦ୍‌ଘାଟକ ଭାବେ ଯୋଗ ଗୁରୁ ଆଦିତ୍ୟ କୁମାର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ସେନା କର୍ମଚାରୀ ଲକ୍ଷ୍ମୀନାରାୟଣ ଭୋଳ, ସମ୍ମାନିତ ଅତିଥି ଭାବେ ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କ୍ରୀଡ଼ାବିତ୍ ମଧୁସ୍ମିତା ସେନାପତି ଯୋଗଦେଇଥିଲେ। ପ୍ରାରମ୍ଭରେ ଗୁରୁଜୀ ଦୀପ୍ତି ରଞ୍ଜନ ଶତପଥୀ ଅତିଥି ପରିଚୟ ଦେଇଥିବା ବେଳେ ମନୋରଞ୍ଜନ ଶତପଥୀ ସଭା ପରିଚାଳନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯିବା ପରେ କ୍ରୀଡ଼ା ପତାକା ଅବତରଣ କରାଯାଇଥିଲା। କ୍ରୀଡ଼ା ପ୍ରମୁଖ ରମେଶ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।

ଖ୍ରୀଷ୍ଟ କଲେଜ ଉଦ୍ଭିଦ ବିଜ୍ଞାନ ବିଭାଗର ଆଞ୍ଚଳିକ ପାଠଚକ୍ର

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ଓ ଓଡ଼ିଶା ବଟାନିକାଲ ସୋସାଇଟିର ମିଳିତ ସହଯୋଗରେ ଏକଦିବସୀୟ ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ମଧୁସ୍ମିତା ପାତ୍ର ପାଠଚକ୍ରକୁ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ପ୍ରକୃତି ସହିତ ମଣିଷର ସମ୍ପର୍କ ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପାଠଚକ୍ରରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ବଟାନିକାଲ ସୋସାଇଟି ସଭାପତି ଡ. କୁଞ୍ଜବିହାରୀ ଶତପଥୀ, ସମ୍ପାଦିକା ଡ. ସୁଜାତା ମହାନ୍ତି, ମୁଖ୍ୟବକ୍ତା ଭାବେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଆଲୋକ ପ୍ରସାଦ ଦାସ ଯୋଗଦେଇ ପର୍ଯ୍ୟାବରଣ ପରିବର୍ତ୍ତନ ପରିବେଶ ପରିପ୍ରେକ୍ଷୀରେ ଜୈବମୂଲ୍ୟାୟନ ଓ ସେଥିପ୍ରତି ସାମାଜିକ ସଚେତନତା ସହିତ ବୈଜ୍ଞାନିକ ପଦ୍ଧତିରେ ପରିବେଶ ସନ୍ତୁଳନ ପାଇଁ ଜୈବବିବିଧତା ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଶୋଭନ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ପାଠଚକ୍ର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସ୍ନାତକୋତ୍ତର ଛାତ୍ରୀ ଅନନ୍ୟା ବ୍ରହ୍ମା ଓ ସସ୍ମୁଟି ବେଗମ୍ ନିବନ୍ଧ ପାଠ କରିଥିବାବେଳେ ଅଧ୍ୟାପକ ଡ. ସିଦ୍ଧ ବିଶ୍ୱାସ, ଡ. ଆମ୍ବିନୀ ରାଉତ, ଡ. ଭକ୍ତିପ୍ରୁ ପଟ୍ଟନାୟକ, ଅଧ୍ୟାପିକା ନିବେଦିତା ନାୟକ ପ୍ରମୁଖ ପାଠଚକ୍ର ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ବନ୍ଦିତା ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପାଠଚକ୍ରରେ ପରିଚାଳନା ସମିତି କର୍ମକର୍ତ୍ତା, ଉପାଧ୍ୟକ୍ଷ, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ଗବେଷଣାରତ ବିଦ୍ୟାର୍ଥୀମାନେ ଯୋଗଦେଇଥିଲେ।

ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମାତୃ ବିୟୋଗ

କଟକ,୧।୧୨(କାର୍ତ୍ତିକ ସାହୁ)

ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ମା' ତଥା ବର୍ତ୍ତମାନର ବିଧାୟକ ସୌଭିକ ବିଶ୍ୱାଳଙ୍କ ଜେଜେମା' କ୍ଷୀରପ୍ରଭା ବିଶ୍ୱାଳ (୮୮)ଙ୍କ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରଭାତ ରଞ୍ଜନ ବିଶ୍ୱାଳ, ଆରତ ରଞ୍ଜନ ବିଶ୍ୱାଳ, ହେମନ୍ତ ରଞ୍ଜନ ବିଶ୍ୱାଳ, ପୁତ୍ରବଧୂ ଲକ୍ଷ୍ମୀକଲିସୀ ବିଶ୍ୱାଳ, କୃଷ୍ଣାଲିକା ବିଶ୍ୱାଳ, ପ୍ରିୟଙ୍କା ବିଶ୍ୱାଳଙ୍କ ସମେତ ଝିଅ-ଜ୍ୱାଇଁ, ନାତିବିଧାୟକ ସୌଭିକ ବିଶ୍ୱାଳ, ନାତୁଣୀବୋହୂ ଡ. ଅନନ୍ୟା ପ୍ରିୟଦର୍ଶିନୀ, ନାତୁଣୀ ସ୍ୱସ୍ତିପ୍ରିୟା ପାତ୍ର, ନାତୁଣୀ ଜ୍ୱାଇଁ ଉଦିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାଳିଆବୁଦା ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଧ୍ୟମ ପୁତ୍ର ଆରତ ରଞ୍ଜନ ବିଶ୍ୱାଳ ମୁଖାଗ୍ନି ଦେଇଛନ୍ତି। ପରଲୋକ ଖବର ପାଇ ସଦର ବିଧାୟକ ପ୍ରକାଶ ସେଠୀ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ମେୟର ସୁଭାଷ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପୂର୍ବତନ ବିଧାୟକ ଦେବୀ ମିଶ୍ର, ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ।

କାରଖାନା ସମ୍ମୁଖରେ ଶ୍ରମିକଙ୍କ ଗଣଧାରଣା

ପ୍ରାପ୍ୟ ପ୍ରଦାନ, କାରଖାନା ପୁନଃଗଠନ ଦାବି

ଚୌଦ୍ୱାର,୧।୧୨(ଆଶୁତୋଷ ଦାସ)

ଚୌଦ୍ୱାରଠାରେ ଥିବା ଚାମ୍ପାଦାନୀ ଗ୍ରୁପ୍ ଅଫ୍ କମ୍ପାନୀ ଦ୍ୱାରା ପରିଚାଳିତ ଲିବ୍ରା କାର୍ପେଟ ଓ ଲିବ୍ରା ଏକ୍ସପୋର୍ଟର୍ସ ଲିମିଟେଡ ନାମକ ଏକ ଝୋଟ କାରଖାନା ସମ୍ମୁଖରେ ଶ୍ରମିକମାନଙ୍କ ସମସ୍ତ ବକେୟା ପ୍ରାପ୍ୟ ପ୍ରଦାନ ଓ କାରଖାନା ପୁନଃଗଠନ ଦାବିରେ ଲିବ୍ରା ଶ୍ରମିକ ସଙ୍ଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଗଣଧାରଣା ସୋମବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟରତ ଶ୍ରମିକ ବନ୍ଦ ପଡ଼ିଥିବା କାରଖାନାର ଗେଟ କଡରେ ଆନ୍ଦୋଳନରେ ବସିଥିଲେ। କମ୍ପାନୀର ମୁଖ୍ୟ ଆସି ଶ୍ରମିକମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହିତ ଆଗାମୀ ଦିନରେ ଅହୋରାତ୍ର ଆନ୍ଦୋଳନ କରାଯିବ ବୋଲି ଶ୍ରମିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

କାରଖାନା ଗେଟ୍ ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଛନ୍ତି।

ସୂଚନାଯୋଗ୍ୟ ଯେ, ଚୌଦ୍ୱାରଠାରେ ଥିବା ଏହି କାରଖାନା ୨୦୧୫ରୁ ସମ୍ପୂର୍ଣ୍ଣ ବନ୍ଦ ହୋଇପଡ଼ିଛି। କାରଖାନା ବନ୍ଦ ହେବା ପରେ ଏଥିରେ କାର୍ଯ୍ୟରତ ବହୁ ଶ୍ରମିକଙ୍କ ବକେୟା ପ୍ରାପ୍ୟ ଏଯାବତ୍ ମିଳିନାହିଁ। କମ୍ପାନୀ ବନ୍ଦ ହେବା ପରଠାରୁ କୌଣସି ଅଧିକାରୀ କମ୍ପାନୀକୁ ନ ଆସି ରକ୍ଷଣାବେକ୍ଷଣ ପାଇଁ ଜଣେ ସିକ୍ୟୁରିଟି ସଂସ୍ଥା ନିୟୋଜିତ କରିଥିବା ଶ୍ରମିକମାନେ ଅଭିଯୋଗ କରିଛନ୍ତି। ଶ୍ରମିକମାନେ ସେମାନଙ୍କ ଦରମା, ଗ୍ରାଚ୍ୟୁଇଟି, ବୋନସ ଆଦି ବକେୟା ପ୍ରାପ୍ୟ ନ ପାଇ ଦୁଃଖଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି। ଏଭଳି ସ୍ଥିତିରେ ଗତ ୨୫ ତାରିଖରେ କମ୍ପାନୀ ପରିସରରେ ଥିବା ପୁରୁଣା ମେଶିନ ସ୍ଥାନାନ୍ତର କରାଯାଉଥିବା ଖବର ପାଇ ତୁରନ୍ତ କେତେଜଣ ଶ୍ରମିକ ଘଟଣାସ୍ଥଳରେ ପହଞ୍ଚି କାରଖାନା ପରିସରରୁ କୌଣସି ଯନ୍ତ୍ରାଂଶ ପଦାକୁ ଯାଇପାରିବ ନାହିଁ ବୋଲି ଜିଦ୍ କରିବା ସହିତ ଦାୟିତ୍ୱରେ ଥିବା ସିକ୍ୟୁରିଟି ଏଜେନ୍ସିକୁ ତାଗିଦ କରିଥିଲେ। ମେଶିନ ନେବାକୁ ଆସିଥିବା ଗାଡିଗୁଡିକୁ ଅଟକ ରଖି କର୍ମଚାରୀମାନେ ଚୌଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଆନ୍ଦୋଳନରେ ହରିଶଙ୍କର ନାୟକ, ଚିତ୍ତରଞ୍ଜନ ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ, ତ୍ରିଲୋଚନ ସାହୁ, ଅନିରୁଦ୍ଧ ସାହୁ, ମୁରଲୀଧର ବେହେରାଙ୍କ ସମେତ ଶ୍ରମିକମାନେ ଉପସ୍ଥିତ ରହିଥିଲେ।

ବାରବାଟୀରେ ସୁରକ୍ଷା ବ୍ୟବସ୍ଥା ନେଇ ସୋମବାର ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ଯାଞ୍ଚ କରୁଥିବାବେଳେ ଓସିଏ କର୍ତ୍ତୃପକ୍ଷ ଓ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହିଛନ୍ତି।

ଚିତ୍ରକଳାକୁ ନୂଆଦିଶା ଦେଇଥିଲେ ଚିତ୍ରଶିଳ୍ପୀ ଅଜିତ୍ କେଶରୀ

ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ଅଜିତ କେଶରୀ ରାୟଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି।

କଟକ,୧।୧୨(କାର୍ତ୍ତିକ ସାହୁ)

ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଅଜିତ୍ କେଶରୀ ରାୟ ଲଣ୍ଡନ ସ୍କୁଲ ଅଫ୍ ଆର୍ଟରୁ ଶିକ୍ଷାପ୍ରାପ୍ତ ପରେ ଓଡ଼ିଶାରେ ଆଧୁନିକ ଚିତ୍ରକଳାକୁ ପରିବ୍ୟାପ୍ତ କରିଛନ୍ତି। ସମଗ୍ର ଭାରତବର୍ଷରେ ପାରମ୍ପରିକ ଚିତ୍ରକୁ ନେଇ ଚିତ୍ରଶିଳ୍ପୀମାନେ ସ୍ୱପ୍ନ ଦେଖୁଥିବା ବେଳେ ଅଜିତ କେଶରୀ ରାୟ ଚିତ୍ରକଳାକୁ ନୂଆଦିଶା ଦେଇଥିଲେ। ତେଣୁ ଚିତ୍ରଶିଳ୍ପୀଙ୍କ ପୈତୃକ ସ୍ଥାନ ରାଣୀହାଟରେ ଏକ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ତାଙ୍କ ୧୦୩ତମ ଜୟନ୍ତୀ ଉତ୍ସବରେ ଅତିଥି ମତପ୍ରକାଶ କରିଥିଲେ। ଓଡ଼ିଶା ଲଳିତକଳା ଏକାଡେମୀ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ମିଳିତ ଆନୁକୂଲ୍ୟରେ ଅଜିତ କେଶରୀ ରାୟଙ୍କ ୧୦୩ତମ ଜୟନ୍ତୀ ଶ୍ରୀରାମଚନ୍ଦ୍ର ଭବନଠାରେ ସୋମବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ବରିଷ୍ଠ ଚିତ୍ରଶିଳ୍ପୀ ବିଜୟ କୁମାର ପ୍ରଧାନ ପ୍ରତ୍ୟେକ ଶିଶୁ ପ୍ରତିଭା ଭିତରେ ସେମାନଙ୍କ ମା' ପୃଥିବୀର ଶ୍ରେଷ୍ଠ ଚିତ୍ରଶିଳ୍ପୀ ଭାବରେ ଅନୁଭବ କରନ୍ତୁ ବୋଲି କହିଥିଲେ। ମୁଖ୍ୟବକ୍ତା ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଜଣେ ଚିତ୍ରଶିଳ୍ପୀକୁ ଯେତେ ମନେ ନରଖନ୍ତି ତାଙ୍କ ଚିତ୍ରକଳାକୁ ବେଶୀ ମନେ ରଖିଥାଆନ୍ତି ବୋଲି କହିଥିଲେ। ସମ୍ମାନିତ ଅତିଥି ଆଇନଜୀବୀ ତଥା ସାହିତ୍ୟିକ ପତିତପାବନ ମହାପାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ରାୟଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଗ୍ରୁପର ସଭାପତି ଭାସ୍କର୍ଯ୍ୟ ଶିଳ୍ପୀ ରବି ନାରାୟଣ ରଥ ଓଡ଼ିଶା ଆଧୁନିକ ଚିତ୍ରକଳାର ଜନକ ବୋଲି କହିଥିଲେ। ଗ୍ରୁପର ସମ୍ପାଦକ ଶଶିକାନ୍ତ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। କୁନିକୁନି ଚିତ୍ରଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସୁଶାନ୍ତ କୁମାର ରାଉତ, ହେମନ୍ତ ମହାରଣା, ପ୍ରମିତା ମଙ୍ଗରାଜ, ବିଦ୍ୟାଧର କୁଅଁର ଓ ଦୀପକ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଗୀତିକବି ମନୋଜ ପଟ୍ଟନାୟକ, ଚିତ୍ରଶିଳ୍ପୀ ମହେନ୍ଦ୍ର ପ୍ରସାଦ ମହାପାତ୍ର, ଆଦିତ୍ୟ ପ୍ରତାପ ଧଳ, ଏକାଡ଼େମୀର କର୍ମକର୍ତ୍ତା ସୁନୀଲ ଡାକୁଆ, ହିତେଶ ସେଠ ଶିଳ୍ପୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଧାଶ୍ୟାମ ରାଉଳ ଧନ୍ୟବାଦ ଦେଇଥିଲେ।

୧୨୦ ଲିଟର ଦେଶୀମଦ ଜବତ, ୩ ଗିରଫ

ମଙ୍ଗୁଳି-ଜଗତପୁର,୧।୧୨ (ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ବେଆଇନ ଭାବେ ଦେଶୀମଦ ବ୍ୟବସାୟ କରିବା ଅଭିଯୋଗରେ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଗୋବିନ୍ଦପୁର ଗ୍ରାମର ମୁରଲୀ ଚିନାରା, ମୋହନ କିଶୋର ସାହୁ ଓ ଭଗତପୁର ଗ୍ରାମର ରବୀନ୍ଦ୍ର ନାଥ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୨୦ ଲିଟର ହାତରନ୍ଧା ମହୁଲି ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଚୌଦ୍ୱାର ଓ ଟାଙ୍ଗୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରଯାଇଥିଲା। ଯାଞ୍ଚ ପରେ ଜଗତପୁର ନୂଆସାହି, ତଳବଜାର ଓ ବିରୂପା ଅଞ୍ଚଳରୁ ଦେଶୀମଦ ମିଳିଥିଲା। ଏ ନେଇ ଅବକାରୀ ବିଭାଗ ନିଜଆଡୁ ୪ଟି ପୃଥକ ମାମଲା (ନଂ. ୧୭୪,୧୭୫,୧୭୭,୧୭୮/୨୫) ରୁଜୁ କରିଛି। ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନିଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ।

ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

ଚୌଦ୍ୱାର,୧।୧୨(ଆଶୁତୋଷ ଦାସ)

ଚୌଦ୍ୱାର କଲେଜରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷା ରଶ୍ମି ରାଉତରାୟଙ୍କ ମାର୍ଗ ଦର୍ଶନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡା.ସତ୍ୟବ୍ରତ ମହାପାତ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସ ରୋଗ ସମ୍ବନ୍ଧରେ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସ୍ଥାନୀୟ ଗାନ୍ଧୀଛକ ପର୍ଯ୍ୟନ୍ତ ଏକ ସଚେତନତା ରାଲି କରାଯାଇଥିଲା। ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଏଡ୍‌ସ ସଂକ୍ରାନ୍ତରେ ଜାଣିବା ଓ ଏହାକୁ ପ୍ରତିହତ କରିବା ଦିଗରେ ସଚେତନ କରାଯାଇଥିଲା। ଏଡ୍‌ସ ସଂକ୍ରାନ୍ତୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାଧ୍ୟାପକ ପ୍ରଭାକର ମିଶ୍ର ଓ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁବ ରେଡ୍‌କ୍ରସ୍ କାଉନସିଲର ମମତା ସାହୁ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ରିଙ୍କୁ କିଷାନ ଧନ୍ୟବାଦ ଅର୍ପଣ କରିଥିଲେ।

ବଡ଼ ସୁଯୋଗ ପାଲଟିବ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ

ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ସୂଚନା ଦେଉଛନ୍ତି।

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ ପକ୍ଷରୁ ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି କାର୍ଯ୍ୟକ୍ରମ ଯୋଗେ ଅନ୍ୟାୟ, ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରି ଦେଶ ସେବା କରିବାକୁ ଚାହୁଁଥିବା ତଥା କଂଗ୍ରେସର ନୀତି ଆଦର୍ଶ ଓ କାର୍ଯ୍ୟକ୍ରମରେ ବିଶ୍ୱାସ ରଖୁଥିବା ବନ୍ଧୁମାନଙ୍କ ପାଇଁ ଏକ ବଡ ସୁଯୋଗ ପାଲଟିବ ବୋଲି ପୁରୀଘାଟ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ସୂଚନା ଦେଇଛନ୍ତି। ସେହିପରି ଆମ ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାକୁ ଖିନ୍‌ଭିନ୍ କରିବାକୁ ଭାଜପା ଚେଷ୍ଟା କରୁଥିବାବେଳେ ଏପରି କାର୍ଯ୍ୟକ୍ରମ ଏଥିରେ ରୋକ୍ ଲଗାଇବା ଦିଗରେ ସହାୟତା ହେବ। ମୁଖ୍ୟତଃ ଏଆଇସିସି ଜାତୀୟ ମେଧା ଅନ୍ୱେଷଣ କାର୍ଯ୍ୟକ୍ରମ ଜରିଆରେ ଦକ୍ଷ ଓ ପ୍ରତିଭାବାନ ଉପସ୍ଥାପକ, ମୁଖପାତ୍ର, ଗଣମାଧ୍ୟମ ସଂଯୋଜକ ଓ ଗବେଷଣାତ୍ମକ ସଂଯୋଜକ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ନଗର କଂଗ୍ରେସ ସଭାପତି ବେହେରା ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ସେଠୀ, ବିକି ଚକ୍ରବର୍ତ୍ତୀ, ଆର୍ଯ୍ୟବୀର ଲେଙ୍କା, ପୂର୍ଣ୍ଣିମା ବେହେରା, ପ୍ରଭାତି ପଟ୍ଟନାୟକ, ଅନିତା ବେହେରା, ରାଜଶ୍ରୀ ରାୟ, ହରେନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଏଡ୍‌ସ ସଚେତନତା ପଦଯାତ୍ରା

କଟକ,୧।୧୨(କାର୍ତ୍ତିକ ସାହୁ)

ନରାଜସ୍ଥିତ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଏଡ୍‌ସ ଦିବସ ଉପଲକ୍ଷେ ଏକ ସଚେତନତା ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରସ୍ଥ ଶ୍ରୀଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ଆନୁକୂଲ୍ୟରେ ପଦଯାତ୍ରା ଆଇକନିକ ବିଲ୍ଡିଂରୁ ବାହାରି ଆୟୁର୍ବେଦ ହସ୍ପିଟାଲ ଦେଇ କ୍ୟାମ୍ପସ ପରିକ୍ରମା କରିଥିଲା। ବିଦ୍ୟାର୍ଥୀମାନେ ଏଡ୍‌ସ ସଚେତନତା ପୋଷ୍ଟର ପ୍ରଦର୍ଶନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ଆୟୁର୍ବେଦ ମେଡିକାଲ ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡା, ବିଭାଗୀୟ ଡେପୁଟି ଡିନ ପ୍ରଫେସର ଡ. କ୍ଷୀରାବ୍ଧି ତନୟା ରାଉତରାୟ, ପ୍ରଫେସର ଡ. ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ. ଦେବାଶିଷ ଶତପଥୀ, ଡ. ଧ୍ରୁବ ପ୍ରସାଦ, ଡ. ସଞ୍ଜୀବ କୁମାର ଦାସ ଏବଂ ଡ. ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଭଳି ଏକ ସମାଜକଲ୍ୟାଣ କାର୍ଯ୍ୟକ୍ରମ ପାଇଁ କୁଳାଧିକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର ଡ. ତେଜପ୍ରତାପ, କୁଳସଚିବ ପ୍ରଫେସର ଡ. ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ବିଦ୍ୟାର୍ଥୀ ଓ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ।

ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏଡ୍‌ସ ସଚେତନତା ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ର ଏବଂ ଅତିଥିମାନେ।

ସତର୍କ ରହିଲେ ରୋଗଠୁ ଦୂରେଇ ରହିପାରିବେ

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଓଡିଶା ଷ୍ଟେଟ ଏଡ୍‌ସ କଣ୍ଟ୍ରୋଲର ସୋସାଇଟି ଓ ଏସ୍‌ସିବିର ଛାତ୍ର ସଂଘର ମିଳିତରେ ବିଶ୍ୱ ଏଡ୍‌ସ ଦିବସ ମେଡିକାଲରେ ପାଳିତ ହୋଇଯାଇଛି। ଏହି ଅବସରରେ ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ମେଡିକାଲ ପରିକ୍ରମା କରିଥିଲା। ପରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଅତିଥି ଭାବେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମେଡିକାଲ କଲେଜ ଅଧ୍ୟକ୍ଷା ପ୍ରଫେସର ଡା. ଲୁସି ଦାସ, ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାସହ ସର୍ତକ ରହିଲେ ଏହି ରୋଗରୁ ଦୂରେଇ ରହି ପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମେଡିକାଲର ଡାକ୍ତର, ଛାତ୍ର ସଂଘର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

ମେଡିକାଲ କଲେଜ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

'ଏଡ୍‌ସ ଦୂରେଇବାକୁ ସଚେତନତା ଜରୁରୀ'

କଟକ,୧।୧୨(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଡିନ୍ ଡ. ପ୍ରଥିମା ପ୍ରକାଶମ୍, ସହକାରୀ ଡିନ୍ ଏନ୍. ପ୍ରେମଲତା ଦେବୀ ଆଭାସି ମାଧ୍ୟମରେ ବିଶ୍ୱ ଏଡ୍‌ସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ସୂଚନା ଦେଇ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବାରେ ନର୍ସିଂ ଛାତ୍ରୀଛାତ୍ରଙ୍କ ପ୍ରମୁଖ ଭୂମିକା ରହିଥିବା ଉଲ୍ଲେଖ କରିଥିଲେ। ଏହି ଉପଲକ୍ଷେ ସ୍କୁଲ ଅଫ୍ ନର୍ସିଂ ପକ୍ଷରୁ ଭଟିମୁଣ୍ଡା ସରକାରୀ ଜନ ଆରୋଗ୍ୟ କେନ୍ଦ୍ର ପରିସରରୁ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଜନ ଆରୋଗ୍ୟ କେନ୍ଦ୍ରର ଡାକ୍ତର ଅମୀୟ କୁମାର ଦାସ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ଏଡ୍‌ସ ଭଳି ରୋଗକୁ ଦୂରେଇ ଦେବାକୁ ହେଲେ ଜନ ସଚେତନତା ଜରୁରୀ ବୋଲି କହିଥିଲେ।

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଏବଂ ଅତିଥି।

ସଚେତନତା ଶୋଭାଯାତ୍ରା ମା' କନକ ଦୁର୍ଗାଙ୍କ ପୀଠରେ ପହଞ୍ଚିବା ପରେ ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ଯୋଗଦେଇ ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଆବଶ୍ୟକ ବୋଲି କହିଥିଲେ। ବିଏସ୍‌ସି ନର୍ସିଂ ଛାତ୍ରୀଛାତ୍ର ନାଟକ ପ୍ରଦର୍ଶନ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ସହକାରୀ ପ୍ରାଧ୍ୟାପିକା ରୋଜାଲିନ୍ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସହକାରୀ ପ୍ରାଧ୍ୟାପିକା ମାଧୁରୀ ମେଶରମ୍, ଅଧ୍ୟାପିକା ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ ସାମଲ, ଅଧ୍ୟାପିକା ଅମ୍ରିତା ଦାସ, ଅଧ୍ୟାପିକା ପଲ୍ଲବୀ ସୂତାର ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ଅରୁନ୍ଧତୀ ବିନ୍ଧାଣୀ ଓ ଶ୍ରାବଣୀ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ

ସେହିପରି ଡ୍ରିମ୍‌ସ ମେଡିକାଲ କଲେଜ ଓ ହସ୍‌ପିଟାଲ ପକ୍ଷରୁ ଅପରାହ୍ଣରେ ଏଡ୍‌ସ ସଚେତନତା ପଦଯାତ୍ରା କ୍ୟାମ୍ପସ ପରିକ୍ରମା କରି ପଦ୍ମିନୀ କେୟାର ପର୍ଯ୍ୟନ୍ତ ଆସିଥିଲା। ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। କମ୍ୟୁନିଟି ମେଡିସିନ୍ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଡା. ନଳିନୀ କାନ୍ତ ତ୍ରିପାଠୀ, ଡା. ବୁଲୁ ମହାନ୍ତି, ଡା. ଦେବାଶିଷ ସ୍ୱାଇଁ, ଡା. ରଶ୍ମିରଞ୍ଜନ ବାରିକ, ଡା. ପ୍ରତୀକ୍ ରଞ୍ଜନ ନାୟକ ଓ ଡା. ସତ୍ୟରାମ ଶତପଥି ଯୋଗ ଦେଇଥିଲେ। ଏମ୍‌ବିବିଏସ୍ ଛାତ୍ରୀଛାତ୍ରମାନେ ସାମିଲ ହୋଇଥିଲେ।

ମିଳୁନି ଭତ୍ତା, ଜଳୁନି ଷ୍ଟ୍ରିଟ୍ ଲାଇଟ

ଜନଜାଗରଣ ପରିବାର ଆଣିଲା ଅଭିଯୋଗ

ଖୋର୍ଦ୍ଧା, ୧।୧୨ (ପ୍ରଭାତ ପାଣିଗ୍ରାହୀ)

ବିଧବା ଏବଂ ବାର୍ଦ୍ଧକ୍ୟ ଭତ୍ତା ପାଇଁ ହିତାଧିକାରୀ ପୌର କାର୍ଯ୍ୟାଳୟରୁ ଜିଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡୁଛନ୍ତି, ହେଲେ ଭତ୍ତା ମିଳୁନାହିଁ। ଏଭଳି ଅଭିଯୋଗ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜନଜାଗରଣ ପରିବାର ଖୋର୍ଦ୍ଧା ପକ୍ଷରୁ କରାଯାଇଛି। ଖୋର୍ଦ୍ଧା ପୌର ପରିଷଦ ଅଧୀନରେ ବିଭିନ୍ନ ବର୍ଗରେ ଏକାଧିକ ହିତାଧିକାରୀ ନୂତନ ଭତ୍ତା ପାଇବା ପାଇଁ ଅପେକ୍ଷା କରିଥିବା ବେଳେ କେବଳ ପ୍ରତିଶ୍ରୁତି ବ୍ୟତୀତ କୌଣସି ସହଯୋଗ କରାଯାଉ ନାହିଁ ବୋଲି ଉକ୍ତ ସଂସ୍ଥାର ଆବାହକ ରଣଜିତ୍ ମହାପାତ୍ର ଅଭିଯୋଗ କରିଛନ୍ତି।

ଏଥିସହ ମହାପାତ୍ର ସହରର ବହୁବିଧ ସମସ୍ୟା ଉଠାଇଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳରେ ୧କୋଟି ୫୦ଲକ୍ଷ ବ୍ୟୟ ଅଟକଳରେ ଅତ୍ୟାଧୁନିକ ୪ଟି ଶୌଚାଳୟ ଗତ ସ୍ୱାୟତ ଶାସନରେ ଉଦ୍‌ଘାଟନ କରାଯାଇଥିବା ବେଳେ ଏଥିରେ ୨୪ଘଣ୍ଟା ତାଲା ଝୁଲୁଛି। ଏହି ଶୌଚାଳୟ ଚାରିପଟେ ଅନାବନା ଗଛଲତା ମାଡ଼ି ଲୁଚିଗଲାଣି। ସହର ଟ୍ରାଫିକ ସମସ୍ୟା ଏବଂ ସୌନ୍ଦର୍ଯ୍ୟକରଣ ଆଳରେ ଟ୍ରାଫିକ ଛକଠାରୁ ସମବାୟ ଛକ ଏବଂ ମାରୱାଡି ପଟିରୁ ଉଚ୍ଛେଦ କ୍ୟାବିନ ବ୍ୟବସାୟୀଙ୍କୁ ଥଇଥାନ ପାଇଁ ଟିଏଲ୍‌ସି ଓ ଭାଲିଆବାଡ଼ିଠାରେ ୮.୮୧କୋଟି ବ୍ୟୟ ଅଟକଳରେ ଭେଣ୍ଡିଂଜୋନ୍ ନିର୍ମାଣ କରାଯାଇଛି। ତେବେ ବ୍ୟବସାୟୀଙ୍କୁ ଉଚ୍ଛେଦ ପରେ ମଧ୍ୟ ପରିବା, ମାଛ ଓ ମାଂସ ଦୋକାନ ଗୁଡିକ ଖୋଲାରେ ଅଦ୍ୟାବଧି ରାସ୍ତାକଡ଼ରେ ବିକ୍ରି ଚାଲିଛି। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଛାତ ପଲସ୍ତରା ଛାଡି ଲୁହାରଡ୍ ଦେଖାଗଲାଣି। ଘରଗୁଡିକ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା ବେଳେ କୌଣସି ମୌଳିକ ସୁବିଧା ଉପଲବ୍ଧ ନାହିଁ। ବିଭିନ୍ନ ସ୍ଥାନକୁ ଯିବା ପାଇଁ ଅପେକ୍ଷା କରି ରହୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ବୁଲା ଗୋରୁଙ୍କ ସଂଖ୍ୟା ବଢ଼ିଚାଲିଛି। ଟ୍ରାଫିକ ଛକଠାରୁ ନୂଆ ବସ୍‌ଷ୍ଟାଣ୍ଡ ଏବଂ ନୟାଗଡ ରୋଡ, ପୁରୁଣା ବସଷ୍ଟାଣ୍ଡ ଆଦି ସ୍ଥାନରେ ଗୋରୁ ରାସ୍ତା ଉପରେ ରହୁଛନ୍ତି। ଫଳରେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବୁଲା ଗୋରୁଙ୍କ ପାଇଁ କାଞ୍ଜିଆହୁଦା ନିର୍ମାଣ କରାଯାଉ ନାହିଁ। ସେହିଭଳି ସହରର ଗଳିକନ୍ଦିରେ ବୁଲା କୁକୁରଙ୍କ ସଂଖ୍ୟା ବଢ଼ିଲାଣି। ଏମାନଙ୍କୁ ନିୟନ୍ତ୍ରଣ, ବନ୍ଧ୍ୟାକରଣ ପାଇଁ ବାରମ୍ବାର ଅନୁରୋଧ ସତ୍ତ୍ୱେ ପୌର ପ୍ରଶାସନ ପକ୍ଷରୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ସହର ମୁଖ୍ୟ ସମସ୍ୟା ସନ୍ଧ୍ୟା ହେଲେ ସହରର ମୁଖ୍ୟ ରାସ୍ତା ଅନ୍ଧାର ରହୁଛି। ଟ୍ରାଫିକ ଛକଠାରୁ ଟାଉନ ହଲ୍ ପର୍ଯ୍ୟନ୍ତ ଦୋକାନୀଙ୍କୁ ଉଚ୍ଛେଦ ପରେ ଏହା ସମ୍ପୂର୍ଣ୍ଣ ଅନ୍ଧାର ରହୁଛି। ଏଠାରେ ଆଲୋକୀକରଣର କୌଣସି ବ୍ୟବସ୍ଥା ନାହିଁ। ସେହିଭଳି ସମବାୟ ଛକଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ରାସ୍ତାରେ ଥିବା ଷ୍ଟ୍ରିଟ୍ ଲାଇଟ ଅଧିକାଂଶ ଜଳୁନାହିଁ। ସେହିପରି ସହରରେ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଷୁଡି ପଡିଛି। ଡ୍ରେନଗୁଡିକ ଅବରୋଧ ହୋଇ ରହିଛି। ଏକାଧିକ ଶପିଂ ମଲ୍, ବ୍ୟବସାୟିକ ପ୍ରତିଷ୍ଠାନ ଦ୍ୱାରା ଡ୍ରେନ ଅବରୋଧ କରାଯାଇଛି। ବିଭିନ୍ନ ଜନଗହଳି ସ୍ଥାନରେ ରାସ୍ତା ଉପରେ ବାଇକ ପାର୍କିଂ କରାଯାଉଛି। ଫଳରେ ସବୁ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ସହରର ଏକାଧିକ ସରକାରୀ ଜାଗାରେ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ କୋଠା ଏବଂ ବ୍ୟବସାୟିକ ପ୍ରତିଷ୍ଠାନ କରିଛନ୍ତି। ଏସବୁ ଚିହ୍ନଟ କରି ଜବରଦଖଲ ମୁକ୍ତ କରାଯିବାକୁ ମହାପାତ୍ର ଦାବି କରିଛନ୍ତି। ଉପରୋକ୍ତ ଅଭିଯୋଗର ଯାଞ୍ଚ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା କହିଛନ୍ତି।

କାଇପଦର ପିଇଓଙ୍କୁ ଅନ୍ୟତ୍ର ବଦଳି ଦାବି

ଜନଶୁଣାଣି ଶିବିରରେ ଅଭିଯୋଗ କରିବାକୁ ଆସିଥିବା ସରପଞ୍ଚଙ୍କ ସମେତ ୱାର୍ଡମେମ୍ବରମାନେ।

ଖୋର୍ଦ୍ଧା, ୧।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ)ଙ୍କ ବିରୋଧରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଏହି ପଞ୍ଚାୟତ ସରପଞ୍ଚଙ୍କ ସମେତ ଏକାଧିକ ୱାର୍ଡମେମ୍ବର ଏବଂ କେତେଜଣ ଗ୍ରାମବାସୀ ପିଇଓଙ୍କ ବିରୋଧରେ ୭ଦଫା ଦାବି ସମ୍ବଳିତ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ପଞ୍ଚାୟତରୁ ଅନ୍ୟତ୍ର ବଦଳି ପାଇଁ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ପିଇଓ ପଞ୍ଚାୟତ କାର୍ଯ୍ୟ କରିବାରେ ଅସମର୍ଥ। ଅନ୍ତୋଦୟ ଘର କରାଇଦେବା ଆଳରେ କେତେଜଣ ୱାର୍ଡମେମ୍ବରଙ୍କ ସହ ମିଶି ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ, ଭତ୍ତା ହଡ଼ପ, ପଞ୍ଚାୟତ ଉନ୍ନୟନ ପ୍ରକଳ୍ପ ବିଲ୍ କରିବାରେ ବିଳମ୍ବ, ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀଙ୍କୁ ବର୍ଷେ ପର୍ଯ୍ୟନ୍ତ ଟଙ୍କା ନ ଦେବା, ଯୋଗାଣ ସହାୟକ, ଏସ୍‌ଇଏମ୍ ଏବଂ ପିଅନଙ୍କ ଦରମା ଠିକ୍ ସମୟରେ ନ ଦେବା, ପଞ୍ଚାୟତକୁ ନିୟମିତ ନ ଆସିବା ଆଦି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗଣମାଧମରେ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ପିଇଓ ପ୍ରସନ୍ନ ମହାପାତ୍ର କହିଛନ୍ତି ଯେ, ଉପରୋକ୍ତ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ସରକାରୀ ନିୟମ ଅନୁଯାୟୀ ପ୍ରକଳ୍ପ ଏବଂ ଉନ୍ନୟନ କାର୍ଯ୍ୟ କରିବାକୁ କହିବାରୁ ତାଙ୍କ ନାଁରେ ମିଥ୍ୟା ଅଭିଯୋଗ କରାଯାଇଛି।

ରାମେଶ୍ୱରରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

ନିରାକାରପୁର, ୧।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ରାମେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଗୃହ, ରାଶନକାର୍ଡରେ ନାମ ଅନ୍ତର୍ଭୁକ୍ତ, ନୂତନ ଭତ୍ତା, ଶୌଚାଳୟ, ଉଦ୍ୟାନକୃଷି, କୃଷି, ପାନୀୟ ଜଳ ସମସ୍ୟା ଆଦି ମୋଟ ୭୬୦ଟି ଅଭିଯୋଗ ହୋଇଥିଲା। ତନ୍ମଧ୍ୟରୁ ୬୦୧ଟି ଅଭିଯୋଗର ସମାଧାନ ହୋଇଥିବା ବେଳେ ୧୬୯ଟି ଅଭିଯୋଗର ବିଭାଗୀୟ ବିଚାର କରାଯାଇ ସ୍ଥାୟୀ ସମାଧାନ କରାଯିବ ବୋଲି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିରଞ୍ଚି ନାରାୟଣ ଜେନା ସୂଚନା ଦେଇଛନ୍ତି। ଯୋଗାଣ ବିଭାଗ ଅଧିକାରୀ ଶିବରାମ ବିଶ୍ୱାଳ, ସହକାରୀ କୃଷି ଅଧିକାରୀ ଦୁର୍ଗେଶ ପଟ୍ଟନାୟକ, କୃଷି ଅଧିଦର୍ଶକ ପ୍ରତାପ କୁମାର ସାହୁ, ଜଳ ଯୋଗାଣ ଯନ୍ତ୍ରୀ ନିଲିପ୍ତା ବରାଳ, ଉଦ୍ୟାନ କୃଷି ଅଧିକାରିଣୀ ରୋଜାଲିନ ସାହୁ, ଅଧିଦର୍ଶକ ତ୍ରିନାଥ ସାମନ୍ତରାୟ, ସିଆର୍‌ସିସି ସୁଶାନ୍ତ କୁମାର ମଲ୍ଲିକ, ସିଡିପିଓ ଜ୍ୟୋସ୍ନାମୟୀ ପଣ୍ଡା, ପ୍ରାଣୀଧନ ଅଧିକାରିଣୀ ପ୍ରିୟଙ୍କା ପ୍ରିୟମ୍ବଦା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ମୋଟ୍ ୨୦ଟି ଷ୍ଟଲ୍ ଖୋଲାଯାଇଥିଲା। ଲେଣ୍ଡୋ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିକ୍ରମ ପାହାଡ଼ସିଂହ, ନୂଆଗଡ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେବାଶିଷ ମଲ୍ଲିକ, ବଡ଼ପୋଖରୀଆ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଶ୍ମିତା ରାଣୀ ସ୍ୱାଇଁ ପ୍ରମୁଖ ପଞ୍ଜୀକରଣରେ ସହଯୋଗ କରିଥିଲେ।

ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଅଭିଯୋଗର ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ

ଜନଶୁଣାଣି ଶିବିରରେ ଏସ୍‌ପି ବିବେକାନନ୍ଦ ଶର୍ମା ଏବଂ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

୮୭ ଅଭିଯୋଗରୁ ୫ ଗ୍ରାମୀଣ ସମସ୍ୟା

ଖୋର୍ଦ୍ଧା, ୧।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲାପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ବିବେକାନନ୍ଦ ଶର୍ମା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ(ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏସ୍‌ପି ଶର୍ମା କହିଥିଲେ ଯେ, ଜିଲାର ପ୍ରତ୍ୟେକ ବ୍ଲକ, ପଞ୍ଚାୟତ ତଥା ପଲ୍ଲୀରେ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଅଧିକାରୀମାନେ ସେବା, ସମାଧାନ ଓ ସଚେତନତାକୁ ତ୍ୱରାନ୍ୱିତ କରି ନିଷ୍ଠାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲା ବିକାଶ ପଥରେ ଆଗେଇବ। ସେହିପରି ପୋଲିସ ପ୍ରଶାସନର ସମସ୍ତ ଥାନା ଅଧିକାରୀ ଏବଂ ବରିଷ୍ଠ ଅଧିକାରୀମାନେ ଆଇନଶୃଙ୍ଖଳା ବ୍ୟବସ୍ଥା ବଜାୟ ରଖିବା ଦିଗରେ ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସମସ୍ତ ଅଧିକାରୀମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା ଏବଂ ଅଭିଯୋଗଗୁଡ଼ିକ ନିୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଅତିରିକ୍ତ ଜିଲାପାଳ ବେଉରା ଗୁରୁତ୍ୱାରୋପ କରିଥିଲେ। ଶିବିରରେ ମୋଟ୍ ୮୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ୮୨ ଓ ଗ୍ରାମୀଣ ସମସ୍ୟା ଜନିତ ୫ଟି ଅଭିଯୋଗ ରହିଛି। ତତ୍କାଳ ୫ଟି ଅଭିଯୋଗର ସମାଧାନ କରାଯାଇଥିଲା। ଜନଶୁଣାଣି ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ ଚନ୍ଦ୍ର ରାୟ, ଡେପୁଟି କଲେକ୍ଟର(ଜରୁରୀ) ଶ୍ରୀତପା ମିଶ୍ର, ସହକାରୀ ଜିଲାପାଳ(ଅଭିଯୋଗ) ଭୁବନେଶ୍ୱରୀ କଅଁର, ମୁଖ୍ୟ ଜିଲା କୃଷି ଅଧିକାରୀ ରବି ନାରାୟଣ ସେନାପତି, ଜିଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲା ମଙ୍ଗଳ ଅଧିକାରୀ ଡ.ଗୀତାଂଶୁ ଦାଶ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଓ ଯନ୍ତ୍ରୀ, ସମସ୍ତ ବିଡିଓ, ତହସିଲଦାର ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ।

୪୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ

ବାଲୁଗାଁ, ୧।୧୨ (ସଂଗ୍ରାମ ପାଇକରାୟ)

ବାଲୁଗାଁ ପୋଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଭାବେ ଦୁଇଦିନ ଧରି ସ୍ଥାନୀୟ ଅଞ୍ଚଳରେ ବେଆଇନଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିଥିଲେ। ଏଥିରେ ମୋଟ ୧୩୩ ଜଣଙ୍କୁ ୧୦ଲକ୍ଷ ୩୧ହଜାର ଟଙ୍କାର ଜରିମାନା ଚାଲାଣ କଟାଯାଇଥିବା ବେଳେ ୪୭ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ମାସ ପର୍ଯ୍ୟନ୍ତ ରଦ୍ଦ ନିମନ୍ତେ ସୁପାରିସ କରାଯାଇଛି ବୋଲି ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡ଼ା ସୂଚନା ଦେଇଛନ୍ତି। ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତ୍ୟୁହାର ସପ୍ତାହ ପାଳନ ଅବସରରେ ଏହି ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ରବିବାର ରାତିରେ ମୋଟରଯାନ ଆଇନ ଉଲ୍ଲଂଘନ ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ବୀମା ଭୁକ୍ତ ନ ଥିବା, ସିଟ ବେଲ୍ଟ ନ ବାନ୍ଧିବା, ଦୁଇଚକିଆ ଯାନରେ ୩ ଜଣ ବସିବା, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କାଗଜାତ ଆଦି ଯାଞ୍ଚ ପରେ ମୋଟ ୬୧ଜଣଙ୍କ ନାମରେ ଚାଲାଣ କଟାଯିବା ସହ ୪ଲକ୍ଷ ୯୩ହଜାର ୫୦୦ ଟଙ୍କାର ଜରିମାନା ରସିଦ ପ୍ରଦାନ କରାଯାଇଛି। ଏଥିସହ ୧୦ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଛି। ୨୦ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ୬ମାସ ପର୍ଯ୍ୟନ୍ତ ରଦ୍ଦ ନିମନ୍ତେ ପରିବହନ ବିଭାଗୀୟ ଅଧିକାରୀଙ୍କୁ ସୁପାରିସ କରାଯାଇଛି। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡା ଏବଂ ଖୋର୍ଦ୍ଧା ଟ୍ରାଫିକ ସବ୍ ଇନ୍‌ସ୍ପେକ୍ଟର ତୃପ୍ତି ରେଖା ଜେନାଙ୍କ ତତ୍ତ୍ୱାବଧାନରେ ବାଲୁଗାଁ ବାଇପାସ ରୋଡ୍ ଏବଂ ନୂଆଗଡ଼ ଓଭରବ୍ରିଜ ଠାରେ ପୃଥକ ଭାବେ ଯାଞ୍ଚ କାର୍ଯ୍ୟ କରାଯାଇଥିଲା। ଗତ ଗୁରୁବାର ରାତିରେ ଅନୁରୂପ ଭାବେ ଦୁଇଟି ସ୍ଥାନରେ ଯାଞ୍ଚ କରାଯାଇ ୭୨ଜଣଙ୍କୁ ୫ଲକ୍ଷ ୩୭ ହଜାର ୫୦୦ ଟଙ୍କା ଜରିମାନା ଚାଲାଣ କଟାଯିବା ସହ ୩ ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ୨୭ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ସୁପାରିସ କରାଯାଇଛି।

ସଚେତନତା ହିଁ ଏକମାତ୍ର ନିଦାନ

ଜିଲାସ୍ତରୀୟ ଏଡ୍‌ସ ଦିବସ

ଖୋର୍ଦ୍ଧା, ୧।୧୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରୁ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରି ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରିଥିଲେ। ପୂର୍ବାହ୍ନରେ ବାଟ ଭୁଆଷୁଣୀ ମନ୍ଦିର ନିକଟରୁ ବାଇକ୍ ଶୋଭାଯାତ୍ରା ବାହାରି ଜାତୀୟ ରାଜପଥ ଦେଇ ସହର ପରିକ୍ରମା କରିଥିଲା। ପରେ ସମ୍ମିଳନୀ କକ୍ଷରେ ଏଡିଏମ୍‌ଓ(ଜନସ୍ୱାସ୍ଥ୍ୟ) ଡା.ରଞ୍ଜନ ମିତ୍ରଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଚଳିତବର୍ଷର ବିଷୟ ବସ୍ତୁ 'ବିଭ୍ରାଟକୁ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ଉପରେ ଆଲୋଚନା କରାଯାଇଥିଲା। ପିଏନ୍ କଲେଜ ଅଧ୍ୟାପକ ସୁବୋଧ ଜଗଦ୍ଦେବ ଏବଂ ନର୍ସିଂ କଲେଜ ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାହୁ ଯୋଗଦେଇ କହିଥିଲେ ଯେ, ଓଡ଼ିଶାରେ ଏଡ୍‌ସ ସ୍ଥିତି ସମ୍ବେଦନଶୀଳ ରହିଛି। ଏଚ୍‌ଆଇଭିକୁ ନିୟନ୍ତ୍ରଣ ପାଇଁ ବିଭିନ୍ନ ସ୍ତରରେ ପରୀକ୍ଷା ହେଉଥିବା ବେଳେ ସଂକ୍ରମିତଙ୍କ ସଂଖ୍ୟା ପ୍ରତିବର୍ଷ ବଢୁଛି। ଏଥିଲାଗି ବ୍ୟାପକ ସଚେତନତ ଜରୁରୀ। ସଭାପତିତ୍ୱ ଭାଷଣରେ ଡା.ମିତ୍ର ଏଡ୍‌ସ ରୋଗ ଲକ୍ଷଣ, ନିରାକରଣ ଓ ପ୍ରତିକାର ଉପରେ କହିଥିଲେ। ଏଚ୍‌ଆଇଭି ଏକ ମାରାତ୍ମକ ରୋଗ। ଅସୁରକ୍ଷିତ ଯୌନସମ୍ପର୍କ, ସଂକ୍ରମିତ ରକ୍ତ, ସଂକ୍ରମିତ ମା'ଠାରୁ କ୍ଷୀର ଖାଉଥିବା ଛୁଆକୁ ଏବଂ ସଂକ୍ରମିତ ଛୁଞ୍ଚି ଦ୍ୱାରା ଏହି ରୋଗ ହୋଇଥାଏ। କେବଳ ସଚେତନତା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ। ଏ ଦିଗରେ ଛାତ୍ରୀଛାତ୍ରଙ୍କ ଏକ ପ୍ରମୁଖ ଭୂମିକା ରହିଛି। ଜିଲା ପ୍ରକଳ୍ପ ପରିଚାଳକ ବିଧାନ ଚନ୍ଦ୍ର ନାୟକ ସାମାଜିକ ଗଣମାଧମ(ଫେସବୁକ, ୟୁଟ୍ୟୁବ, ଇନଷ୍ଟାଗ୍ରାମ) ରେ ବିଭାଗ ପକ୍ଷରୁ ଆସୁଥିବା ସଚେତନତା ବାର୍ତ୍ତା ପ୍ରଚାର ପ୍ରସାର ସହ ଟୋଲ ଫି ନମ୍ବର ୧୦୯୭ରେ ଯୋଗାଯୋଗ କରି ଏଡ୍‌ସ ସମ୍ପର୍କରେ ଅଧିକ ତଥ୍ୟ ଜାଣିପାରିବେ। ଏହି କାର୍ଯ୍ୟକ୍ରମକୁ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷ କର୍ମଚାରୀ କିଶୋର କୁମାର କାନୁନଗୋ, ଅଶୋକ କୁମାର ଦାସ, ଜୟନ୍ତୀବାଳା ସାମନ୍ତରାୟ, ବିମଳ ଚନ୍ଦ୍ର ମାନସିଂ, ଡିଆର୍‌ପି ଓ ଆଇସିଟିସିର ପରାମର୍ଶଦାତା ମାନେ ସହଯୋଗ କରିଥିଲେ। ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା ନର୍ସିଂ କଲେଜ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା, ଅଧ୍ୟାପକମାନେ ଯୋଗଦେଇଥିଲେ।

ଏଡ୍‌ସ ଦିବସ ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।

ସତର୍କତା, ସୁରକ୍ଷିତ ଜୀବନଧାରା ଏଡ୍‌ସକୁ ରୋକିବ

ବେଗୁନିଆ, ୧।୧୨ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଶିକ୍ଷକ ଜ୍ଞାନରଞ୍ଜନ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ବଜାର ଏବଂ ଗ୍ରାମ ପରିକ୍ରମା କରି ଏଡ୍‌ସ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ପରେ ବିଦ୍ୟାଳୟ ପରିସରରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ଦିବାକର ସାହୁ ସଭାପତିତ୍ୱ କରିଥିଲେ। ଗାୟକ ବସନ୍ତ ଦାସ ମଙ୍ଗଳା ଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀଛାତ୍ରମାନେ ଏଡ୍‌ସ ବିରୋଧୀ ସଚେତନତା ସଙ୍ଗୀତ ଗାନ କରିଥିଲେ। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡା. ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଡା. ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା ଏବଂ ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ମନ୍ମଥ ରଥ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ସାମାଜିକ ସଚେତନତା ଦ୍ୱାରା ଏଡ୍‌ସ ଭଳି ଏକ ମହାମାରୀକୁ ବିନାଶ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୀତିକାର ହରିହର ମହାପାତ୍ର, ସବିତା ରାୟ, ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡିତ, ରହେମତ ଅଲ୍ଲୀ, ପ୍ରଶାନ୍ତ ସାହୁ, ଶିକ୍ଷୟିତ୍ରୀ ଅର୍ଚ୍ଚନା ପଟ୍ଟନାୟକ, ସଙ୍ଗୀତା ନାୟକ, ପ୍ରିୟମ୍ବଦା ପ୍ରିୟଦର୍ଶିନୀ ଖଟୁଆ, ଜ୍ୟୋତିର୍ମୟୀ ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ଆୟୋଜିତ 'ଏଡ୍‌ସକୁ ଜାଣ ଓ ଜିଣ' ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଆକାଂକ୍ଷା, ନିଶିକାନ୍ତ ଓ ଶୁଭସ୍ମିତାଙ୍କୁ ପୁରସ୍କୃତ କରାଯାଇଥିଲା। କବୟିତ୍ରୀ ମାନସୀ ଦାସ ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଶିକ୍ଷୟିତ୍ରୀ ହୀରାମତି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରୁଛନ୍ତି।

ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ଏଡ୍‌ସ ର ଭୟାବହତା ଏବଂ ସଚେତନତା ଉଦ୍ଦେଶ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସ୍ୱପ୍ନା ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଡ. ସସ୍ମିତା ପଣ୍ଡା ଯୋଗଦେଇ ଏଡ୍‌ସର କାରଣ ଏବଂ ନିରାକରଣ ସମ୍ପର୍କରେ କହିଥିଲେ। ମହାବିଦ୍ୟାଳୟ ୟୁଥ୍ ରେଡ୍‌କ୍ରସର କାଉନ୍‌ସିଲର ଅଧ୍ୟାପିକା ପରିମିତା ପ୍ରହରାଜ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ.ଆଲୋକ କୁମାର ଛୋଟରାୟ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଡ.ପୁଷ୍ପଲତା ସେଠୀ, ଅଧ୍ୟାପକ ଡ. ପ୍ରଶାନ୍ତ କୁମାର ପାଣିଗ୍ରାହୀ, ଅଧ୍ୟାପକ ଡ.ତପନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଟାଙ୍ଗୀ, (ରଘୁନାଥ ସାହୁ)

ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଉଚ୍ଚ ମାଧମିକ ବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ କଲେଜ ପରିସରରୁ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରି ଏଡ୍‌ସ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଦ୍ୟାଳୟର ଅଧକ୍ଷ ମହେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ମୁଖ୍ୟ ଅତିଥି ଡା.ମଧୁସୂଦନ ସେନାପତି, ମୁଖ୍ୟ ବକ୍ତା କଲେଜ ପରିଚାଳନା କମିଟି ପୂର୍ବତନ ସଭାପତି ରଘୁନାଥ ସାହୁ ଯୋଗଦେଇ ଏଡ୍‌ସ ରୋଗର କାରଣ, ନିରାକରଣ ଏବଂ ସଚେତନ ହେଲେ ଏହି ରୋଗରୁ ରକ୍ଷା ମିଳିପାରିବ ବୋଲି କହିଥିଲେ। ଏମ୍‌ସ ଡାକ୍ତର ଆଲେଫା, ଡା.ଆସ୍ଥା, ଡା. ଅମିତ କୁମାର, ଡା.ଅରବିନ୍ଦ କୁମାର ସିଂ, ଡା. ଅଭିଷେକ ମିଶ୍ର, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା.କବିତା ସାହୁ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ଝୁମାରାଣୀ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ସଚେତନାଧର୍ମୀ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର ସଂଯୋଜନା କରିଥିଲେ। କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଏମ୍‌ସ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ୟୁଥ୍ ରେଡ୍‌କ୍ରସ ଏବଂରେଡ୍ ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ପ୍ରଫେସର କାଦମ୍ବିନୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଫିଜିଓଥେରାପିଷ୍ଟ ଡ.ରାଧେଶ୍ୟାମ ରଥ, ଡ.ପ୍ରଭାତ କୁମାର ସାହୁ, ପ୍ରଫେସର ଅଞ୍ଜୁଳା ତ୍ରିପାଠୀ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ୟୁଥ୍ ରେଡ୍‌କ୍ରସ ଅଧିକାରୀ ଅଧ୍ୟାପକ ଅଭିଷେକ ପଣ୍ଡା ଓ ଅଧ୍ୟାପିକା ସୋନାଲି ରଣସିଂହଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବ୍ୟାନର ଧରିପଦଯାତ୍ରା ମାଧମରେ ଏଡ୍‌ସ ସଚେତନତା ବାର୍ତ୍ତା ଦେଇଥଲେ। ଅଧ୍ୟାପକ କୈବଲ୍ୟ ପତି, ସୌରଭ ମହାପାତ୍ର, ଅମୂଲ୍ୟ ପାତ୍ର, ମୋନାଲିସା ଆଚାର୍ଯ୍ୟ, ରଶ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୋଷ୍ଟର ମେକିଂ ପ୍ରତିଯୋଗିତା କାରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

କୋଣାର୍କ ଉତ୍ସବ

କୋଣାର୍କ ମହୋତ୍ସବର ପ୍ରଥମ ସନ୍ଧ୍ୟାରେ କଳାକାରଙ୍କ ସହ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ।

ସୁଭଦ୍ରା ଶକ୍ତି ମେଳାର ଷ୍ଟଲ୍ ବୁଲି ଦେଖୁଛନ୍ତି ।

ନୃତ୍ୟଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି । (ଫଟୋ– ଜ୍ୟୋତିରାଜ ମହାନ୍ତି)

କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ମୁଖ୍ୟମନ୍ତ୍ରୀ ବେଲୁନ ଉଡାଇ ବାଲୁକାକଳା ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି ।

ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଓଡ଼ିଆ ଅସ୍ମିତାର ବାର୍ତ୍ତା ବାହକ ହେବ

କୋଣାର୍କ, ୧।୧୨ (ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ମାଘସପ୍ତମୀ ମେଳା ପଡ଼ିଆରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ୭ଦିନିଆ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଚନ୍ଦ୍ରଭାଗା ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଐତିହ୍ୟ ଓ ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ମେଳା ଏକ ପ୍ରଶସ୍ତ ମାଧ୍ୟମ ବୋଲି ସୁଭଦ୍ରା ଶକ୍ତି ମେଳା ଷ୍ଟଲ ବୁଲି ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଚଳିତ ବର୍ଷ କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗା ଠାରେ ଡିସେମ୍ବର ୧ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଏହି ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯାଇଛି। ଏହି ମେଳାରେ ଓଡ଼ିଶାର ୩୦ଟି ଜିଲାର ହସ୍ତତନ୍ତ ସାମଗ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ପ୍ରସ୍ତର ଖୋଦେଇ ସାମଗ୍ରୀ ଓ ଘରକରଣା ସାମଗ୍ରୀ ନେଇ ୧୫୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଚନ୍ଦ୍ରଭାଗା ବେଳାଭୂମି କୂଳରେ ସୁନ୍ଦର ଓ ମନୋରମ ପରିବେଶ ମଧ୍ୟରେ ବ୍ୟାପକ ସାଜସଜ୍ଜା ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହି ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ଫୁଡ୍ କୋର୍ଟ ଓ ମନୋରମ ଐତିହ୍ୟ ଓ ପରମ୍ପରା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ମଧ୍ୟରେ ଐତିହ୍ୟ ଓ ପରମ୍ପରା ସମ୍ପନ୍ନ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା। ଏହି ମେଳାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରୁଛନ୍ତି ।

ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧।୧୨।୨୦୨୫

୫,୯୮,୮୧୮ ଟଙ୍କା	
ସୁନା	୨୯.୨୦୦ ଗ୍ରାମ୍
ରୁପା	୩୪ ଗ୍ରାମ୍

ଅଟୋ ଚାଳକଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗ, ଜଣେ ଗିରଫ

ସାକ୍ଷୀଗୋପାଳ, ୧।୧୨ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ଥାନା ଅନ୍ତର୍ଗତ ମଝିକେରା ଗ୍ରାମର ଅଟୋଚାଳକ ପ୍ରସନ୍ନ କୁମାର ସେଠୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ଅଟୋ ଭାଙ୍ଗିଦେବା ଅଭିଯୋଗରେ ଉକ୍ତ ଗ୍ରାମର ବିରଞ୍ଚି ନାରାୟଣ ବରାଳଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୂର୍ବଯୋଜନା କ୍ରମେ ପ୍ରସନ୍ନଙ୍କୁ ଭଡ଼ା କରିବାକୁ ଡାକିନେଇ ନିକଟବର୍ତ୍ତୀ ଭୀମଦାସପୁର ଗାଁ ନିକଟରେ ଅଟୋ ଅଟକାଇ ତାଙ୍କୁ ନିସ୍ତୁକ ମାଡ଼ ମାରି ଅଚେତ କରି ଛାଡ଼ି ପଳାଇଥିଲେ। ପାଖ ପଡୋଶୀ ଲୋକେ ପ୍ରସନ୍ନଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ତାଙ୍କ ଘରେ ପହଞ୍ଚାଇଥିଲେ। ପରିବାର ଲୋକେ ତାଙ୍କୁ ସାକ୍ଷୀଗୋପାଳ, ପୁରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ମାତ୍ର ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା। ପ୍ରସନ୍ନଙ୍କ ସାନଭାଇ ପ୍ରଦୀପ୍ତ କୁମାର ସେଠୀଙ୍କ ଅଭିଯୋଗ ଆଧାରରେ ପୋଲିସ ସତ୍ୟବାଦୀ ଥାନା କେସ୍ ନଂ – ୪୨୧/୨୫ ରେ ଏକ ମାମଲା ରୁଜୁ କରିଥିବା ବେଳେ ସବ ଇନ୍ସପେକ୍ଟର ସୁକାନ୍ତି ମୁର୍ମୁ ତଦନ୍ତ କରୁଥିବା ଜଣାପଡ଼ିଛି।

୭ରେ ମାର୍କେଟ୍ ଛକରେ ପ୍ରତିବାଦ କରିବେ ପୁରୀବାସୀ

- ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀଜଗନ୍ନାଥ ଦର୍ଶନ ଘଟଣା
- ସୂଚନାଦେଲେ ଜାଗା ଆଖଡ଼ାର ମୁଖିଆ

ପୁରୀ, ୧।୧୨ (ଅଜିତ୍ କୁମାର ମହାନ୍ତି)

ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀଜଗନ୍ନାଥ ଦର୍ଶନ ଅଭିଯାନରେ ପୁରୀ ଆଠସାହି ଆଖଡ଼ାର ମୁଖିଆ ସାମିଲ ହୋଇଛନ୍ତି। ଗୋଟିଏ ସ୍ୱରରେ ଆଠସାହି ଆଖଡ଼ା ସମନ୍ୱୟ ସମିତି ପକ୍ଷରୁ ଦାବି କରାଯାଇଛି। ଏନେଇ ଆସନ୍ତା ୭ ତାରିଖରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ହଜାର ହଜାର ପୁରୀବାସୀ ଚାଲିଚାଲି ଆସି ମାର୍କେଟ୍ ଛକ ନିକଟରେ ପ୍ରତିବାଦ କରିବେ ବୋଲି ଜାଗା ଆଖଡ଼ାର ମୁଖିଆ ସୂଚନା ଦେଇଛନ୍ତି। ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟରେ ୨୮ଟି ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇ ସୋସିଆଲ ମିଡିଆରେ ସଚେତନତା ସୃଷ୍ଟି କରିବେ। ଆଗାମୀ ୨ ତାରିଖଠାରୁ କମିଟି ଏବଂ ୮ ସାହିବସ୍ତି ଗଳିକନ୍ଦିରେ ସଚେତନତା ସୃଷ୍ଟି କରାଯିବା ସହ ଦସ୍ତଖତ ଅଭିଯାନ ଆରମ୍ଭ ହେବ। ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନକରି ପୁରୀବାସୀ ନିଜର ଦୈନନ୍ଦିନ ଜୀବନ ଆରମ୍ଭ କରିଥାନ୍ତି। ଘର ପ୍ରତିଷ୍ଠା, ବ୍ରତୋପନୟନ, ବିହାହ, ନିର୍ବନ୍ଧ ଏବଂ ଅନେକ ପୂଜାର୍ଚ୍ଚନା ଲାଗି ମହାପ୍ରସାଦ ପାଇଁ ଯାଇଥାନ୍ତି। ଏବେ ଏପରି ସ୍ଥିତି ସୃଷ୍ଟି ହୋଇଛି, ମାଳମାହାର୍ଦ୍ଦ ପାଇଁ ମଧ ଯିବା ସମ୍ଭବ ହେଉନାହିଁ। ସାହି ଆଖଡ଼ା ସମନ୍ୱୟ ସମିତିର ସଭାପତି ରବିନାରାୟଣ ସେନାପତି, ସମ୍ପାଦକ ନରେନ୍ଦ୍ର ମହାନ୍ତି, ପଥର ଆଖଡ଼ାର ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱଜିତ୍ ସେନାପତି, ଗଉଡ଼ବାଡ଼ସାହି ଆଖଡ଼ାର ସମ୍ପାଦକ ରଘୁନାଥ ଖୁଣ୍ଟିଆ, ମାଟିମଣ୍ଡପ ସାହି ଆଖଡ଼ାର ଉପସଭାପତି ଗଣେଶ ମହାସୁଆର, ପାଣ୍ଡବଜାଗାର ସମ୍ପାଦକ ତ୍ରିଲୋଚନ ପ୍ରଧାନ, ଗଦାସାଆଣ ଜାଗାର ସଭାପତି ସୁବାସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଥାନାରେ ଏତଲା

ପୁରୀ, ୧।୧୨ (ଅଜିତ୍ କୁମାର ମହାନ୍ତି)

ଦେଶର ଜଣାଶୁଣା ସୋସିଆଲ ମିଡିଆ ଇନଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରାଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଶୁଭଙ୍କରଙ୍କ ପାଇଁ ଦିନକୁ ଦିନ ସମସ୍ୟା ବଢ଼ିବାରେ ଲାଗିଛି। ମିଶ୍ରଙ୍କ ବିବାଦୀୟ ବୟାନକୁ ନେଇ ଜଗନ୍ନାଥପ୍ରେମୀ ଓ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ଘଟଣାକୁ ନେଇ ଜିଲାପାଳ ମଧ୍ୟ ପ୍ରତିକ୍ରିୟା ଦେଇ କହିଥିଲେ, ବୟାନର ତର୍ଜମା କରାଯିବ। ଏପରିକି ରିପୋର୍ଟ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଶୁଭଙ୍କରଙ୍କ ଟିପ୍ପଣୀକୁ ବିରୋଧ କରି ବରିଷ୍ଠ ସେବାୟତ ତଥା ପୂର୍ବତନ ନଗରପାଳ ଗୌରହରି ପ୍ରଧାନ ରବିବାର ଇନ୍‌ଫ୍ଲୁଏନ୍ସର ମିଶ୍ରାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଦେଇ ଭକ୍ତଙ୍କୁ ଭ୍ରମିତ କରୁଥିବା ହେତୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ସେହିପରି ଏହି ଘଟଣା ସମ୍ପର୍କରେ ଆରକ୍ଷୀ ଅଧିକ୍ଷକଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ନିଜ ଫଲୋର୍ସ ବଢ଼ାଇବା ଉଦ୍ଦେଶ୍ୟରେ ମିଶ୍ରା ଏପରି କାର୍ଯ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏ ନେଇ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଇନଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରା ଶ୍ରୀମନ୍ଦିର ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ନେଇ ଥାନାରେ ଏକ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଜାରି ରହିଛି। ପ୍ରମାଣକୁ ଆଧାର କରି ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ସିଂ କହିଛନ୍ତି।

କେନ୍ଦ୍ର ସରକାର ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ

ଡାକ କର୍ମଚାରୀଙ୍କ ୩୦ତମ ସର୍ବଭାରତୀୟ ସମ୍ମିଳନୀ

ପୁରୀ, ୧।୧୨ (ଅଜିତ୍ କୁମାର ମହାନ୍ତି)

ଗତ ୧୧ ବର୍ଷର ଭାଜପା ନେତୃତ୍ୱରେ କେନ୍ଦ୍ର ସରକାର ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧରେ କାମ କରୁଛି ଓ ଶ୍ରମ କୋର୍ଡ କାର୍ଯ୍ୟକାରୀ ହେବା ପରେ ଦେଶରେ ଶ୍ରମଜୀବୀ ମଣିଷଙ୍କ ସର୍ବନାଶ ହେବ ବୋଲି ବିଶିଷ୍ଟ ଶ୍ରମିକ ନେତା ମତପ୍ରକାଶ କରିଛନ୍ତି। ଅଖିଳ ଭାରତ ଡାକ କର୍ମଚାରୀ ୟୁନିୟନ (ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ) ପକ୍ଷରୁ ୩୦ତମ ସର୍ବଭାରତୀୟ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନକୁ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ଶ୍ରମିକ ନେତା ଜନାର୍ଦ୍ଦନ ପତି ଉଦ୍‌ଘାଟନ କରିଥିଲେ। ଶ୍ରମିକ ନେତା ପତି କହିଥିଲେ, କେନ୍ଦ୍ର ସରକାର ଶ୍ରମିକ ସପକ୍ଷବାଦୀ ପ୍ରଗତିଶୀଳ ଆଇନକୁ ଖତମ କରି ଆଣିଥିବା ଶ୍ରମକୋର୍ଡ କାର୍ଯ୍ୟକାରୀ ହେବା ପରେ ଲକ୍ଷ ଲକ୍ଷ ଶ୍ରମିକ କର୍ମଚାରୀ ଛଟେଇ ହେବେ। ଏହି ଆଇନରେ ଶ୍ରମିକଙ୍କ ପାଇଁ ଉର୍ଦ୍ଧିଷ୍ଟ ସର୍ବନିମ୍ନ ବେତନ ଆଇନ ବିଲୋପ ହେବା ସହ ଦୈନିକ ୧୨ଘଣ୍ଟା କାମ କରିବାକୁ ବାଧ ହେବେ। ସର୍ବଭାରତୀୟ ସଭାପତି ଏମ୍ ପି ଯାଦବ କହିଥିଲେ ଯେ, ଡାକ ବିଭାଗକୁ କେନ୍ଦ୍ର ସରକାର କ୍ରମାଗତ ଘରୋଇକରଣ କରିବାକୁ ପଦକ୍ଷେପ ନେଇ ଚାଲିଛନ୍ତି। ପୋଷ୍ଟମ୍ୟାନ୍ ଓ ଏମ୍‌ଟିଏସ୍‌ଙ୍କୁ ଛଟେଇ କରି ଡାକ ବିଭାଗ ଭଳି ଏକ ରାଷ୍ଟ୍ରାୟାତ ଉଦ୍ୟୋଗକୁ ପୁଞ୍ଜିପତିଙ୍କ ହାତକୁ ଟେକି ଦେବାକୁ ବସିଛନ୍ତି। ଡାକ ବିଭାଗ ଅଧୀନରେ ଥିବା ବିପୁଳ ଜମି ଓ ଢାଞ୍ଚାଗତ ସମ୍ପତ୍ତିକୁ ବିକି ଦେବା ପାଇଁ କେନ୍ଦ୍ର ସରକାର ସମସ୍ତ ଷଡ଼ଯନ୍ତ୍ର କରୁଛନ୍ତି। ପ୍ରାରମ୍ଭରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧି ଗୋପବନ୍ଧୁ ଆୟୁର୍ବେଦ କଲେଜଠାରୁ ଏକ ଶୋଭାଯାତ୍ରାରେ ଆସିଲା ପରେ ଅଧିବେଶନ ହୋଇଥିଲା। ପ୍ରାରମ୍ଭରେ ଓଏଫ୍‌ପିଇର ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜାତୀୟ କର୍ମଚାରୀ ନେତା ଆଲୋକ ଶର୍ମା, ସାଧାରଣ ସମ୍ପାଦକ ବିକ୍ରମ ସାରା, ପୂର୍ବତନ ସାଧାରଣ ସମ୍ପାଦକ ଦେବବ୍ରତ ମହାନ୍ତି, କର୍ମଚାରୀ ନେତା ରବୀନ୍ଦ୍ର ଧଳ, ରାଜୀବ ନାୟକ, ଏମ୍ ଚନ୍ଦ୍ର ଶେଖର ରାଓ, ରାଜେଶ ବହିଦାର, ରବି ନାରାୟଣ ମହାନ୍ତି, ବିଶ୍ୱଜିତ୍ ନାୟକ, ମହେଶ କୁମାର ସାହୁ, ଅଶୋକ ସାମଲ, ସାଥୀ ସନ୍ତୋଷ ଓ ସିଆଇଟିୟୁ ନେତା ଜଗନ୍ନାଥ ଦେଓ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ୭୦୦ ପ୍ରତିନିଧି ଯୋଗ ଦେଇଛନ୍ତି। ସମ୍ମିଳନୀ ଆସନ୍ତାକାଲି ମଙ୍ଗଳବାର ଶେଷ ହେବ।

ଡାକ କର୍ମଚାରୀଙ୍କ ସର୍ବଭାରତୀୟ ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ ।

ସଂକ୍ଷେପରେ

ଭୁବନେଶ୍ୱର ଷ୍ଟେଶନରେ ଏସ୍‌ଟିଏଫ୍‌ର ଚଢ଼ାଉ

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି): ରେଲଷ୍ଟେଶନର ଗଳାବାଟ ଦେଇ ନିଶାଦ୍ରବ୍ୟ ରାଜ୍ୟ ବାହାରକୁ ଚାଲାଣ ହେଉଛି। ଏହା ପଛରେ ଏକ ରାକେଟ କାମ କରୁଛି। ମାଫିଆମାନେ ନିଶା ଦ୍ରବ୍ୟଚାଲାଣ ପାଇଁ ସ୍ଲିପରସେଲ୍‌କୁ ବ୍ୟବହାର କରୁଛନ୍ତି। ଯେଉଁଥିପାଇଁ ସେମାନେ ଖସି ଯାଉଥିବା ବେଳେ ଚାଲାଣକାରୀ ଧରାପଡ଼ି ଗିରଫ ହେଉଛନ୍ତି। ସୋମବାର ଗୋଟିଏ ଦିନରେ ୬ଜଣ ନିଶା ଦ୍ରବ୍ୟ ଚାଲାଣକାରୀ ଧରାପଡ଼ିଛନ୍ତି। ଖଣ୍ଡଗିରି ଥାନା ପୋଲିସ ଏମ୍‌ସ ରାସ୍ତାରେ ଚଢ଼ାଉ କରି ୪ଜଣ ନିଶା ଚାଲାଣକାରୀଙ୍କୁ ଧରିଛି। ସେମାନଙ୍କ ନିକଟରୁ ୨୦ ଗ୍ରାମ ନିଶା ଦ୍ରବ୍ୟ ଜବତ କରାଯାଇଛି। ସେହିପରି ଅବକାରୀ ବିଭାଗ ମଞ୍ଚେଶ୍ୱର/ମଞ୍ଚାଖାଲ ବସ୍ତିରେ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିବା ସହ ୩୪୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଛି। ସେହିପରି ଏସ୍‌ଟିଏଫ୍ ପକ୍ଷରୁ ସନ୍ଧାନୀ କୁକୁର ସହାୟତାରେ ଭୁବନେଶ୍ୱର ଷ୍ଟେଶନରେ ଯାତ୍ରୀ ପ୍ରତୀକ୍ଷାଳୟକୁ ଯାଞ୍ଚ କରାଯାଇଥିଲା। ଏହି ସମୟରେ ସନ୍ଦିଗ୍ଧ ଅବସ୍ଥାରେ ଦୁଇଟି ବ୍ୟାଗ୍ ଜବତ କରାଯାଇଛି। ଗୋଟିଏ ବ୍ୟାଗରୁ ୧୮ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ୧୧ତମ ପ୍ରତିଷ୍ଠା ଉତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପୁରାତନ ଛାତ୍ରୀ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମଶ୍ରୀ ଦମୟନ୍ତୀ ବେଶ୍ରା ଯୋଗଦେଇ ନିଜ ଛାତ୍ରୀ ସମୟର ଅନୁଭୂତି ବର୍ଣ୍ଣନା କରିବା ସହ ମାତୃଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିନା ଗୁରୁରେ ଶିକ୍ଷା ଅସମ୍ଭବ ବୋଲି ସେ କହିଥିଲେ। ପୁରାତନ ଛାତ୍ରୀ ସଂଘର ପୂର୍ବତନ ଉପସଭାପତି ସୁଦିପା ରାୟ ଅତିଥି ଭାବେ ଯୋଗଦେଇଥିଲେ।

ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ଓଡ଼ିଆ ଅସ୍ମିତାର ବାର୍ତ୍ତା ବାହକ ହେବ

କୋଣାର୍କ,୧।୧୨(ଜ୍ୟୋତିରାଜ ମହାନ୍ତି)

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ମାଘସପ୍ତମୀ ମେଳା ପଡ଼ିଆରେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ୭ଦିନିଆ ସୁଭଦ୍ରା ଶକ୍ତି ମେଳାକୁ ସୋମବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଚଳିତବର୍ଷ ପ୍ରଥମ ଥର ପାଇଁ ଚନ୍ଦ୍ରଭାଗା ଠାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଐତିହ୍ୟ ଓ ଓଡ଼ିଆ ଅସ୍ମିତାର ପ୍ରଚାର ଓ ପ୍ରସାର କରିବା ପାଇଁ ଏହି ମେଳା ଏକ ପ୍ରଶସ୍ତ ମାଧ୍ୟମ ବୋଲି ସୁଭଦ୍ରା ଶକ୍ତି ମେଳା ଷ୍ଟଲ ବୁଲି ଦେଖିବା ଅବସରରେ ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ।

ଚଳିତ ବର୍ଷ କୋଣାର୍କ ଉତ୍ସବ ଅବସରରେ ଚନ୍ଦ୍ରଭାଗା ଠାରେ ଡିସେମ୍ବର ୧ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ଏହି ସୁଭଦ୍ରା ଶକ୍ତି ମେଳା ଆୟୋଜନ କରାଯାଇଛି। ଏହି ମେଳାରେ ଓଡ଼ିଶାର ୩୦ଟି ଜିଲାର ହସ୍ତତନ୍ତ ସାମଗ୍ରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ, ପ୍ରସ୍ତର ଖୋଦେଇ ସାମଗ୍ରୀ ଓ ଘରକରଣା ସାମଗ୍ରୀ ନେଇ ୧୫୦ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଛି। ଚନ୍ଦ୍ରଭାଗା ବେଳାଭୂମି କୂଳରେ ସୁନ୍ଦର ଓ ମନୋରମ ପରିବେଶ ମଧ୍ୟରେ ବ୍ୟାପକ ସାଜସଜ୍ଜା ଓ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହି ମେଳାରେ ମୁଖ୍ୟ ଆକର୍ଷଣ ସାଜିଛି ଫୁଡ୍ କୋର୍ଟ ଓ ମନୋରମ ଐତିହ୍ୟ ଓ ପରମ୍ପରା ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ମେଳାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କ ମଧ୍ୟରେ ଐତିହ୍ୟ ଓ ପରମ୍ପରା ସମ୍ପନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ବିଶ୍ୱ ଏଡ୍‌ସ ଦିବସ ଅବସରରେ ସୋମବାର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମଣ୍ଡଳ ରେଲ୍‌ୱେ ହସ୍ପିଟାଲ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା। (ଫଟୋ: ରବୀନ୍ଦ୍ର ନାଥ ମହାକୁଡ଼)

ମେଧାବୀଙ୍କୁ ପୁରସ୍କୃତ କଲା ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ରେଳ କର୍ମଚାରୀଙ୍କ ମେଧାବୀ ପିଲା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳ କର୍ମଚାରୀଙ୍କ ପିଲା ତଥା ୧୩୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଇକୋରୋ/ଖୋର୍ଦ୍ଧାରୋଡ୍‌ର ସଭାପତି ଦିବ୍ୟା ତ୍ରିପାଠୀ ଓ ଉପସଭାପତି ଲୀନାଶ୍ରୀ ବେହେରା ମନୋନୀତ ଛାତ୍ରୀଛାତ୍ରଙ୍କ କଠିନ ପରିଶ୍ରମ, ଉତ୍ସର୍ଗତା ଏବଂ ଶିକ୍ଷାଗତ ସଫଳତାକୁ ପ୍ରଶଂସା କରି ପୁରସ୍କାର ପ୍ରଦାନ କରିଥିଲେ।

୧୩୧ଜଣଙ୍କୁ ୧.୪୮ ଲକ୍ଷ ଜରିମାନା

ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)

ସୁରକ୍ଷିତ ଯାତ୍ରା ଏବଂ ଶୂନ ଅଘଟଣ, ମୋଟରଯାନ ନିୟମ ନିଶ୍ଚିତ ଲକ୍ଷ୍ୟରେ ଖୋର୍ଦ୍ଧା ଜିଲା ପୋଲିସ ଏବଂ ଏଆରଟିଓ ଖୋର୍ଦ୍ଧା ମିଳିତ ଆନୁକୂଲ୍ୟରେ ବିଭିନ୍ନ ଥାନା ଅଞ୍ଚଳରେ ଯାନାବାହନ ଚେକିଂ ଜାରି ରହିଛି। ରବିବାର ଚେକିଂ ସମୟରେ ୧୩୧ଜଣଙ୍କ ଚାଲାଣ କଟାଯାଇ ୧ଲକ୍ଷ ୪୮ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିରୁ ୧୨୦ଜଣ ବିନା ହେଲମେଟଧାରୀଙ୍କ ଠାରୁ ୧ଲକ୍ଷ ୨୨ ହଜାର, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର ନେଇ ୩ଜଣଙ୍କଠାରୁ ୧୮ହଜାର ଟଙ୍କା ଏବଂ ବିନା ସିଟବେଲ୍ଟ କାର୍ ଚାଳନା ନେଇ ୮ଜଣଙ୍କୁ ୮ହଜାର ଟଙ୍କା ଜରିମାନା କରାଯାଇଛି। ମଦ୍ୟପାନ କରି ଗାଡ଼ି ଚାଳନା ନେଇ ୩ଜଣ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ସେଥିରୁ ସଦର ଥାନା ଅଞ୍ଚଳରେ ୧୦ ଚାଲାଣ କଟିଥିବା ବେଳେ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ସଦର ହାଇୱେ ପାଟ୍ରୋଲିଂ ଟିମ୍ ଦ୍ୱାରା ୩୨ଟି ଚାଲାଣ କଟାଯାଇ ୩୭ ହଜାର ଟଙ୍କା, ଜଙ୍କିଆ ଥାନା ହାଇୱେ ପାଟ୍ରୋଲିଂ ଟିମ୍ ଦ୍ୱାରା ୪୦ ଚାଲାଣ କଟାଯାଇ ୪୦ହଜାର ଟଙ୍କା ଏବଂ ବାଲୁଗାଁ ଥାନା ହାଇୱେ ପାଟ୍ରୋଲିଂ ଟିମ୍ ଦ୍ୱାରା ୪୯ଟି ଚାଲାଣ କଟାଯାଇ ୬୧ହଜାର ଟଙ୍କା ଜରିମାନା କରାଯାଇଛି।

କୁଞ୍ଜବିହାରୀ ଦେବଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

ଖୋର୍ଦ୍ଧା,୧।୧୨(ପ୍ରଭାତ ପାଣିଗ୍ରାହୀ)

ବୋଲଗଡ଼ ବ୍ଲକ ଅସରଳା ଗ୍ରାମ ଉପକଣ୍ଠ କୁଞ୍ଜବନଠାରେ ଶ୍ରୀକୁଞ୍ଜବିହାରୀ ଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହନ୍ତ ମଦନ ମୋହନ ଦାଶଜୀଙ୍କ ତତ୍ତ୍ୱାବଧାନରେ ଅସରଳା ଗ୍ରାମବାସୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ ପରେ ଏହି ପ୍ରତିଷ୍ଠା ଉତ୍ସବ ହୋଇଥିଲା । ଏହି ପରିପ୍ରେକ୍ଷୀରେ ପାଞ୍ଚଦିନ ଧରି ଚାଲିଥିବା ଯଜ୍ଞ ବୈଦିକ ରୀତିନୀତି ଅନୁସାରେ ହୋଇଥିଲା। ଗୁରୁବାର ଅଙ୍କୁରରୋପଣ, ଶୁକ୍ରବାର ତୀର୍ଥ ଆବାହନ, ସାଲାମଣ୍ଡନ ଓ ଧାନ୍ୟାଗାର କାର୍ଯ୍ୟକ୍ରମ ହୋଇଥିବା ବେଳେ ଶନିବାର ସର୍ବଦେବଦେବୀ ପୂଜା, ଅଗ୍ନିସ୍ଥାପନ, ରବିବାର ନୂତନ ବିଗ୍ରହଙ୍କ ମହାସ୍ନାନ ଶୟନ ଏବଂ ସୋମବାର ନୂତନ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ଗୀତା ଆହୁତି, ହୋମ ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହୋଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋଗଦେଇଥିଲେ । ପଣ୍ଡିତ ପ୍ରସନ୍ନ ରଥ, ପଣ୍ଡିତ ରମେଶ ଚନ୍ଦ୍ର କର, ଆଶିଷ କୁମାର କର, ବାପି ମିଶ୍ର ପ୍ରମୁଖ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ତୁଲାଇଥିବା ବେଳେ କର୍ତ୍ତାଭାବେ ଗୋପୀନାଥ ପଣ୍ଡା ଓ ତାଙ୍କ ସ୍ତ୍ରୀ ଚନ୍ଦ୍ର ପ୍ରଭା ପଣ୍ଡା ଦାୟିତ୍ୱ ତୁଲାଇଥିଲେ।

ଭକ୍ତଙ୍କୁ ଦୁର୍ବ୍ୟବହାର ନେଇ ଏକ୍ସ'ରେ ଅଭିଯୋଗ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ଭକ୍ତଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି ଏକ୍ସ'ରେ ଅଭିଯୋଗ କରିଛନ୍ତି। ଏନେଇ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ଉଦ୍ଦେଶ୍ୟରେ ଏକ୍ସ'ରେ ଅଭିଯୋଗ ପୋଷ୍ଟ କରିଛନ୍ତି। ସୂଚନା ମୁତାବକ, ରବିବାର ଶ୍ରୀମନ୍ଦିରରେ ବିଳମ୍ବିତ ରାତିରେ ପହୁଡ଼ ପଡ଼େ। ରାତି ୧୨ଟା ୦୮ରେ ଦକ୍ଷିଣ ଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବାକୁ ଚାହିଁଥିଲେ। କିନ୍ତୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ଛାଡ଼ି ନ ଥିଲେ। ଅନ୍ୟପକ୍ଷରେ ରାତି ୧୨ଟା ୮ରେ ଦକ୍ଷିଣ ଦ୍ୱାର ବନ୍ଦ କରିଦିଆଯାଇଥିଲା। ଫଳରେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶକରି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଛିଡ଼ା ହୋଇଥିବା ଅନେକ ଭକ୍ତଙ୍କୁ ଫେରିବାକୁ ପଡ଼ିଥିଲା। ବିଳମ୍ବିତ ରାତିରେ ବାରିକେଡ୍ ଖାଲିପଡ଼ିଥିବା ବେଳେ ସୁରକ୍ଷା କର୍ମୀମାନେ ଶ୍ରୀମନ୍ଦିର ଭିତରକୁ ସିଧାସଳଖ ପୁରୀବାସୀଙ୍କୁ ପ୍ରବେଶ କରିବାକୁ ଛାଡୁନାହାନ୍ତି। ଫଳରେ ପୁରୀବାସୀଙ୍କ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଏଭଳି ଅବ୍ୟବସ୍ଥାକୁ ତୁରନ୍ତ ସୁଧାରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ସ୍ୱାଧୀନତା ସଂଗ୍ରାମୀ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରଲୋକ

ପୁରୁଣା ଭୁବନେଶ୍ୱର,୧।୧୨(ସୁବାସ ଚନ୍ଦ୍ର ପ୍ରଧାନ): ରାଜଧାନୀ ଉପକଣ୍ଠ ଲକ୍ଷ୍ମୀନାରାୟଣ ପୁର ପଞ୍ଚାୟତର ପ୍ରଥମ ସରପଞ୍ଚ ତଥା ସ୍ୱାଧୀନତା ସଂଗ୍ରାମୀ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୨ବର୍ଷବୟସ ହୋଇଥିଲା। ଶାରୀରିକ ଅସୁସ୍ଥତାରୁ ସେ ପୈତୃକ ଘର ସଙ୍ଗଳାଇ ଶାସନ ଗ୍ରାମରେ ରହି ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାରଲୋକେ ତାଙ୍କୁ ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

ଭୟ ଦୂରକରି ସଚେତନ ହେଲେ ହଟିବ ଏଡ୍‌ସ

କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀମାନେ।

ବେଗୁନିଆ,୧।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ମହାବିଦ୍ୟାଳୟ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଯୁବ ରେଡକ୍ରସ, ରେଡ୍ ରିବନ କ୍ଲବ ଓ ପ୍ରାଣୀ ବିଜ୍ଞାନ ବିଭାଗ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ.ସବିତାଞ୍ଜଳି ସେନାପତି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଉଦିତ୍ ନାରାୟଣ ପାଢ଼ୀ ଏବଂ ସୁଧାଂଶୁ ପରିଡ଼ା ଯୋଗଦେଇ ଏଡ୍‌ସ ରୋଗର ଲକ୍ଷଣ, କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏଚ୍‌ଆଇଭି/ଏଡ୍‌ସ ସଂକ୍ରମଣ ହୋଇଥିଲେ ସାମାଜିକସ୍ତରରେ ଘୃଣା ଓ ଭେଦଭାବ ଦେଖାଦେଉଛି। ହିନ ମାନସିକ ଓ ସଚେତନତା ଅଭାବକୁ ଦାୟୀ କରାଯାଇଛି। ତେବେ ମନରୁ ଭୟ ଦୂର କରି ସଚେତନତାକୁ ଗୁରୁତ୍ୱ ଦେଲେ ଏଡ୍‌ସ ହଟିବ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ସାଧାରଣ ଜ୍ଞାନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଛି। ଯୁବ ରେଡକ୍ରସ ବିଭାଗ ପରାମର୍ଶଦାତା ଡ.ସତ୍ୟଜିତ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଉମେଶ କୁମାର ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
Email : eemikldbpt@gmail.com
e-PROCUREMENT NOTICE
Bid Identification Notice No. : SE MID BPT-06/2025-26
Lt No. : 4201 Dt. : 27.11.2025
No.A-1032 : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

1.	Name of work	:	Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining
2.	Total No. of works	:	01 (One) No. Only
3.	Estimated cost	:	Rs.92.13 Lakhs Approximately
4.	Class of Contractor	:	"B"
5.	Period of completion	:	03 (Three) Calendar Months
6.	Date and time of availability of Bid Document in Portal	:	From 11:00 A.M. on 02.12.2025 and up to 5:30 P.M. on 11.12.2025
7.	Last date / time for receipt of Bid Document in portal	:	Up to 5:30 PM on 11.12.2025
8.	Date / Time of opening of Technical Bid	:	From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna
9.	Date / Time of opening of Financial Bid	:	From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna
10.	Name and Address of Tender Inviting Officer	:	Superintending Engineer, M.I. Division, Kalahandi, Officer inviting the Bid
11.	Mode of Payment of Bid cost and Bid security	:	Online
12.	Date of Lottery (If required)	:	On 16.12.2025 at 11.00 A.M.

OIPR-32531/11/0006/2526
Sd./- Superintending Engineer
M.I. Division, Kalahandi

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER,
LIFT IRRIGATION DIVISION, BALASORE
mail: eelidvnbls@yahoo.com
e-Procurement Notice
Letter No.3499, Dated 29.11.2025
Corrigendum to the Tender Call Notice No.04/2025-26, Dt.20.11.2025
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
ପତ୍ରସଂଖ୍ୟା ୧୮୫୮ / ତାରିଖ ୨୯.୧୧.୨୦୨୫
ନିଲାମ ଘୋଷଣା
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
CORRIGENDUM
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

Procurement Officer	Bid Identification No.	Availability of Tender on-line for bidding	Date & Time of Opening of Tender	
		Up to	Technical Bid	Financial Bid
Chief Construction Engineer, Central Rural Works Circle, Bhubaneswar	Tender-Online-C.C.- 30 of 2025	18.12.2025 upto 5.00 P.M.	19.12.2025 at 11.00 A.M.	To be intimated later on

All other conditions remain unaltered.
Sd./- Chief Construction Engineer
OIPR-25082/11/0024/2526 Central Rural Works Circle, Bhubaneswar

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-07/2025-26
No.A-1042
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୪୮୫.୪୧ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୦୩.୧୨.୨୦୨୫ ର ୧୧.୩୦ ଘଣ୍ଟାରୁ ତା.୧୭.୧୨.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୧୭.୧୨.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0040/2526 ଜଳନିକାସ ମଣ୍ଡଳ, କଟକ

OFFICE OF THE EXECUTIVE ENGINEER, L. I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.08/2025-26 OLIC (BAM)/ Dt.29.11.2025
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer

OFFICE OF THE ROURKELA MUNICIPAL CORPORATION
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
EXPRESSION OF INTEREST (EOI)
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex".**
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
The following changes have been made:-

Procurement Officer	Bid Identification No.	Availability of Tender Online for bidding		Last date & time for seeking clarification	Date & Time of opening of tender	
		From	To		Technical Bid	Financial Bid
Superintending Engineer, Rural Works Division, Kuchinda	Tender Online- 07/ RWD/ KCD	11.12.2025 at 11.00 AM	19.12.2025 at 5.00 PM	18.12.2025 at 5.00 AM	20.12.2025 at 11.00 AM	To be intimated later

All other terms and conditions remain unchanged.
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda

ହାଇୱା ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,(ଲିଙ୍ଗରାଜ ରାଉତ): ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରୁ ହାଇୱା ଚୋରି ହୋଇଛି। ଏ ନେଇ ବେଲଗଛିଆ ଗ୍ରାମର ମାନସ ରଞ୍ଜନ ସାହୁ ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ ହାଇୱା(ନଂ. ଓଡି ୦୫ଏଚ ୩୧୬୬)ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରେ ଚାଳକ ଜଣଙ୍କ ଗାଡ଼ିକୁ ରଖିଥିଲେ। ମାତ୍ର ସୋମବାର ସକାଳେ ପେଟ୍ରୋଲ ପମ୍ପରେ ଗାଡ଼ିଟି ନଥିଲା। ପରେ ମାନସ ଥାନାରେ ଅଭିଯୋଗ କରିଥିଲେ।

ବିଏମ୍‌ସି ଅଞ୍ଚଳର ପ୍ରମୁଖ ସଡ଼କରେ ହେବ ଯାନ୍ତ୍ରିକ ସଫେଇ

୬ ନୂତନ ଯାନ୍ତ୍ରିକ ସଫେଇ ଯାନର ଶୁଭାରମ୍ଭ କଲେ ମନ୍ତ୍ରୀ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଯାନ୍ତ୍ରିକ ସଫେଇ ଯାନକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଅତିରିକ୍ତ ପ୍ରମୁଖ ସଡ଼କ ନେଟ୍‌ୱର୍କକୁ ଅନ୍ତର୍ଭୁକ୍ତ କରାଯାଇଛି। ନୂତନ ଭାବେ ଯୋଡ଼ି ହୋଇଥିବା ରାସ୍ତାଗୁଡ଼ିକୁ ୩ଟି ପ୍ୟାକେଜ୍‌ରେ ବିଭକ୍ତ କରାଯାଇଛି। ସେଥିମଧ୍ୟରୁ ୨ଟି ପ୍ୟାକେଜ୍ ଚୂଡ଼ାନ୍ତ ହୋଇସାରିଛି। ଏହି ଦୁଇ ପ୍ୟାକେଜ ପାଇଁ ମେସର୍ସ ଲାୟନ ସର୍ଭିସେସ୍ ଏବଂ ମେସର୍ସ ଜାଗୃତି ୱେଲ୍‌ଫେୟାର ଅର୍ଗାନାଇଜେଶନ ଏଜେନ୍ସିଙ୍କୁ ଚୟନ କରାଯାଇଛି। ଏହି ଦୁଇ ସଂସ୍ଥା ୩ଟି ଲେଖାଏ ଯାନ୍ତ୍ରିକ ସଫେଇ ଯାନ ନିୟୋଜିତ କରିବେ। ଏହି କ୍ରମରେ ସୋମବାର ନୂତନ ୬ଟି ଯାନ୍ତ୍ରିକ ସଫେଇ ଯାନକୁ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଉଦ୍‌ଘାଟନ କରିଛନ୍ତି। ପୂର୍ବରୁ ମାତ୍ର ୮୦ କି.ମି. ରାସ୍ତାର ମେକାନିକାଲ ସଫେଇ ହେଉଥିଲା, ମାତ୍ର ଏଣିକି ୧୬୬ କି.ମି. ବା ୭୧୫ ଲେନ୍ କି.ମି. ସଫେଇ କରାଯିବ। ସେହିପରି ବିଏମ୍‌ସି ଅଞ୍ଚଳ ସମେତ ଭୁବନେଶ୍ୱର ମହାନଗର ନିଗମର ଆଖପାଖ ଅଞ୍ଚଳରେ ମଧ୍ୟ ଏହି ଯାନ୍ତ୍ରିକ ସଫେଇ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବିଏମ୍‌ସି ଅଞ୍ଚଳର ପରିସୀମା ରହିଥିଲେ ହେଁ ଏହା ରାଜଧାନୀ ହୋଇଥିବାରୁ ସରକାର ଏହି ସହରର ଆଖପାଖ ଅଞ୍ଚଳର ପରିଚ୍ଛନ୍ନତାକୁ ଗୁରୁତ୍ୱ ସହକାରେ ନେଇଛନ୍ତି ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

ପୂର୍ବରୁ ୧୬ ନମ୍ବର ଜାତୀୟ ରାଜପଥରେ ରସୁଲଗଡ଼ ପର୍ଯ୍ୟନ୍ତ ଯାନ୍ତ୍ରିକ ସଡ଼କ ସଫେଇ କରାଯାଉଥିଲା। ଏବେ ଏହାକୁ ନଖରା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ପୂର୍ବରୁ ଖଣ୍ଡଗିରି ପର୍ଯ୍ୟନ୍ତ ସଫେଇ କରାଯାଉଥିବାବେଳେ ଏବେ ତାହାକୁ ଡିଏନ୍ ରେଗାଲିଆ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ପଟିଆରୁ ନନ୍ଦନକାନନ ପର୍ଯ୍ୟନ୍ତ, ଜାତୀୟ ରାଜପଥରୁ ଏମ୍‌ସ ହସ୍ପିଟାଲ ରାସ୍ତା, ଡିଏନ୍ ରେଗାଲିଆରୁ କଳିଙ୍ଗ ବିହାର ୧ ଓ ୨, ଏନ୍‌ଏଚ୍‌ରୁ କୋଳଥିଆ ରାସ୍ତା ଭାୟା ମଣିପାଲ ହସ୍ପିଟାଲ ଦେଇ ଖଣ୍ଡଗିରି ଚାରିଛକ, ଖଣ୍ଡଗିରି ଚାରିଛକରୁ କଳିଙ୍ଗ ଷ୍ଟୁଡିଓ ଏବଂ କଳିଙ୍ଗ ଷ୍ଟୁଡିଓ ଛକରୁ ସିଆରପିଏଫ୍ ଛକ ପର୍ଯ୍ୟନ୍ତ ଥିବା ସମସ୍ତ ସଡ଼କର ଯାନ୍ତ୍ରିକ ସଫେଇ କରାଯିବ। ଏହି ଯାନଗୁଡିକ ପିଏମ୍ ୨.୫ ଧୂଳି କଣିକାକୁ ଶୋଷିବାରେ ସକ୍ଷମ ଏବଂ ଅତ୍ୟାଧୁନିକ ଟେକ୍ନୋଲୋଜିରେ ସଜ୍ଜିତ ହୋଇଛି। ଏହା ମଧ୍ୟ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ବା (ଏନ୍.ସି.ଏ.ପି) ର ଆଭିମୁଖ୍ୟକୁ ଦୃଢ କରୁଛି। କାର୍ଯ୍ୟକ୍ରମରେ କମିଶନର ଚଞ୍ଚଳ ରାଣା, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସଙ୍କ ସମେତ ବିଏମ୍‌ସି ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପଞ୍ଚାୟତସ୍ତରୀୟ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ

୭୫ ଅଭିଯୋଗ ପଞ୍ଜୀକୃତ

ବାଲିଅନ୍ତା,୧।୧୨ (ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକର ବେଣ୍ଟପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମା' ବୁଢ଼ୀ ଠାକୁରାଣୀ ପୀଠ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଜନିତ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ୍ ୭୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୨୫ଟି ଗ୍ରାମୀଣ ଗୃହ, ୬ଟି ଭତ୍ତା, ୪ଟି ଯୋଗାଣ ସମ୍ବନ୍ଧୀୟ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଲୋକମାନେ ଲିଖିତ ଆକାରରେ ଶିବିରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ। ଭିଙ୍ଗାରପୁର - କୁରାଙ୍ଗ ପ୍ରଧାନ ଆଦି ବିଭାଗ ରାସ୍ତା କାର୍ଯ୍ୟ ନିର୍ମାଣରେ ବିଳମ୍ବକୁ ନେଇ ଏକ ସାମୂହିକ ଅଭିଯୋଗ ଦାଖଲ କରାଯାଇଥିଲା। ଶିବିରରେ ବିଡିଓ ଉର୍ଦ୍ଧ୍ୱତା ନାଥ, ତହସିଲଦାର ଲିଳନ ପ୍ରସାଦ ସାହୁ, ଏମ୍‌ପିଙ୍କ ପ୍ରତିନିଧି ବିଜୟ କୁମାର ମହାରଣା, ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ଅତିରିକ୍ତ ଶ୍ରମ ଅଧିକାରୀ ଦେବଶୀ ବେହେରା, ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ସେଠୀ, ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସର ପୂଜାରାଣୀ ବରାଳଙ୍କ ସମେତ ବ୍ଲକର ଅନ୍ୟ ବିଭାଗ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ଚିକିତ୍ସା, ଶ୍ରମ, ଜୀବିକା ମିଶନ, ମିଶନ ଶକ୍ତି, ଯୋଗାଣ, ପାନୀୟ ଜଳ, ପ୍ରାଣୀ ଚିକିତ୍ସା ଓ ମତ୍ସ୍ୟ ଆଦି ବିଭାଗ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ରଣଜିତ ବଳବନ୍ତରାୟ ଓ କମଳାକାନ୍ତ ଦାସଙ୍କ ସମେତ ବ୍ଲକର ଅନ୍ୟ ଅଧିକାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ରମାଦେବୀ ବିଶ୍ୱବିଦ୍ୟାଳୟରେ ରକ୍ତଦାନ ଶିବିର

ଭୁବନେଶ୍ୱର,୧।୧୨ (ସୁଚିସ୍ମିତା ସାହୁ)

ବିଶ୍ୱ ଏଡ୍‌ସ ଦିବସ ଅବସରରେ ସୋମବାର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀ, ସ୍ୱେଚ୍ଛାସେବକ ଏବଂ ସ୍ୱାସ୍ଥ୍ୟସେବା ଅଧିକାରୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡୀଚରଣ ରଥ ଉଦଘାଟନ କରି ଏଚ୍‌ଆଇଭି/ଏଡ୍‌ସ ସଂକ୍ରମିତ ଲୋକଙ୍କ ପ୍ରତି ସଚେତନତା ଓ କରୁଣାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଜିଷ୍ଟ୍ରାର ମନସ୍ୱିନୀ ସାହୁ ଏବଂ ଅତିରିକ୍ତ ଡିପି ମାନସ ଗର୍ଣ୍ଣାୟକ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟ ଯୁବ ରେଡକ୍ରସ ଅଧିକାରୀ ଡ. ରମେଶ ଚୌଧୁରୀ ବେହେରା ଏବଂ ଜିଲ୍ଲା ସଂଯୋଜକ ଡ. ଦେବଯାନୀ ମହାରଣା ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହିତ କରିବାରେ ଯୁବପିଢ଼ିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଆଇସି ହେଲେନା ଜାତି ଓ ପୂର୍ବତନ ଛାତ୍ରୀ ଡ. ସ୍ନେହା ଦାସ ଯୋଗଦେଇ ଛାତ୍ରୀଙ୍କୁ ସମାଜ କଲ୍ୟାଣ କାର୍ଯ୍ୟରେ ଯୋଗଦେବାକୁ ପ୍ରେରଣା ଦେଇଥିଲେ।

ବିଜେଇଏମ୍ ସ୍କୁଲର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନୀ ସମାରୋହରେ ସୋମବାର ପିଲାଙ୍କ ଦ୍ୱାରା ପ୍ରଦର୍ଶିତ କ୍ରୀଡ଼ା କୌଶଳ।

ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ହାଲୁକା ବର୍ଷା

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ଘୂର୍ଣ୍ଣିଝଡ଼ 'ଡିଟ୍ୱା' ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଶୀତ ପ୍ରକୋପ ସାମାନ୍ୟ କମିଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ଗଜପତି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ହାଲୁକାରୁ ହାଲୁକା ଧରଣର ବର୍ଷା ହୋଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ କୁହୁଡ଼ି ପଡ଼ିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଏବଂ ଅନୁଗୋଳ ଜିଲାରେ ଘନ କୁହୁଡ଼ି ପଡ଼ିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

ଏଡ୍‌ସ ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

ଭୁବନେଶ୍ୱର,୧।୧୨(ବନ୍ଦନା ସେଠୀ)

ସଚେତନତା ଶୋଭାଯାତ୍ରାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହ ଲୋକପ୍ରତିନିଧି ଓ ଜନସାଧାରଣ।

ଏଡ୍‌ସ ରୋଗ ନିୟନ୍ତ୍ରଣ କରିବାକୁ ଜନ ସଚେତନତା ଆବଶ୍ୟକ। ଏଥିନିମନ୍ତେ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିଲେ ମୂଳ ଉଦ୍ଦେଶ୍ୟ ସାଧିତ ହେବ ଏବଂ ଏଡ୍‌ସକୁ ସମୂଳ ନିୟନ୍ତ୍ରଣ କରିବାକୁ ସଫଳ ହେବା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଲେ, ଏଡ୍‌ସ ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କୁ ଘୃଣା ନ କରି ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ଉଚିତ। ବିଶ୍ୱ ଏଡ୍‌ସ ଦିବସ 'ବିଭ୍ରାଟକୁ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ଥିମ୍‌ରେ ଏଥର କାର୍ଯ୍ୟକ୍ରମ କରାଯାଉଛି। ସଚେତନତା ଶୋଭାଯାତ୍ରାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ବିଭାଗର ସଚିବ ଅଶ୍ୱତି ଏସ୍, ବିଭାଗୀୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଓସାକ୍ସର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

'ମହାକାଳ'ର ଟ୍ରେଲର, ମ୍ୟୁଜିକ୍ ରିଲିଜ୍

ଭୁବନେଶ୍ୱର,୧।୧୨(ସୌମ୍ୟରଞ୍ଜନ ରାଉତ)

ଦେବ୍‌ସ ଏଣ୍ଟରଟେନ୍‌ମେଣ୍ଟ ପକ୍ଷରୁ ଆସନ୍ତା ୧୯ରେ ଆସୁଥିବା ନୂଆ ଓଡ଼ିଆ ଚଳଚ୍ଚିତ୍ର 'ମହାକାଳ'ର ଟ୍ରେଲର ଓ ମ୍ୟୁଜିକ୍ ସୋମବାର ରେଡ୍‌କ୍ରସ୍ ଭବନରେ ରିଲିଜ୍ ହୋଇଯାଇଛି। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ନାୟକ ଭାବେ ଦେବ୍, ନାୟିକା ମୋନାଲି, ମୁଖ୍ୟ ଖଳନାୟକ ଅସିତ ପତି, ହାସ୍ୟ ଅଭିନେତା ବବୁଲ୍‌ଙ୍କ ସମେତ ଅନ୍ୟ କଳାକାର ଅଭିନୟ କରିଛନ୍ତି। ସେହିପରି ନିର୍ଦ୍ଦେଶନାରେ ଡିପି, କାହାଣୀରେ ଭରଦ୍ୱାଜ ପଣ୍ଡା ଏବଂ ସଙ୍ଗୀତରେ ଗୁଡ୍‌ଲି ରଥ ଦାୟିତ୍ୱ ତୁଲାଇଛନ୍ତି।

ଗୀତାଞ୍ଜଳି ମିଶ୍ରଙ୍କ ୨ ଇଂଲିଶ୍ ପୁସ୍ତକ ଉନ୍ମୋଚିତ

ଡ. ଗୀତାଞ୍ଜଳି ମିଶ୍ରଙ୍କ ପୁସ୍ତକକୁ ଅତିଥି ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧।୧୨ (ସୌମ୍ୟରଞ୍ଜନ ରାଉତ)

ଲେଖିକା ଡ. ଗୀତାଞ୍ଜଳି ମିଶ୍ରଙ୍କ ୨ଟି ଇଂଲିଶ୍ ପୁସ୍ତକ 'କନଭରଜେନ୍ସ ଆଣ୍ଡ ଡେଭେଲପ୍‌ମେଣ୍ଟ ଇନ୍ ଇଣ୍ଡିଆ' ଏବଂ 'ଆବିଲିଟି ବିୟଣ୍ଡ ଡିଜାବିଲିଟି'କୁ ସୋମବାର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ଆହୁଜା କହିଛନ୍ତି ଯେ, ପ୍ରଥମ ପୁସ୍ତକରେ ଡ. ମିଶ୍ର ଓଡ଼ିଶାରେ ବିଭିନ୍ନ ବିଭାଗର ସମନ୍ୱୟ (କନଭରଜେନ୍ସ)ରେ କରାଯାଉଥିବା ବିକାଶମୂଳକ କାର୍ଯ୍ୟ ସହିତ ବିଭିନ୍ନ ରାଜ୍ୟରେ ହେଉଥିବା କାର୍ଯ୍ୟର ତୁଳନାତ୍ମକ ଉପସ୍ଥାପନ, ସଫଳ କାହାଣୀ ଓ ପ୍ରସ୍ତାବ ଉଲ୍ଲେଖ କରିଛନ୍ତି। ଡ. ମିଶ୍ର ରାଜ୍ୟର ୨୩ଟି ପ୍ରଦେଶ ଗସ୍ତ କରି ତାଙ୍କର ବିଷୟ ସମ୍ପର୍କିତ ଅଭିଜ୍ଞତା, ଅନୁଭୂତି ଓ ପ୍ରସ୍ତାବନା ଏଥିରେ ରଖିଛନ୍ତି। ସେହିପରି ଦିବ୍ୟାଙ୍ଗଙ୍କ କଲ୍ୟାଣକୁ ଗୁରୁତ୍ୱ ଦିଆଯାଇ ଲେଖାଯାଇଥିବା ଡ. ମିଶ୍ରଙ୍କ ୨ୟ ପୁସ୍ତକରେ ବିଭିନ୍ନ ପ୍ରକାର ଭିନ୍ନକ୍ଷମ, ଭିନ୍ନକ୍ଷମମାନଙ୍କ ସାମାଜିକ, ଅର୍ଥନୈତିକ ପ୍ରଗତି ପାଇଁ ଲକ୍ଷ୍ୟଭିତ୍ତିକ ନୀତି, ଗୋଷ୍ଠୀ ସଂପୃକ୍ତି ଏବଂ ସାମୁହିକ ଦାୟିତ୍ୱବୋଧ କିପରି ସେମାନଙ୍କର ଜୀବନଧାରଣ ମାନରେ ଆଖିଦୃଶିଆ ପରିବର୍ତ୍ତନ ଆଣି ପାରିବ, ସେ ନେଇ ଉପାଦେୟ ତଥ୍ୟ ଓ ପ୍ରସ୍ତାବ ରହିଥିବା ଡ. ମିଶ୍ର ପ୍ରକାଶ କରିଛନ୍ତି। ଆହୁଜା ଓ ଗର୍ଗ ଡ. ମିଶ୍ରଙ୍କ ଏହି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ସହିତ ଏହି ପୁସ୍ତକ ଗବେଷକ, ନୀତି ନିର୍ଦ୍ଧାରକ, ଯୋଜନା ପ୍ରଣୟନକାରୀ ଏବଂ ଛାତ୍ରୀଛାତ୍ରମାନଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ଓ ପ୍ରେରଣାଦାୟକ ହେବ ବୋଲି ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ, ରାଜ୍ୟ ଯୋଜନା ଓ ପରିସଂଖ୍ୟାନ ବିଭାଗର ନିର୍ଦ୍ଦେଶକ ଡ. ବିଜୟ ଭୂଷଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
MINOR IRRIGATION DIVISION, KALAHANDI
Email : eemikldbpt@gmail.com
e-PROCUREMENT NOTICE
Bid Identification Notice No. : SE MID BPT-06/2025-26
Lt No. : 4201 Dt. : 27.11.2025
No.A-1032 : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

1.	Name of work	:	Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining
2.	Total No. of works	:	01 (One) No. Only
3.	Estimated cost	:	Rs.92.13 Lakhs Approximately
4.	Class of Contractor	:	"B"
5.	Period of completion	:	03 (Three) Calendar Months
6.	Date and time of availability of Bid Document in Portal	:	From 11:00 A.M. on 02.12.2025 and up to 5:30 P.M. on 11.12.2025
7.	Last date / time for receipt of Bid Document in portal	:	Up to 5:30 PM on 11.12.2025
8.	Date / Time of opening of Technical Bid	:	From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna
9.	Date / Time of opening of Financial Bid	:	From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna
10.	Name and Address of Tender Inviting Officer	:	Superintending Engineer, M.I. Division, Kalahandi, Officer inviting the Bid
11.	Mode of Payment of Bid cost and Bid security	:	Online
12.	Date of Lottery (If required)	:	On 16.12.2025 at 11.00 A.M.

OIPR-32531/11/0006/2526
Sd./- Superintending Engineer
M.I. Division, Kalahandi

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER,
LIFT IRRIGATION DIVISION, BALASORE
mail: eelidvnbls@yahoo.com
e-Procurement Notice
Letter No.3499, Dated 29.11.2025
Corrigendum to the Tender Call Notice No.04/2025-26, Dt.20.11.2025
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
ପତ୍ରସଂଖ୍ୟା ୧୮୫୮/ ତାରିଖ ୨୯.୧୧.୨୦୨୫
ନିଲାମ ଘୋଷଣା
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
CORRIGENDUM
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

Procurement Officer	Bid Identification No.	Availability of Tender on-line for bidding	Date & Time of Opening of Tender	
		Up to	Technical Bid	Financial Bid
Chief Construction Engineer, Central Rural Works Circle, Bhubaneswar	Tender-Online-C.C.- 30 of 2025	18.12.2025 upto 5.00 P.M.	19.12.2025 at 11.00 A.M.	To be intimated later on

All other conditions remain unaltered.
Sd./- Chief Construction Engineer
OIPR-25082/11/0024/2526 Central Rural Works Circle, Bhubaneswar

जलसम्पद placeholder

OFFICE OF THE EXECUTIVE ENGINEER, L. I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.08/2025-26 OLIC (BAM)/ Dt.29.11.2025
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
The following changes have been made:-

Procurement Officer	Bid Identification No.	Availability of Tender Online for bidding		Last date & time for seeking clarification	Date & Time of opening of tender	
		From	To		Technical Bid	Financial Bid
Superintending Engineer, Rural Works Division, Kuchinda	Tender Online- 07/ RWD/ KCD	11.12.2025 at 11.00 AM	19.12.2025 at 5.00 PM	18.12.2025 at 5.00 AM	20.12.2025 at 11.00 AM	To be intimated later

All other terms and conditions remain unchanged.
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda

OFFICE OF THE
ROURKELA MUNICIPAL CORPORATION
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
EXPRESSION OF INTEREST (EOI)
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex".**
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

ସଂକ୍ଷେପରେ

ହାଇୱା ଚୋରି, ଥାନାରେ ଅଭିଯୋଗ

ବାରଙ୍ଗ,୧।୧୨(ଲିଙ୍ଗରାଜ ରାଉତ):

ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରୁ ହାଇୱା ଗାଡ଼ି ଚୋରି ହୋଇଛି । ଏ ନେଇ ବେଲଗଛିଆ ଗ୍ରାମର ମାନସ ରଞ୍ଜନ ସାହୁ ବାରଙ୍ଗ ଥାନାରେ ସୋମବାର ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିଛି ।

ଅଭିଯୋଗ ଅନୁଯାୟୀ ହାଇୱା(ନଂ. ଓଡି ୦୫ଏଚ ୩୧୬୬)ଟି ବାରଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପେଟ୍ରୋଲ ପମ୍ପରେ ପ୍ରତ୍ୟେକ ରବିବାର ସନ୍ଧ୍ୟାରେ ଚାଳକ ଜଣଙ୍କ ଗାଡ଼ିକୁ ରଖୁଥିଲେ । ମାତ୍ର ସୋମବାର ସକାଳେ ପେଟ୍ରୋଲ ପମ୍ପରେ ଗାଡ଼ିଟି ନ ଥିବାର ଜଣାପଡିଥିଲା । ମାନସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଗାଡ଼ି ନ ପାଇବାରୁ ସେ ଥାନାରେ ଅଭିଯୋଗ କରିଛନ୍ତି ।

ସାଂସଦ ଖେଳ ମହୋତ୍ସବ-୨୦୨୫

ବାଙ୍କୀ, ୧।୧୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ରଘୁନାଥ ଦେବତା ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ସାଂସଦ ଖେଳ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷାଧିକାରିଣୀ ସୁଶ୍ରୀ ଜ୍ୟୋତିର୍ମୟୀ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନ ଏବଂ ସାଂସଦ ପ୍ରତିନିଧି ଜୟନ୍ତ କୁମାର ବେଉରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କଟକ ଏଡିଏମ୍ ଶିବ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ସମ୍ମାନିତ ଅତିଥିଭାବେ ବାଙ୍କୀ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, ମୁଖ୍ୟବକ୍ତା ତହସିଲଦାର ଅଶେଷ କୁମାର ନାୟକ, ନିର୍ବାଚନମଣ୍ଡଳୀ ସାଂସଦ ଖେଳ ମହୋତ୍ସବ ସଂଯୋଜକ ସରୋଜ କୁମାର ମଉଗଜ ସିଂ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା କ୍ରୀଡ଼ାବିତ୍, କ୍ରୀଡ଼ା ଶିକ୍ଷକ, ଅଭିଭାବକମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ସାଂସଦ ଖେଳ ମହୋତ୍ସବ ସମ୍ପର୍କରେ ଅଭିଭାଷଣ ମାଧ୍ୟମରେ ବୁଝାଇଥିଲେ । ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁଧାକର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ ।

ଯୁଗ୍ମ ଜନଶୁଣାଣି: ୧୪୬ ଅଭିଯୋଗ ପଞ୍ଜୀକୃତ

ବାଙ୍କୀ, ୧।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ କୁମାର ନାୟକ):

ବାଙ୍କୀ ବ୍ଲକରେ ସୋମବାର ଏକ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର କଟକ ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବ୍ଲକର ଜନସାଧାରଣ ଯୋଗଦେଇ ସେମାନଙ୍କ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ବିଭିନ୍ନ ଅଭିଯୋଗ ମଧ୍ୟରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, କୃଷି, ରାଜସ୍ୱ, ଫୌଜଦାରି, ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ସମସ୍ୟା ସମ୍ପର୍କିତ ମୋଟ ୧୪୬ଟି ଅଭିଯୋଗ ପଞ୍ଜୀକରଣ ହୋଇଥିଲା । ଅଭିଯୋଗର ତ୍ୱରିତ ସମାଧାନ କରିବାକୁ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । କଟକ ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲାପାଳ ଶିବୋ ଟପ୍ପୋ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ କୁମାର ହୋତା, ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା, ବାଙ୍କୀ ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାଳକୃଷ୍ଣ କହ୍ନର, ଡମପଡ଼ା ତହସିଲଦାର ବିଶାଖୀ ଲେଙ୍କା, ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶିବିରରେ ସହଯୋଗ କରିଥିଲେ ।

ସୁବର୍ଣ୍ଣପୁର ପଞ୍ଚାୟତ: ୫ ବର୍ଷ ହେବ ହେଉନି ଉନ୍ନୟନମୂଳକ କାର୍ଯ୍ୟ

ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି ।

ବାଙ୍କୀ,(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ପଞ୍ଚାୟତରେ ଦୀର୍ଘ ୫ ବର୍ଷ ହେବ ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନାହିଁ । ବିଭିନ୍ନ ମୌଳିକ ସୁବିଧାରୁ ଏହି ପଞ୍ଚାୟତ ବଞ୍ଚିତ ହେଉଛି । ଏପରିକି ସୁବର୍ଣ୍ଣପୁର ଗ୍ରାମରେ ଆଲୋକୀକରଣ, ରାସ୍ତାଘାଟ ନିର୍ମାଣ ଓ ପୁନରୁଦ୍ଧାର ହୋଇପାରୁନାହିଁ । ବିଭିନ୍ନ ସ୍ଥାନ ଖାଲଖମାରେ ଭରିଯାଇଛି । ପାନୀୟ ଜଳ ସମସ୍ୟା ସହ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଅଳିଆ ଆବର୍ଜନା ହୋଇ ଗ୍ରାମଟି ଦୁର୍ଗନ୍ଧରେ ଫାଟିପଡ଼ୁଛି । ଅଣ୍ଟୁପା ହ୍ରଦର ଉଦ୍‌ବୃତ୍ତ ଜଳରେ ଶତାଧିକ ଏକର ଚାଷଜମି ଜଳମଗ୍ନ ହୋଇଯାଉଛି । ଏନେଇ ବିଭାଗୀୟ ଅଧିକାରୀ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଉକ୍ତ ଅଧିକାରୀ କର୍ଣ୍ଣପାତ କରୁନାହାନ୍ତି । ସୁବର୍ଣ୍ଣପୁର ଗ୍ରାମର ଏଭଳି ଅନେକ ସମସ୍ୟା ନେଇ ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ ବାଙ୍କୀରେ ଅନୁଷ୍ଠିତ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିରରେ ସୋମବାର ଅଭିଯୋଗ କରିଛନ୍ତି । ଏସବୁ ସମସ୍ୟାର ଯଥାସମ୍ଭବ ସମାଧାନ ପାଇଁ ଜିଲାପାଳ ବିଡିଓଙ୍କୁ ଦାୟିତ୍ୱ ଦେଇଛନ୍ତି ବୋଲି ସୁବର୍ଣ୍ଣପୁର ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ ପ୍ରକାଶ କରିଛନ୍ତି ।

ବ୍ଲକ କାର୍ଯ୍ୟାଳୟ ଘେରିଲା ଭାଜପା

ଡମପଡ଼ା ବ୍ଲକ ପ୍ରଶାସନର ମନମୁଖି କାର୍ଯ୍ୟକୁ ବିରୋଧ

ବାଙ୍କୀ,୧।୧୨ (ଶୁଭେନ୍ଦୁ ମହାପାତ୍ର)

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ ବେଖାତିର କରି ସ୍ଥାନୀୟ ବିଧାୟକ ଓ ବ୍ଲକସ୍ତରର ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ପ୍ରରୋଚନାରେ ଡମପଡ଼ା ବ୍ଲକ ପ୍ରଶାସନ ମନମୁଖିଭାବେ କାର୍ଯ୍ୟ କରୁଥିବା ଅଭିଯୋଗ କରି ଭାଜପା ପକ୍ଷରୁ ସୋମବାର ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । ଭାଜପା ନେତା ଓ କାର୍ଯ୍ୟକର୍ତ୍ତାଙ୍କ ଅଭିଯୋଗ ଅନୁଯାୟୀ, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାର ପ୍ରକଳ୍ପଗୁଡ଼ିକର କ୍ରିୟାନ୍ୱୟନ ପାଇଁ ବିଭାଗୀୟସ୍ତରରେ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି । ମାତ୍ର ଏହି କାର୍ଯ୍ୟାଦେଶ ମନମୁଖି ଭାବେ ବିଜେଡି କର୍ମକର୍ତ୍ତାଙ୍କୁ ପ୍ରଦାନ କରାଯାଉଛି । ସେହିଭଳି ରାଜ୍ୟ ସରକାରଙ୍କ ତରଫରୁ ବ୍ଲକକୁ ଆସିଥିବା ଅନ୍ତ୍ୟୋଦୟ ଗୃହ ଯୋଜନାରୁ ପ୍ରକୃତ ହିତାଧିକାରୀଙ୍କୁ ବଞ୍ଚିତ କରାଯାଇ ବିଜେଡି କର୍ମକର୍ତ୍ତାଙ୍କୁ ଦିଆଯାଉଛି । ଏହାର ପ୍ରତିବାଦରେ ବ୍ଲକ ଏମ୍‌ପି ପ୍ରତିନିଧି ସରୋଜ ମଉଗଜସିଂଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ଜେନା, ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ନିକୁଞ୍ଜ ସୁତାର, ସିଦ୍ଧେଶ୍ୱର ମିଶ୍ର, ବିକ୍ରମ ରାଉତ, ଯୁବ ସଭାପତି ସୁନୀଲ ସାହୁ ଏବଂ ବୁଥ ସଭାପତିମାନେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ବିଡିଓ ଅଂଶୁମାନ ଦାସ ଧାରଣାରତ ଭାଜପା କାର୍ଯ୍ୟକର୍ତ୍ତାମାନଙ୍କୁ ବୁଝାଶୁଝା କରିବା ସହ ଉପରସ୍ଥ ଅଧିକାରୀମାନଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ମନମୁଖି କାର୍ଯ୍ୟ ସମ୍ପର୍କରେ ମତାମତ ପାଇଁ ବିଡିଓ ଦାସଙ୍କ ସହ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ମୋବାଇଲ ଫୋନ ଉଠାଇ ନ ଥିଲେ ।

ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ତିଗିରିଆ,୧।୧୨(ଜାଫର ଖାଁ):

ପ୍ରଜ୍ଞାନ ମିଶନ ଦ୍ୱାରା ଆୟୋଜିତ କଟକ ଜିଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା କଟକ ସେଣ୍ଟ ଜାଭିଅର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିଗିରିଆ ବ୍ଲକର ୨ ଜଣ ଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ବ୍ଲକ ଖଣ୍ଡହତା ଶ୍ରୀଜଗନ୍ନାଥ ନୋଡାଲ ବିଦ୍ୟାପୀଠର ଦଶମ ଶ୍ରେଣୀ ଛାତ୍ରୀ ହରପ୍ରିୟା ପ୍ରଧାନ ପ୍ରଥମ ଓ ନୂଆପାଟଣା ପିଏମ୍‌ଶ୍ରୀ ଅର୍ଜୁନ ଭୁଞ୍ଜବ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ଦାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଡିସେମ୍ବର ୨୭ରେ ପୁରୀ ବାଲିଘାଇରେ ହେବାକୁଥିବା ରାଜ୍ୟସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ପାଇଁ ଉଭୟଙ୍କୁ ମନୋନୀତ କରାଯାଇଛି । ରବିବାର ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ମୋଟ ୧୪ ବ୍ଲକର ୧୧୬ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ ।

ବିଜ୍ଞାନମେଳା, ପ୍ରଦର୍ଶନୀ ଉତ୍ସବ

ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ ।

ବାଙ୍କୀ,୧।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତ ଶ୍ରୀ ବିଦ୍ୟାବାଟିକା ବିଦ୍ୟାଳୟରେ ବିଜ୍ଞାନମେଳା ଓ ପ୍ରଦର୍ଶନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ କାର୍ଯ୍ୟକ୍ରମର ସଫଳତା କାମନା କରିଥିଲେ । କୁନି କୁନି ବୈଜ୍ଞାନିକମାନେ ହେଲେ ଦେଶର ଭବିଷ୍ୟତ ଏବଂ ଭବିଷ୍ୟତରେ ସେମାନେ ଜଣେ ଜଣେ ବୈଜ୍ଞାନିକ ହୋଇ ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପ୍ରାଧ୍ୟାପକ ମହାପାତ୍ର ଆହ୍ୱାନ ଦେଇଥିଲେ । ବିଦ୍ୟାଳୟ ଅଧ୍ୟକ୍ଷା ଶିବାନୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବିଜ୍ଞାନ ମେଳାରେ ୩୦ଜଣ ଛାତ୍ରୀଛାତ୍ର ସେମାନଙ୍କର ବିଜ୍ଞାନଭିତ୍ତିକ ବିଭିନ୍ନ ମଡେଲ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ ରଞ୍ଜନ କୁମାର ରାଉତ ଓ ପରିଚାଳନା କମିଟିର ପରିଚାଳନା ନିର୍ଦ୍ଦେଶକ ରାଜେଶ କୁମାର ରାଉତ ସହାୟତା କରିଥିଲେ । ସମ୍ମାନିତ ଅତିଥିଭାବେ ତାଳବସ୍ତ କ୍ଲଷ୍ଟରର ସିଆରସିସି ଶୁଭକାନ୍ତ ପ୍ରଧାନ, କବି ଲଲାଟେନ୍ଦୁ ପଣ୍ଡା, ବିଚାରକ ଭାବେ ଶିକ୍ଷକ ଗଗନ ବେହେରା ଓ ବିଶ୍ୱରଞ୍ଜନ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିଜ୍ଞାନ ଉପରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ । ବିଜ୍ଞାନ ମେଳାକୁ ଚିନ୍ମୟୀ ବାରିକ, ପୂଜାରାଣୀ ମନ୍ତ୍ରୀ, ସୁପ୍ରିୟା ନାୟକ, ଚନ୍ଦନ ବେହେରା, ଇପ୍‌ସିତା ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ପରିଚାଳନା କରିଥିଲେ । ପରେ ବିଜ୍ଞାନମେଳାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।

ଅଟଳ ସେନା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି

ସାଲେପୁର,୧।୧୨(ଅରବିନ୍ଦ ଭୂୟାଁ):

ଅଟଳ ସେନା ଓଡ଼ିଶା ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ୧୦୧ତମ ଜୟନ୍ତୀ ଓ ଅଟଳ ସେନା, ଓଡ଼ିଶାର ୨୬ତମ ପ୍ରତିଷ୍ଠା ଦିବସ ଡିସେମ୍ବର ୨୫ରେ ପାଳନ କରାଯିବ । ଏହି ପରିପ୍ରେକ୍ଷୀରେ ସାଲେପୁରସ୍ଥ ଶାରଳା ମଣ୍ଡପ, ସପନପୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଟଳ ବୁଦ୍ଧିଜୀବୀ ସଙ୍ଘର ରାଜ୍ୟ ସଭାପତି ଡ. ଉମେଶ ଚନ୍ଦ୍ର ପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଏହାର ସଫଳ ରୂପାୟନ ପାଇଁ ଏକ କୋର୍ କମିଟି ଗଠନ କରାଯାଇଛି । ବୈଠକରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ବକ୍ତୃତା ପ୍ରତିଯୋଗିତା କରାଯିବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅଟଳ ରତ୍ନ, ଅଟଳ ସାରସ୍ୱତ ସମ୍ମାନ, ଅଟଳ ଜ୍ୟୋତି, ଅଟଳ କ୍ରୀଡ଼ା ସମ୍ମାନ ସହ ଅଟଳ ଶହୀଦ ସମ୍ମାନ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ବୈଠକରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଉପଦେଷ୍ଟା ଡ. ପୂର୍ଣ୍ଣଚନ୍ଦ୍ର ଓଝା, ଉପାଧ୍ୟକ୍ଷ ଗୌତମ ରାୟ ଚୌଧୁରୀ, ମହିଳା ସଂଘ ସମ୍ପାଦିକା ନାଗମଣି ସ୍ୱାଇଁ, ମିନତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଉପଦେଷ୍ଟା ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

କନ୍ଦରପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଟକ ସଦର,୧।୧୨(ସୁଶାନ୍ତ କୁମାର ଜେନା)

ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁର ମହାବିଦ୍ୟାଳୟର ୪୮ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ, ବିଶିଷ୍ଟ ବକ୍ତା ଡ. ଜ୍ଞାନଗୁରୁ ଦାସ, ଅଧ୍ୟକ୍ଷା ସ୍ୱାତି ପଣ୍ଡା ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ୨ଜଣ ଅବସରପ୍ରାପ୍ତ ଅଧ୍ୟକ୍ଷା ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନେ ହେଲେ ପ୍ରଣତି ପଟ୍ଟନାୟକ, ଦୁର୍ଗା ପ୍ରସନ୍ନ ନନ୍ଦ । ଚଳିତବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପକ ପ୍ରଦୀପ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶ୍ୟାମ ଗୋବିନ୍ଦ ଜେନା ଧନ୍ୟବାଦ ଦେଇଥିଲେ ।

'ସଚେତନତାରେ ଏଡ୍‌ସ ନିରାକରଣ ସମ୍ଭବ'

ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ରେଡକ୍ରସ ଛାତ୍ରୀଛାତ୍ରମାନେ ସଚେତନତା ଶୋଭାଯାତ୍ରାରେ ଯାଉଛନ୍ତି ।

ବିଶ୍ୱ ଏଡ୍‌ସ ଦିବସ ପାଳିତ

■ ମହାବିଦ୍ୟାଳୟରେ ଏଡ୍‌ସ ସଚେତନତା ଶୋଭାଯାତ୍ରା

ତିଗିରିଆ/ବାଙ୍କୀ, ୧।୧୨(ଜାଫର ଖାଁ/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ସ୍ଥିତ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍, ଏନ୍‌ସିସି ଓ ରେଡକ୍ରସ ଛାତ୍ରୀଛାତ୍ରଙ୍କ ମିଳିତ ସହଯୋଗରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ, ଅଧ୍ୟାପିକା, ସମସ୍ତ ସ୍ୱେଚ୍ଛାସେବୀ, ଅନ୍ୟାନ୍ୟ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ଏକ ଏଡ୍‌ସ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏହି ଶୋଭାଯାତ୍ରାରେ ସ୍ଥାନୀୟ ଜନସାଧାରଣଙ୍କୁ ବିଭିନ୍ନ ସଚେତନତା ଧର୍ମୀ ବାର୍ତ୍ତା ମାଧ୍ୟମରେ ଏଡ୍‌ସର ଭୟାବହତା ସମ୍ପର୍କରେ ସଚେତନ କରାଯାଇଥିଲା । ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ପତିତପାବନ ପଣ୍ଡା, ଏନ୍‌ସିସି ଅଧିକାରୀ କ୍ୟାପ୍‌ଟେନ ଲକ୍ଷ୍ମୀଧର ସାହୁ, ରେଡକ୍ରସ ଅଧିକାରୀ ଅଧ୍ୟାପକ ବିଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପ୍ରାଙ୍ଗଣ, ମହାବୀର ବଜାର ଓ ତିଗିରିଆ ଥାନା ପର୍ଯ୍ୟନ୍ତ ଏହି ସଚେତନତା ଶୋଭାଯାତ୍ରାରେ ଯାଇଥିଲେ । ଏହି ଅବସରରେ ଅଧ୍ୟକ୍ଷ ବେହେରା ଛାତ୍ରୀଛାତ୍ରମାନଙ୍କୁ ଏଡ୍‌ସର କାରଣ ଓ ପରିଣାମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ଭୟାବହ ରୋଗର ନିରାକରଣ ସଚେତନତା ଦ୍ୱାରା ସମ୍ଭବ ବୋଲି ପ୍ରକାଶ କରିଥିଲେ । ସେହିପରି ଡମପଡ଼ା ବ୍ଲକ ଅନ୍ତର୍ଗତ ତାଳବସ୍ତର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀରାମ କମିଟି ଆନୁକୂଲ୍ୟରେ ନୂଆସାହିରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଏଡ୍‌ସମୁକ୍ତ ଭାରତ ପାଇଁ ଶପଥପାଠ କରାଯାଇଥିଲା । ଶ୍ରୀରାମ କମିଟିର ସଭାପତି ବିଶ୍ୱରଞ୍ଜନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପୂର୍ବତନ ପ୍ରାଣିବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ଏଡ୍‌ସର ଭୟାବହତା ଉପରେ ଆଲୋକପାତ କରିବା ସହ ଏଡ୍‌ସରୁ କିପରି ଦୂରେଇ ହେବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ସାଗରିକା ସାହୁ, ଶ୍ରଦ୍ଧାଞ୍ଜଳି ପାଲ, ଶିବାନୀ ନାୟକ, ଚିନ୍ମୟୀ ବାରିକ, ସୁପ୍ରିୟା ନାୟକ, ଅନୀତା ସାହୁ, ସରସ୍ୱତୀ ମହାରଣା, ଚନ୍ଦନ ବେହେରା, ଇପ୍‌ସିତା ପ୍ରିୟଦର୍ଶିନୀ ରାଉତ, ପୂଜାରାଣୀ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ ।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI
Email : eemikldbpt@gmail.com
e-PROCUREMENT NOTICE
Bid Identification Notice No. : SE MID BPT-06/2025-26
Lt No. : 4201 **Dt. : 27.11.2025**
No.A-1032 : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

1.	Name of work	:	Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining
2.	Total No. of works	:	01 (One) No. Only
3.	Estimated cost	:	Rs.92.13 Lakhs Approximately
4.	Class of Contractor	:	"B"
5.	Period of completion	:	03 (Three) Calendar Months
6.	Date and time of availability of Bid Document in Portal	:	From 11:00 A.M. on 02.12.2025 and up to 5:30 P.M. on 11.12.2025
7.	Last date / time for receipt of Bid Document in portal	:	Up to 5:30 PM on 11.12.2025
8.	Date / Time of opening of Technical Bid	:	From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna
9.	Date / Time of opening of Financial Bid	:	From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna
10.	Name and Address of Tender Inviting Officer	:	Superintending Engineer, M.I. Division, Kalahandi, Officer inviting the Bid
11.	Mode of Payment of Bid cost and Bid security	:	Online
12.	Date of Lottery (If required)	:	On 16.12.2025 at 11.00 A.M.

OIPR-32531/11/0006/2526
Sd./- Superintending Engineer
M.I. Division, Kalahandi

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, BALASORE
mail: eelidvnbls@yahoo.com
e-Procurement Notice
Letter No.3499, Dated 29.11.2025
Corrigendum to the Tender Call Notice No.04/2025-26, Dt.20.11.2025
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
ପତ୍ରସଂଖ୍ୟା ୧୮୫୮/ ତାରିଖ ୨୯.୧୧.୨୦୨୫
ନିଲାମ ଘୋଷଣା
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
CORRIGENDUM
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

Procurement Officer	Bid Identification No.	Availability of Tender on-line for bidding	Date & Time of Opening of Tender	
		Up to	Technical Bid	Financial Bid
Chief Construction Engineer, Central Rural Works Circle, Bhubaneswar	Tender-Online-C.C.- 30 of 2025	18.12.2025 upto 5.00 P.M.	19.12.2025 at 11.00 A.M.	To be intimated later on

All other conditions remain unaltered.
Sd./- Chief Construction Engineer
OIPR-25082/11/0024/2526 Central Rural Works Circle, Bhubaneswar

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-07/2025-26 No.A-1042
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୪୮୫.୪୧ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୦୩.୧୨.୨୦୨୫ ର ୧୧.୩୦ ଘଣ୍ଟାରୁ ତା.୧୭.୧୨.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୧୭.୧୨.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrain-agecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0040/2526 ଜଳନିକାସ ମଣ୍ଡଳ, କଟକ

OFFICE OF THE EXECUTIVE ENGINEER, L. I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.08/2025-26 OLIC (BAM)/ Dt.29.11.2025
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer

OFFICE OF THE ROURKELA MUNICIPAL CORPORATION
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
EXPRESSION OF INTEREST (EOI)
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex"**.
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
The following changes have been made:-

Procurement Officer	Bid Identification No.	Availability of Tender Online for bidding		Last date & time for seeking clarification	Date & Time of opening of tender	
		From	To		Technical Bid	Financial Bid
Superintending Engineer, Rural Works Division, Kuchinda	Tender Online- 07/ RWD/ KCD	11.12.2025 at 11.00 AM	19.12.2025 at 5.00 PM	18.12.2025 at 5.00 AM	20.12.2025 at 11.00 AM	To be intimated later

All other terms and conditions remain unchanged.
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda

ସଂକ୍ଷେପରେ

ଭକ୍ତଙ୍କୁ ଦୁର୍ବ୍ୟବହାର ନେଇ ଏକ୍ସ'ରେ ଅଭିଯୋଗ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ବିଳମ୍ବିତ ରାତିରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯାଉଥିବା ଭକ୍ତଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରାଯାଇଛି ବୋଲି ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି ଏକ୍ସ'ରେ ଅଭିଯୋଗ କରିଛନ୍ତି। ଏନେଇ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କ ସମେତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂଙ୍କ ଉଦ୍ଦେଶ୍ୟରେ ଏକ୍ସ'ରେ ଅଭିଯୋଗ ପୋଷ୍ଟ କରିଛନ୍ତି। ସୂଚନା ମୁତାବକ, ରବିବାର ଶ୍ରୀମନ୍ଦିରରେ ବିଳମ୍ବିତ ରାତିରେ ପହୁଡ଼ ପଡ଼େ। ରାତି ୧୨ଟା ୦୮ରେ ଦକ୍ଷିଣ ଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିରକୁ ଯିବାକୁ ଚାହିଁଥିଲେ। କିନ୍ତୁ ଶ୍ରୀମନ୍ଦିର ଦକ୍ଷିଣଦ୍ୱାର ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ତାଙ୍କୁ ଛାଡ଼ି ନ ଥିଲେ। ଅନ୍ୟପକ୍ଷରେ ରାତି ୧୨ଟା ୮ରେ ଦକ୍ଷିଣ ଦ୍ୱାର ବନ୍ଦ କରିଦିଆଯାଇଥିଲା। ଫଳରେ ଦକ୍ଷିଣ ଦ୍ୱାର ଦେଇ ଶ୍ରୀମନ୍ଦିରରେ ପ୍ରବେଶକରି ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଛିଡ଼ା ହୋଇଥିବା ଅନେକ ଭକ୍ତଙ୍କୁ ଫେରିବାକୁ ପଡ଼ିଥିଲା। ବିଳମ୍ବିତ ରାତିରେ ବାରିକେଡ୍ ଖାଲିପଡ଼ିଥିବା ବେଳେ ସୁରକ୍ଷା କର୍ମୀମାନେ ଶ୍ରୀମନ୍ଦିର ଭିତରକୁ ସିଧାସଳଖ ପୁରୀବାସୀଙ୍କୁ ପ୍ରବେଶ କରିବାକୁ ଛାଡୁନାହାନ୍ତି। ଫଳରେ ପୁରୀବାସୀଙ୍କ ମଧ୍ୟରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥାକୁ ନେଇ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀମନ୍ଦିରରେ ଭକ୍ତଙ୍କ ପାଇଁ ଏଭଳି ଅବ୍ୟବସ୍ଥାକୁ ତୁରନ୍ତ ସୁଧାରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟମାନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ନିଗମାନନ୍ଦ ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ

ଚାରିଛକ,୧।୧୨(ଶିଶିର କୁମାର ସ୍ୱାଇଁ)

ଚାରିଛକସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଯୁବ ରେଡ୍‌କ୍ରସ ଆନୁକୂଲ୍ୟରେ 'ବିଶ୍ୱ ଏଡ୍‌ସ ଦିବସ' ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନିଆଳିର ସ୍ୱନାମଧନ୍ୟ ଡ. ଅଧ୍ୟାକ ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ଏହି ରୋଗର ଭୟାବହତା, ଏହାର କାରଣ, ଲକ୍ଷଣ ଓ ନିରାକରଣ ଉପରେ ସଚେତନ କରାଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ନିଆଳିର ପୂର୍ବତନ ପରିଚାଳନା କମିଟି ସଭାପତି ପୁଷ୍ପା ପରିଡ଼ା ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ, ସଚେତନତା ହିଁ ଏହି ରୋଗର ନିରାକରଣ ବୋଲି ଅଭିହିତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଡ. ଅଶୋକ ବିଶ୍ୱାଳ, ଇଂରାଜୀ ବିଭାଗ ମୁଖ୍ୟ କାନନବାଳା ନନ୍ଦ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠାରାଣୀ ମହାନ୍ତି ଛାତ୍ରୀମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ। ଶିକ୍ଷା ବିଭାଗ ମୁଖ୍ୟ ତଥା ଯୁବ ରେଡ୍‌କ୍ରସ କାଉନ୍‌ସିଲର ଡ. ଶ୍ରୀଲେଖା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ସତର୍କତା, ସଚେତନତା ହିଁ ଏଡ୍‌ସ ସଂକ୍ରମଣ ରୋକିପାରେ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ସଚେତନତା ପଦଯାତ୍ରାରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟମାନେ ।

ଏଡ୍‌ସ ଏକ ଅଦେଖା ମାରାତ୍ମକ ବ୍ୟାଧି। ଥରେ ଦେହରେ ଲାଗିଲେ ମୃତ୍ୟୁ ନିଶ୍ଚୟ। ଏହା ଠାରୁ ଦୂରେଇ ରହି ସତର୍କତା ଅବଲମ୍ବନ କଲେ ନିଜେ ସୁରକ୍ଷିତ ରହିବା ସହ ସମାଜକୁ ସଚେତନ କଲେ ସମାଜ ଏଡ୍‌ସ ସଂକ୍ରମଣରୁ ବର୍ତ୍ତିଯିବ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା କହିଛନ୍ତି। ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶରଧାବାଲି ଠାରେ ସମବେତ ରାଲିକୁ ପତାକା ଦେଖାଇ ଉଦ୍‌ଘାଟନ କରିବା ସହ ଉଦ୍‌ବୋଧନ ଦେଇ ବେହେରା ପର୍ଯ୍ୟଟନ ତଥା ଆଧ୍ୟାତ୍ମିକ କ୍ଷେତ୍ର ପୁରୀକୁ ଏଡ୍‌ସ କବଳରୁ ବଞ୍ଚାଇ ରଖିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ଏଡ୍‌ସ ନିୟନ୍ତ୍ରଣ କମିଟି ସଦସ୍ୟ ସାମାଜିକ କର୍ମୀ ଡ. ବଦ୍ରି ମିଶ୍ର, ଜିଲା ଏଡ୍‌ସ ନିୟନ୍ତ୍ରଣ ଅଧିକାରୀ ଡା. ଲଲାଟେନ୍ଦୁ ମିଶ୍ର, ଡାକ୍ତର ଶ୍ରୀକାନ୍ତ ପଣ୍ଡା, ଡା. ସୁଦର୍ଶନ ପୋଥାଳଙ୍କ ସମେତ ସରକାରୀ ଏଏନ୍‌ଏମ ତାଲିମ୍ କେନ୍ଦ୍ର, ପ୍ରିୟଙ୍କା ଦେବୀ ସ୍କୁଲ ଅଫ୍ ନର୍ସ, ଆଇଏମ୍‌ଟି ଫାର୍ମାସୀ କଲେଜ, ଶୈଳବାଳା ସ୍କୁଲ ଅଫ୍ ନର୍ସ, ପେନ୍‌କୋର୍ଡ, ହୋପ୍ ଫାଉଣ୍ଡେସନର ଛାତ୍ରାଛାତ୍ରୀ ସମେତ ଅନେକ ଟ୍ରାନ୍ସଜେଣ୍ଡର ଯୋଗଦାନ କରିଥିଲେ। ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲର ମିଳିତ ଆନୁକୂଲ୍ୟ ତଥା ଗୋଷ୍ଠୀ ଭେଷଜ ବିଜ୍ଞାନ ବିଭାଗ ସହଯୋଗରେ ଡିନ୍ ସବିତା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଗୀତଗୋବିନ୍ଦ ସମ୍ମିଳନୀ କକ୍ଷରେ ବିଶ୍ୱ ଏଡ୍‌ସ ଦିବସ ଉପରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ଲଲାଟେନ୍ଦୁ ମିଶ୍ର, ଡା. ଶ୍ରୀକାନ୍ତ ପଣ୍ଡା, ଡ. ବଦ୍ରି ମିଶ୍ର, ଡ. ସଂଗୀତା ଦାସ ଓ ଡା. ସନ୍ତ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଜୀବନଚର୍ଯ୍ୟା, ରୁଚିକର ଯୌନ ଜୀବନ ଆଧାରିତ ସୂଚନା ଦେବା ସହ ଜଙ୍କ ଓ ଫାଷ୍ଟ ଫୁଡ୍‌ଠାରୁ ଦୂରରେ ରହି ପୁଷ୍ଟିକର ଖାଦ୍ୟ ଗ୍ରହଣ ଉପରେ ମତ ଉପସ୍ଥାପନ କରିଥିଲେ। ଜିଲା ଏଡ୍‌ସ ପର୍ଯ୍ୟବେକ୍ଷକ ଦୁଃଖିଶ୍ୟାମ ପଟ୍ଟନାୟକ ଉଭୟ ରାଲି ଓ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଶେଷରେ ସତର୍କତା, ସଚେତନତା ଓ ତୁରନ୍ତ ଚିକିତ୍ସା ହିଁ ପୁରୀ ଜିଲାକୁ ଏଡ୍‌ସ ମୁକ୍ତ କରିବା ବୋଲି ସମୂହ ସଂକଳ୍ପ ପାଠ କରାଯାଇଥିଲା।

ଆମ୍ବୁଲାନ୍ସ ବିଳମ୍ବରେ ଆସିବାରୁ ରୋଗୀଙ୍କ ମୃତ୍ୟୁ

ଗୋପ,୧।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

■ ଗୋପ ଡାକ୍ତରଖାନାରେ ଉତ୍ତେଜନା

■ ପୋଲିସ ପହଞ୍ଚିବା ପରେ ମୁକୁଳିଲେ ଆମ୍ବୁଲାନ୍ସର ୩ କର୍ମଚାରୀ

ପାରାଲିସିସ ରୋଗ ସହିତ ଆଉ କେତକ ରୋଗରେ ଆକ୍ରାନ୍ତ ରୋଗୀ ସରକାରଙ୍କ ଆମ୍ବୁଲାନ୍ସ ସେବା ନ ପାଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ୮୦ ବର୍ଷିୟା ବୃଦ୍ଧ ବିନୋଦ ମଲ୍ଲିକଙ୍କୁ ଡାକ୍ତର କାବ୍ୟାରାଣୀ ସ୍ୱାଇଁ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ରେଫର୍ କରିଥିଲେ। ହେଲେ ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବାରୁ ବାପାଙ୍କ ମୃତ୍ୟୁ ଘଟିଛି ବୋଲି ପୁଅ ଅନାମ ମଲ୍ଲିକ ଅଭିଯୋଗ କରିଛନ୍ତି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ହୋଇଥିବା ବେଳେ କିଛି ସୂଚନା ନ କରି ରାତି ଅଧରେ ଗୋପ ଡାକ୍ତରଖାନାରେ ଥିବା ୧୦୮ ଆମ୍ବୁଲାନ୍ସ ନିମାପଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ଯୋଗୁଁ ଆଜି ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ କୁଆଁପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରୁଆଳି ଗ୍ରାମର ବିନୋଦ ମଲ୍ଲିକ (୮୦)ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ଲୋକେ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର ସ୍ୱାଇଁ ଚିକିତ୍ସା କରିବା ପରେ ସନ୍ଧ୍ୟା ସାଢ଼େ ୫ଟାରେ ଭୁବନେଶ୍ୱର ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ରେଫର କରିବା ପରେ ପୀଡ଼ିତ ରୋଗୀଙ୍କ ସାନ ଭାଇ ରବୀନ୍ଦ୍ର ମଲ୍ଲିକ ଆମ୍ବୁଲାନ୍ସକୁ କଲ୍ କରିଥିଲେ। କଲ ସେଣ୍ଟରରୁ ୫ଟା ୫୨ ମିନିଟରେ ପୁରୀରୁ ଆମ୍ବୁଲାନ୍ସ ଯାଉଥିବା ସୂଚନା ମଧ୍ୟ ଆସିଥିଲା। ଆମ୍ବୁଲାନ୍ସ ବିଳମ୍ବ ହେବା ଫଳରେ ପରିବାର ସଦସ୍ୟ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସଟି ଗୋପ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ବିନୋଦ ମଲ୍ଲିକ ଆଖି ବୁଜିଥିଲେ। ବିଳମ୍ବରେ ଆମ୍ବୁଲାନ୍ସଟି ଆସିବାରୁ ଡାକ୍ତରଖାନାରେ ହୋହଲ୍ଲା କରିଥିଲେ। ଏହି ଘଟଣା ଘଟିବାରେ ସ୍ଥାନୀୟ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

ପ୍ରଗତିଶୀଳ ପାଠଚକ୍ରର ଆଲୋଚନା ସଭା

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ପ୍ରଗତିଶୀଳ ପାଠଚକ୍ରର ଏକ ବିଶେଷ ଆଲୋଚନା ସଭା ସ୍ଥାନୀୟ କୁଳମଣି ଭବନ ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ପ୍ରଖ୍ୟାତ ବ୍ରେଜିଲିୟନ ଦାର୍ଶନିକ ପାଓଲୋ ଫ୍ରେରେ ବହୁଚର୍ଚ୍ଚିତ ପୁସ୍ତକ 'ନିପିଡ଼ିତ ଶିକ୍ଷା ପଦ୍ଧତି'ର ବିସ୍ତୃତ ଆଲୋଚନା କରିଥିଲେ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଦର୍ଶନ ମିଶ୍ର, ପାଠଚକ୍ରର ସମ୍ପାଦକ ସୁରେନ୍ଦ୍ର ତପସ୍ୱୀ, ସର୍ବଶ୍ରୀ ଦେବେନ୍ଦ୍ର ବିଶ୍ୱରଞ୍ଜନ, ଇଲୋସୋର୍ ସାହୁ, ସୀତାକାନ୍ତ ମହାନ୍ତି, ସୁମିତ୍ରା ବାରିକ, ରଘୁନାଥ ସାହୁ, ମୃଗାଙ୍କ ପଟ୍ଟନାୟକ, ପ୍ରଶାନ୍ତ ମିଶ୍ର, ହରିହର ସେନାପତି, ସୁବାଷ ବରାଳ, ଦେବରଞ୍ଜନ, ଜିତେନ୍ଦ୍ର ସାହୁ, ଗୋପାଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଦେବୀ ପ୍ରସନ୍ନ ରଥ ଧନ୍ୟବାଦ ଅର୍ପଣ କରିଥଲେ ।

ଅଧାରେ ଅଟକିଲା ସୀତା ବିବାହ, ଦୁର୍ଘଟଣାରେ କର୍ତ୍ତାଙ୍କ ମୃତ୍ୟୁ

ଗୋପ,୧।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଅଧାରେ ଅଟକିଲା ରାମଚରିତ ମାନସର ସୀତା ବିବାହ। ରାମଚରିତ ମାନସ କାର୍ଯ୍ୟକ୍ରମର କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି (୫୦)ଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ୯ ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ୩ ଦିନରେ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ପ୍ରତିବର୍ଷ ପରି ଚଳିତବର୍ଷ ଗୋପ ପଞ୍ଚାୟତ ଅନ୍ତର୍ଗତ ବାୟାକୁଦା ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ୯ମ ରାମଚରିତ ମାନସ କାର୍ଯ୍ୟକ୍ରମ ଗତ ୨୮ ତାରିଖରେ ଆରମ୍ଭ ହେବାପରେ ସନ୍ଧ୍ୟାରେ ପ୍ରବଚକ ସନ୍ତୋଷ କୁମାର ସାହୁ ପ୍ରବଚନ ଦେଇଥିଲେ। ଏହି ରାମଚରିତ ମାନସ ଦୀର୍ଘ ୯ ଦିନ ଧରି ଚାଲିଥାନ୍ତା। ରବିବାର ସନ୍ଧ୍ୟା କାର୍ଯ୍ୟକ୍ରମରେ ସୀତା ବିବାହ ଥିବାରୁ କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି ତାଙ୍କ ବାଇକ୍ ଯୋଗେ ବାଣ ଆଣିବାକୁ ଚାରିଛକ ଯାଉଥିଲେ। ଗୋପ-ଚାରିଛକ ରାସ୍ତାର ଅନ୍ନପୂର୍ଣ୍ଣା ବିଦ୍ୟାଳୟ ନିକଟରେ ଅପରପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଯୋଗେନ୍ଦ୍ର ଗୁରୁତର ହୋଇ ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗୋପ ବ୍ଲକ ଅଞ୍ଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ବୋଲେରୋ ଜବତ କରିବା ସହ ଚାରିଛକ ଥାନାରେ ମକଦ୍ଦମା (ନଂ.୧୫୧/୨୫) ରୁଜୁ କରିଛି। ଏପଟେ ରାମଚରିତ ମାନସ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିବାବେଳେ ରାମଚନ୍ଦ୍ର, ଲକ୍ଷ୍ମଣଙ୍କ ସହିତ ମା' ସୀତାଙ୍କ ମୂର୍ତ୍ତି ବିସର୍ଜନ କରାଯାଇଛି। ଯୋଗେନ୍ଦ୍ର ଜଣେ ପରିବା ବ୍ୟବସାୟୀ ସହ ମେଳାପି ହୋଇଥିବାରୁ ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସନ୍ଧ୍ୟାରେ ଗ୍ରାମ ଶ୍ମଶାନରେ ଶବ ସଂସ୍କାର କରାଯାଇଛି।

୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

ସାକ୍ଷୀଗୋପାଳ,୧।୧୨ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ମଣ୍ଡଳସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ସୋମବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପୁରୀ ଜିଲା କୃଷିବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟ ନାରାୟଣ ମିଶ୍ର ଆଜିର ସମାଜ ବିଜ୍ଞାନ ଉପରେ ନିର୍ଭରଶୀଳ ହୋଇଥିବାରୁ ଏହାର ଅଧିକ ଗବେଷଣା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ, ବ୍ଲକ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଜିଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସମିତି ସଭ୍ୟ ଦୀପକ କୁମାର ଶତପଥି, ବିଆର୍‌ସିସି ପ୍ରଭାସ ଚନ୍ଦ୍ର କରଣ, ପ୍ରଧାନ ଶିକ୍ଷକ ନିରଞ୍ଜନ କର, ପରିଚାଳନା କମିଟି ସଭାପତି ଅଜୟ କୁମାର ମହାପାତ୍ର, ଆଲୁମିନ ସଭାପତି ସବିତା ପଣ୍ଡା ଯୋଗଦେଇ ଜିଲାସ୍ତରକୁ ମନୋନୀତ ହୋଇଥିବା କୁନି ବିଜ୍ଞାନୀମାନଙ୍କୁ ପୁରସ୍କାର ମାନପତ୍ର ଦେଇ ଉତ୍ସାହିତ କରିଥିଲେ। ଉମାକାନ୍ତ ମିଶ୍ର ଓ ଗୋପୀନାଥ ମିଶ୍ର ସଂଯୋଜନା କରିଥିଲେ। ସମସ୍ତ ସିଆର୍‌ସିସି ଓ ଗାଇଡ୍ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ମୋଟ ୧୩୫ଟି ପ୍ରକଳ୍ପ ମଧ୍ୟରୁ ୭ଟି ପ୍ରକଳ୍ପ ଜିଲାସ୍ତରୀୟ ପ୍ରଦର୍ଶନୀକୁ ମନୋନୀତ ହୋଇଥିଲା। ଶେଷରେ ସୁନୀଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

କୃଷ୍ଣାମଧୁ ସାହିତ୍ୟ ଆସର, କବିତା ପାଠୋତ୍ସବ

ସାକ୍ଷୀଗୋପାଳ,୧।୧୨(ଭରତ ରାଉତ)

ସତ୍ୟବାଦୀ ସେବକ ସାହି ସନ୍ନିକଟ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ମହାନ୍ତିଙ୍କ ବାସଭବନ ପରିସରରେ କୃଷ୍ଣାମଧୁ ସାହିତ୍ୟ ଆସର, ଆଲୋଚନାଚକ୍ର, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ତଥା ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ପୌରହିତ୍ୟରେ ଅନୁଷ୍ଠିତ କରିଥିଲେ। ଅତିଥି ଓ ବକ୍ତାଭାବେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ଷଡ଼ଙ୍ଗୀ, ଐତିହାସିକ ଭୀମସେନ ମହାପାତ୍ର, ଗାନ୍ଧୀତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷାବିତ୍ ନଟବର ଶତପଥୀ ପ୍ରମୁଖ ଯୋଗଦେଇ ସମୟୋପଯୋଗୀ କବିତା ମାଧ୍ୟମରେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। କବୟିତ୍ରୀ ବିଶାଖା ଦେବୀ, ବନ୍ଦନା ଦାଶ, ବନ୍ଦନା ମହାପାତ୍ର, ଅନସୂୟା କାଣ୍ଡି, କବି ବିଭୂତି ଭୂଷଣ ହୋତା, ଦିଗମ୍ବର ରଥ, କୃପାନିଧି ପ୍ରଧାନ, ପ୍ରଭାକର ଜେନା, ସୁରେଶ ମନ୍ତ୍ରୀ, ଆଇନଜୀବୀ ହୃଷିକେଶ ପାଢ଼ୀ, ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଆଧ୍ୟାତ୍ମିକ ସାମାଜିକ କବିତା ପାଠ କରିଥିଲେ। କବୟିତ୍ରୀ ତଥା ଶିକ୍ଷୟିତ୍ରୀ ସୁଜାତା ଦେବୀ କବିତା ପାଠୋତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ କବୟିତ୍ରୀ ସୁନନ୍ଦା ମହାନ୍ତିଙ୍କ ରଚିତ ପ୍ରେମ ପତଞ୍ଜଳି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶାଶ୍ୱତ ପ୍ରେମ ଓ ଗଳ୍ପ ଆଧାରରେ ଲିଖିତ ଏହି ପୁସ୍ତକଟି ସମସ୍ତଙ୍କର ଆଦରଣୀୟ ହୋଇଥିଲା। କୃଷ୍ଣାମଧୁ ଅନୁଷ୍ଠାନର ସମ୍ପାଦକ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୁନନ୍ଦା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ବାପାଙ୍କ ଶୁଦ୍ଧିକ୍ରିୟା ସାରି ଫେରୁଥିବା ବେଳେ ଦୁର୍ଘଟଣାରେ ଝିଅ ମୃତ

ପୁରୀ,୧।୧୨(ଅଜିତ୍ କୁମାର ମହାନ୍ତି)

ବାପା ଙ୍କ ଶୁଦ୍ଧିକ୍ରିୟା ଶେଷ କରି ଫେରୁଥିବା ବେଳେ ଦୁର୍ଘଟଣାରେ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ପ୍ରମିଳା ମହାପାତ୍ର। ସୂଚନାଯୋଗ୍ୟ, ଚନ୍ଦନପୁର ଅଞ୍ଚଳର ପ୍ରମିଳା ମହାପାତ୍ର ସ୍ୱାମୀ ଓ ପରିବାରବର୍ଗଙ୍କ ସହ ବାପାଙ୍କ ଶୁଦ୍ଧିକ୍ରିୟା ପାଇଁ କଲିକତା ଯାଇ ସୋମବାର ପୁରୀ ଫେରିଥିଲେ। ପୁରୀ ରେଲ୍‌ୱେ ଷ୍ଟେଶନରୁ ଘରକୁ ଫେରୁଥିବା ବେଳେ ଚନ୍ଦନପୁର ନିକଟରେ ଅଟୋରିକ୍ସା ଭାରସାମ୍ୟ ହରାଇ ଏକ ଇଲେକ୍ଟ୍ରି ଖୁଣ୍ଟରେ ପିଟି ହୋଥିଲା। ଫଳରେ ଦୁର୍ଘଟଣାରେ ଝିଅ ପ୍ରମିଳା ମହାପାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ସାମାନ୍ୟ ଆହତ ହୋଇଛନ୍ତି।

ସତ୍ୟବାଦୀରେ ଭାଜପା ନେତା ପ୍ରଶାନ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୧।୧୨
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର କୋଣାର୍କ ଉତ୍ସବରେ ଯୋଗଦେଇ ରାତି ୧୧ଟାରେ ଭୁବନେଶ୍ୱର ଫେରୁଥିଲେ। ଠିକ୍ ଏହି ସମୟରେ ସତ୍ୟବାଦୀ ବ୍ଲକ ଛକ ନିକଟରେ ଭାରତୀୟ ଜନତା ପାର୍ଟି ଭୁବନେଶ୍ୱରର ବରିଷ୍ଠ ନେତା ସ୍ୱର୍ଗତ ପ୍ରଶାନ୍ତ ସେନାପତିଙ୍କ ମର ଶରୀର ସ୍ୱର୍ଗରଥରେ ଅନ୍ତିମ ସଂସ୍କାର ନିମନ୍ତେ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ଯାଉଥିଲା। ତେବେ ସତ୍ୟବାଦୀ ବ୍ଲକ ଛକ ନିକଟରେ ମୁଖ୍ୟମନ୍ତ୍ରୀଙ୍କ କାର୍ ଅଟକି ସ୍ୱର୍ଗତ ସେନାପତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ କୁମାର ପଟ୍ଟନାୟକଙ୍କ ସହ ଅନ୍ୟ ଅଧିକାରୀ ଓ ସତ୍ୟବାଦୀର ଭାଜପା ନେତାମାନେ ଉପସ୍ଥିତ ଥିଲେ।

ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER MINOR IRRIGATION DIVISION, KALAHANDI
Email : eemikldbpt@gmail.com
e-PROCUREMENT NOTICE
Bid Identification Notice No. : SE MID BPT-06/2025-26
Lt No. : 4201 Dt. : 27.11.2025
No.A-1032 : The Superintending Engineer, M.I. Division, Kalahandi, District-Kalahandi on behalf of Governor of Odisha invites Percentage Rate Bids in Double Cover System through e-procurement to be received in online mode only for the works as detailed in the table below. The bid should be submitted online in the website www.tendersodisha.gov.in by eligible contractors.

1.	Name of work	:	Construction of Canal Lining of Pipalpadar Minor Canal from RD.960 mtr to RD.2810 mtr of Bagpur MIP in Narla Block of Kalahandi District under the Scheme CAPEX Lining
2.	Total No. of works	:	01 (One) No. Only
3.	Estimated cost	:	Rs.92.13 Lakhs Approximately
4.	Class of Contractor	:	"B"
5.	Period of completion	:	03 (Three) Calendar Months
6.	Date and time of availability of Bid Document in Portal	:	From 11:00 A.M. on 02.12.2025 and up to 5:30 P.M. on 11.12.2025
7.	Last date / time for receipt of Bid Document in portal	:	Up to 5:30 PM on 11.12.2025
8.	Date / Time of opening of Technical Bid	:	From 11:00 A.M. on 12.12.2025 At O/o M.I. Division, Kalahandi, Bhawanipatna
9.	Date / Time of opening of Financial Bid	:	From 11:00 A.M. on 15.12.2025 At O/o M.I. Division, Kalahandi, Bhawanipatna
10.	Name and Address of Tender Inviting Officer	:	Superintending Engineer, M.I. Division, Kalahandi, Officer inviting the Bid
11.	Mode of Payment of Bid cost and Bid security	:	Online
12.	Date of Lottery (If required)	:	On 16.12.2025 at 11.00 A.M.

OIPR-32531/11/0006/2526
Sd./- Superintending Engineer
M.I. Division, Kalahandi

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER, LIFT IRRIGATION DIVISION, BALASORE
mail: eelidvnbls@yahoo.com
e-Procurement Notice
Letter No.3499, Dated 29.11.2025
Corrigendum to the Tender Call Notice No.04/2025-26, Dt.20.11.2025
No.CAD-2539: In pursuance to Tender Call Notice No.04/2025-26, dt.20.11.2025 is hereby cancelled due to Technical Problem. The Term and conditions as per DTCN.
The details are available in the Government Tender website i.e. www.tenderodisha.gov.in and other related documents are available in the DTCN for bidding.
Sd./- Er. S.C. Munda
OIPR-32150/11/0006/2526 Executive Engineer, L.I. Division, Balasore

ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ଼
ପତ୍ରସଂଖ୍ୟା ୧୮୫୮/ ତାରିଖ ୨୯.୧୧.୨୦୨୫
ନିଲାମ ଘୋଷଣା
No.C-1634:ଆଗାମୀ ଆର୍ଥିକ ବର୍ଷ ୨୦୨୫-୨୬ ଏବଂ ୨୦୨୬-୨୭ (ଦୁଇ ବର୍ଷ) ନିମନ୍ତେ ପାଟଣାଗଡ ସହରର ସମସ୍ତ ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ତଥା ଗୁଡା ଟିକସ ଆଦାୟ ନିମନ୍ତେ ନିଲାମ ଆହ୍ୱାନ କରାଯାଉଅଛି । ସମସ୍ତ ଆବଶ୍ୟକୀୟ କାଗଜାତ ସହିତ ଆସନ୍ତା ତା.୧୦.୧୨.୨୦୨୫ ରିଖ ଅପରାହ୍ନ ଘ.୧.୦୦ ମି.ପର୍ଯ୍ୟନ୍ତ ନିଲାମରେ ଭାଗ ନେଇପାରିବେ । ସବିଶେଷ ବିବରଣୀ ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ ୱେବ୍‌ସାଇଟ୍ (www.nacpatnagarh.in) ରେ ଉପଲବ୍ଧ ଏବଂ ଉକ୍ତ ୱେବସାଇଟ୍‌ରୁ ଏହାକୁ ଆପଣ ସଂଗ୍ରହ (Download)କରି କାର୍ଯ୍ୟାଳୟରେ ଥିବା ଜଉମୁଦ ବାକ୍ସରେ ଆବେଦନ କରିପାରିବେ ।
କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13102/11/0031/2526 ବିଜ୍ଞାପିତ ଅଞ୍ଚଳ ପରିଷଦ, ପାଟଣାଗଡ

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR
CORRIGENDUM
No.5392/ Date 29.11.2025
1st Corrigendum to Bid Identification No. Tender Online-C.C. 30 of 2025 Dated 25.10.2025 invited vide this Office Lr.No.4891 dated 25.10.2025
No.O-1659: The date of availability of tender, date of opening of Technical Bid & Financial Bid invited vide this office N.I.T. No. Tender-Online-C.C.30 of 2025, Dt.25.10.2025 issued vide this office Lr.No.4891, Dt.25.10.2025 is hereby rescheduled as below due to some unavoidable circumstances.

Procurement Officer	Bid Identification No.	Availability of Tender on-line for bidding	Date & Time of Opening of Tender	
		Up to	Technical Bid	Financial Bid
Chief Construction Engineer, Central Rural Works Circle, Bhubaneswar	Tender-Online-C.C.- 30 of 2025	18.12.2025 upto 5.00 P.M.	19.12.2025 at 11.00 A.M.	To be intimated later on

All other conditions remain unaltered.
OIPR-25082/11/0024/2526
Sd./- Chief Construction Engineer
Central Rural Works Circle, Bhubaneswar

OFFICE OF THE EXECUTIVE ENGINEER, L. I. DIVISION, BERHAMPUR
e-mail: eeolicbam@ymail.com
e-Procurement Notice
Bid Identification No.08/2025-26 OLIC (BAM)/ Dt.29.11.2025
No.CAD-2532: The Executive Engineer, Lift Irrigation Division, Berhampur on behalf of OLIC invites Percentage Rate Bids in Single Cover System to be received in online mode only for the work "Installation and Energisation 21 nos LIPs in Ganjam District on Turnkey basis" as detailed in the table below. The bid should be submitted by the eligible class of contractors as mentioned below registered with the State Government and Contractors of equivalent grade/ Class registered with Central Government /M.E.S./ Railways/ C.P.W.D. for execution of Civil Works and valid Electrical (H.T.) License issued by ELBO, Odisha as a single or having joint venture having proper registration with authorised registering departments, through online in the Govt. website www.tendersodisha.gov.in. The bidders should have necessary portal enrolment with own digital signature certificate. The Contractor having similar nature of works are preferred.
1. Numbers of Packages : 21 Numbers, 2. Estimated Cost : Rs.16.29 Lakhs to 29.63 Lakhs, 3. Tender Cost: As per DTCN, 4. Class of Contractor : As per DTCN, 5. Date & Time of Publication : Dt.01.12.2025 from 12.00 Noon, 6. Date & Time of Closing Dt.10.12.2025 at 17.00 hrs, 7. Date & Time of opening of bid : Dt.11.12.2025 at 12.00 Noon
Further details can be seen from the website www.tendersorissa.gov.in. Addendum/ Corrigendum/Cancellation of tender, if any, can be seen in the said website.
OIPR-32145/11/0006/2526 Sd./- Executive Engineer

ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-07/2025-26
No.A-1042
୧. କାର୍ଯ୍ୟର ନାମ: ମୋଟ ୦୧ (ଏକ) ଗୋଟି ଜଳନିକାସ କାର୍ଯ୍ୟ ।
୨. ଅଟକଳ ମୂଲ୍ୟ: ୪୮୫.୪୧ ଲକ୍ଷ ଟଙ୍କା
୩. କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୮ (ଅଠର) ମାସ ।
୪. ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୦୩.୧୨.୨୦୨୫ ର ୧୧.୩୦ ଘଣ୍ଟାରୁ ତା.୧୭.୧୨.୨୦୨୫ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫. ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୧୭.୧୨.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା: ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrain-agecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0040/2526 ଜଳନିକାସ ମଣ୍ଡଳ, କଟକ

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS DIVISION, KUCHINDA
e-Mail: eerw_kuchinda@yahoo.com
2nd Corrigendum to Bid Identification No. Tender Online 07/RWD/Kuchinda/2025-26
No.O-1663: Due to unavoidable circumstances the following changes have been made in this office Bid identification No-tender online 07/RWD/Kuchinda/2025-26.
The following changes have been made:-

Procurement Officer	Bid Identification No.	Availability of Tender Online for bidding		Last date & time for seeking clarification	Date & Time of opening of tender	
		From	To		Technical Bid	Financial Bid
Superintending Engineer, Rural Works Division, Kuchinda	Tender Online- 07/ RWD/ KCD	11.12.2025 at 11.00 AM	19.12.2025 at 5.00 PM	18.12.2025 at 5.00 AM	20.12.2025 at 11.00 AM	To be intimated later

All other terms and conditions remain unchanged.
*Further details can be seen from the e-Procurement portal www.tendersorissa.gov.in
OIPR-25151/11/0039/2526 Sd./- Superintending Engineer, R.W.Division, Kuchinda

OFFICE OF THE ROURKELA MUNICIPAL CORPORATION
Udit Nagar, Rourkela, Dist-Sundargarh (Odisha) PIN-769012
Website: www.rmc.nic.in, Email Id: rourkelamunicipality@gmail.com
No.13552, Date:27.11.25
EXPRESSION OF INTEREST (EOI)
No.C-1610: Sealed applications are invited from the reputed firms/ Agencies for **"Lease of 2nd. Floor of Basanti Complex".**
Detail technical specifications alongwith terms & conditions etc. may be seen from the Website of Rourkela Municipal Corporation i.e. www.rmc.nic.in. from dated 29.11.2025. The last date for receipt of sealed tender is 15.12.2025 till 1.00 P.M. through Speed Post/ Regd. Post/ Courier/ or by hand in the office address of the undersigned.
Sd./- Commissioner
OIPR-13131/11/0176/2526 Rourkela Municipal Corporation

ଓଡ଼ିଆ ଅସ୍ମିତାର ପ୍ରତୀକ କୋଣାର୍କ ଉତ୍ସବ

କୋଣାର୍କ ଉତ୍ସବ ଓ ବାଲୁକା କଳା ମହୋତ୍ସବକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

- ମନ୍ତ୍ରମୁଗ୍ଧ କଲା ଓଡ଼ିଶୀ ନୃତ୍ୟ, ଭାରତ ନାଟ୍ୟମ୍
- ବାଲୁକା କଳା ମହୋତ୍ସବରେ ଭାଗ ନେଇଛନ୍ତି ୧୪୧ ଶିଳ୍ପୀ

କୋଣାର୍କ, ୧।୧୨ (ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ଅତିଥି।

କୋଣାର୍କସ୍ଥିତ ସୂର୍ଯ୍ୟ ମନ୍ଦିର ପାଦଦେଶରେ ମୁକ୍ତାକାଶ ରଙ୍ଗମଞ୍ଚ ପରିସରରେ ସୋମବାର ଆରମ୍ଭ ହୋଇଛି ୩୬ତମ କୋଣାର୍କ ଉତ୍ସବ। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି ଏହା ଉତ୍କଳୀୟ ଐତିହ୍ୟ, ସ୍ଥାପତ୍ୟ, ପରମ୍ପରା ଓ ଓଡ଼ିଆ ଅସ୍ମିତାର ପ୍ରତୀକ ଓ ପଥ ପ୍ରଦର୍ଶକ ବୋଲି କହିଛନ୍ତି।

ଉଦ୍‌ଘାଟନୀ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ଥିଲେ। କୋଣାର୍କ ଉତ୍ସବର ପ୍ରଥମ ସନ୍ଧ୍ୟାରେ ଓଡ଼ିଆ ଅସ୍ମିତାର ପ୍ରତୀକ ଓଡ଼ିଶୀ ନୃତ୍ୟ ବିଶିଷ୍ଟ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ର ଓ ସାଥୀ କଳାକାରଙ୍କ ଦ୍ୱାରା ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ପ୍ରଥମ ପ୍ରସ୍ତୁତିରେ ସନ୍ଥ ତୁଳସୀ ଦାସଙ୍କ ଦ୍ୱାରା ରଚିତ ହନୁମାନ ଚାଳିଶା ପରିବେଷଣ ହୋଇଥିଲା, ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଅଭିରାମ ନନ୍ଦ ଓ ନୃତ୍ୟ ସଂରଚନା କରିଥିଲେ ଗୁରୁ ସୋନାଲି ମହାପାତ୍ର। ଦ୍ୱିତୀୟ ପ୍ରସ୍ତୁତିରେ ସାରଙ୍ଗ ପଲ୍ଲବୀ ଏକ ଶୁଦ୍ଧ ଖଣ୍ଡ ଯେଉଁଥିରେ ଗତି ଓ ସଂଗୀତ ଏକ ପ୍ରସ୍ଫୁଟିତ ଫୁଲ ପରି ସୁନ୍ଦର ଓ ମନୋରମ ଭାବ ପ୍ରକଟିତ କରିଥିଲା। ଉଦ୍‌ଘାଟନୀ ଉତ୍ସବର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶୀ ନୃତ୍ୟରେ ଶିଳ୍ପୀଙ୍କ ଦ୍ୱାରା ଚାରିଯୁଗ ପରିବେଷଣ କରାଯାଇଥିଲା। ଏଥିରେ ଦେବୀଦୁର୍ଗାଙ୍କ ଶକ୍ତି ଓ ଦିବ୍ୟ ମହିମାକୁ ନେଇ ପରିବେଷଣ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଶେଷରେ ଗୁରୁ ଆନନ୍ଦ ଶଙ୍କର ଜୟନ୍ତ ଓ ସାଥୀ କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ପରିବେଷଣ କରାଯାଇଥିଲା। ଭକ୍ତ ରାମଦାସଙ୍କ ଦ୍ୱାରା ତେଲୁଗୁ ଭାଷାରେ ରଚିତ ମହାବିଷ୍ଣୁଙ୍କ ଦଶାବତାର ନେଇ ଦଶାବତାର ବର୍ଣ୍ଣିତ ଦଶାବତାରମ ପରିବେଷଣ କରାଯାଇଥିଲା। ସେମାନଙ୍କ ପ୍ରସ୍ତୁତିରେ ଦେବୀ ଉପସକମ୍ ଓ ଶେଷରେ ଭାରତନାଟ୍ୟମ୍‌ର ସ୍ଥାପତ୍ୟ ଓ ସୌନ୍ଦର୍ଯ୍ୟକରଣ ମାଧ୍ୟମରେ ସର୍ବଜ୍ଞ, ସର୍ବବ୍ୟାପୀ ଭଗବାନ ଶିବଙ୍କର ଏକ ଅର୍ଘ୍ୟ ପରିବେଷଣ କରାଯାଇଥିଲା। ଉଦ୍‌ଘାଟନୀ ସମାରୋହକୁ ମୃତ୍ୟୁଞ୍ଜୟ ରଥ ଓ ନାଜିଆ ଆଲାମ ସଂଯୋଜନା କରିଥିଲେ। ଏଥିରେ ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଅମିୟ ରଞ୍ଜନ ସେଠୀଙ୍କ ସମେତ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଓ ସଙ୍ଗୀତ ନାଟକ ଏକାଡେମୀର ପଦାଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

ଚନ୍ଦ୍ରଭାଗା ବେଳାଭୂମିରେ ଅନୁଷ୍ଠିତ ବାଲୁକାକଳା ମହୋତ୍ସବରେ ପ୍ରଦର୍ଶିତ ହୋଇଥିବା ବାଲୁକା କଳା।

ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା ବେଳାଭୂମି କୂଳରେ ଆୟୋଜିତ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ପଦ୍ମଶ୍ରୀ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ବାଲୁକା କଳା ମହୋତ୍ସବରେ ସ୍ପେନ, ରୁଷିଆ, ଜାପାନ, ପର୍ତ୍ତୁଗାଲ ଓ ଶ୍ରୀଲଙ୍କା ପ୍ରମୁଖ ଦେଶରୁ ୫ଜଣ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ଯୋଗଦାନ କରିଛନ୍ତି। ଭାରତର ବିଭିନ୍ନ ରାଜ୍ୟ ଓ ଓଡ଼ିଶାରୁ ୧୪୧ଜଣ ବାଲୁକା ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ସନ୍ଧ୍ୟାରେ ଚନ୍ଦ୍ରଭାଗା ବେଳାଭୂମି କୂଳରେ ପୁରୁଷ ବାଲୁକା ଶିଳ୍ପୀମାନେ ମନ୍ଦିର ଓ ଐତିହ୍ୟ ଏବଂ ପ୍ରାଚୀନ ସ୍ଥାପତ୍ୟ ଉପରେ ଆକର୍ଷଣୀୟ ମନୋରମ ବାଲୁକା କଳା ପ୍ରଦର୍ଶନ କରିଥିଲେ। ମହିଳା ବାଲୁକା ଶିଳ୍ପୀମାନେ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ପ୍ରତୀକ ସାଂସ୍କୃତିକ ମେଳା ଉପରେ ମନୋରମ ବାଲୁକା କଳା ପ୍ରଦର୍ଶନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହୋତ୍ସବ ସ୍ଥାନରେ ବାଲୁକା କଳା ଉପରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ଗ୍ୟାଲେରିକୁ ମୁଖ୍ୟମନ୍ତ୍ରୀ ମାଝୀ ବୁଲି ଦେଖିଥିଲେ। ଏହି ପରିପ୍ରେକ୍ଷୀରେ ବାଲୁକା କଳା ମହୋତ୍ସବ ନିମନ୍ତେ ଆକର୍ଷଣୀୟ ସାଜସଜ୍ଜା ଓ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଇଛି। ମନୋରମ ତୋରଣ ମହୋତ୍ସବକୁ ନୂତନ ରୂପରେଖ ଦେଇ ମନୋରମ ପରିବେଶ ସୃଷ୍ଟି କରିଛି।

ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମାଆ ମୋ ପ୍ରେରଣା' ଲୋକାର୍ପିତ

ଭୁବନେଶ୍ୱର, ୧।୧୨ (ସୌମ୍ୟରଞ୍ଜନ ରାଉତ)

ମା'ଙ୍କ ପ୍ରତି ଭଲପାଇବା ମୋତେ ଓଡ଼ିଶା ମାଟି ଶିଖେଇଛି: ଗଣେଶୀ ଲାଲ୍

କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ରଚିତ ପୁସ୍ତକ 'ମୋ ମାଆ ମୋ ପ୍ରେରଣା' ସୋମବାର ଭୁବନେଶ୍ୱରସ୍ଥିତ ଏକ ହୋଟେଲ୍‌ରେ ଲୋକାର୍ପଣ ହୋଇଯାଇଛି। ଏଥିସହ ଅନ୍ୟ ୫ଟି ଓଡ଼ିଆ ଓ ଇଂଲିଶ୍ ପୁସ୍ତକ ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ୍ ଯୋଗଦେଇ ଉକ୍ତ ପୁସ୍ତକଗୁଡ଼ିକୁ ଲୋକାର୍ପଣ କରିବା ସହ କହିଛନ୍ତି, ଆଦିଶକ୍ତିର ଅନ୍ୟତମ ଅଂଶ ହେଉଛନ୍ତି ମା'। ସୃଷ୍ଟିର ଆଦି ଓ ଅନ୍ତ ମା'ଙ୍କଠାରେ ନିହିତ। ସେ ସ୍ନେହ ଦେବାରେ କେବେ ପକ୍ଷପାତିତା କରନ୍ତି ନାହିଁ। ଏପରିକି ଦୁଷ୍ଟ ସନ୍ତାନକୁ ମଧ୍ୟ ସେ କୋଳେଇ ନିଅନ୍ତି। ମା'ଙ୍କ ପ୍ରତି ପ୍ରକୃତ ଭଲପାଇବା ମୋତେ ଓଡ଼ିଶା ମାଟି ଶିଖେଇଛି। ସାମନ୍ତଙ୍କ ମାଆଙ୍କ ପ୍ରତି ଭଲ ପାଇବା ପ୍ରେରଣାଦାୟୀ ବୋଲି ସେ କହିବା ସହ ସଭିଏଁ ମା'ଙ୍କ ଚରଣରେ ନତମସ୍ତକ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଧ୍ୟାତ୍ମିକ ଗୁରୁ ବାବା ରାମ ନାରାୟଣ ଦାସ ମହାରାଜ ଯୋଗଦେଇ ମା'ଙ୍କ ଆଶୀର୍ବାଦ ଅମୃତ ସମ ଏବଂ ଆମେ ସମସ୍ତେ ମା'ଙ୍କ ଭକ୍ତ ହେବା ଆବଶ୍ୟକ ବୋଲି କହିଥିଲେ। ପ୍ରଫେସର ଶଶାଙ୍କ ଚୂଡ଼ାମଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ହରେକୃଷ୍ଣ ଶତପଥୀ ପୁସ୍ତକର ସୁନ୍ଦର ଭାବେ ସମୀକ୍ଷା କରି ଯିଏ ଏହି ପୁସ୍ତକକୁ ପାଠ କରିବେ ସେ ଅଧାରୁ ଛାଡ଼ିପାରିବେ ନାହିଁ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ରକ୍ଷକ ନାୟକ, ବରିଷ୍ଠ ସାମ୍ବାଦିକ ଉମାପଦ ବୋଷ ଯୋଗଦେଇ ପୁସ୍ତକ ଓ ସାମନ୍ତଙ୍କ ଦୀର୍ଘଯାତ୍ରାର ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ଲେଖକ ସାମନ୍ତ ସ୍ୱାଗତ ଭାଷଣ ଦେବା ସହ ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି ତାଙ୍କ ଜୀବନରେ ମା'ଙ୍କ ଭୂମିକା ସମ୍ପର୍କରେ କହିଥିଲେ। ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପୁସ୍ତକ 'ମୋ ମାଆ ମୋ ପ୍ରେରଣା'କୁ ଲୋକାର୍ପଣ କରୁଛନ୍ତି।

୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ

ଭୁବନେଶ୍ୱର, ୧।୧୨ (ସତ୍ୟଜିତ ରାଉତ)

ଦେଢ଼ବର୍ଷରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ

ରାଜ୍ୟରେ ବହୁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ସେମାନଙ୍କ ସମ୍ପତ୍ତି ସାମ୍ରାଜ୍ୟ ପଦାକୁ ଆସୁଛି। ଘର ଯାଞ୍ଚ ବେଳେ ବିପୁଳ ସୁନା ଅଳଙ୍କାର ଓ ନଗଦ ଟଙ୍କା ମିଳୁଛି। ସରକାରୀ କର୍ମଚାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ସଭିଏ ଚକିତ ହେଉଛନ୍ତି। ରାଜ୍ୟରେ ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରାକା ଆପଲ ସ୍ୱାମୀଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ରଖିଥିବା ଉତ୍ତରରୁ ସରକାରୀ ବାବୁଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂତନ ସରକାର ଆସିବା ପରେ ଅର୍ଥାତ ୨୦୨୪ ଜୁନ ୧୨ଠାରୁ ଚଳିତବର୍ଷ ନଭେମ୍ବର ୨୧ ତାରିଖ ମଧ୍ୟରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦ୍ୱାରା ମୋଟ ୩୧୮ ମାମଲା ରୁଜୁ କରାଯାଇ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ମାମଲାରେ ୨୬୬ ସରକାରୀ ଅଧିକାରୀ ତଥା କର୍ମଚାରୀ, ୧୨ ଅନ୍ୟ ଲୋକସେବକ ଏବଂ ୩୮ ସାଧାରଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଭିଜିଲାନ୍ସ କୋର୍ଟରେ ୧୮୭ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଦଣ୍ଡାଦେଶ ଆଧାରରେ ୩୪ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ୬୫ ସରକାରୀ କର୍ମଚାରୀଙ୍କ ପେନ୍‌ସନ ରାଶି ବନ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩୧ ସରକାରୀ ଅଧିକାରୀଙ୍କ ବିରୋଧରେ ଏକାଧିକ ଥର ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

'ଭିନ୍ନକ୍ଷମଙ୍କଠାରେ ସାମର୍ଥ୍ୟ, ପ୍ରତିଭା ରହିଛି'

ଭୁବନେଶ୍ୱର, ୧।୧୨ (ସୁଚିସ୍ମିତା ସାହୁ)

ଏକ ସୁସ୍ଥ ସମାଜ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରଗତି ଓ ସୁରକ୍ଷା ଆବଶ୍ୟକ। ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରେ ସାମର୍ଥ୍ୟ ଓ ପ୍ରତିଭା ରହିଛି। ସେମାନଙ୍କ ସାମାଜିକ, ଅର୍ଥନୈତିକ ଓ ବୌଦ୍ଧିକ ବିକାଶ ଦିଗରେ ଧ୍ୟାନ ଦିଆଗଲେ ସେମାନେ ରାଜ୍ୟ ପ୍ରଗତିରେ ନିଜର ଯୋଗଦାନ ଦେଇପାରିବେ। ମାନବ ସମାଜ ପାଇଁ ଭିନ୍ନକ୍ଷମଙ୍କ ଅନେକ ଅବଦାନ ରହିଛି ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ସୋମବାର ସୋଆ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମନ୍ତ୍ରୀ ଗଣ୍ଡ କହିଲେ, ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀକରଣ ହେଉଛି ସ୍ଥାୟୀ ବିକାଶର ମୂଳ ଭିତ୍ତିଭୂମି। ଭିନ୍ନକ୍ଷମ ବ୍ୟକ୍ତିମାନେ ସବୁ କ୍ଷେତ୍ରରେ ସମାନ ଭାବେ ଅଂଶଗ୍ରହଣ କରିପାରିଲେ ହିଁ ପ୍ରକୃତ ପ୍ରଗତି ସମ୍ଭବ ହୋଇପାରିବ। ରାଜ୍ୟ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ମାନ ଓ ସଶକ୍ତୀକରଣ ପ୍ରଦାନ କରିବା କ୍ଷେତ୍ରରେ ଏକ ଦାୟିତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ୮୦%ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମାସିକ ୩୫୦୦ ଟଙ୍କା ସହାୟତା ଦିଆଯାଉଛି। ସାଙ୍କେତିକ ଭାଷାର ପ୍ରସାର ପାଇଁ ଦକ୍ଷ ଶିକ୍ଷକ ସୃଷ୍ଟି କରାଯିବା ସହ ୬୦ଜଣ ଦୃଷ୍ଟିହୀନଙ୍କୁ ଭାରତୀୟ ବିଦ୍ୟା ଭବନରେ କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ଆଗାମୀ ଦିନରେ ଅଧିକ ରିହାବିଲିଟେଶନ ସେଣ୍ଟର ଖୋଲାଯିବାର ଯୋଜନା ରହିଛି ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କହିଛନ୍ତି, ଭିନ୍ନକ୍ଷମ ଶିଶୁଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସମସ୍ତ ସ୍ତରରୁ ଉଦ୍ୟମ ହେବା ଆବଶ୍ୟକ। ସେମାନଙ୍କ ମଧ୍ୟରେ ଥିବା ପ୍ରତିଭାର ଉନ୍ମେଷ ଓ ବିକାଶ ପାଇଁ ଅଭିଭାବକଙ୍କଠାରୁ ଆରମ୍ଭ କରି ଶିକ୍ଷକ ଏବଂ ସାମାଜିକ କର୍ମୀମାନେ ଆଗକୁ ଆସିବାକୁ ପଡ଼ିବ। ଅନେକ ଭିନ୍ନକ୍ଷମ ବ୍ୟକ୍ତି ସମାଜର ବହୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ରତିଷ୍ଠିତ ହୋଇପାରିଛନ୍ତି ବୋଲି ସିଂ କହିଛନ୍ତି।

ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ

ଅତିଥିମାନେ ପତାକା ଦେଖାଇ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରୁଛନ୍ତି। (ଫଟୋ- ବିକାଶ ନାୟକ)

କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବକ୍ତବ୍ୟ ରଖିଥିଲେ। ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ 'ବାଣୀଶ୍ରୀ' ପୋର୍ଟାଲକୁ ଉନ୍ମୋଚନ କରିଥିଲେ। ଏହି ପୋର୍ଟାଲରେ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନେ ବାଣୀଶ୍ରୀ ବୃତ୍ତି ପାଇଁ ଆବେଦନ କରିବା ସହଜ ହେବ। ଓଡ଼ିଶା ପ୍ରଶାସନିକ ସେବାରେ କୃତକାର୍ଯ୍ୟ ହୋଇଥିବା ୧୩ ଜଣ ଭିନ୍ନକ୍ଷମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଭାଗୀୟ ନିର୍ଦ୍ଦେଶକ ପାରୁଲ ପଟାୱରି ଧନ୍ୟବାଦ ଦେଇଥିଲେ। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଭାରତୀୟ ଭିନ୍ନକ୍ଷମ ମହିଳା କ୍ରିକେଟ ଦଳକୁ ପ୍ରତିନିଧିତ୍ୱ କରିଥିବା ଓଡ଼ିଶାର ୪ ଜଣ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଆର୍.ଏସ୍. ଗୋପାଳନ, ଅତିରିକ୍ତ ଶାସନ ସଚିବ ସୋନିଆ ବେହେରା ଓ ଭାସ୍କର ରାଇତୁ, ଦୀପକ ରାଉତରାୟ, ଉପଶାସନ ସଚିବ ସନ୍ୟାସୀ ବେହେରା, ବସନ୍ତ କୁମାର ବେହେରାଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ସୋମବାର ସକାଳେ କଳିଙ୍ଗ ଷ୍ଟୁଡ଼ିଓଠାରୁ ସୋଆ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏକ ୱାକାଥନ୍ ଆୟୋଜନ କରାଯାଇଥିଲା। ଭୁବନେଶ୍ୱର-ଏକାମ୍ର ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ସୋଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ନନ୍ଦ ପତାକା ଦେଖାଇ ଏହି ୱାକାଥନ୍‌ର ଶୁଭାରମ୍ଭ କରିଥିଲେ। ଏଥିରେ ବହୁ ସ୍ୱେଚ୍ଛାସେବୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜନସାଧାରଣ ଭାଗ ନେଇଥିଲେ। ପରେ ସୋଆ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପାରା-ଆଥ୍‌ଲେଟିକ୍‌ର ଶୁଭ ଉଦ୍‌ଘାଟନ ହୋଇଥିଲା।

ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com

@ ଆଶିଷ

@ ଦୀପକ

@ ସୁଶୀଲ

@ ଶୈଳେନ୍ଦ୍ର

@ ବିଦ୍ୟାଭୂଷଣ

@ ଆଭାସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

ପନିପରିବା ଦର ବୃଦ୍ଧି: ଖାଦ୍ୟ ଯୋଗାଣ ବିଭାଗର ଚଢ଼ାଉ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ରାଜ୍ୟର ବିଭିନ୍ନ ଜିଲାରେ ଚଢ଼ାଉ କରାଯାଇଛି। ରାଜ୍ୟରେ ପନିପରିବା ଦରବୃଦ୍ଧି ନିୟନ୍ତ୍ରଣ କରିବା ଏବଂ ଯୋଗାଣ ଶୃଙ୍ଖଳା ବଜାୟ ରଖିବା ପାଇଁ ଯାଞ୍ଚ କଡ଼ାକଡ଼ି କରାଯାଇଛି। ରାଜ୍ୟରେ ଗତ କିଛିଦିନ ଧରି ପନିପରିବା ଦରବୃଦ୍ଧି ହେଉଥିବା ଅଭିଯୋଗକୁ ଭିତ୍ତିକରି ବିଭାଗ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ନିର୍ଦ୍ଦେଶ କ୍ରମେ ପନିପରିବା ଦରବୃଦ୍ଧିକୁ ରୋକିବା ପାଇଁ ବିଭାଗର ମାର୍କେଟିଂ ଇଣ୍ଟେଲିଜେନ୍ସ କ୍ଷେତ୍ର କର୍ମଚାରୀମାନଙ୍କ ଦ୍ୱାରା ରାଜ୍ୟର ପ୍ରମୁଖ ବଜାରଗୁଡ଼ିକରେ ଯାଞ୍ଚ କରାଯାଇଥିଲା। ଚଳିତ ବର୍ଷ ରାଜ୍ୟର ଅନେକ ସ୍ଥାନରେ ଅଦିନିଆ ବର୍ଷା ଯୋଗୁ ସ୍ଥାନୀୟ ଋତୁକାଳୀନ ଫସଲ ନଷ୍ଟ ହୋଇଛି। ଅପରପକ୍ଷେ ଖାଉଟିଙ୍କ ଚାହିଦା ପାଇଁ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ କର୍ନାଟକ ଭଳି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଥିବାରୁ ଗତ କିଛିଦିନ ହେବ ଓଡ଼ିଶାରେ ଦରଦାମ୍ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ତେବେ ବଜାରକୁ ସ୍ଥାନୀୟ ଫସଲ କିଛି ମାତ୍ରାରେ ଆମଦାନ ହେଉଥିବାରୁ ବର୍ତ୍ତମାନ ପନିପରିବା ଦର ସାମାନ୍ୟ ହ୍ରାସ ଘଟୁଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥାନୀୟ ଋତୁକାଳୀନ ଫସଲ ବହୁଳ ମାତ୍ରାରେ ବଜାରକୁ ଆସିବାର ସମ୍ଭାବନା ଥିବାରୁ ପନିପରିବା ଦର ହ୍ରାସ ଘଟିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରଥମ ପୃଷ୍ଠାରୁ...

ଜନଶୁଣାଣି ଶିବିରରେ...

ବାପ ଘରେ ନିଜ ଛୋଟ ପୁଅ ସହ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ଅର୍ଥ ୨୦ହଜାର ଟଙ୍କା ପାଇବା ପାଇଁ ସସ୍ମିତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ତେବେ ଲିଗାଲ ହେୟାର୍ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତାଙ୍କୁ ଫେରାଇ ଦେଇଥିଲେ। ପରେ ସେ ଏନେଇ ବାଙ୍କୀ ତହସିଲଦାର, ସ୍ଥାନୀୟ ଆର୍ଆଇ, ବିଡିଓ ଏବଂ ଉପଜିଲାପାଳଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସସ୍ମିତା ଜିଲାପାଳଙ୍କ ନିକଟରେ ଦୁଇ ଥର ଅଭିଯୋଗ କରିଥିଲେ। ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଅଭିଯୋଗ ପରେ ବି ସହାୟତା ରାଶି ନ ମିଳିବାରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ସସ୍ମିତା ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲାପାଳଙ୍କୁ ଶିବିରରେ ଦେଖା କରିବା ପରେ ପୂର୍ବଭଳି ତାଙ୍କ କଥାକୁ ଗୁରୁତ୍ୱ ନ ଦିଆଯିବାରୁ ବାହାରକୁ ଆସି ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ସସ୍ମିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କଲ୍ୟାଣ ଅଧିକାରିଣୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ଆବେଦନରେ ତ୍ରୁଟି ଥିଲା। ସେଥିପାଇଁ ଟଙ୍କା ମଞ୍ଜୁରୀ ହୋଇପାରିନାହିଁ। ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରୁ ସସ୍ମିତାଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

ପୁଣି ଚର୍ଚ୍ଚାରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରଠାରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ୍ ଦେବା ଉପରେ ନିଷେଧାଜ୍ଞା କରାଯାଇଥିଲା। ହେଲେ ଏ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ସୋମବାର ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲାପାଳଙ୍କ ଜନଶୁଣାଣିରେ ପୋଲିସ ମୁତୟନ ସତ୍ତ୍ୱେ ମହିଳା ଜଣକ ପେଟ୍ରୋଲ କିପରି ଆଣି ଆସିଲେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବାଙ୍କୀ ଅଞ୍ଚଳରେ ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ ଠିକ୍‌ଭାବେ ହେଉନଥିବାରୁ ବହୁ ପେଟ୍ରୋଲ ପମ୍ପରେ ଲୁଚାଛପା ପ୍ଲାଷ୍ଟିକ ବୋତଲରେ ଏବେବି ପେଟ୍ରୋଲ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

ଅଭିଯୋଗ ଶୁଣାଣିରେ...

ସେତେବେଳେ ଧଳ ପରିବାର ଲୋକେ ଓ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତି ସାକ୍ଷୀ ଭାବେ ସେହି କାଗଜପତ୍ରରେ ଦସ୍ତଖତ କରିଥିଲେ। ଗତବର୍ଷ ପ୍ରଶାନ୍ତଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିଲା। ଏହାର ତିନି/ଚାରି ମାସ ପରେ ପ୍ରଶାନ୍ତଙ୍କ ପରିବାର ଲୋକଙ୍କୁ ମହିଳା ଜଣକ ଟଙ୍କା ଫେରାଇବାକୁ କହିଥିଲେ। ସେମାନେ ଦେଇଦେବେ ବୋଲି ପ୍ରତିଶ୍ରୁତି ଦେଇ ଥରେ ୧୦ହଜାର ଟଙ୍କା ଦେଇଥିଲେ। ହେଲେ ପରେ ଆଉ ଧରାଛୁଆଁ ଦେଉ ନ ଥିଲେ। ବାରମ୍ବାର ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ କରିବା ସହ ମାରପିଟ ମଧ୍ୟ କରିଥିଲେ। ଏନେଇ ସେତେବେଳେ ମହିଳା ଜଣକ ଗୁରାଣ୍ଡି ଥାନାର ଦ୍ୱାରସ୍ଥ ହୋଇଥିଲେ। ତତ୍କାଳୀନ ଥାନା ଅଧିକାରୀ ଏହାର ତଦନ୍ତ ଆରମ୍ଭ କରିଥିଲେ। ପରେ ଥାନା ଅଧିକାରୀଙ୍କ ବଦଳି ହୋଇଯିବାରୁ ନୂଆ ଅଧିକାରୀ ଭାବେ ଓମ୍‌ପ୍ରକାଶ ପାତ୍ର ଯୋଗଦେଇଥିଲେ। ମହିଳା ଜଣକ ନୂଆ ଥାନାବାବୁଙ୍କୁ ମଧ୍ୟ ତାଙ୍କ ଟଙ୍କା ଫେରାଇ ଆଣିବାକୁ ଅନୁରୋଧ କରିଥିଲେ। ହେଲେ ଥାନା ବାବୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଏନେଇ ମହିଳା ଜଣକ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ନ୍ୟାୟ ନ ପାଇଲେ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ହିଁ ଆତ୍ମହତ୍ୟା କରିବେ ବୋଲି କହି ଝରକାରେ ନିଜ ଶାଢ଼ି ପଣତକାନି ଗୁଡ଼ାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମହାନ୍ତି ଦେଖି ତାଙ୍କୁ ଏପରି ନ କରିବା ପାଇଁ କହି ବୁଝାସୁଝା କରିବା ସହ ଘଟଣାର ତଦନ୍ତ କରାଯାଇ ନ୍ୟାୟ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ଶାନ୍ତ ପଡ଼ିଥିଲେ। ଏନେଇ ଥାନା ଅଧିକାରୀ ପାତ୍ରଙ୍କ କହିବା ହେଲା, ମହିଳା ତାଙ୍କ ବିରୋଧରେ ଯେଉଁ ଅଶାଳୀନ ବ୍ୟବହାର କରିବା ନେଇ ଅଭିଯୋଗ ଆଣିଛନ୍ତି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଶାନ୍ତଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଜଗଦୀଶଙ୍କୁ ଥାନାକୁ ଡକାଯାଇଛି। ଜଗଦୀଶ କୌଣସି କାଗଜରେ ଦସ୍ତଖତ କରି ନ ଥିବା କହିଛନ୍ତି। ତେଣୁ ଘଟଣାର ତଦନ୍ତ ଜାରି ରହିଛି ବୋଲି ପାତ୍ର କହିଛନ୍ତି।

‘ରାଜଭବନ’ ହେଲା...

ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହାର ଉପନିବେଶ ଯୁଗର ଶବ୍ଦରୁ ଦୂରେଇଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ ‘ଲୋକ ଭବନ’ ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ରାଜ୍ୟପାଳ କମ୍ଭମ୍ପତି କହିଛନ୍ତି, ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ‘ଲୋକ ଭବନ’ ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ। ‘ଲୋକ ଭବନ ’ ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟକରି ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

ମହାରାଷ୍ଟ୍ର ମହାମେଣ୍ଟରେ ଫାଟ

ମେଣ୍ଟଧର୍ମ ପାଳନ କରିବାକୁ ଭାଜପାକୁ କହିଲେ ଶିନ୍ଦେ

ମୁମ୍ବାଇ,୧।୧୨

ଶିବସେନାର କେତେଜଣ ପୂର୍ବତନ କର୍ପୋରେଟର ଏବଂ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗଦେବାକୁ ନେଇ ମହାରାଷ୍ଟ୍ରର ଶାସକ ମହାମେଣ୍ଟର ୨ ସହଯୋଗୀ ଦଳ ମଧ୍ୟରେ ଫାଟ ସ୍ପଷ୍ଟ ହୋଇଛି। ଶିବସେନା ଭଳି ଭାଜପା ମେଣ୍ଟ ଧର୍ମ ପାଳନ କରିବାକୁ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ କହିଛନ୍ତି। ଘୋଡ଼ାବେପାରକୁ ନେଇ ସେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କ ସହ କଥା ହୋଇଛନ୍ତି। ତଦନୁଯାୟୀ ଶିବସେନାର ପୂର୍ବତନ କର୍ପୋରେଟରଙ୍କୁ ଭାଜପା ନେବ ନାହିଁ ଏବଂ ଭାଜପାର ପୂର୍ବତନ କର୍ପୋରେଟର ଶିବସେନାକୁ ଯିବେ ନାହିଁ। ଆଗାମୀ ପୌର ନିର୍ବାଚନକୁ ଆମେ ଏକାଠି ଲଢ଼ିବାକୁ ହେବ ବୋଲି ଶିନ୍ଦେ କହିଛନ୍ତି। ମେଣ୍ଟର କ୍ଷତି ହେବା ଭଳି କୌଣସି କାର୍ଯ୍ୟ ନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଏକନାଥ ଶିନ୍ଦେ

ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଦଳରୁ ଅଲଗା ହେବା ପରେ ଶିନ୍ଦେ ଶିବସେନାର ନେତୃତ୍ୱ ନେଇଥିଲେ। ସେ କହିଛନ୍ତି, ତାଙ୍କ ଦଳ ମେଣ୍ଟଧର୍ମକୁ କଡ଼ାକଡ଼ି ପାଳନ କରିଆସୁଥିବାବେଳେ ଭାଜପା ମଧ୍ୟ ଅନୁରୂପ ଆଚରଣ ପ୍ରଦର୍ଶନ କରିବା ସେ ଆଶା କରନ୍ତି। ଯଦି ମେଣ୍ଟ ଶୃଙ୍ଖଳାକୁ ଅଣଦେଖା କରାଯାଏ, ତେବେ ମୁହାଁମୁହିଁ ହେବା ଅବଶ୍ୟମ୍ଭାବୀ ବୋଲି ଶିନ୍ଦେ ସତର୍କ କରାଇ ଦେଇଛନ୍ତି।

ଭାରତକୁ ଇଣ୍ଟରନ୍ୟାଶନାଲ ଆଇଡିଇଏର ଅଧ୍ୟକ୍ଷ ଦାୟିତ୍ୱ

ନିର୍ବାଚନ ପ୍ରକ୍ରିୟାକୁ ବୈଶ୍ୱିକ ସ୍ୱୀକୃତି: ସିଇସି

ନୂଆଦିଲ୍ଲୀ,୧।୧୨

ଗଣତନ୍ତ୍ର ଏବଂ ନିର୍ବାଚନ ସହାୟତା ଅନ୍ତର୍ଜାତୀୟ ପ୍ରତିଷ୍ଠାନ (ଇଣ୍ଟରନ୍ୟାଶନାଲ ଆଇଡିଇଏ)ର ଅଧ୍ୟକ୍ଷତା କରିବାକୁ ପ୍ରଥମ ଥର ପାଇଁ ଭାରତକୁ ଆମନ୍ତ୍ରଣ କରାଯାଇଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ସୋମବାର କହିଛନ୍ତି। ଭାରତରେ ମୁକ୍ତ, ଅବାଧ ଓ ସ୍ୱଚ୍ଛ ନିର୍ବାଚନର ସଫଳ ପରିଚାଳନାକୁ ବୈଶ୍ୱିକ ସ୍ୱୀକୃତି ମିଳିଛି। ଫଳରେ ବିଶ୍ୱର ୩୭ ଗଣତାନ୍ତ୍ରିକ ରାଷ୍ଟ୍ରର ସଂଗଠନ ୩୦ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ଭାରତକୁ ଇଣ୍ଟରନ୍ୟାଶନାଲ ଆଇଡିଇଏର ଅଧ୍ୟକ୍ଷତା କରିବାକୁ ଆମନ୍ତ୍ରଣ କରାଯାଇଛି। ଏହା ଭାରତର ନାଗରିକମାନଙ୍କ ପାଇଁ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ ବୋଲି ଜ୍ଞାନେଶ କହିଛନ୍ତି। ଜ୍ଞାନେଶ ଆସନ୍ତା ୩ ତାରିଖରେ ଆନୁଷ୍ଠାନିକ ଭାବେ ସ୍ୱିଡେନ୍‌ର ଷ୍ଟକ୍‌ହୋମ୍‌ଠାରେ ଇଣ୍ଟରନ୍ୟାଶନାଲ ଆଇଡିଇଏର ଅଧ୍ୟକ୍ଷତା ଗ୍ରହଣ କରିବେ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ସ୍ୱଚ୍ଛ ଶକ୍ତିର କେନ୍ଦ୍ର ହେବ ଓଡ଼ିଶା

ନୂଆଦିଲ୍ଲୀ,୧।୧୨

ଓଡ଼ିଶା ସ୍ୱଚ୍ଛ ଶକ୍ତି କେନ୍ଦ୍ର ହେବା ଦିଗରେ ଦ୍ରୁତ ଅଗ୍ରସର ହେଉଥିବା ଇଓ୍ୱାଇ-ଆସୋଚାମ୍ ରିପୋର୍ଟରେ କୁହାଯାଇଛି। ଓଡ଼ିଶା ପାଖରେ ପ୍ରଚୁର ପ୍ରାକୃତିକ ସୁବିଧା, ପ୍ରଗତିଶୀଳ ନୀତି ଏବଂ ବର୍ଦ୍ଧିତ ଶିଳ୍ପ ଚାହିଦା ରହିଛି। ତେଣୁ ଭାରତର ସବୁଜ ଅଭିବୃଦ୍ଧି ଯାତ୍ରାରେ ଓଡ଼ିଶାର ବଡ଼ ଅବଦାନ ରହିବ। ଏଠାରେ ପର୍ଯ୍ୟାପ୍ତ ସୌରଶକ୍ତି, ବାୟୁ ଓ ଜଳ ସାମର୍ଥ୍ୟ ସାଙ୍ଗକୁ ସୁଦୃଢ଼ ବନ୍ଦର ବ୍ୟବସ୍ଥା, ସ୍ପଷ୍ଟ ନୀତି ନିର୍ଦ୍ଦେଶ ରହିଥିବାରୁ ୨୦୩୦ ସୁଦ୍ଧା ଭାରତର ସ୍ୱଚ୍ଛ ଇନ୍ଧନ ଲକ୍ଷ୍ୟ ହାସଲରେ ଓଡ଼ିଶା ପ୍ରମୁଖ ଭୂମିକା ନେବ ବୋଲି ରିପୋର୍ଟରେ କୁହାଯାଇଛି।

SIMILIPAL
ଆମ ଶିମିଳିପାଳ ଆମ ଗର୍ବ

OFFICE OF THE DEPUTY DIRECTOR, SIMILIPAL SOUTH WILDLIFE DIVISION, BARIPADA

Phone No- (06792) 252593, Fax- 256705, Email Id: dfo.similipalsouthwl@odisha.gov.in
Memo No.7307/1F
Dated, Baripada the 28th November, 2025

CUT OFF DATE FOR PUBLICATION DT.30.11.2025

No.MM-319:Copy forwarded to the Deputy Director (Advertisement) & Deputy Secretary to Government of Odisha, I&P.R. Department, Bhubaneswar with a request to get published in Two number leading Oriya Daily and One National English Daily Newspaper at an early date for wide circulation of tender call notice. It is to mention that the initial sale date and Bid documents will be commenced from Dt.01.12.2025, as such you are requested to publish the Tender Call Notice on or before this date. Complimentary copy of the newspaper containing the tender call notice may please be sent to this office for reference and record.

Enclosure: Softcoy throug Email.

Sd./- Deputy Director
Similipal South WL Division, Baripada
OIPR-08127/11/0039/2526

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI

Letter No.4929/2025 Date:28.11.2025
Tender Ref. No-12691/25-Diet/DHH (38-B) Makangiri

3rd CORRIGENDUM

No.E-553:The Sentence “submission of proposal” may be read as “received of proposal” in all places of this office vide bid reference number 12691/25-Diet/DHH (38-B) Malkangiri dated 07.11.2025 and subsequent corrigendum no 4860/25 dated 20.11.2025, 2nd corrigendum no 4904/25 dated 27.11.2025. All other contains of the above bid notice and corrigendum notice shall remain unchanged.

Sd./- Dolamani Pradhan
Chief District Medical & Public Health Officer, Malkangiri
OIPR-10086/11/0019/2526

Directorate of Scheduled Castes & Scheduled Tribes RESEARCH AND TRAINING INSTITUTE (SCSTRTI)

CRPF Square, Bhubaneswar-751003, Odisha
Telephone No.0674-2563645, Email Id:scstrti@yahoo.co.in
No.3254/OSWAS/SS/0006/2025 Dated: / 11/2025

SHORT QUOTATION CALL NOTICE

No.V-Sealed Quotations are hereby invited from interested agencies/ firms for the supply of Office Stationery, Training Materials, Consumables and Raw Material items to SCSTRTI. The applications must be addressed to the Director, SCSTRTI, CRPF Square, Bhubaneswar-751003 on or before 12.12.2025 at 01.00 PM. The detailed Quotations Call Notice is available in www.scstrti.in and www.stscodisha.gov.in.

Sd./- Director
OIPR-26002/11/0010/2526

GOVERNMENT OF ODISHA OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR

1st Corrigendum Notice
No.3709, Dated 29.11.25

No.O-1660:The 1st Corrigendum to the Bid Identification No.BLGR-Online-33/2025-26, due to unavoidable circumstances tender for the work “Construction of Road from Naikenpali to Kutenpali via Mendhipali Road in the District of Bolangir under MMSY-TRIP for the year 2025-26” is hereby **cancelled** from Sl.No. 3 of Annexure in the NIT.
N.B.- All other terms and conditions remain unchanged.

Sd./- Chief Construction Engineer
R.W. Circle, Bolangir
OIPR-25118/11/0077/2526

ORMAS Nayagarh ORMAS

TENDER CALL NOTICE

Advertisement No. 296, Dated.- 28.11.2025

No.CAD-2546 : Sealed tenders are invited from interested firms / agencies / tent houses or Event Organizers / Security Service Agencies / Documentation Organization for tent & allied works, Security Guard Deployment and Various Documentation Activities for the Zilla Mahostav & Pallishree Mela 2025 to be organized at Stadium Ground, Nayagarh from 24th to 28th December 2025.

The tender papers for all above services along with detail Scope of Work along with specifications may be downloaded from Nayagarh District website http://nayagarh.odisha.gov.in and ORMAS website http://ormas.odisha.gov.in. The sealed tenders will be received on or before 2 PM on 8th December 2025 at the office of ORMAS, Zilla Parisad, Nayagarh.

Sd./- CDO-cum-EO, ZP, Nayagarh
OIPR-19262/11/0004/2526

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର

OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6478/DATE 28.11.25

1st CORRIGENDUM
TENDER FOR THE WORK

No.C-1631:“Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Jaleswar Town”.

In continuation to this office Bid-Identification No.SEPHBLS-27 of 2025-26 dt 12.11.2025. The following amendments have been made to **Critical Dates.**

	Item/ Clause	Description	Existing Critical Dates	Revised/Amended Critical Dates
1	Critical Dates in NIT, Section-1 of DTCN	Last date and time of seeking clarification	17.00 Hr. of dt.28.11.2025	17.00 Hr. of dt.05.12.2025
		Last date & time of bidding on-line	17.00 Hr. of dt.03.12.2025	17.00 Hr. of dt.10.12.2025
		Date & Time of opening Bid	17.00 Hr. of dt.04.12.2025	17.00 Hr. of dt.11.12.2025

All other terms and conditions un-altered.

Sd./- Superintending Engineer
P.H. Division, Balasore
OIPR-13053/11/0034/2526

ଓଡ଼ିଶା ସରକାର
ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଜନସ୍ୱାସ୍ଥ୍ୟ ଖଣ୍ଡ ବାଲେଶ୍ୱର

OFFICE OF THE EXECUTIVE ENGINEER, PUBLIC HEALTH DIVISION, BALASORE

AT-SAMALPUR, P.O-BALIA, DIST-BALASORE, PIN-756056
(e-mail: eephbls@gmail.com, Phone-9438660004)
No.6487/DATE 28.11.25

1st CORRIGENDUM
TENDER FOR THE WORK

No.C-1628:“Supply, Installation, Testing & Commissioning of DG Sets (CPCB IV+GEN Set with AMF Pannel) with Movable Trolley including shed for Soro Town”.

In continuation to this office Bid-Identification No.SEPHBLS-28 of 2025-26 dt 12.11.2025. The following amendments have been made to **Critical Dates.**

	Item/ Clause	Description	Existing Critical Dates	Revised/Amended Critical Dates
1	Critical Dates in NIT, Section-1 of DTCN	Last date and time of seeking clarification	17.00 Hr. of dt.28.11.2025	17.00 Hr. of dt.05.12.2025
		Last date & time of bidding on-line	17.00 Hr. of dt.03.12.2025	17.00 Hr. of dt.10.12.2025
		Date & Time of opening Bid	17.00 Hr. of dt.04.12.2025	17.00 Hr. of dt.11.12.2025

All other terms and conditions un-altered.

Sd./- Superintending Engineer
P.H. Division, Balasore
OIPR-13053/11/0035/2526

GOVERNMENT OF ODISHA SUPERINTENDING ENGINEER ,BOUDH (R&B) DIVISION, BOUDH

E-mail : eeboudhrb@gmail.com
No.B-746

INVITATIONS FOR BIDS (IFB)
“e” procurement Notice

Letter No.5612 dtd.21.11.2025
Bid Identification No. SE (R&B)-BDH 16/2025-26

1) Number of work : 01 (One) No. of Civil work (Single Cover)
01 (One) No. of Civil work (Double Cover)
01 (One) No. of EI work (Single Cover)
2) Estimated Cost : As per the column no.3 of the table
3) Period of Completion : As per the column no.8 of the table
4) Date & Time of availability of Bid documents in the portal : From 02.12.2025, 10.00 AM to 11.12.2025 5.00 P.M.
5) Last date/time for seeking of Tender Clarification : 11.12.2025 up to 1.00 P.M.
6) Last date / time for receipt of bids in the portal : Up to 5.00 P.M. of dated 11.12.2025
7) Date & time of opening of tender / Bid : 12.12.2025 at 11.30 A.M.
8) Name and address of the O.I.T : Superintending Engineer, Boudh (R&B) Division, Boudh

Further details corrigendum (s) if any issued can be seen from the website http://tendersorissa.gov.in

Sd./- Superintending Engineer,
Boudh (R&B) Division, Boudh
OIPR-34134/11/0029/2526

idco Your power to grow — ODISHA NEW OPPORTUNITIES
No. CAD-2521

OFFICE OF THE DIVISIONAL HEAD (ELECTRICAL-II), IDCO, IDCO TOWER, BHUBANESWAR

Tender Call Notice No.- BBSR/ELECT-II/E-393/25-26/2922 Dt. 25.11.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

Name of the Work :- Construction of 11KV line, 500 KVA 11/433KV plinth mounted substation, 11KV line D.P. with AB switch arrangement & MU for providing 3-phase power supply to Science Centre cum Planetarium, Bikrampur, Gopalpur, Ganjam.

Procurement Officer	Bid Identification No.	Availability of Tender on-Line for Bidding	
		From	To
1	2	3	4
D.H. (Elect-II), IDCO, IDCO Tower, Janpath, Bhubaneswar	Bid ID No. BBSR/ELECT-II/e-32/2025-2026	02.12.2025 at 12.00 Hrs.	08.12.2025 at 16.00 Hrs.

Further details can be seen from the e-Procurement Portal www.tendersorissa.gov.in. Corrigendum or Addendum, if any will not be published in newspapers and can be seen in e-procurement portal as well as in IDCO website.

Sd./- Divisional Head (Elect-II)
IDCO, Bhubaneswar
OIPR-14003/11/0253/2526

[GOVERNMENT OF ODISHA] OFFICE OF THE SUPERINTENDING ENGINEER, BARGARH (R&B) DIVISION, BARGARH

No.B-790
E-mail - eepwdbgh@gmail.com Phone/Fax - 06646-234819

INVITATIONS FOR BIDS (I.F.B)
e-Procurement Notice
IDENTIFICATION NO.IFB-SE PWD BGH No.19 OF 2025-26
No. 6146, Dated - 28.11.2025

1)	The **Superintending Engineer, Bargarh (R&B) Division**, Bargarh on behalf of Governor of Odisha invites **Percentage Rate** bid in **Single & Double** Cover System **in ONLINE MODE** for the **Road & Building works (Civil+EI) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.		
2)	No. of Road & Building work	:	**04 Nos.**
3)	Cost of Tender Paper	:	**Rs. 6,000/- & Rs. 10,000/-**
4)	Class of contractor	:	**“D”, “C” & “B” Class Contractor**
5)	Date & Time of available in web site & receipt of Bids	:	**11:00 Hrs. of 02.12.2025 to 17:00 Hrs. of 10.12.2025**
6)	Date of opening of Technical Bid	:	**11.12.2025 at 11:30 Hrs.**
7)	The Bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in		
8)	Any corrigendum / addendum will be displayed in the website https://tendersodisha.gov.in only.		

Sd./- Superintending Engineer,
Bargarh (R&B) Division
OIPR-34039/11/0031/2526

OFFICE OF THE ASSISTANT DIRECTOR OF TEXTILES, KORAPUT

Near Special Circuit House, Koraput, PIN-764020
Phone No./Fax - 06852 - 296218, e-mail-adtkpt@gmail.com
Letter No.2213, Date:28.11.25

QUOTATION CALL NOTICE

No.PP-49: Sealed Quotations are invited from the registered suppliers / manufacturers / dealers / firms having valid PAN and GST registration with up to date Income Tax & GST clearance certificate, for supply of different handloom items like- Frame looms, Weaving Accessories (different size/type/counts of heald, reed, cycle rim, charkha/ motorised charkha, pirn, bobbin, shuttle, dobby, take up motion set) for the weavers of Koraput Textiles Zone under the scheme “Promotion of Handloom Industries” for the year 2025-26. Interested suppliers may quote their lowest rate with detailed specification (material to be used/ size/specification/brand etc) along with the copy of required Tax Clearance Certificate, GST Registration and proof of execution of such orders earlier if any to the undersigned on or before dt.29.12.2025 by 05.00 P.M through Registered/ Speed Post only. The quotation received either in incomplete form or after the due date & time will not be considered and treated as cancelled. The quotations will be opened on dated-30.12.2025 at 11.00 A.M in the office premises of the undersigned in presence of the bidders or their authorised representatives and members of purchase committee. The bidder or their authorised representatives if any must present on that day with samples of the quoted items, failing which the related quotations shall not be considered. For more details, term & condition etc. for supply of the items, please visit the official web site of State Agency for Development of Handloom Cluster (SADHAC), Bhubaneswar- www.sadhacodisha.org or official website of Odisha State Handloom Weavers Co-operative Societies Ltd, Bhubaneswar (BOYANIKA)- www.boyanika.com or www.koraput.nic.in and may contact the Asst. Director of Textiles, Koraput in the above listed address, email & Phone number. The undersigned reserves the right to reject or accept any or all the quotations without assigning any reason thereof.

Sd./- Assistant Director of Textiles, Koraput
OIPR-31017/11/0003/2526

SECTION - 1 No. C-1640
LETTER OF INVITATION

OFFICE OF THE COMMISSIONER, BRAHMAPUR MUNICIPAL CORPORATION, BERHAMPUR

PIN-760001
RFP No. Dt. /11/2025
Letter No. 17734 Dt. 28.11.2025

REQUEST FOR PROPOSAL (RFP)
For
Providing Consultancy Services for Preparation of Detailed Project Report for Sewerage System of Brahmapur Municipal Corporation in the District of Ganjam, Odisha

1. Proposals are invited to conduct the assignment and submit the deliverables from Public Sector Undertakings / Autonomous Bodies / consulting firms that have requisite experience in preparation of DPR for sewerage system and to submit their proposals (hard copy) in respect of the Project **“Preparation of Detailed Project Report for Sewerage System of Brahmapur Municipal Corporation, in the District of Ganjam, Odisha”**, in accordance with the formats, terms and conditions of the RFP and on the basis of National Competitive bidding for the work detailed in the table given below. More details on the proposed details are provided at **Section-3: Terms of Reference (TOR)** of this RFP Document. The firm is advised to examine carefully all instructions in the RFP Document.
2. The RFP will be available for download, at https://www.tendersodisha.gov.in. All Bidders must submit a sum of Rs.11, 800/- (Rupees Eleven thousand Eight Hundred only) towards the cost of the RFP Document in the form of Online Remittance. This is inclusive of GST and eligible amount as Bid Security by Online Remittance along with the Proposals per the conditions out line in this RFP.
3. A bidder / consultant will be selected under **Quality & Cost Based Selection (QCBS)** procedure as prescribed in the RFP Document in accordance with the procedures prescribed herewith circulated vide Office Memorandum No.37323/F, Dated:30.11.2018 of Finance Department, Govt. of Odisha.
4. The proposal completes in all respect as specified in the RFP Document must be accompanied with the proof of remitting Bid Processing Fees & EMD failing which the bid will be rejected.
5. The complete RFP document can be viewed /downloaded from the portal https://tendersodisha.gov.in **from dt.29.11.2025, 11:00 AM to 12.12.2025 up to 05:00 PM**
6. The last date and time for submission of proposal complete in all respects is **12.12.2025 up to 05:00 PM,** the date of Opening of the Technical Proposal is **dt.16.12.2025 at 04:30 AM**, in the presence of the bidder's representative at the specified address as mentioned in the Bidder Data Sheet (**Sl. No.15**). Representatives of the bidders' may attend the meeting with due authorization letter on behalf of the bidder.
This RFP includes following sections:
a. Letter of Invitation **[Section-1]**
b. Information to the Bidder **[Section-2]**
c. Terms of Reference **[Section-3]**
d. Technical Proposal Submission Forms **[Section-4]**
e. Financial Proposal Submission Forms **[Section-5]**
f. Annexure **[Bid Submission Checklist & Performance Bank Guarantee Format and any other relevant assignment related material needs to be provided]**
7. All information / data given in the RFP are reasonable within the consideration of scope of the proposed assignment to the best of the Client's knowledge, the Client holds no responsibility for accuracy of information and it is the responsibility of the bidder / consultant to check the validity of information / data included in this RFP. The Client reserves the right to accept / reject any/all proposals/ cancel the entire selection process at any stage without assigning any reason thereof.
Interested bidders may download the Request for Proposal Documents (the **“RFP”** document) from the above website to see further details for participation in the online bidding.

Sd./- Commissioner
Brahmapur Municipal Corporation
OIPR-13035/11/0072/2526

GOVERNMENT OF ODISHA ST & SC DEVELOPMENT DEPARTMENT OFFICE OF THE PROJECT ADMINISTRATOR, INTEGRATED TRIBAL DEVELOPMENT AGENCY, JEYPORE

E-PROCUREMENT NOTICE
BID IDENTIFICATION No. PA ITDA (I)-05//2025-2026
No.2574//2025 Dated, the 28th November, 2025

No.CAD-2526 : Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. “www.tendersodisha.gov.in”.

01.	Name of the work	:	Civil Works as mentioned in DTCN
02.	No. of Works	:	04 (Four) Numbers only
03.	Estimated Cost	:	₹ 120.00 Lakhs to ₹ 240.00 Lakhs
04.	Period of completion	:	09 (Nine) Calendar Months
05.	date & Time of Bidding	:	From 01/12/2025 at 10.00 Hours to 15/12/2025 Upto 17.00 Hours
06.	Last date & time for receipt of bids in portal	:	15/2025 upto 17.00 Hours
07.	Offline Documents Received through Speed Post/Registered Post	:	02/12/2025 at 10.00 Hours to 16/12/2025 Upto 14.00 hours (Working Days Only)
08.	Bids received online shall be opened on	:	16/12/2025 at 14.00 Hours onwards
09.	Bid Received offline documents shall be opened & Transparency Lottery Draw	:	18/12/2025 at 11.00 A.M. onwards Offline Document Open & Transparency Lottery Draw
10.	Name and address of the officer inviting Bid	:	Project Administrator, I.T.D.A., Jeypore

Further details can be seen from the www.tendersodisha.gov.in

Sd./-Project Administrator
I.T.D.A., Jeypore
OIPR-26037/11/0004/2526

No.A-1031

GOVERNMENT OF ODISHA DEPARTMENT OF WATER RESOURCES (MINOR IRRIGATION)

‘e’ Procurement Notice No.05 (BGR)/2025-26

1	Name of work	Construction of Check Dams, Approach Roads, Canal Lining and Improvement to MIPs
2	Total No. of work	38 (Thirty-eight)
3	Estimated cost	**Rs.7.73 Lakhs to 99.98 Lakhs**
4	Period of completion	(03) Three to (04) Four calendar months
5	Date & time of availability of Bid Document in the portal	**10.00** hours of **03.12.2025** to **17.00** hours **12.12.2025**
6	Last date/Time for receipt of Bids in the Portal	12.12.2025 upto 17.00 hours
7	Date and place of opening of Technical Bid	**Dt.15.12.2025** at **10.00** Hours in the office of the Supterintending Engineer, Minor Irrigation Division, Balangir
8	Date and place of opening of Financial Bid	**17.12.2025**
9	Date of lottery scheduled to be held (If required)	**23.12.2025**
10	Name and address of the O.I.T. (Officer Inviting Tender)	Superintending Engineer, Minor Irrigation Division, Balangir

Further details can be seen from the e-Procurement Portal “https://tendersodisha.gov.in”

Sd./- Superintending Engineer,
Minor Irrigation Division, Balangir
OIPR-32550/11/0010/2526

DEPARTMENT OF WATER RESOURCES No.A-1015

OFFICE OF THE EXECUTIVE ENGINEER, DRAINAGE DIVISION, BERHAMPUR

e mail: eeddberhampur@gmail.com

INVITATION FOR BIDS (IFB)
e-Procurement Notice No.01/2025-26 Dt.27.11.2025

1.	Type of Work	:	**Improvement, Renovation & Construction of FLB**
2.	Total number of works	:	10 No. works
3.	Estimated Cost of Individual Packages	:	Varies from Rs.44.34 Lakh to 83.24 Lakh
4.	Bid Identification No.	:	EE-DD-BER-NO.01/2025-26 to EE-DD-BER-NO.10/2025-26
5.	Period of Completion	:	06 (Six) working Calendar months
6.	Availability of Tender On-line	:	02.12.2025, 10.00 Hours to 12.12.2025, 17.00 Hours
7.	Date of Opening	:	15.12.2025 at 11.00 hours in the O/o the Executive Engineer, Drainage Division, Berhampur, Ganjam, Odisha
8.	Class of Contractor	:	‘B’ Class only
9.	Bid Security/ EMD	:	Mentioned in detail Notice
10.	Cost of Tender Paper	:	Rs.10,000/-
11.	Procurement Officer	:	Executive Engineer, Drainage Division, Berhampur, Ganjam, Odisha

Further details can be seen from the Govt. website www.tendersorissa.gov.in

Sd./- Executive Engineer
Drainage Division, Berhampur
OIPR-32092/11/0002/2526

ଜନ୍ମଦିନର ଶୁଭେଚ୍ଛା

ନାମ: ....
ବୟସ:....................................
ଜନ୍ମ ତାରିଖ: ....

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଦେଢ଼ବର୍ଷରେ ଜେଲରୁ ୧୩ କଏଦୀ ଫେରାର

ପୋଲିସ ହେପାଜତରୁ ଖସିପଳାଇଛନ୍ତି ୩୯ ଅଭିଯୁକ୍ତ

■ ଏବେ ବି ୭ କଏଦୀଙ୍କ ପତ୍ତା ମିଳୁନାହିଁ

■ ୮ କରିଛନ୍ତି ଆତ୍ମହତ୍ୟା

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ କଏଦୀମାନେ ଏହାର ଫାଇଦା ଉଠାଉଛନ୍ତି। ଏପରିକି ସେମାନେ ଅନେକ ଜେଲ କର୍ମଚାରୀଙ୍କୁ ହାତରେ ରଖି ଫେରାର ହେବାକୁ ଯୋଜନା କରୁଛନ୍ତି। ଗତ ଦେଢ଼ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୧୩ ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଧରାପଡ଼ିଥିବାବେଳେ ଏବେ ବି ପୋଲିସ ବିଭାଗ ୭ ଜଣଙ୍କ ପତ୍ତା ପାଇପାରିନାହିଁ। ସେହିପରି ବିଭିନ୍ନ ଥାନାରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସୋମବାର ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ଜୁଲାଇ ୧ରୁ ଏ ପର୍ଯ୍ୟନ୍ତ ଖସିପଳାଇଥିବା କଏଦୀଙ୍କ ମଧ୍ୟରୁ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨, ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ, କେନ୍ଦୁଝର ଜିଲା କାରାଗାରରୁ ଜଣେ, ବାଲେଶ୍ୱର ଜିଲା କାରାଗାରରୁ ଜଣେ, ଭବାନୀପାଟଣା ଜିଲା କାରାଗାରରୁ ୨, ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ଜଣେ, ପଦ୍ମପୁର ଉପକାରାଗାରରୁ ୨, ସୋର ଉପକାରାଗାରରୁ ଜଣେ ଏବଂ ଜାମୁଝରୀ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରୁ ୨ଜଣ କଏଦୀ ରହିଛନ୍ତି। ତେବେ ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱର ଜେଲରୁ ଖସିପଳାଇଥିବା ସମସ୍ତ ୩, ପଦ୍ମପୁର ସବ୍‌ଜେଲରୁ ୨ ଏବଂ ଭବାନୀପାଟଣା ଜେଲରୁ ଫେରାର ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ପୁଣି ଧରାଯାଇଛି। ଗତ ଦେଢ଼ବର୍ଷରେ ମୋଟ ୩୧ ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଥିବା ବେଳେ ୭୪ ହଜାର ୨୩୬ ଜଣ କଏଦୀ କାରାଗାରରୁ ମୁକୁଳିଛନ୍ତି। ନଭେମ୍ବର ୨୪ ସୁଦ୍ଧା ରାଜ୍ୟର ଜେଲଗୁଡ଼ିକରେ ୧୮ ହଜାର ୬୫୯ ଜଣ କଏଦୀ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଚୌଦ୍ୱାର ଜେଲରେ ୩, କୋରାପୁଟ ଜେଲରେ ଜଣେ, ପୁରୀ ଜିଲା ଜେଲରେ ଜଣେ, ବରଗଡ଼ ଜିଲା ଜେଲରେ ୨ ଏବଂ ବଡ଼ବିଲ ସବ୍‌ଜେଲରେ ଜଣେ କଏଦୀଙ୍କୁ ମିଶାଇ ମୋଟ୍ ୮ଜଣ ଆତ୍ମହତ୍ୟା କରିଛନ୍ତି। ଜେଲରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ମଦ ଓ ନିଶା ସାମଗ୍ରୀ ଆଦି ଜେଲ ଭିତରକୁ ପ୍ରବେଶ କରିବାକୁ କଠୋର ଭାବେ ନିଷେଧ କରାଯାଇଛି। ଏନେଇ ମିଳୁଥିବା ସୂଚନାକୁ ଗୁରୁତ୍ୱର ସହ ଯାଞ୍ଚ କରାଯିବା ସହ ନିଶା କାରବାର ରୋକିବାକୁ ଜେଲ ପ୍ରଶାସନ ଦ୍ୱାରା ନିୟମିତ ତଲାସି, ଚଢ଼ାଉ କରାଯିବା ସହ ସୁରକ୍ଷା ବୃଦ୍ଧି କରାଯାଇଛି। ଅନିୟମିତତା ଚିହ୍ନଟ ହେଲେ ତାହା ବିରୋଧରେ ନିୟମ ଅନୁଯାୟୀ ଜେଲ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଥାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଢିଲା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ହାଜତ ତଥା ପୋଲିସ ହେପାଜତରୁ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନନ୍ଦନକାନନ, ସାଲେପୁର, ବଡ଼ମ୍ବା, ଭଦ୍ରେଶ୍ୱର, ତିର୍ତ୍ତୋଲ, ଜଳେଶ୍ୱର, ପଦ୍ମପୁର, ବଲାଙ୍ଗୀର ଟାଉନ ଥାନା, ପଇଁତଲା, ମୁରିବାହାଲ, ମୋହନା, ଝରିଗାଁ, ତେନ୍ତୁଳିଖୁଣ୍ଟି, ମାଲକାନଗିରି, ମାଥିଲି, ଭବାନୀପାଟଣା ଟାଉନ, ବଡ଼ବିଲ, କେନ୍ଦୁଝର, ଆନନ୍ଦପୁର, ଉଦିତନଗର, ଖୋର୍ଦ୍ଧା ଆଦର୍ଶ ଥାନା ଓ ସହଦେବଖୁଣ୍ଟା ଆଦର୍ଶ ଥାନାର ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଗୋପ, ବାରିପଦା ଟାଉନ ଥାନା, ବରଗଡ଼ ଟାଉନ ଥାନା, ନବରଙ୍ଗପୁର, ରାଜଗାଙ୍ଗପୁରରୁ ୨ ଏବଂ ବୌଦ୍ଧ ଓ ଢେଙ୍କାନାଳ ଟାଉନ ଥାନାରୁ ୩ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି।

୨ ଦିନିଆ ରିମାଣ୍ଡରେ ଗଲେ ଅରବିନ୍ଦ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ଅନ୍ୟତମ ଅଭିଯୁକ୍ତ ଅରବିନ୍ଦ ଦାସଙ୍କୁ ୨ଦିନିଆ ରିମାଣ୍ଡରେ ସିବିଆଇ ନେଇଛି। ଅରବିନ୍ଦଙ୍କୁ ୩ଦିନିଆ ରିମାଣ୍ଡରେ ନେବା ପାଇଁ ସିବିଆଇ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ତାଙ୍କୁ ୨ଦିନିଆ ରିମାଣ୍ଡରେ ନେବାକୁ ଅନୁମତି ଦେଇଛନ୍ତି। ସୋମବାର ସକାଳୁ ତାଙ୍କୁ ଝାରପଡ଼ା ଜେଲରୁ ନେଇ କୋର୍ଟରେ ହାଜର କରିବା ପରେ ସିବିଆଇ ତାଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରୁଛି। ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାର ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟିଙ୍କ ପ୍ରମୁଖ ସହଯୋଗ ଅରବିନ୍ଦ। ସେ ବିଭିନ୍ନ କୋଚିଂ ସେଣ୍ଟର ସହ ଲିଙ୍କ୍ ରଖିଥିଲେ। ସେ କୋଚିଂ ସେଣ୍ଟର ବୁଲି ଚାକିରି ପାଇଁ ପିଲା ଯୋଗାଡ଼ କରୁଥିଲେ। ପିଲା ଠିକ୍ ହେବା ପରେ ସେମାନଙ୍କୁ ନେଇ ଶଙ୍କରଙ୍କ ପାଖକୁ ଯାଉଥିଲେ। ଶଙ୍କର ଡିଲ୍ କରିବା ସହ ଅଗ୍ରିମ ଆକାରରେ ୧୦ ଲକ୍ଷ ଟଙ୍କା ନେବା ସହ ସାର୍ଟିଫିକେଟ ବନ୍ଧା ରଖୁଥିଲେ। ଚାକିରି ପାଇବା ପରେ ବାକି ଟଙ୍କା ଦେଇ ସାର୍ଟିଫିକେଟ୍ ନେବା ପାଇଁ କହୁଥିଲେ। ତେଣୁ ସିବିଆଇ ଅରବିନ୍ଦଙ୍କୁ ରିମାଣ୍ଡରେ ଆଣି ଜେରା କରିବା ପରେ ଅନେକ କୋଚିଂ ସେଣ୍ଟର ନାମ ପଦାକୁ ଆସିବ ବୋଲି କୁହାଯାଉଛି। ବୁଧବାର ଅରବିନ୍ଦଙ୍କ ରିମାଣ୍ଡ ଅବଧି ଶେଷ ହେବାପରେ ସିବିଆଇ ଗୁରୁବାର ଶଙ୍କର ଏବଂ ମୁନାଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି।

କୋର୍ଟରେ ୬ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ

ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରା ହତ୍ୟା ମାମଲା

■ ଇନସ୍ୟୁରାନ୍ସ ଟଙ୍କା ପାଇଁ ଦୀପକ କରିଥିଲେ ହତ୍ୟା

■ ୨୨ ସାକ୍ଷୀଙ୍କ ବୟାନ, ଫୋରେନ୍‌ସିକ୍ ରିପୋର୍ଟ ଦାଖଲ

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

ଭୁବନେଶର ଟ୍ରାଫିକ୍ କନଷ୍ଟେବଲ ଶୁଭମିତ୍ରା ସାହୁ ହତ୍ୟା ମାମଲାରେ ପୋଲିସ ସୋମବାର ଚାର୍ଜଶିଟ ଦାଖଲ କରିଛି। କ୍ୟାପିଟାଲ ଥାନାର ତଦନ୍ତକାରୀ ଅଧିକାରୀ ଭୁବନେଶ୍ୱର ଜିଲା ଦୌରାଜଜ୍‌ଙ୍କ ନିକଟରେ ୬ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଏଥିରେ ଦୀପକ ରାଉତଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି। ଏହି ମାମଲାରେ ୨୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ, ଫୋରେନ୍‌ସିକ ରିପୋର୍ଟ, ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଡିଏନ୍‌ଏ ରିପୋର୍ଟ ରହିଛି। ଏହି ହତ୍ୟାକାଣ୍ଡ ଇନସ୍ୟୁରାନ୍ସ ଟଙ୍କାକୁ ନେଇ ହୋଇଥିବା ଚାର୍ଜଶିଟ୍‌ରେ ପୋଲିସ ଉଲ୍ଲେଖ କରିଥିବା ଜଣାପଡ଼ିଛି।

ଇନ୍ସ୍ୟୁରାନ୍ସ ଟଙ୍କା ପାଇଁ ଶୁଭମିତ୍ରାଙ୍କ ସହ ଦୀପକଙ୍କ ଝଗଡ଼ା ହୋଇଥିଲା। ଏହାର ସମାଧାନ ପାଇଁ ସେପ୍ଟେମ୍ବର ୬ ତାରିଖରେ ସୂର୍ଯ୍ୟନଗରସ୍ଥିତ ଏକ ଗଛ ମୂଳକୁ ଶୁଭମିତ୍ରାଙ୍କୁ ଦୀପକ ଡାକିଥିଲେ। ସ୍କୁଟି ଯୋଗେ ଶୁଭମିତ୍ରା ପହଞ୍ଚିବାପରେ ସେଠାରେ କାର୍ ଭିତରେ ଦୁଇଜଣଙ୍କ ଭିତରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଦୀପକ ସ୍ତ୍ରୀ ଶୁଭମିତ୍ରାଙ୍କ ତଣ୍ଟିଚିପି ହତ୍ୟା କରିଥିଲେ। ପରେ ଏକ ଅଖାରେ ବାନ୍ଧି କାର ଡିକିରେ ପକାଇ ସିପି ଅଫିସରେ କାର୍ଯ୍ୟ କରିଥିଲେ। ଏହାପରେ ସେ ନିଜ ସମ୍ପର୍କୀୟ ଭାଇଙ୍କୁ ଫୋନ୍ କରି କହିବା ପରେ କାରକୁ ନେଇ ସିଧା ଘଟଗାଁ ଯାଇଥିଲେ। କେନ୍ଦୁଝର ଘଟଗାଁ ନିକଟ ଏକ ଜଙ୍ଗଲରେ ନେଇ ପୋତିଥିଲେ। ଦୀପକଙ୍କୁ ପଚରାଉଚରା କରିବା ପରେ ପୋଲିସ ପୋତାଯାଇଥିବା ସ୍ଥାନରେ ଜେସିବି ସହାୟତାରେ ଖୋଳି ମୃତଦେହକୁ ବାହାର କରିଥିଲା। ଏହାପରେ ହତ୍ୟା ଘଟଣାରେ ଅଭିଯୁକ୍ତ କନଷ୍ଟେବଲ ଦୀପକ ଏବଂ ଅନ୍ୟ ଦୁଇଜଣଙ୍କୁ ଗିରଫ କରାଯାଇଥିଲା। ଗତ ଜୁଲାଇ ୨୦୨୪ରେ ଶୁଭମିତ୍ରାଙ୍କୁ ବିବାହ କରିଥିଲେ ଦୀପକ। ପୂର୍ବରୁ ପ୍ରଥମ ସ୍ତ୍ରୀ ଦୁର୍ଘଟଣାରେ ପ୍ରାଣ ହରାଇଥିବାବେଳେ ତାଙ୍କ ନାମରେ ଥିବା କୋଟିଏ ଟଙ୍କାର ବୀମା ଟଙ୍କା ପାଇଥିଲେ ଦୀପକ। ପ୍ରଥମ ସ୍ତ୍ରୀଙ୍କୁ ଜାଣିଶୁଣି ହତ୍ୟା କରିବା ପରେ ଦୁର୍ଘଟଣାର ରୂପ ଦେଇ ଇନସ୍ୟୁରାନ୍ସ ଟଙ୍କା ହାତେଇଥିଲେ।

ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ କରି ଲୁଟ୍

ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ

ବଡ଼ବିଲ/ଯୋଡ଼ା,୧।୧୨
(ଜୟନ୍ତୀ ରଣା/ମାନସ ମହାନ୍ତି)

କେନ୍ଦୁଝର ଜିଲା ବଡ଼ବିଲ ଥାନା ରୋଇଡ଼ା ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଲୁଟେରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଜଣେ ଖଣିଜ ବୋଝେଇ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ଛୁରାମାଡ଼ କରି ମୋବାଇଲ ଓ ଟଙ୍କା ନେଇଯାଇଛନ୍ତି। ଛୁରାମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳର ଡ୍ରାଇଭର ସତ୍ୟନାରାୟଣ ବିଶ୍ୱକର୍ମା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥରେ ପୂର୍ବରୁ ମଧ୍ୟ ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ ହୋଇଛି।

ଖଣି ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘଣ୍ଟାଏ ଅଟକ ରଖିଲେ ଚାଲାଣକାରୀ

ଖଣି ଅଧିକାରୀଙ୍କୁ ଅଟକ ରଖିଛନ୍ତି ଚାଲାଣକାରୀ।

ପଶ୍ଚିମବଙ୍ଗକୁ ବାଲି ଚାଲାଣ ବେଳେ ଚଢ଼ାଉ

ଭୋଗରାଇ, ୧।୧୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ଚାଲାଣକାରୀମାନେ ବେଧଡକ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଶହ ଶହ ଟ୍ରକ ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀଗର୍ଭକୁ ଚାଲିଯିବା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜିଲାପାଳ ତଥା ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋଗରାଇ ଲକ୍, ଆରୁହାବୃତ୍ତି-୨ ଓ ଦହମୁଣ୍ଡାରେ ଜିଲା ଜୁନିୟର ଖଣି ଅଧିକାରୀଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ବାଲି ଚାଲାଣକାରୀଙ୍କ ଉପରେ ଅଚାନକ ଚଢ଼ାଉ କରିଥିଲେ। ଭୋଗରାଇ ଲକ, ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ ଭାବେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବେଆଇନ ବାଲିକୁ ଖଣି ଅଧିକାରୀ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ। ଏଥିରେ ଉତ୍ୟକ୍ତ ହୋଇ ସ୍ଥାନୀୟ କେତେକ ଗ୍ରାମବାସୀ ଖଣି ଅଧିକାରୀଙ୍କୁ ୧ଘଣ୍ଟା ଅଟକ ରଖି ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରି ଆଣିଥିଲେ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଥିଲେ। ଖବରପାଇ ଜିଲା ଜୁନିଅର ଖଣି ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଆଇଆଇସି ରୋହିତ ବଳ ତଥା ଏନଫୋର୍ସମେଣ୍ଟ ଟିମ୍ ସୋମବାର ଭୋଗରାଇ ଲକ୍‌ଠାରେ ପହଞ୍ଚି ଥିଲେ। ଏହିସବୁ କାର୍ଯ୍ୟ ଦେଖି ବାଲି ଚୋରାଚାଲାଣକାରୀଙ୍କ ଛନକା ପଶିଥିଲା। ସେହିପରି ଅପରାହ୍ନରେ ଖଣି ଅଧିକାରୀ ତାପସ କୁମାର ବେହେରା ତାଙ୍କ ଟିମ୍ ଆରୁହାବୃତ୍ତି-୨ ଓ ଦହମୁଣ୍ଡାଠାରେ ବେଆଇନ ଗଚ୍ଛିତ ବାଲିକୁ ଜେସିବିରେ ବାଲି ତାଡି ଫିଙ୍ଗି ଦେବା ସମୟରେ ସ୍ଥାନୀୟ କିଛି ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଖଣି ଅଧିକାରୀ ତାପସ କୁମାର ବେହେରା କହିଛନ୍ତି ଯେ, ବେଆଇନ ଗଚ୍ଛିତ ବାଲି ତାଡି ଦେବାରୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା। ସେମାନଙ୍କ ନାମରେ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଛି।

ଜେଲ ଗଲେ କଷ୍ଟମର ରିଲେଶନ୍ ଅଫିସର

ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା

ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)

ଏକ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ମାମଲାରେ ବାଲେଶ୍ୱର ଜିଲା ରୂପସା ଥାନା ପୋଲିସ ଚଢ଼ାଉ କରି ସୋମବାର ଉକ୍ତ କମ୍ପାନୀର କଷ୍ଟମର ରିଲେଶନ୍ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ, ଆଇଆଇଏଫ୍ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ରୂପସା ପାଟପୁର ବଜାରରେ ଥିଲା। କମ୍ପାନୀ ତରଫରୁ ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ କିସ୍ତି ଆଦାୟ କରାଯାଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାଙ୍କଠାରୁ ନିୟମିତ କିସ୍ତି ଆଦାୟ କରି ଅଫିସରେ ଜମା କରୁ ନ ଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।

ସ୍ତ୍ରୀଙ୍କୁ ନିଆଁଖୁଣ୍ଟାରେ ପିଟି ହତ୍ୟା

ପରକୀୟା ପ୍ରୀତି ସନ୍ଦେହ

ଖମାର,୧।୧୨ (ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ମୁଣ୍ଡୁରିବେଡ଼ା ପଞ୍ଚାୟତ ସିଆରିମାଳିଆ ଗ୍ରାମ ଆଦିବାସୀ ସାହିରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀ ମଞ୍ଜୁ ହେମ୍ରମ (୨୫)ଙ୍କୁ ନିଆଁଖୁଣ୍ଟାରେ ପିଟି ସ୍ୱାମୀ ସୁଦର୍ଶନ ହେମ୍ରମ (୩୦) ହତ୍ୟା କରିଥିବା ମୃତ ମହିଳାଙ୍କ ଭାଇ ଓ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

ପୋଲିସ ପକ୍ଷରୁ କୁହାଯାଇଛି, ମୁଣ୍ଡୁରିବେଡ଼ା ପଞ୍ଚାୟତ ସିଆରିମାଳିଆ ଗ୍ରାମର ସୁଦର୍ଶନ ବଡିସୁଆଁ ପଞ୍ଚାୟତ ହାତୀମୁଣ୍ଡ ଗ୍ରାମର ମଞ୍ଜୁଙ୍କୁ କିଛିବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୬ ଓ ୪ ବର୍ଷର ଶିଶୁପୁତ୍ର ଅଛନ୍ତି। ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ସୁଦର୍ଶନ ସର୍ବଦା ସ୍ତ୍ରୀ ମଞ୍ଜୁଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ କିଛି ଦିନ ଉଭୟ ଅଲଗା ରହିଥିଲେ। ତେବେ ବୁଝାଶୁଝା ପରେ ଦୁହେଁ ପୁଣି ଏକାଠି ରହିଥିଲେ। ସୋମବାର ସକାଳ ୯ଟାରେ ସୁଦର୍ଶନ ମଞ୍ଜୁଙ୍କ ଭାଇ ଶୁଭେଦାର ପିଙ୍ଗୁଆଙ୍କୁ ଫୋନ କରି ମଞ୍ଜୁ ମରିଯାଇଥିବା କହିଥିଲେ। ଏହାପରେ ଶୁଭେଦାର ପରିବାର ଲୋକଙ୍କୁ ନେଇ ଭଉଣୀ ଘରେ ପହଞ୍ଚିଥିଲେ ହେଁ ଭିଣୋଇ ସୁଦର୍ଶନଙ୍କୁ ପାଇ ନ ଥିଲେ। ଘର ଭିତରକୁ ଯାଇ ଭଉଣୀଙ୍କ ମୃତଦେହ ଏକ ଲୁଗାରେ ଘୋଡ଼ା ଯାଇଥିବା ଦେଖିଥିଲେ। ଠେଙ୍ଗା ମାଡ଼ରେ ଭଉଣୀ ଦେହ କଳା ପଡ଼ିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ନିଆଁ ଚେଙ୍କ ସହିତ ମୁହଁ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।

Classified Everyday

0674-2580101, 9692975378

REAL ESTATE
SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
D- 2685



All types of physiotherapy Contact number 9556924059/ 7656969134, Jharapada.
D-2686

AFFIDAVIT

By virtue of an affidavit sworn before Executive Magistrate, Aul, dated 18.11.25, I Basant Kumar Parida, Address At- Mahasahani, P.O.- Singiri, P.S.- Aul, Dist.- Kendrapara, PIN- 754215, Odisha declare that I have changed my name from Sameer Alam to Basant Kumar Parida. Henceforth, I shall be known as Basant Kumar Parida for all purposes.
Basant Kumar Parida
D-2730

By virtue of an affidavit sworn before the Notary Public, Titilagarh, Dtd.- 01.12.2025, I, Panchanan Dandasena, S/o.- Basudeb Dandasena, R/o. Village At- Nabjiban Chowk, P.O.- Saintala, P.S.- Saintala, Dist.- Balangir (Odisha), PIN- 767032, declare that now I have changed my daughter's name from Samia Shree Dandasena to Somyashree Dandasena. Henceforth, my daughter shall be known as Somyashree Dandasena for all purposes.
Panchanan Dandasena
D-2731

Before Executive Magistrate, Khallikote, Ganjam, I, Gangadhar Mallik (old name), S/o.- Somanath Behera, Kandara Bangala Sahi, Ward No.- 11, At/P.O./P.S.- Rambha, Ganjam, Odisha vide affidavit No.- A/743/15.10.25, That now onwards I shall be known as Jahala Behera (new name), S/o.- Somanath Behera for all future purposes.
D-2732

I, Minu Kaur, W/o.- Sandeep Singh, R/o. Flat No.- 305, Kanheiya Building, Brijdham Housing society, Near Church, P.S.- Town, P.O./Dist.- Sambalpur, PIN- 768001 declare by this affidavit No.- 1908, date- 03.09.2025 that now onwards I shall be known as Minu Kour for all purposes. D-2733

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
D-2732

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ରବିନ୍ଦ୍ରନାଥ ପ୍ରତିହାରୀ
ଗାରେଡ଼ିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୧।୧୯୪୬
ତିରୋଧାନ: ୨୨।୧୧।୨୦୨୫
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ମା କଲ୍ୟାଣ ମଣ୍ଡପ ପରିବାରବର୍ଗ।

LEGAL NOTICE

Letter No.- 2015, dtd.- 13.11.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୭୨୦/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସମ୍ବିତ୍ ନନ୍ଦ ......ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ,
ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧- ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ପିତା- ଶ୍ରୀ ନିରାକର ପଣ୍ଡା, ପ୍ଲଟ୍ ନଂ.- ୭୨୬/ସି, ନୟାପଲ୍ଲୀ, ବେହେରା ସାହି, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୬.୦୨୧ରୁ ଏ୩.୬୧୨.୬ରୁ ଏ୧.୨୦୦ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ, ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୫୯, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୨.୩୧୩ରୁ ଏ୨୬୨.୬ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ୍

ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୪, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୩.୮୪୭ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୧୫୨ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.- ୧୩।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୯୪

ନଭେମ୍ବରରେ ୧.୭୦ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ

ଭୁବନେଶ୍ୱର,୧।୧୨

ଅକ୍ଟୋବର ତୁଳନାରେ ବଡ଼ ହ୍ରାସ

୨୦୨୫ ନଭେମ୍ବରରେ ଭାରତର ମୋଟ ୧ ଲକ୍ଷ ୭୦ ହଜାର ୨୭୬ କୋଟି ଟଙ୍କା ସେବା ଓ ସାମଗ୍ରୀ କର (ଜିଏସ୍‌ଟି) ସଂଗ୍ରହ ହୋଇଛି। ଏହା ଗତବର୍ଷ ନଭେମ୍ବରରେ ୧.୬୯ ଲକ୍ଷ କୋଟି ସଂଗ୍ରହ ତୁଳନାରେ ୦.୭ ପ୍ରତିଶତ ଅଧିକ ହୋଇଥିବାବେଳେ ୨୦୨୫ ଅକ୍ଟୋବର ରେକର୍ଡ ୧.୯୬ ଲକ୍ଷ କୋଟି ତୁଳନାରେ ବହୁତ କମ୍। ଅକ୍ଟୋବରରେ ଦୀପାବଳି, ଦଶହରା ଆଦି ବଡ଼ ପର୍ବପର୍ବାଣି ଯୋଗୁ ଲୋକଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ନଭେମ୍ବରରେ ସେହି ଉତ୍ସାହ କମିଯିବାରୁ ସଂଗ୍ରହରେ ହ୍ରାସ ଦେଖାଯାଇଛି। ଏଥର ସେଣ୍ଟ୍ରାଲ ଜିଏସ୍‌ଟି ୩୪,୮୪୩ କୋଟି, ରାଜ୍ୟ ଜିଏସ୍‌ଟି ୪୨,୫୨୨ କୋଟି ଏବଂ ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୪୬,୯୩୪ କୋଟି ଟଙ୍କା ରହିଛି। ଆମଦାନୀ ଉପରେ ଜିଏସ୍‌ଟି ୧୦.୨ ପ୍ରତିଶତ ବଢ଼ି ୪୫,୯୭୬ କୋଟି ଟଙ୍କା ହୋଇଥିବା ବେଳେ ରିଫଣ୍ଡ ପରେ ଘରୋଇ କାରବାରରୁ ନେଟ୍ ସଂଗ୍ରହ ୧.୫ ପ୍ରତିଶତ ହ୍ରାସ ପାଇଁ ୧,୧୫,୫୫୮ କୋଟି ଟଙ୍କା ରହିଛି। ତଥାପି ଆମଦାନୀ-ରପ୍ତାନିକୁ ମିଶାଇ ନେଟ୍ ସଂଗ୍ରହ ୧୧.୬% ବଢ଼ି ୩୬,୫୨୧ କୋଟି ଟଙ୍କା ହୋଇଛି। ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ମୋଟ ନେଟ୍ ଜିଏସ୍‌ଟି ସଂଗ୍ରହ ୭.୩% ବଢ଼ି ୧୨.୭୯ ଲକ୍ଷ କୋଟି ଟଙ୍କା ହୋଇସାରିଛି। ମାତ୍ର କମ୍ପେନସେଶନ ସେସ୍‌ରେ ବଡ଼ ଧରଣର ପତନ ଦେଖାଯାଇଛି। ଘରୋଇ ସେସ୍ ଗତବର୍ଷର ୧୨,୩୯୮ କୋଟିଠାରୁ ଖସି ମାତ୍ର ୪,୭୩୭ କୋଟି ଟଙ୍କା ରହିଛି ଏବଂ ନେଟ୍ ସେସ୍ ୪,୦୦୬ କୋଟି ଟଙ୍କାକୁ ଖସିଛି। ଏହା ରାଜ୍ୟଗୁଡ଼ିକର କ୍ଷତିପୂରଣ ପାଣ୍ଠି ଉପରେ ଅଧିକ ଚାପ ସୃଷ୍ଟି କରୁଛି। ରାଜ୍ୟଭିତ୍ତିକ ପ୍ରଦର୍ଶନରେ କେରଳ ସର୍ବାଧିକ ୭% ଏସ୍‌ଜିଏସ୍‌ଟି ବୃଦ୍ଧି ସହ ପ୍ରଥମ ସ୍ଥାନରେ ରହିଛି। ମହାରାଷ୍ଟ୍ର ୩ ପ୍ରତିଶତ ଏବଂ ବିହାର ୧ ପ୍ରତିଶତ ବୃଦ୍ଧି ସହ ପଛରେ ରହିଛନ୍ତି। ଅର୍ଥନୀତିବିତ୍‌ମାନେ ମତ ଦେଇଛନ୍ତି ଯେ ପର୍ବପର୍ବାଣି ପରେ ଖର୍ଚ୍ଚ ହ୍ରାସ ଏବଂ କିଛି ସାମଗ୍ରୀରେ ଜିଏସ୍‌ଟି ହାର କମାଇବା ଯୋଗୁ ନଭେମ୍ବରରେ ଏହି ପତନ ହୋଇଛି, ତଥାପି ବାର୍ଷିକ ହିସାବରେ ସଂଗ୍ରହ ସ୍ଥିର ରହିଛି।

ଜାନୁଆରୀରେ ଭାରତ ପହଞ୍ଚିବ ୪୦ ଲକ୍ଷ ବ୍ୟାରେଲ ତେଲ

ଭୁବନେଶ୍ୱର,୧।୧୨

ରୁଷିଆର ୨ ବଡ଼ ତେଲ କମ୍ପାନୀ ରୋସ୍‌ନେଫ୍ଟ ଓ ଲୁକ୍‌ଅଏଲ ଉପରେ ଆମେରିକା ନିକଟରେ ଲଗାଇଥିବା ପ୍ରତିବନ୍ଧକ ଯୋଗୁ ଭାରତର ଡିସ୍‌କାଉଣ୍ଟରେ ରୁଷିଆ ତେଲ ଆମଦାନୀ ବାଧାପ୍ରାପ୍ତ ହେଉଛି। ଭାରତ ଏବେ ଦକ୍ଷିଣ ଆମେରିକାର ଦୂରବର୍ତ୍ତୀ ଦେଶ ଗୁଏନାରୁ କ୍ରୁଡ୍ ଅଏଲ ଆଣିବା ଆରମ୍ଭ କରିଛି। ବ୍ଲୁମ୍ବର୍ଗର ଶିପ-ଟ୍ରାକିଂ ଡାଟା ଅନୁଯାୟୀ, ନଭେମ୍ବର ଶେଷରେ ଟ୍ୟାଙ୍କର 'କୋବାଲ୍ଟ ନୋଭା' ଓ 'ଓଲିମ୍ପିକ ଲାଇନ' ଗୁଏନାରୁ ୟୁନିଟି ଓ ଲିଜା ଗ୍ରେଡ୍‌ର ପ୍ରାୟ ୪୦ ଲକ୍ଷ ବ୍ୟାରେଲ ଅଏଲ ନେଇ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ ୧୭,୭୦୦ କିଲୋମିଟର ଦୂର ଅତିକ୍ରମକରି ଜାନୁଆରୀରେ ପାରାଦୀପ ଓ ମୁମ୍ବାଇ/ବିଶାଖାପାଟଣା ପହଞ୍ଚିବେ।

ସିଜିୟୁରେ ଏଚ୍‌ଆର୍ କନ୍‌କ୍ଲେଭ୍ 'ବିମର୍ଶ'

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ଏଚ୍‌ଆର୍ କନ୍‌କ୍ଲେଭ୍ ୨୦୨୫- ବିମର୍ଶ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଜେଏସ୍‌ଏଲ୍(ଅନୁଗୋଳ)ର ସଭାପତି ଏବଂ ସିଏଚ୍‌ଆର୍‌ଓ ଦିଲୀପ ସିହ୍ନା, ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସେ ଲିମିଟେଡ୍ ଗ୍ରୁପ୍ ହେଡ୍ (ଏଚ୍‌ଆର୍) ଅନିଲ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଡିଜିଟାଲ ରୂପାନ୍ତରଣ ଦ୍ୱାରା ଭବିଷ୍ୟତରେ କର୍ମକ୍ଷେତ୍ର କିପରି ଭାବେ ପରିଚାଳିତ ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନିଲ ପ୍ରସାଦ ମହାନ୍ତି ସମାନ ଓ ଅନ୍ତର୍ଭୁକ୍ତ ସାଂଗଠନିକ ସଂସ୍କୃତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ସଞ୍ଜିତା ଲେଙ୍କା କାର୍ଯ୍ୟ ଜଗତରେ ଦ୍ରୁତ ପରିବର୍ତ୍ତନ ପାଇଁ ଶିକ୍ଷା-ଶିଳ୍ପ ସଂଯୋଗକୁ ସୁଦୃଢ଼କରି କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

ହରମନପ୍ରୀତ କୌର ପିଏନ୍‌ବିର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୧।୧୨

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ନିଜର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହରମନପ୍ରୀତ ସହ କେନ୍ଦ୍ର ଆର୍ଥିକ ସଚିବ ଏମ୍. ନାଗରାଜୁ ଓ ପିଏନ୍‌ବି ଏମ୍‌ଡି ଅଶୋକ ଚନ୍ଦ୍ର ବ୍ୟାଙ୍କର ୪ଟି ନୂଆ ଉତ୍ପାଦ 'ପିଏନ୍‌ବି ରୁପେ ମେଟାଲ କ୍ରେଡିଟ୍ କାର୍ଡ 'ଲକ୍ସୁରା', 'ପିଏନ୍‌ବିୱାନ୍ ୨.୦', 'ଡିଜି ସୂର୍ଯ୍ୟଘର' ଏବଂ 'ପିଏନ୍‌ବି ଅନ୍ ଦ ଆଇଆଇବିଏକ୍ସ ପୋର୍ଟାଲ'ର ଉନ୍ମୋଚନ କରିଛନ୍ତି। ହରମନପ୍ରୀତ ନିଜେ ୧୮ ବର୍ଷ ବୟସରୁ ପିଏନ୍‌ବି ଗ୍ରାହକ ଥିବା କହି ଲକ୍ସୁରା କାର୍ଡର ପ୍ରଥମ ଗ୍ରାହକ ହୋଇଥିବା କହିଛନ୍ତି। ଏହି ଐତିହାସିକ ଘୋଷଣା ପିଏନ୍‌ବିର ମହିଳା ସଶକ୍ତୀକରଣ ଓ ଡିଜିଟାଲ ନବୀକରଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

ରାଜ୍ୟରେ ନୂଆ ୩୩ କମ୍ପାନୀର ୟୁନିଟ୍

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

୧୬ ମାସରେ ନିଯୁକ୍ତି ପାଇଛନ୍ତି ୨୫୨୮

ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୬ ମାସ ମଧ୍ୟରେ ୩୩ଟି ନୂଆ କମ୍ପାନୀ ଓଡ଼ିଶାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ଅନ୍ୟୂନ ୩୫୦ରୁ ଅଧିକ କମ୍ପାନୀ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ୩୫ ହଜାରରୁ ଅଧିକ ଯୁବତୀଯୁବକ ସେହି କମ୍ପାନୀରେ କାର୍ଯ୍ୟରତ ଅଛନ୍ତି। ବିଧାନସଭାରେ ରାମଚନ୍ଦ୍ର କାଡାମ ୧୬ ମାସରେ କାର୍ଯ୍ୟକାରୀ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେତେଜଣ ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ୧୬ ମାସରେ ନିଯୁକ୍ତି ପାଇଥିବା ମୋଟ ୨୫୨୮ କର୍ମଚାରୀଙ୍କ ମଧ୍ୟରୁ ୧୭୩୦ ଜଣ ଯୁବକ ଥିବାବେଳେ ୭୯୮ ଜଣ ଯୁବତୀ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଯୁବତୀଯୁବକ ଅଛନ୍ତି ସେନେଇ ତଥ୍ୟ ମିଳିପାରି ନାହିଁ।

ଫ୍ୟାଶନ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ଉଇକ୍

ଭୁବନେଶ୍ୱର,୧।୧୨

ରିଲାଏନ୍ସ ରିଟେଲର ପ୍ୟାନ୍-ଇଣ୍ଡିଆ ଡିସ୍‌କାଉଣ୍ଟ ଫ୍ୟାଶନ ଷ୍ଟୋର ଫ୍ୟାଶନ ଫ୍ୟାକ୍ଟ୍ରି 'ଫ୍ରି ଶପିଂ ଉଇକ' ଅଫର ଘୋଷଣା କରିଛି। ଏହି ଅଫର ଅନୁଯାୟୀ ଗ୍ରାହକମାନେ ମାତ୍ର ୨୦୦୦ ଟଙ୍କା ଦେଇ ୫୦୦୦ ଟଙ୍କା (ଏମ୍‌ଆର୍‌ପିର)ର ପୋଷାକ ନେଇପାରିବେ ଏବଂ ସେହି ୨୦୦୦ ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଫେରିପାଇଯିବେ। ଅର୍ଥାତ୍ ଶୂନ୍ୟ ଖର୍ଚ୍ଚରେ ବ୍ରାଣ୍ଡେଡ୍ ପୋଷାକ ଘରକୁ ଆଣିପାରିବେ। ଏହି ସୀମିତ ସମୟର ଅଫର ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ୫୦୦୦ ଟଙ୍କାର ପୋଷାକ ବିଲ୍ କରି ମାତ୍ର ୨୦୦୦ ଟଙ୍କା ଦେବେ। ଅବଶିଷ୍ଟ ୨୦୦୦ ଟଙ୍କା ପାଇବା ପାଇଁ ୨ଟି ବିଶେଷ ଉପହାର ପାଇପାରିବେ। ୧୦୦୦ ଟଙ୍କାର ନିଶ୍ଚିତ ମାଗଣା ଉପହାର ସହ ୧୦୦୦ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅଫର ମୁଖ୍ୟତଃ ବଜେଟ-ସଚେତନ ପରିବାର, ଯୁବପିଢ଼ି ଏବଂ ଫ୍ୟାଶନପ୍ରେମୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଫ୍ୟାଶନ ଫ୍ୟାକ୍ଟ୍ରିରେ ବର୍ଷ ସାରା ୨୦%ରୁ ୭୦% ପର୍ଯ୍ୟନ୍ତ ରିହାତି ରହୁଛି। ଅଫର ଦେଶର ସବୁ ଫ୍ୟାଶନ ଫ୍ୟାକ୍ଟ୍ରିଷ୍ଟୋରରେ ଉପଲବ୍ଧ।

ଓଡ଼ିଶାରେ ମୋବାଇଲ ଗ୍ରାହକ ସଂଖ୍ୟା ୩.୫୯ କୋଟିକୁ ବୃଦ୍ଧି

ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)

ଜିଓର ସର୍ବାଧିକ ୧.୬୯ କୋଟି ଗ୍ରାହକ

ଟ୍ରାଇ ତଥ୍ୟ

ଅକ୍ଟୋବରରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହ ଅକ୍ଟୋବର ୩୧ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ମଧ୍ୟରେ ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୭,୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଅକ୍ଟୋବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଉଭୟ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ସେହି ସମାନ ସମୟରେ ରାଜ୍ୟରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଜିଓ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟ୍‌ୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି ସୁଲଭ ଜିଓ ଭାରତ ୪ଜି ଫୋନ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପ୍‌ଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଥାଉକି, ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ଏୟାରଟେଲ ଅପେକ୍ଷା ଦେଢ଼ ଗୁଣ ଅଧିକ ଗ୍ରାହକ ଯୋଡ଼ିବା ସହ ଏହାର ଗ୍ରାହକ ବଜାର ଅଂଶ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

ଖେଳ ଖବର

ବୃହତ୍ ବିଜୟରୁ ଭାରତର ଅଭିଯାନ

ଗୋଲ୍ କରିବା ପରେ ଉଲ୍ଲସିତ ଭାରତୀୟ ଦଳ।

ଜୁନିୟର ମହିଳା ହକି ବିଶ୍ୱକପ୍

ନୂଆଦିଲ୍ଲୀ,୧।୧୨

ଚିଲିର ରାଜଧାନୀ ସାଣ୍ଟିଆଗୋସ୍ଥିତ ସେଣ୍ଟ୍ରୋ ଡିପୋର୍ଟିଭୋ ଡି ହକି ସେସପେଡଠାରେ ଏଫ୍‌ଆଇଏଚ୍ ଜୁନିୟର ମହିଳା ହକି ବିଶ୍ୱକପ୍‌ର ୧୧ତମ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିନରେ ଭାରତ ୧୩-୦ ଗୋଲର ବୃହତ୍ ବ୍ୟବଧାନରେ ନାମ୍ବିଆକୁ ହରାଇ ଅଭିଯାନ ଆରମ୍ଭ କରିଛି। ବିଜୟୀ ଦଳ ପାଇଁ ସିୱାଚ କନିକା ଓ ହିନା ବାନୋ ହ୍ୟାଟ୍ରିକ ଗୋଲ କରିଥିବା ବେଳେ ସାକ୍ଷୀ ରାଣା ୨ଟି ଗୋଲ କରିଥିଲେ। ଏହି ବିଜୟରୁ ଭାରତ ୩ ପଏଣ୍ଟ ପାଇ ପୁଲ-ସି'ରେ ଶୀର୍ଷରେ ରହିଛି। ଭାରତୀୟ ଦଳ ଆସନ୍ତା ବୁଧବାର ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଜର୍ମାନୀକୁ ଭେଟିବ।

ଦୁର୍ବଳ ନାମ୍ବିଆ ବିପକ୍ଷରେ ଭାରତୀୟ ଦଳ ଆରମ୍ଭରୁ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ମ୍ୟାଚ୍‌ର ଦଶମ ମିନିଟ୍‌ରେ ସାକ୍ଷୀ ରାଣାଙ୍କ ଜରିଆରେ ଭାରତ ଖାତା ଖୋଲିଥିଲା। ଏହାର ଦୁଇ ମିନିଟ୍ ପରେ ସିୱାଚ କନିକା (୧୨ତମ) ଦଳ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ଏହାପରେ ୧୪ତମ ମିନିଟ୍‌ରେ ବିନିମା ଧନ ଓ ସୋନମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମ କ୍ୱାର୍ଟର ଶେଷ ସୁଦ୍ଧା ଭାରତ ୪-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ସାକ୍ଷୀ ରାଣା (୨୩ତମ) ଓ କନିକା (୩୦ତମ) ଫିଲ୍ଡ ଗୋଲ କରିଥିବା ବେଳେ ୨୭ତମ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ସାକ୍ଷୀ ଶୁକ୍ଲା ଗୋଲରେ କନଭର୍ଟ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଭାରତ ୭-୦ ଗୋଲର ଅଗ୍ରଣୀ ହାସଲ କରିଥିଲା। ତୃତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳିମାନେ ସର୍ବାଧିକ ୫ ଗୋଲ ଦେଇଥିଲେ। ହିନା ବାନୋ ୩୫ତମ ମିନିଟ୍‌ରେ ଲଗାତର ଦୁଇଟି ଫିଲ୍ଡ ଗୋଲ କରିଥିଲେ। ପରବର୍ତ୍ତୀ ମିନିଟ୍‌ରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଇଶିକା(୩୬ତମ) ଗୋଲରେ ପରିଣତ କରିଥିଲେ। ୪୫ତମ ମିନିଟ୍‌ରେ ଭାରତକୁ ଲଗାତର ୨ଟି ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ଯଥାକ୍ରମେ ହିନା ଓ କନିକା ଗୋଲରେ କନଭର୍ଟ କରିବା ସହ ବ୍ୟକ୍ତିଗତ ହ୍ୟାଟ୍ରିକ ପୂରଣ କରିଥିଲେ। ଅନ୍ତିମ ତଥା ଚତୁର୍ଥ କ୍ୱାର୍ଟରର ଶେଷ ମିନିଟ୍‌ରେ ଦଳକୁ ମିଳିଥିବା ଏକ ପେନାଲ୍ଟି କର୍ନରକୁ ମନୀଷା (୬୦ତମ) ଗୋଲରେ ପରିଣତ କରିଥିଲେ। ପୁଲ-ସି'ର ଅନ୍ୟ ଏକ ମ୍ୟାଚ୍‌ରେ ଜର୍ମାନୀ ୭-୧ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଜର୍ମାନୀ ମଧ୍ୟ ୩ ପଏଣ୍ଟ ହାସଲ କରିଛି। ହେଲେ ଭାରତ ଅପେକ୍ଷାକୃତ ବୃହତ ବ୍ୟବଧାନରେ ବିଜୟ ଲାଭ କରିଥିବାରୁ ପଏଣ୍ଟ ଟେବୁଲରେ ଶୀର୍ଷରେ ରହିଛି।

ଗମ୍ଭୀର, ଅଗରକରଙ୍କୁ ହଠାତ୍ ଡକାଇଲା ବିସିସିଆଇ

ଗୌତମ ଗମ୍ଭୀର ଓ ଅଜିତ ଅଗରକର।

ମୁମ୍ବାଇ,୧।୧୨

ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ସିଲେକ୍ସନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ଏକ ବୈଠକ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଡାକରା ଦିଆଯାଇଛି। ଏହି ବୈଠକରେ ଜରୁରିକାଳୀନ ଭିତ୍ତିରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ। ଭାରତୀୟ ଦଳର ଦୁଇ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ବୈଠକ ଡକା ଯାଇଛି। ଦୁଇ ସିନିୟର ଖେଳାଳି ଗତ କିଛି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି।

ଏକ ରିପୋର୍ଟ ମୁତାବକ, ଏହି ଆଲୋଚନାରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂ ଭାଟିଆଙ୍କ ସହ ଗମ୍ଭୀର ଓ ଅଗରକର ଯୋଗ ଦେବେ। ତେବେ ନୂଆ ବିସିସିଆଇ ସଭାପତି ମିଥୁନ ମନହାସ ଯୋଗ ଦେବେ କି ନାହିଁ, ତାହା ରିପୋର୍ଟରେ ସ୍ପଷ୍ଟ କରାଯାଇ ନାହିଁ। ମ୍ୟାଚ୍ ଦିନ ବୈଠକ ଥିବାରୁ ଏଥିରେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳିଙ୍କର ସାମିଲ ହେବାର ବିଶେଷ ସମ୍ଭାବନା ନାହିଁ। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘରୋଇ ଟେଷ୍ଟ ସିଜନ ବେଳେ ଫିଲ୍ଡ ଭିତରେ ଓ ବାହାରେ ଦଳର ଟାକ୍ଟିସକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ପରବର୍ତ୍ତୀ ଘରୋଇ ଟେଷ୍ଟ ସିରିଜ୍‌କୁ ୮ ମାସ ଥିବାରୁ ଆମେ ସ୍ପଷ୍ଟ ଯୋଜନା ସହ ଆଗକୁ ବଢ଼ିବାକୁ ଚାହୁଁ। ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲାଗି ଫେଭରାଇଟ୍ ଓ ୨୦୨୭ ବିଶ୍ୱକପ୍ ହାତେଇବା ଲାଗି ପ୍ରବଳ ଦାବିଦାର ଥିବାରୁ ଆମେ ଯଥା ଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ଚାହୁଁ।

କିଟ୍ ମହିଳା ହକି ଦଳ ଫାଇନାଲରେ

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ

କିଟ୍ ବିଶ୍ୱବିଦ୍ୟାଳୟର ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭଲିବଲ ଓ ଟେନିସରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ମହିଳା ହକିରେ କିଟ୍ ପେନାଲ୍ଟି ଶୁଟ୍‌ଆଉଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩-୨ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। କିଟ୍ ବୁଧବାର ଫାଇନାଲ ମ୍ୟାଚରେ ଆଇଟିଏମ୍ ଗ୍ୱାଲିୟରକୁ ଭେଟିବ। ସେହିପରି ମହିଳା ଭଲିବଲ୍‌ରେ କିଟ୍ ୩-୧ (୨୫-୨୧, ୨୫-୧୯, ୨୧-୨୫, ୨୫-୧୯) କୋଟାୟମାସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ଭେଟିବ। ଅନ୍ୟପକ୍ଷରେ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ୟୁନିଭର୍ସିଟିକୁ ପରାସ୍ତ କରି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଙ୍ଗଲ୍ସରେ ଦେବାଶିଷ ସାହୁ ୬-୧, ୬-୨ରେ ସୁରଜ ଡାଲଙ୍କୁ ଏବଂ କବୀର ହଂସ ୬-୦,୬-୨ରେ ବରୁଣ ମେହୁଲ ଧଣ୍ଡହୁଆକିୟାଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ କବୀର ହଂସ ଓ ଅଂଶୁମାନ ସିଂ ଦେ ୬-୩, ୬-୪ରେ କନିଷ୍କ ଜେଟ୍‌ଲୀ ଓ ମାନବେନ୍ଦ୍ର ରାୱତଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି।

ଫାଇନାଲରେ ପ୍ରବେଶ କରିଥିବା କିଟ୍ ମହିଳା ହକି ଦଳ।

ଡବଲ୍ସରେ ଓଡ଼ିଶା 'ବି' ଚାମ୍ପିୟନ

ଭୁବନେଶ୍ୱର, ୧।୧୨ (ବିଜୟ ରଣା)

କଳିଙ୍ଗ ଷ୍ଟାଡିୟମରେ ଆଇକନିକ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡବଲ୍ସ ବର୍ଗରେ, ଓଡ଼ିଶା 'ଏ' ବିଜୟୀ ହୋଇଥିଲା, ତାଇୱାନ 'ସି' ରନର-ଅପ୍ ହୋଇଥିଲା। ଅନ୍ୟପକ୍ଷରେ କ୍ଲାସିକ୍ ବର୍ଗରେ, ତାଇୱାନ 'ବି' ଟାଇଟଲ ହାସଲ କରିଥିବାବେଳେ ବିହାର ରନର-ଅପ୍ ହୋଇଥିଲା। ହରିୟାଣା ଏବଂ ତାଇୱାନର ଦଳଗୁଡ଼ିକ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରି ସେମିଫାଇନାଲ ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର କରୁଣାକର ପ୍ରଧାନ, ସାଧାରଣ ସମ୍ପାଦକ, ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ, ଡକ୍ଟର ପ୍ରବୋଧ ମହାନ୍ତି, ଅଜିତ ବୈନ, ଡକ୍ଟର ଅକ୍ଷୟ କୁମାର ରାଉତ, ପରିଚାଳନା ନିର୍ଦ୍ଦେଶକ, ସୁଶ୍ରୁତ ହସ୍ପିଟାଲ୍, ମେଜର ଡକ୍ଟର କଳ୍ପନା ଦାସ ଏବଂ ରୋଟାରିଆନ୍ ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଯୋଗଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ସଞ୍ଜୟ ଚୌଧୁରୀ, ଡକ୍ଟର ଚିଦାତ୍ମିକା ଖଟୁଆ ଏବଂ ଡକ୍ଟର ସେଖ ଅବଦୁଲ ସମିମ୍ ଉପସ୍ଥିତ ଥିଲେ।

ନୀଳାଦ୍ରି କପ୍ ଟି୨୦ କ୍ରିକେଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୧।୧୨(ଅନାଦି କର)

ମଞ୍ଚେଶ୍ୱରସ୍ଥିତ ଇଷ୍ଟ କୋଷ୍ଟ ରେଲୱେ ଷ୍ଟାଡିୟମରେ ଇଷ୍ଟ କୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏଶନ ପକ୍ଷରୁ ଦ୍ୱିତୀୟ ଟି୨୦ ନୀଳାଦ୍ରି କପ୍ ଆନ୍ତଃ ବିଭାଗୀୟ ଟେନିସ ବଲ କ୍ରିକେଟ ଚାମ୍ପିୟନଶିପ୍ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଇଷ୍ଟ କୋଷ୍ଟ ରେଲୱେ ଆସୋସିଏଶନର ସଭାପତି ଡ. ହେମନ୍ତ କାଗ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଆର୍‌ପିଏଫ୍, ପରସନାଲ ଆଣ୍ଡ ସେଫଟୀ, ମେଡିକାଲ ଆଣ୍ଡ ଷ୍ଟୋର୍ସ, ଆକାଉଣ୍ଟ୍ସ, ଏସ୍ ଆଣ୍ଡ ଟି, ଓପରେଟିଂ, ଇଞ୍ଜିନିୟରିଂ, କମର୍ସିଆଲ, ଅଡିଟ୍, କନଷ୍ଟ୍ରକଶନ, ଜିଏ, ମେକାନିକାଲ ଆଦି ୧୧ ଦଳ ଭାଗ ନେଇଛନ୍ତି। ଏକକ ରାଉଣ୍ଡ ଫର୍ମାଟରେ ଲିଗ୍ ପର୍ଯ୍ୟାୟ ଖେଳାଯିବ। ଟପ୍ ୪ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ୧ରୁ ୨୮ ତାରିଖ ମଧ୍ୟରେ ମୋଟ ୨୮ ମ୍ୟାଚ୍ ଖେଳାଯିବ।

ଓଭର ଫ୍ରେଣ୍ଡଲି

ଫୁର୍‌ସତ୍ ମିଳିଲେ କିଛି ସମୟ କଥାବାର୍ତ୍ତା କରି ମନକୁ ହାଲୁକା କରିବାକୁ ଇଚ୍ଛା ହୁଏ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡଲି ଥା'ନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...

ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହିତ ଦି'ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡଲି। ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ। ବେଳେବେଳେ କାମ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

ସ୍ପଷ୍ଟ କୁହନ୍ତୁ: ଓଭର ଫ୍ରେଣ୍ଡଲି ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହିତ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହିତ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୁ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।

ବ୍ୟସ୍ତ ଦେଖାନ୍ତୁ: ଓଭର ଫ୍ରେଣ୍ଡଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।

ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ: କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନି। ତେଣୁ ଓଭର ଫ୍ରେଣ୍ଡଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡଲି ବନ୍ଧୁଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜଆଡୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

କମ୍ କଥା କୁହନ୍ତୁ: ଏଭଳି ବ୍ୟକ୍ତିମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।

ଏମାନେ କ'ଣ କରନ୍ତି

ବାହାନା କରି ଚାଲିଆସେ: ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହୋଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଏତେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାରର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

– ରାଜଲକ୍ଷ୍ମୀ ପାଣି, ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର

ଗପିଲେ ଭଲ ଲାଗେ: ଆମ ଅଫିସରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡଲି ଗୁଣ ଅଛି ସତ କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ଏଣ୍ଟୁତେଣ୍ଟୁ ଗପି ସମସ୍ତଙ୍କ ମନ ହାଲୁକା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

– ସ୍ମରଣୀକା ପଟ୍ଟନାୟକ, କର୍ମଜୀବୀ, କିଟ୍, ଭୁବନେଶ୍ୱର

ଭଲ ବନ୍ଧୁ: ଜଣେ କଲିଗ୍‌ଙ୍କ ସହ ସବୁଦିନ ଚା ପିଇବାକୁ ଯାଏ। ଟିକେ ସମୟ ବାହାରକୁ ଯାଇ ବୁଲି ଆସିଲେ ଫ୍ରେଶ ଲାଗେ ସତ, ହେଲେ ସବୁଦିନ ଯିବାକୁ ସମୟ ମିଳେନି। କିନ୍ତୁ ମୁଁ ନ ଯିବା ପର୍ଯ୍ୟନ୍ତ ସେ ପାଖରେ ରହି ଏତେ ଗପିବେ ଯେ ନ ଯାଇ ରହି ହବନି। ଅବଶ୍ୟ ସେ ତାଙ୍କ କାମ ସାରିବା ପରେ ହିଁ ଯାଆନ୍ତି। ତାଙ୍କର ଅଧିକ ଗପିବା ସ୍ୱଭାବ ପାଇଁ ଅଫିସ୍‌ର ବିଭିନ୍ନ ଖବର ବିଷୟରେ ଜାଣିପାରେ। ସେ କେବେ ଅନ୍ୟମାନଙ୍କ ନାଁରେ ଗପି କାହାର କୌଣସି ପ୍ରକାରର କ୍ଷତି କରନ୍ତିନି, ବରଂ ମଜା କଥା କହି ଖୁବ୍ ହସାନ୍ତି। ଆଉ ଅନେକ ସମୟରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କଥା କୁହନ୍ତି। ତେଣୁ ତାଙ୍କୁ ଅଫିସରେ ଜଣେ ଭଲ ବନ୍ଧୁଭାବେ ଗ୍ରହଣ କରିଛି।

– ସ୍ୱର୍ଣ୍ଣପ୍ରଭା ପାଢ଼ୀ, କର୍ମଜୀବୀ, ବକ୍ସିବଜାର, କଟକ

ଖାଦ୍ୟାଭ୍ୟାସରୁ ବୁଝନ୍ତୁ ମାନସିକତା

ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି। ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ। ପିଲାମାନେ ଏଭଳି ବାରମ୍ବାର କହୁଥିଲେ କିପରି ବ୍ୟବହାର କରିବେ ଜାଣନ୍ତୁ...

★ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ।

★ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।

★ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ କରନ୍ତୁ ନାହିଁ।

★ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ।

★ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ।

★ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।

ଜଏଣ୍ଟ ପେନ୍ ହେଉଥିଲେ...

ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ'ଣ କରିବେ ଜାଣନ୍ତୁ...

➔ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।

➔ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।

➔ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।

➔ପ୍ରତିଦିନ ସକାଳେ ୩୦-୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।

➔ସକାଳୁ ୧୫-୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।

➔ଓମେଗା-୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।

➔ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।

➔ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

➔ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

ସୌନ୍ଦର୍ଯ୍ୟ

ସୁନ୍ଦରତା ବଢ଼ାଇବ ଘିଅ

❖ଘିଅରେ ଭିଟାମିନ୍ ଏ, ଡି, ଇ, କେ ଏବଂ ଓମେଗା-୯ ଫ୍ୟାଟି ଏସିଡ୍ ଅଛି। ତେଣୁ ଏହାର ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସହଜରେ ଦୂର କରିହେବ।

❖ଘିଅକୁ ସିଧାସଳଖ କ୍ରିମ୍ ଭଳି ବ୍ୟବହାର କରିହେବ। ରାତିରେ ମୁହଁ ସଫା କରି ଘିଅକୁ ମସାଜ୍ କରିବା ଭଳି ଲଗାନ୍ତୁ। ବଜାରରେ ମିଳୁଥିବା କେମିକାଲ୍‌ଯୁକ୍ତ ମଶ୍ଚରାଇଜର ତୁଳନାରେ ଏହା ଅଧିକ ଫାଇଦା ଦେଇପାରିବ।

❖ଶୀତଦିନେ ଘିଅରେ ପୂରା ଶରୀରର ମସାଜ୍ ମଧ୍ୟ କରିପାରିବେ। ଏଥିପାଇଁ ଘିଅକୁ ଅଳ୍ପ ଉଷୁମ କରି ମାଲିସ କରନ୍ତୁ। ପିଲାମାନଙ୍କ ପାଇଁ ଏହି ଘିଅ ମସାଜ୍ ଅଧିକ ଫଳପ୍ରଦ।

❖ଶୀତଦିନେ ପାଦ ଫାଟିବା ସମସ୍ୟା ଅନେକଙ୍କର ଥାଏ। ତେଣୁ ରାତିରେ ଶୋଇବା ସମୟରେ ପାଦକୁ ଉଷୁମ ପାଣିରେ ସଫାକରି ଘିଅ ଲଗାନ୍ତୁ। କିଛି ଦିନ ପରେ ପାଦ ଅଧିକ କୋମଳ ହୋଇଯିବ।

❖ଆୟୁର୍ବେଦ ଅନୁସାରେ ଘିଅକୁ କେଶମୂଳରେ ମଧ୍ୟ ଲଗାଇ ହେବ। ଏହା କେଶକୁ ପୋଷଣ ଦେବା ସହିତ ଅଧିକ ମୁଲାୟମ କରିଥାଏ।

❖ଘିଅକୁ କେଶ ମୂଳରେ ଭଲଭାବରେ ଲଗାଇ ମସାଜ୍ କରନ୍ତୁ। ଏହା ଖରାପ ହୋଇଥିବା କେଶକୁ ମଧ୍ୟ ପ୍ରାକୃତିକ ଉପାୟରେ ଠିକ୍ କରିଥାଏ।

❖ଘିଅ କେଶ ମୂଳରେ କେରାଟିନ୍ ମଜଭୁତ କରିଥାଏ। ଫଳରେ କେଶ ଛିଣ୍ଡିବା, ଦୋମୁହାଁହେବା ସମସ୍ୟା ମଧ୍ୟ କମିଯାଇଥାଏ। ତେଣୁ ପ୍ରାକୃତିକଭାବେ ଏକ ଚମକ ମଧ୍ୟ ଆସିଥାଏ।

❖ସପ୍ତାହକୁ ଅତିକମ୍‌ରେ ଥରେ ରାତିରେ କେଶ ମୂଳରେ ଘିଅ ଭଲଭାବେ ମସାଜ୍ କରି ସକାଳୁ ସାମ୍ପୁ କରି ଦିଅନ୍ତୁ।

ଶୀତଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ। ଏସବୁର ସମାଧାନ ପାଇଁ କ୍ରିମ୍ ଓ ମଶ୍ଚରାଇଜର ଦରକାର ହୋଇଥାଏ। କିନ୍ତୁ ଘରୋଇ ଉପାୟରେ ଦେଶୀ ଘିଅ ମାଧ୍ୟମରେ ଏହି ସମସ୍ୟାର ସମାଧାନ ମିଳିପାରିବ...

ରୋଷେଇ ଟିପ୍ସ

★ଦହିରେ କୌଣସି ତରକାରୀ କରୁଥିଲେ ଯଦି ତାହା ଛିଣ୍ଡିଯାଉଥାଏ ତାହେଲେ ପ୍ରଥମେ ଦହିକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରୀ ସ୍ୱାଦିଷ୍ଟ ଲାଗିବ।

★ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ନ୍ତୁ ନାହିଁ। ବରଂ ଏଥିରେ ଲୁଣ ପକାଇ ଖରାରେ ଶୁଖାଇ ଆଚାର ତିଆରି କରି ଖାଇପାରିବେ।

★ରୋଷେଇ ଘର ସ୍ଲାବ ସଫା କରିବାବେଳେ ସେଥିରେ କିଛି ଲୁଣ ପକାନ୍ତୁ। ଏହା ଦ୍ୱାରା ପୋକ ଆସିବେ ନାହିଁ ଓ ଘରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

★ଚୁଡ଼ା ଉପମା ନିମନ୍ତେ ଯଦି ଚୁଡ଼ା ଧୋଇବା ପରେ ଅଧିକ ନରମ ହୋଇ ଯାଉଥାଏ ତାହେଲେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

★ବେଳେବେଳେ ରୁଟି ସେକିବା ବେଳକୁ ତାୱାରେ ଲାଗିଯାଏ। ଏହି ସମସ୍ୟା ଦୂର କରିବା ପାଇଁ ତାୱାରେ କିଛି ଲୁଣ ପକାଇ ପୋଛି ଦିଅନ୍ତୁ।

ଖାଦ୍ୟରୁଚି

ସାଗୁ ଖେଚୁଡ଼ି

ଆବଶ୍ୟକ ସାମଗ୍ରୀ–
ସାଗୁ– ୧୦୦ ଗ୍ରାମ୍, ଆଳୁ– ୧ଟି, ଟମାଟୋ– ୨ଟି (ବଡ଼), ବାଦାମ– ୫୦ଗ୍ରାମ୍, ଜିରା– ୧ ଚାମଚ, କଞ୍ଚାଲଙ୍କା–୨ଟି, ଭୃସୁଙ୍ଗପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ୧ ଛୋଟ ଚାମଚ, ଲେମ୍ବୁ ରସ– ୧ ବଡ଼ ଚାମଚ, ଧନିଆପତ୍ର– ଅଳ୍ପ, ହଳଦୀ– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

ପ୍ରସ୍ତୁତି ପ୍ରଣାଳୀ–
ପ୍ରଥମେ ସାଗୁକୁ ଧୋଇ ୪-୫ ଘଣ୍ଟା ଭିଜାଇ ରଖନ୍ତୁ। ସାଗୁ ବଢୁରି ଯିବା ପରେ ତାହାକୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି ରଖିଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ କିମ୍ବା ଘିଅ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଜିରା ପକାଇ କଞ୍ଚାଲଙ୍କା ଓ ଭୃସଙ୍ଗପତ୍ର ପକାନ୍ତୁ। ଏହାପରେ ବାଦାମ ମଞ୍ଜି ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ସିଝାଆଳୁ ଓ ଟମାଟୋକୁ କାଟି ପକାନ୍ତୁ। ଯଦି ଚାହିଁବେ ଅନ୍ୟ ପରିବା ମଧ୍ୟ ପକାଇପାରିବେ। ତେବେ କିଛି ସମୟ ଗୋଳାଇବା ପରେ ସେଥିରେ ସାଗୁ ଦାନା ପକାନ୍ତୁ। ଏବେ ସୈନ୍ଧବ ଲୁଣ ଓ ଅଳ୍ପ ହଳଦୀ ପକାଇ ଗୋଳାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ପରେ କଡ଼େଇ ତଳକୁ ଓହ୍ଲାଇ ଆଣି ସେଥିରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।

ମହିଳା ଆୟୋଗ: ୭ ମାସରେ ୧୩୯୫ ମାମଲା ପଞ୍ଜୀକୃତ

ଭୁବନେଶ୍ୱର,୧।୧୨(ସୁଚିସ୍ମିତା ସାହୁ) ରାଜ୍ୟ ମହିଳା ଅୟୋଗରେ ୭ମାସରେ ୧୩୯୫ଟି ମହିଳା ନିର୍ଯାତନା ମାମଲା ପଞ୍ଜୀକୃତ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୋମବାର ବିଧାନସଭାରେ ତଥ୍ୟ ରଖିଛନ୍ତି। ବିଧାୟକ ପବିତ୍ର ସାଓଁନ୍ତାଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପରିଡ଼ା କହିଛନ୍ତି, ପୂର୍ବରୁ ରାଜ୍ୟରେ ମହିଳା ନିର୍ଯାତନା ମାମଲା ୨୯୪୭ ରହିଥିଲା। ଗତ ଏପ୍ରିଲରେ ୨୯୪୭ଟି ମାମଲା ପଡ଼ିରହିଥିବା ବେଳେ ନଭେମ୍ବର ସୁଦ୍ଧା ତାହା ୩୬୯୪ରେ ପହଞ୍ଚିଛି। ୭ ମାସ ଭିତରେ ମୋଟ ୬୪୮ ମାମଲା ସମାଧାନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପରିଡ଼ାଙ୍କ ତଥ୍ୟ ଅନୁଯାୟୀ, ଏପ୍ରିଲରେ ନୂଆ ୧୬୫ଟି ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୭୪ଟି ସମାଧାନ ହୋଇଛି। ସେହିପରି ମେ'ରେ ୧୯୧ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୮୪ଟି ସମାଧାନ ହୋଇଛି। ଜୁନରେ ୧୭୧ଟି ମାମଲାରୁ ୯୪ଟି ସମାଧାନ କରାଯାଇଛି। ଜୁଲାଇରେ ନୂଆ ୧୬୮ଟି ମହିଳା ନିର୍ଯାତନା ମାମଲା ପଞ୍ଜୀକୃତ ହୋଇଥିବା ବେଳେ ୯୦ଟି ସମାଧାନ ହୋଇଛି। ଅଗଷ୍ଟରେ ୨୧୩ ମାମଲାରୁ ୯୬ଟି ସମାଧାନ କରାଯାଇଛି। ସେହିପରି ଅକ୍ଟୋବରରେ ୩୨୯ ମାମଲା ପଞ୍ଜୀକୃତ ହୋଇଥିବାବେଳେ ୧୦୮ଟି ସମାଧାନ କରାଯାଇଛି। ବର୍ତ୍ତମାନ ଆୟୋଗରେ ୩୬୯୪ ମାମଲା ସମାଧାନ ପାଇଁ ରହିଛି।

ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି ପ୍ରଦୂଷଣ

ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ

ଭୁବନେଶ୍ୱର, ୧।୧୨ ସମଗ୍ର ବିଶ୍ୱ ପାଇଁ ପ୍ରଦୂଷଣ ଏକ ବଡ଼ ସମସ୍ୟା ପାଲଟିଛି। ଭାରତରେ ମଧ୍ୟ ଏହି ସମସ୍ୟା ଧୀରେ ଧୀରେ ଗମ୍ଭୀର ଆକାର ଧାରଣ କରୁଛି। ଦିଲ୍ଲୀ-ଏନ୍‌ସିଆର୍, ପାଟଣା, ଲକ୍ଷ୍ନୌ, ମୁମ୍ବାଇ ଭଳି ଅନେକ ବଡ଼ ବଡ଼ ସହରରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁର ଅଭାବ ଦେଖାଦେଉଛି। ବିକାଶ ନାମରେ ଗଛ କାଟିବା ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କଳକାରଖାନା ସ୍ଥାପନ, ପ୍ଲାଷ୍ଟିକ୍ ବ୍ୟବହାର ଆଦି ପ୍ରଦୂଷଣକୁ ବଢ଼ାଇବାରେ ଲାଗିଛି। ପ୍ରଦୂଷଣ କାରଣରୁ ଲୋକେ ଆଲର୍ଜି, ଆଖି ପୋଡ଼ିବା, ନିଃଶ୍ୱାସ ନେଇ ନ ପାରିବା, କାଶ, ଗଳା ପୋଡ଼ିବା ଆଦି ସହ ଫୁସ୍‌ଫୁସ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ୧୯୮୪ରେ ଭୋପାଳର ଗ୍ୟାସ୍ ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳନ କରାଯାଇଆସୁଛି। ବାୟୁ, ଜଳ, ମୃତ୍ତିକା, ଧ୍ୱନି ଆଦି ପ୍ରଦୂଷଣର ଖରାପ ପରିଣାମ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ପ୍ରଦୂଷଣରୁ ହେଉଥିବା ବିପଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏହାକୁ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

ଏକତା, କୋରାପୁଟ

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକଙ୍କୁ ଆନ୍ତରିକ ଶୁଭକାମନା

ବର୍ତ୍ତମାନର ଆଧୁନିକ ଯୁଗରେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ପୂର୍ବଦିନର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇ ଆଧୁନିକ ଯୁଗର ପରମ୍ପରା ସବୁ ଆପଣେଇ ଆଦିବାସୀ କଳା ଓ ସଂସ୍କୃତିକୁ ଅନ୍ଧକାର ଆଡକୁ ମୁହାଁଉଛି । ଫଳରେ ସେମାନେ ସେମାନଙ୍କର ପାରମ୍ପରିକ ଚାଷ, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ପାରମ୍ପରିକ ନାଚଗୀତ, ପାରମ୍ପରିକ ପର୍ବପର୍ବାଣି ଓ ସେମାନଙ୍କର ସ୍ଥାନୀୟ ଶାସନ ବ୍ୟବସ୍ଥା ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା, କୋରାପୁଟ ଦଶମନ୍ତପୁର ବ୍ଲକର ୫୦ଟି ଗ୍ରାମରେ ମୁକ୍ତ ଆକାଶ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଆଦିବାସୀ ଗୋଷ୍ଠୀର ତିନିସ୍ତର ପିଢ଼ିଙ୍କୁ ନେଇ ଯଥା- ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ ଓ ଶିଶୁମାନଙ୍କୁ ଏକତ୍ରିତ କରି ଗ୍ରାମର ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନୂତନ ପିଢ଼ିଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କର କଳା ଓ ସଂସ୍କୃତି ଅଭ୍ୟାସ କରିବାରେ ପ୍ରୟାସ କରୁଛି ଯଥା ଦେଶୀ ବିହନ ସଂଗ୍ରହ ଓ ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଓ ବ୍ୟବହାର, ଗୀତ ରଚନା ଓ ଗାଇବା ଅଭ୍ୟାସ, ହଳ ଲଙ୍ଗଳ ପ୍ରସ୍ତୁତି ଓ ମରାମତି, ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର, ଚେରମୂଳି ଔଷଧ ଚିହ୍ନଟ ଓ ବ୍ୟବହାର, ପୂଜାପାଠର ଅଭ୍ୟାସ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସ ଇତ୍ୟାଦି । ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏକତାର ଏକ ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ।





ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ Bhubaneswar, Tuesday, December 2/ 2025

୪୫ ମିନିଟ୍‌ରେ ସରିଗଲା ଟିକେଟ

ଭାରତ-ଦକ୍ଷିଣ ଆଫ୍ରିକା ଟି୨୦

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍‌ର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭର ମାତ୍ର ୪୫ ମିନିଟ୍‌ରେ ଟିକେଟ ବୁକିଂ ହୋଇଯାଇଛି। ଅନ୍‌ଲାଇନରେ ମାତ୍ର ୨ ହଜାର ଟିକେଟ ଉପଲବ୍ଧ ରହିଥିଲା। ସୋମବାର ଅପରାହ୍ଣ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନରେ ଏହି ଟିକେଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରି ଟିକେଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ପରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକେଟଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନ୍‌ଲାଇନରେ କମ୍ ସଂଖ୍ୟକ ଟିକଟ ଆଶାୟୀ ଆପ୍ଲିକେଶନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ ହଜାର ଟିକେଟ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକେ ଟିକେଟ ପାଇବା ଆଶା ଛାଡ଼ି ଦେଇଥିଲେ । ତେବେ ଅନ୍‌ଲାଇନ ଟିକେଟ ବୁକ୍ କରିଥିବା କ୍ରିକେଟପ୍ରେମୀମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲର ସ୍ୱତନ୍ତ୍ର କାଉଣ୍ଟରରୁ ହାର୍ଡକପି ପାଇବେ।

ସୂଚନାନୁଯାୟୀ, ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଗତ ୨୦ ଦିନ ହେବ ପିଚ୍ ଏବଂ ଆଉଟ ଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ପରେ ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି। ଅବଶିଷ୍ଟ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ। ଅଫଲାଇନ୍ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି।

୫ ପଦକ ସହ ପ୍ରତ୍ୟାଶାଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ମା' ଚାରୁଶ୍ରୀ ଓ ବାପା ରଜତ ରାୟଙ୍କ ସହ ପ୍ରତ୍ୟାଶା ରାୟ। (ଫଟୋ: ବିକାଶ ନାୟକ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୫ ପଦକ ଜିତି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ସନ୍ତରଣ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ୨୩ ବର୍ଷୀୟ ପ୍ରତ୍ୟାଶା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିଜର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକର ମଧ୍ୟ ଅଧିକାରିଣୀ ହୋଇ ସାରିଛନ୍ତି ଏହି ତାରକା ସୁଇମର। ଗତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏହାପରେ ସେ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯଦିଓ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ି ନ ଥିଲା ତେବେ ସେ ୨ ମାସ ରିହାବରେ ରହିଥିଲେ। ଏହାଫଳରେ ସେ ତାଙ୍କ ପ୍ରିୟ ଇଭେଣ୍ଟ ବ୍ୟାକ୍‌ଷ୍ଟ୍ରୋକ୍‌ରୁ ଦୂରେଇ ରହିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ସାହସି ପ୍ରତ୍ୟାଶା ରେସିଂ ପ୍ରକ୍ରିୟା ଜାରି ରଖି ଫ୍ରିଷ୍ଟାଇଲ ସନ୍ତରଣ କରିଥିଲେ। ୨୦୦ ଓ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସିନିୟର ସୁଇମିଂ ପ୍ରତିଯୋଗିତା ବେଳକୁ ସେ ସୁସ୍ଥ ହୋଇ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଜାପାନରେ ହେବାକୁଥିବା ୨୦୨୬ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହା ପୂର୍ବରୁ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟାଶାଙ୍କ କ୍ୟାରିୟର ଆରମ୍ଭ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ। ତାଙ୍କ ପିଲାଦିନର ସ୍ୱାସ୍ଥାବସ୍ଥାକୁ ନେଇ ଚିନ୍ତିତ ମା ଚାରୁଶ୍ରୀ ଏବଂ ବାପା ରଜତ ରାୟ ଅନେକ ଡାକ୍ତରଖାନାର ଦ୍ୱାରସ୍ଥ ହୋଇଥିଲେ। ୱାଟର ଥେରାପି ତାଙ୍କ କ୍ଷେତ୍ରରେ କାମ କରିପାରେ ବୋଲି ଚାରୁଶ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା। ସେହି ଥେରାପିରୁ ଆଜିର ପ୍ରତ୍ୟାଶା କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ସନ୍ତରଣ ରାଣୀ ପାଲଟିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ବାପା ରଜତ ରାୟ ଏବେ ଓଡ଼ିଶା ପୋଲିସରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ।

ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆରମ୍ଭ

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟାଡ୍‌ମିଣ୍ଟନ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। "୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ" ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ଚୟନ କମିଟି ସଦସ୍ୟ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ୍‌ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ୍‌ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସଚିବ କେ.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

ଇଣ୍ଡିଆନ ପିକଲ ବଲ୍ ଲିଗ୍ ଆରମ୍ଭ

ନୂଆଦିଲ୍ଲୀ, ୧।୧୨ (ପି.ଟି.): ଇଣ୍ଡିଆନ ପିକଲ ବଲ୍ ଲିଗ୍ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରହିଥିବା କେଡି ଯାଦବ ଇନ୍‌ଡୋର ହଲ୍‌ରେ ଟୁର୍ନାମେଣ୍ଟର ଆକର୍ଷଣୀୟ ଟ୍ରଫି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇଭେଣ୍ଟ ଡିସେମ୍ବର ୭ରେ ଶେଷ ହେବ।

ମହିଳା ହକି ମୁଖ୍ୟ କୋଚ୍ ହରେନ୍ଦ୍ରଙ୍କ ଇସ୍ତଫା

ନୂଆଦିଲ୍ଲୀ,୧।୧୨(ପି.ଟି.)

ହରେନ୍ଦ୍ର ସିଂ

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ (ଏଚ୍‌ଆଇ)କୁ ମେଲ କରିଛନ୍ତି। ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ। ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟଭାର ସମ୍ଭାଳିଥିଲେ। ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା। ଗତ ଏକବର୍ଷ ହେଲା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଭାରତ ୧୬ ମ୍ୟାଚ୍ ଖେଳି ମାତ୍ର ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ପରବର୍ତ୍ତୀ ସିଜନ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ

ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ପଦକ ବିଜୟୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ ଓ ଅନ୍ୟମାନେ।

ଲିସ୍‌ବନ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ପର୍ତ୍ତୁଗାଲର ଲିସବନରେ ନଭେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ଏହି ସଫଳତା ବିଶ୍ୱସ୍ତରୀୟ ତାଲିମ ବ୍ୟବସ୍ଥା, ଭିତ୍ତିଭୂମି ଏବଂ କ୍ରୀଡ଼ାବିତ ବିକାଶ ମଡେଲରେ ରାଜ୍ୟର ନିରନ୍ତର ନିବେଶ ଦ୍ୱାରା ପରିଚାଳିତ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ା ବିକାଶରେ ଓଡ଼ିଶାର ଅଗ୍ରଣୀ ଭୂମିକାର ଜ୍ୱଳନ୍ତ ପ୍ରମାଣ। ଏହା ଓଡ଼ିଶା-ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଭାଗିତାର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ସିନିୟର) ବର୍ଗରେ, ଜଗଦୀଶ ବାରିକ ଅଲ୍-ଆରାଉଣ୍ଡ, ରିଙ୍ଗସ୍ ଏବଂ ଭଲ୍ଟରେ ଚମତ୍କାର ପ୍ରଦର୍ଶନ କରି ୩ଟି ବ୍ରୋଞ୍ଜ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ପଟ୍ଟନାୟକ ପାରାଲାଲ୍ ବାର୍‌ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁମିତ ଧଳଙ୍କ ସମେତ ଏହି ତିନି ଜଣ ମିଶି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ସିନିୟର) ବର୍ଗରେ, ତନୁ ଅନଇଭେନ ବାର୍‌ସରେ ବ୍ରୋଞ୍ଜ ଏବଂ ପ୍ରିୟାଂଶୀ ବଂଶଲ ଭଲ୍ଟରେ ବ୍ରୋଞ୍ଜ ପାଇଛନ୍ତି। ତନୁ, ପ୍ରିୟାଂଶୀ, ଅଦିତି ଟୋଡି, ଅଦିତା ମଣ୍ଡଳ ଏବଂ ରଶ୍ମିତା ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତ।

ସେହିପରି ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ଜୁନିଅର) ବର୍ଗରେ, ଅଂଶୁମାନ ସୁନ୍ଦରା ହାଇ ବାରରେ ସ୍ୱର୍ଣ୍ଣ, ବିରୁ ଚନ୍ଦ୍ର ରାଓ ଭଲ୍ଟସ ଏବଂ ଅଲ୍-ଆରାଉଣ୍ଡ ଜିମ୍ନାଷ୍ଟିକ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହିତ ଫ୍ଲୋର, ପୋମେଲ ହର୍ସ ଏବଂ ରିଙ୍ଗ୍ସରେ ୩ଟି କାଂସ୍ୟ ପଦକ ପାଇଛନ୍ତି। ଦେବାଶିଷ ରେଡ୍ଡୀ ପୋମେଲ୍ ହର୍ଷ ଏବଂ ହାଇବାର୍ସରେ ୨ ରୌପ୍ୟ ପଦକ ସହିତ ଭଲ୍ଟ ଏବଂ ଅଲ୍- ଆରାଉଣ୍ଡ ବର୍ଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ଏବଂ ବିରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ଜୁନିଅର) ବର୍ଗରେ ପ୍ରୀତି ଝାଙ୍କର ଭଲ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।

କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ୪ ଓଡ଼ିଶା ଖେଳାଳି ସୋମବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ